# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




କେଉଁ ମୁହୂର୍ତ୍ତରେ ହୋଇପାରେ ବିଶ୍ୱଯୁଦ୍ଧ |୬



ଇନ୍‌ଷ୍ଟାରୁ ଫଟୋ ହଟାଇ ଚର୍ଚ୍ଚାରେ ରଣବୀର |୮


RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯୭ | Vol. 22 No-97 | 07 JULY 2025 MONDAY, BHUBANESWAR | ସୋମବାର, ୭ ଜୁଲାଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ମହଣ ମହଣ ସୁନା ଅଳଙ୍କାରରେ ଆଭୂଷିତ

# ଝଟକିଲେ ଦାରୁବ୍ରହ୍ମ







- ନିର୍ଦ୍ଧାରିତ ସମୟରେ ଶେଷ ହେଲା ନୀତିକାନ୍ତି
- ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ଗହଳି
- ୧୩୮ପ୍ରକାର ଅଳଙ୍କାରରେ ଲାଗି ହେଲେ

ପୁରୀ,୬।୭(ଭାସ୍କର ନ୍ୟୁଜ) : ସକଳ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ମିଳିତ ବିଗ୍ରହ ହେଉଛନ୍ତି ମହାବାହୁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥ ହେଉଛନ୍ତି ରାଜାଧିରାଜ। ଏଣୁ ଶ୍ରୀବିଗ୍ରହଙ୍କ ରୀତିନୀତି ଓ ବେଶରେ ପରିଲକ୍ଷିତ ହୁଏ ରାଜକୀୟ ଠାଣି। ମହାପ୍ରଭୁଙ୍କ ସୁନାବେଶ ଏହାର ଏକ ନିଦର୍ଶନ। ପବିତ୍ର ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ସୁନାବେଶ ନୀତି ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ନିମନ୍ତେ ମଧ୍ୟାହ୍ନ ଧୂପ ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁନାବେଶ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଥିଲା। ତେବେ ଅପରାହ୍ନ ୪ଟା ୪୫ ରୁ ସୁନାବେଶ ଆରମ୍ଭ ହୋଇ ୫ଟା ୫୫ରେ ବେଶ ଶେଷ ହୋଇଥିଲା। ମହାପ୍ରଭୁଙ୍କର ମଧ୍ୟାହ୍ନ ଧୂପ ନୀତି ସରିବା ପରେ ଚିତ୍ତାକର୍ଷକ ସୁନାବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏହି ବେଶରେ ମେକାପ ନିଯୋଗ, ପୁଷ୍ପାଳକ, ଖୁଣ୍ଟିଆ ସେବକ ସାହାଯ୍ୟ କରିଥିଲେ। ରଥ ଉପରେ ଏମାନଙ୍କ ସହିତ ଦଇତାପତି ସେବକମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଆଜି ଦ୍ୱିପ୍ରହର ଧୂପ (ଖଇ, କୋରା, ଧୁଆମୁଗ, ଆମ୍ବ, ପଣସ, ନଡ଼ିଆ, • ପୃଷ୍ଠା ୫ ଦେଖନ୍ତୁ

### ଭୁବନେଶ୍ୱର-ପୁରୀ ରାସ୍ତା ଜାମ୍

ଭୁବନେଶ୍ୱର/ପୁରୀ,୬।୭(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ଦର୍ଶନ ପାଇଁ ରବିବାର ସକାଳୁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏପରିକି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭିଡ଼ ଜମାଇବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଏପରିକି ପୁରୀରେ ସମସ୍ତ ପାର୍କିଂସ୍ଥଳ ପୂରି ଯାଇଥିଲା। କେଉଁଠି ବି ଟିକେ ଯାଗା ନଥିଲା। ପରିସ୍ଥିତି • ପୃଷ୍ଠା ୫ ଦେଖନ୍ତୁ

### ହୀରାକୁଦ ଡ୍ୟାମରୁ ପ୍ରଥମ ବନ୍ୟାଜଳ ନିଷ୍କାସିତ

# ୨୦ ଗେଟ୍ ଖୋଲିଲା



ସମ୍ବଲପୁର,୬।୭(ଭାସ୍କର ନ୍ୟୁଜ): ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛାଡ଼ିଲା ହୀରାକୁଦ ଡ୍ୟାମ୍। ରବିବାର ପୂର୍ବାହ୍ନ ୧୦.୨୦ରେ ପୂଜାର୍ଚ୍ଚନା ପରେ ବାମପାର୍ଶ୍ୱ ସ୍ପିଲୱେ ପଟରୁ ପ୍ରଥମେ ୭ ନମ୍ବର ଫାଟକ ଦେଇ ଜଳ ନିଷ୍କାସନ କରାଯାଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ୧୨ଟି ଗେଟ୍ ଖୋଲାଯାଇଥିଲା। ସେଥିମଧ୍ୟରେ ବାମପଟର ୮ଟି ଗେଟ୍ ରହିଥିବାବେଳେ ଦକ୍ଷିଣ ପାର୍ଶ୍ୱରେ ୪ଟି ଗେଟ୍ ଖୋଲାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୮ଟି ଗେଟ୍ ଖୋଲାଯିବା ପରେ ମୋଟ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ବୃଦ୍ଧି ପାଇବାରେ ଲାଗିଥିଲା। ବନ୍ୟାଜଳ ନିୟନ୍ତ୍ରଣ ଲାଗି ଡ୍ୟାମ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଥିଲେ। ଛତିଶଗଡ଼ରେ କ୍ରମାଗତ ବର୍ଷା ଲାଗି ରହିଥିବାରୁ ମହାନଦୀର ଉପରମୁଣ୍ଡରେ ଥିବା କଲମା ବ୍ୟାରେଜର ସମସ୍ତ ଗେଟ୍‌କୁ ଖୋଲି ଦିଆଯାଇଥିଲା। ଯାହାଫଳରେ ହୀରାକୁଦର ଜଳସ୍ତର ବୃଦ୍ଧି ପାଇଥିଲା। ଏ ନେଇ ତଳି ଅଞ୍ଚଳର ଲୋକଙ୍କୁ ସତର୍କ ସୂଚନା ଦିଆଯାଇଛି। ଏପରିକି ୧୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁରୂପ ଭାବେ ସମ୍ବଲପୁର ସହରାଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜଳଭଣ୍ଡାରର ଫାଟକ ଖୋଲିବା ନେଇ ପ୍ରଚାର ସହ ସଚେତନତା କରାଯାଉଛି। ରବିବାର ସକାଳୁ କେହି ନଦୀଗର୍ଭକୁ ନ ଯିବା ପାଇଁ ସତର୍କ କରି • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ରଥଚକ ତଳେ ଚାପି ହୋଇ ୬ ଆହତ

ବିନିକା,୬।୭(ଭାସ୍କର ନ୍ୟୁଜ): ବିନିକା କଂସାରୀପଡ଼ା ବାହୁଡ଼ା ଯାତ୍ରା ସମୟରେ ରଥ ଚକରେ ଚାପି ହୋଇ ୬ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ଜଣ ନାବାଳକ ରହିଛନ୍ତି। ଜଣେ ଗୁରୁତର ନାବାଳକକୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

### ପାଚେରୀ ଭୁଶୁଡ଼ି ୨ ଶ୍ରମିକ ମୃତ

ବାଲିପାଟଣା,୬।୭(ଭାସ୍କର ନ୍ୟୁଜ): ବାଲିପାଟଣା ଥାନା ଅଠାନ୍ତର ବନମାଳୀପୁର ବେଙ୍ଗବାଡ଼ିଠାରେ ରାସ୍ତାପାର୍ଶ୍ୱ ଡ୍ରେନ୍ କାମ ଚାଲିଥିବାବେଳେ ସ୍କୁଲ ପାଚେରୀ ଭୁଶୁଡ଼ି ପଡ଼ିବାରୁ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି।

### ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ବାଲେଶ୍ୱର,୬।୭(ଭାସ୍କର ନ୍ୟୁଜ): ବାଲେଶ୍ୱର ଟାଉନଥାନା ବଙ୍କାଖଜୁରୀ ଗାଁରେ ଏକ ଘର ଭିତରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ ନିଆଁ ଲଗାଇ ଦିଆଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଉଦ୍ଧାର କରି ତଦନ୍ତ କରୁଛି।

### ରାଧାବଲ୍ଲଭ ମଠ ଛାତରୁ ଖସି ଶ୍ରଦ୍ଧାଳୁ ଗୁରୁତର

ପୁରୀ,୬।୭(ଭାସ୍କର ନ୍ୟୁଜ): ପବିତ୍ର ସୁନାବେଶ ଦିନ ପ୍ରବଳ ଗହଳି ସମୟରେ ଜଣେ ଶ୍ରଦ୍ଧାଳୁ ପୁରୀ ରାଧାବଲ୍ଲଭ ମଠ ଛାତ ଉପରୁ ଖସିପଡ଼ି ଗୁରୁତର ହୋଇଛନ୍ତି। ତାଙ୍କୁ ପୁରୀ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସେନ୍‌ସେକ୍ସ: ୮୩,୪୩୨.୮୯
ସର୍ବାଧିକ: ୨୮ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୬।୭ ।୨୦୨୫ ର ମତାମତ**

ଆତଙ୍କବାଦୀଙ୍କ କବଳରେ ଥିବା ଓଡ଼ିଆ ଯୁବକଙ୍କୁ ଉଦ୍ଧାର ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବା ଉଚିତ ନୁହେଁ କି?




**ଆଜିର ପ୍ରସଙ୍ଗ**

ରାଜ୍ୟ ବିଜେପି ନେତୃତ୍ୱ ପରିବର୍ତ୍ତନ ହେଲେ ସଙ୍ଗଠନ ମଜବୁତ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ■ ବ୍ରାଜିଲରେ ମୋଦୀ ■

# ଅପରେସନ ସିନ୍ଦୂର ଥିମ୍‌ରେ ସ୍ୱାଗତ



ନୂଆଦିଲ୍ଲୀ,୬।୭: ୮ ଦିନିଆ ୫ ଦେଶ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ବ୍ରାଜିଲରେ ପହଞ୍ଚିଛନ୍ତି। ଏହା ମୋଦୀଙ୍କର ଚତୁର୍ଥ ବ୍ରାଜିଲ ଗସ୍ତ। ବିମାନବନ୍ଦରରେ ପହଞ୍ଚିବା ପରେ ମୋଦୀଙ୍କୁ ସ୍ୱାଗତ କରିଥିଲେ ବ୍ରାଜିଲ ରାଷ୍ଟ୍ରପତି ଲୁଲା। ଏଥିସହ ରିଓ-ଡି-ଜାନାରିଓରେ ପାରମ୍ପରିକ ନୃତ୍ୟରେ ଅପରେସନ ସିନ୍ଦୂର ଥିମ୍‌ରେ ପ୍ରବାସୀ ଭାରତୀୟ ତାଙ୍କୁ ସ୍ୱାଗତ ଜଣାଇଥିଲେ। ମୋଦୀ ଏଠାରେ ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡାସିଲଭାଙ୍କ ନିମନ୍ତ୍ରଣକ୍ରମେ ମୋଦୀ ବ୍ରାଜିଲ ଗସ୍ତ କରିଛନ୍ତି। ବ୍ରିକ୍ସ ସମ୍ମିଳନୀ ସମୟରେ ସେ ସେଠାକାର ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ। ବ୍ରାଜିଲରୁ ମୋଦୀ ବ୍ରାସିଲିଆ ଯିବେ। ସେଠାରେ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ମହାକାଶ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଏବଂ ଲୋକସମ୍ପର୍କ ସମେତ ପାରସ୍ପରିକ ସ୍ୱାର୍ଥ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ରଣନୈତିକ ସହଭାଗିତାକୁ ନେଇ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ କରିବେ। ୫ ରାଷ୍ଟ୍ର ଗସ୍ତରେ ଥିବା ମୋଦୀ ପ୍ରଥମେ ଘାନା, ପରେ ତ୍ରିନିଦାଦ ଓ ଟବାଗୋ ଗସ୍ତ ଶେଷ କରି ଶନିବାର ଆର୍ଜେଣ୍ଟିନାରେ ପହଞ୍ଚିଥିଲେ। ଆର୍ଜେଣ୍ଟିନା ରାଜଧାନୀରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜାତୀୟ ପତାକା ଧରି ପ୍ରବାସୀ ଭାରତୀୟମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ସେ ମଧ୍ୟ ପ୍ରବାସୀ ଭାରତୀୟଙ୍କ ସହ ମିଶିଥିଲେ ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହାପରେ ସେ ସାନ୍‌ମାର୍ଟିନ୍ ସ୍ମାରକୀରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତେବେ ମୋଦୀଙ୍କ ତ୍ରିନିଦାଦ ଓ ଟବାଗୋ ଗସ୍ତ ସମୟରେ ଭାରତକୁ ଏକ କୂଟନୈତିକ ସଫଳତା ମିଳିଛି। ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ ଏହି ଦେଶ ସମର୍ଥନ କରିଛି। ଫଳରେ ଜାତିସଂଘରେ ବର୍ତ୍ତମାନର ବାସ୍ତବିକତାକୁ ବେଶ୍ ଭଲଭାବରେ ପ୍ରତିବିମ୍ବିତ କରାଯାଇପାରିବ ବୋଲି କୁହାଯାଉଛି।

## ମୌସୁମୀ ବର୍ଷାରେ ଭିଜୁଛି ଓଡ଼ିଶା

# ଅଧା ଓଡ଼ିଶାରେ ଜଳପ୍ରଳୟ

- ଆଉ ଏକ ଲଘୁଚାପ ସୃଷ୍ଟି
- ବଢୁଛି ବିଭିନ୍ନ ନଦୀର ଜଳସ୍ତର
- ଲୋକଙ୍କ ଘରେ, ରାସ୍ତାରେ ପାଣି
- ଧୋଇଗଲା ଅସ୍ଥାୟୀ ରାସ୍ତା, ଯୋଗାଯୋଗ ବିଚ୍ଛିନ୍ନ
- ସୁବର୍ଣ୍ଣରେଖା ବନ୍ୟାରେ ପରିବାଚାଷ କ୍ଷତିଗ୍ରସ୍ତ
- ଆସୁଛି ପ୍ରବଳ ବର୍ଷା, ସତର୍କ ପାଇଁ ଚେତାବନୀ



ଭୁବନେଶ୍ୱର,୬।୭(ଭାସ୍କର ନ୍ୟୁଜ): ମୌସୁମୀ ବର୍ଷାରେ ଭିଜୁଛି ସାରା ଓଡ଼ିଶା। ଅଧା ଓଡ଼ିଶାରେ ଜଳପ୍ରଳୟ। କେଉଁଠି ବର୍ଷା ଜଳ ଘର ଭିତରେ ତ ଆଉ କେଉଁଠି ଘର ଭାଙ୍ଗିଛି। ପୁଣି ରାସ୍ତା ଉପରେ ପାଣି ଚାଲୁଛି। ଅସ୍ଥାୟୀ ପୋଲ ଧୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଘରେ ପାଣି ପଶିବାରୁ ଲୋକେ ହନ୍ତସନ୍ତ ହୋଇ ଉଚ୍ଚସ୍ଥାନକୁ ପଳାଇ ଯାଉଥିବା ଦେଖିବାକୁ ମିଳିଛି। କେନ୍ଦୁଝର ସଦରବ୍ଲକ ପଳାଶପଙ୍ଗା ଦେଇ ପର୍ଜନପୁରକୁ ଯାଉଥିବା ରାସ୍ତାର ଅରଡେଇ ପୋଲ ଉପରେ ବର୍ଷାଜଳ ପ୍ରଭାବରେ ମାଟି ଧୋଇଯିବା ସହ ଗାତ ସୃଷ୍ଟି ହୋଇଛି। ଫଳରେ ବିପଦସଂକୁଳ ଅବସ୍ଥାରେ ଲୋକେ ଯାତାୟତ କରିବାକୁ ସୁରକ୍ଷିତ ମଣୁନାହାନ୍ତି। ସେହିପରି ତେଲକୋଇର ବାଉଁଶକୁରିଆ ନାଳ ଉପରେ ଥିବା ଅସ୍ଥାୟୀ ରାସ୍ତା ଲଗାଣ ବର୍ଷାରେ ଧୋଇଯିବାରୁ ଜଗମୋହନପୁରରୁ ତେଲକୋଇକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ଝାରସୁଗୁଡ଼ାର ଲଇକେରାରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି। ଅଗ୍ରିଆପଡ଼ାରେ ହାତୀଆନଦୀ ପାଣି ପଶିଯିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେହିପରି କେନ୍ଦୁଝର କଣ୍ଡରାପଶିଠାରୁ ନଇଗାଁ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଜଗଦଳା ପୋଲ ଉପରେ ୪ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଦୁଇଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ବହୁ ସ୍ଥାନରେ ବର୍ଷାପାଣି ପଶିଯିବା ଫଳରେ ଗୃହପାଳିତ ପଶୁ ମଧ୍ୟ ହଇରାଣ • ପୃଷ୍ଠା ୫ ଦେଖନ୍ତୁ

## ରାଜ୍ୟ ବିଜେପି ସଭାପତି ନିର୍ବାଚନ

# ବିଜ୍ଞପ୍ତି ସହ ଭୋଟର ତାଲିକା ପ୍ରକାଶିତ



ଭୁବନେଶ୍ୱର,୬।୭(ଭାସ୍କର ନ୍ୟୁଜ): ରାଜ୍ୟ ବିଜେପି ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ନିର୍ବାଚନ ଲାଗି ବିଜ୍ଞପ୍ତି ସହ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ୨୭୩ଜଣ ସ୍ଥାନ ପାଇଛନ୍ତି। ଜିଲ୍ଲା ସଭାପତି, ରାଜ୍ୟ ପରିଷଦ ସଦସ୍ୟ ଏବଂ ନିର୍ବାଚିତ ବିଧାୟକ ଓ ସାଂସଦଙ୍କ ମଧ୍ୟରୁ ୧୦ ପ୍ରତିଶତ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି। ସୋମବାର ନାମାଙ୍କନ ଦାଖଲ ପାଇଁ ଦିନଧାର୍ଯ୍ୟ କରାଯାଇଛି। ଏକାଧିକ ଆଶାୟୀ ହେଲେ ୮ ତାରିଖରେ ମତଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ଏସବୁ ଭିତରେ ରାଜ୍ୟ ବିଜେପି ଖୁବ୍‌ଶୀଘ୍ର ନୂଆ ନେତୃତ୍ୱ ପାଇବ ବୋଲି ରବିବାର ରାଜ୍ୟ ବିଜେପି ସଭାପତି ମନମୋହନ

**ଆଜି ନାମାଙ୍କନ ଦାଖଲ**

ସାମଲ ସୂଚନା ଦେଇଛନ୍ତି। ଏଥିପାଇଁ ତିନିଦିନିଆ ପ୍ରକ୍ରିୟା ଆରମ୍ଭ ହୋଇଛି। ରବିବାର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଏ ନେଇ ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୋମବାର ନାମାଙ୍କନ ପରେ ଯଦି ଅଧିକ ପ୍ରାର୍ଥୀ ରହନ୍ତି ତେବେ ୮ ତାରିଖରେ ମତଦାନ କରାଯିବ। ନାମାଙ୍କନ କରିବା ପରେ ନିର୍ବାଚନ ହେବ ନା ସହମତିରେ ସଭାପତି ନିର୍ବାଚିତ ହେବେ ସେ ନେଇ ସ୍ପଷ୍ଟ ହୋଇପାରିବ। • ପୃଷ୍ଠା ୫ ଦେଖନ୍ତୁ

## ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ

# ଶ୍ୟାମାପ୍ରସାଦ ରାଷ୍ଟ୍ରବାଦର ଉଦ୍ଧାରକର୍ତ୍ତା

ଭୁବନେଶ୍ୱର,୬।୭(ଭାସ୍କର ନ୍ୟୁଜ): ସ୍ଥାନୀୟ ଜୟଦେବ ଭବନ ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଡଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଆଜିର ଦିନକୁ ସଂକଳ୍ପ, ଏକ ପ୍ରେରଣା ଏବଂ ଏକ ଜାଗୃତିର ଦିବସ ବୋଲି କହିଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଡଃ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର ଯାହା ପ୍ରତିଟି ଭାରତବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦେଇଥାଏ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେଉଁ କେତେଜଣ ମହାମନୀଷୀ ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରା ଓ



- ଆଜିର ଦିନ ସଂକଳ୍ପ, ପ୍ରେରଣାର ଦିବସ
- ମହାନ ଜନନାୟକଙ୍କ ପାଇଁ ଦେଶ ଗର୍ବିତ
- ତ୍ୟାଗ, ସେବା ଦ୍ୱାରା ଭବିଷ୍ୟତ ଗଢିବାକୁ ଆହ୍ୱାନ

ରାଷ୍ଟ୍ରବାଦର ଉତ୍‌ଥାନ କରି ଦେଶ ମାତୃକାର ସେବା ପାଇଁ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଥିଲେ ଅଗ୍ରଗଣ୍ୟ। ସେ କେବଳ ଜଣେ ଶିକ୍ଷାବିତ୍ ନ ଥିଲେ ବରଂ ଏକ ସମର୍ପିତ ରାଷ୍ଟ୍ର ନେତା, ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଓ ଦେଶପ୍ରେମୀ ଥିଲେ। ଡଃ ମୁଖାର୍ଜୀଙ୍କ ଦ୍ୱାରା ଗଠିତ ଜନସଂଘ ବିଜେପିରେ ପରିଣତ ହେଲା ଏବଂ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ, ବିଜେପିର ପ୍ରତିଷ୍ଠାତା ରୂପେ ନାମିତ ହେଲେ। ତାଙ୍କ ବିଚାରଧାରା ଏବଂ • ପୃଷ୍ଠା ୫ ଦେଖନ୍ତୁ

### ମିନାକ୍ଷୀ ପୁଣି ମହିଳା କଂଗ୍ରେସ ସଭାନେତ୍ରୀ



ଜୟପୁର,୬।୭(ଭାସ୍କର ନ୍ୟୁଜ): ପୁଣି ମହିଳା କଂଗ୍ରେସ ସଭାନେତ୍ରୀ ହେଲେ ମିନାକ୍ଷୀ ବାହିନୀପତି। ରବିବାର ଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦକ କେ.ସି ବେଣୁଗୋପାଳ ପ୍ରେସ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି। ଗତ ଧର ମଧ୍ୟ ମିନାକ୍ଷୀ ବାହିନୀପତି ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ଥିବାବେଳେ ଚଳିତ ଥର ମଧ୍ୟ ତାଙ୍କ ନାମ ଉପରେ ମୋହର ମାରିଛି ଜାତୀୟ କଂଗ୍ରେସ। ମିନାକ୍ଷୀ ଜିଲ୍ଲା ସଭାନେତ୍ରୀ ଥିବାବେଳେ ତାଙ୍କର ଦକ୍ଷତା • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ରଥ ଚାଲିଗଲା ବାହୁଡା ସରିଲା
ସୁନାବେଶ ଗଲା ସରି,
ନିଳାଦ୍ରୀକୁ ବିଜେ କରିବେ ଶ୍ରୀହରି
ମାଉସୀ ମା ଘରୁ ଫେରି ।
ଏଣିକି ଲାଗିବ ଡୋରି,
ରତନ ବେଦୀରେ ଜଗାକୁ ଦେଖିବା
କମ୍ପମାନ ହେବ ପୁରୀ ।



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀ ବାହୁଡ଼ା ଯାତ୍ରା ଅବସରରେ ସେବା ପ୍ରଦାନ କଲେ ଜଳେଶ୍ୱର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନ। ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ଜଗନ୍ନାଥଙ୍କର ଭକ୍ତମାନଙ୍କୁ ସେବା କରିବାରେ ନିଆରା ଆନନ୍ଦ ଅନୁଭବ ଅବର୍ଣ୍ଣନୀୟ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବାହୁଡ଼ା ଯାତ୍ରାରେ ପୁରୀ ମେଡିକାଲ ଛକ, ବଡ଼ ଶଙ୍ଖ ଛକ, ଶ୍ରୀଗୁଣ୍ଡିଚା ଛକ ଠାରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହିତ ଦହି ସରବତ, ଲେମ୍ବୁପାଣି, କାକୁଡ଼ି, ତରଭୁଜ, ବିସ୍କୁଟ, ଥଣ୍ଡା ରସ ଆଦି ଅଗଣିତ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ସଂଗଠନ ଦ୍ୱାରା ବଣ୍ଟନ କରାଯାଇଛି। ପ୍ରବଳ ଭିଡ଼ ଫଳରେ ତୃଷାର୍ତ୍ତ ଶୀତଳ ପାନୀୟ ଗ୍ରହଣ କରି ତୃପ୍ତ ହେବା ସହିତ ହେଲ୍ପ ଫର ୟୁ ଫାଉଣ୍ଡେସନକୁ ଆଶୀର୍ବାଦ ଦେଇଛନ୍ତି ଶ୍ରଦ୍ଧାଳୁ। ଏତଦ୍ ବ୍ୟତୀତ ପାଣି ସିଞ୍ଚନ ଓ ଆମ୍ବୁଲାନ୍ସ ସେବାରେ ମଧ୍ୟ ସହଯୋଗ କରି ବେଶ ଭୂମିକା ନେଇଛନ୍ତି ହେଲ୍ପ ଫର ୟୁ ଫାଉଣ୍ଡେସନ। ପୁରୀ ବେଳାଭୂମିରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରାରେ ପର୍ଯ୍ୟଟକମାନଙ୍କ ଦ୍ୱାରା ପ୍ରବଳ ଜନସମାଗମ ହେତୁ ସ୍ୱଚ୍ଛତାକୁ ଆଖି ଆଗରେ ରଖି ହେଲ୍ପ ଫର ୟୁ ଫାଉଣ୍ଡେସନ ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ମଧ୍ୟ କରିଛନ୍ତି। ଏହି ପୁରୀ ବଡ଼ଦାଣ୍ଡ ସେବା କାର୍ଯ୍ୟରେ ହେଲ୍ପ ଫର ୟୁ ଫାଉଣ୍ଡେସନର ଶତାଧିକ ସଦସ୍ୟ ସଦସ୍ୟା ବିଭିନ୍ନ ଜିଲ୍ଲାରୁ ଯୋଗଦାନ କରି ପ୍ରଭୁଙ୍କ ଧାମ ପୁରୀ ଧାମରେ ସେବା ଯୋଗାଇ ନିଜକୁ ଆତ୍ମତୃପ୍ତି ଲାଭ କରିବା ସହିତ ଧନ୍ୟ ମନେ କରିଥିଲେ।

# ହାଇକୋର୍ଟରେ ବନ୍ଧାପଡ଼ିଛି ଛତୁଆ ମାମଲା

## ୭ ପଞ୍ଚାୟତ ପୃଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ



କଣାସ(ଭାସ୍କର ନ୍ୟୁଜ) : ରାଜ୍ୟ ସରକାର ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକା ଓ କୋମଳମତି ଶିଶୁମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପୃଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି । ହେଲେ ଏକ ମାସରୁ ଊର୍ଦ୍ଧ୍ୱ ହେଲାଣି କଣାସ ବ୍ଲକର ଦୋକନ୍ଦା, ବଡ଼ାସ, କଣାସ, ଗଡ଼ସାନପୁଟ, ବଡାଲ, ଦୋଛିଆଁ ଓ ଅଁଳାଯୋଡ଼ି ପଞ୍ଚାୟତରେ ଛତୁଆ ବଣ୍ଟନ ବନ୍ଦ ଯୋଗୁ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରକାଶ ଥାଉକି କଣାସ ବ୍ଲକର ମୋଟ ୨୮ ଗୋଟି ପଞ୍ଚାୟତରୁ ମା'ଚଣ୍ଡୀ ସ୍ୱୟଂ ସହାୟିକା ଗୋଷ୍ଠୀ ୨୧ ପଞ୍ଚାୟତକୁ ଛତୁଆ ଓ ଅନ୍ୟାନ୍ୟ ପୃଷ୍ଟିକର ଖାଦ୍ୟ ଯୋଗାଇ ଆସୁଥିବାବେଳେ ବାକି ୭ଟି ପଞ୍ଚାୟତକୁ ମା'ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁଆ ଓ ପୃଷ୍ଟିକର ଖାଦ୍ୟ ବଣ୍ଟନ କରୁଥିଲା । କିନ୍ତୁ ସରକାରଙ୍କ ତଦନ୍ତରେ ଜଣାପଡ଼ିଲା ମା'ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀର ଛତୁଆ ପ୍ରସ୍ତୁତ କେନ୍ଦ୍ରର ଭିତ୍ତିଭୂମି ତଥା ବିଭିନ୍ନ ତ୍ରୁଟି କାରଣରୁ ସରକାର ଛତୁଆ ଓ ପୃଷ୍ଟିକର ଖାଦ୍ୟ ବଣ୍ଟନ ପ୍ରକ୍ରିୟାକୁ ବନ୍ଦ କରି ମା'ଚଣ୍ଡୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୨୮ ପଞ୍ଚାୟତକୁ ଛତୁଆ ଓ ପୁଷ୍ଟିକର ଖାଦ୍ୟ ବଣ୍ଟନ ଦାୟି ପ୍ରଦାନ କରିଥିଲେ । ପୁନର୍ବାର ଦୀର୍ଘ ଦିନପରେ ମା'ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ସାତୋଟି ପଞ୍ଚାୟତରେ ଛତୁଆ ବଣ୍ଟନ କରିବା ପାଇଁ ଆଦେଶ ଆଣିଥିଲା । ସେପଟେ ମା'ଚଣ୍ଡୀ ସଂଘ ସହାୟକ ଗୋଷ୍ଠୀ କହିଛି କିଭଳି ଆମକୁ ନଜଣାଇ ୭ଟି ପଞ୍ଚାୟତକୁ ପୁନର୍ବାର ଛତୁଆ ଓ ପୃଷ୍ଟିକର ଖାଦ୍ୟ ବଣ୍ଟନ ପାଇଁ ମା'ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଆଦେଶ ଦିଆଗଲା ? ଏନେଇ ମା'ଚଣ୍ଡୀ ସ୍ୱୟଂ ସହାୟିକା ଗୋଷ୍ଠୀ ହାଇକୋର୍ଟର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇବା ପାଇଁ ଅନାଇ ବସିଛନ୍ତି। ଏଭଳି ଅଭାବନୀୟ ପରିସ୍ଥିତି ଯୋଗୁ ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକା ଓ କୋମଳମତି ଶିଶୁ ମାନେ ପୃଷ୍ଟିକର ଖାଦ୍ୟରୁ ବଞ୍ଚିତ ହୋଇଛନ୍ତି ।

## ଖାଦ୍ୟ ବିଭାଗ ପକ୍ଷରୁ ଦୋକାନ ଯାଞ୍ଚ, ୧୦ହଜାର ଟଙ୍କା ଜୋରିମାନା ଆଦାୟ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ସମ୍ପ୍ରତି ରାଜ୍ୟରେ ଦେଖାଦେଇଥିବା ଝାଡାବାନ୍ତି ରୋଗ ପରିପ୍ରେକ୍ଷୀରେ ଗଁଦିଆ ବ୍ଲକରେ ମଧ୍ୟ ଅନୁରୂପ ଭାବରେ କେତେକ ସ୍ଥାନରେ ଏହି ଝାଡାବାନ୍ତି ରୋଗ ବ୍ୟାପିବାର ଆଶଙ୍କା କରି ଢେଙ୍କାନାଳ ଖାଦ୍ୟ ଅଧିକାରୀ ଲୋପାମୁଦ୍ରା ନାଏକ ଓ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କ ସମେତ ଗଁଦିଆ ପୋଲିସ ପକ୍ଷରୁ ବ୍ଲକର ବଣିଆପଡା ଛକ, ହଟା ଛକ, ଗଁଦିଆ ଛକ, ମେଡିକାଲ ଛକ ଗୁଡିକରେ ଥିବା ଜଳଖିଆ, ହୋଟେଲ, ଢ଼ାବା ତଥା ଅନ୍ୟ ଖାଦ୍ୟ ସାମଗ୍ରୀ ବିକ୍ରିକରୁଥିବା ଦୋକାନ ଗୁଡିକ ଉପରେ ଥିବା ଖାଦ୍ୟ ଗୁଡିକର ମାନ ଯାଞ୍ଚ କରାଯାଇଥିଲା। କେତେକ ଖାଦ୍ୟ ବିକ୍ରୟ ଦୋକାନ ନିମ୍ନମାନର ଖାଦ୍ୟ ରଖି ଜନସାଧାରଣମାନଙ୍କୁ ବିକ୍ରି କରୁଥିବାର ଦେଖିବାକୁ ମିଳିଥିଲା। ୫ଗୋଟି ଜାଗାରେ ଖାନତଲାସୀ ପରେ ସେଠାରେ ବ୍ୟାନ ଥିବା ଚାଇନା ସ୍ଲଟ ସହିତ ବ୍ୟାନ କମ୍ପାନୀ ରଙ୍ଗ ଓ ବାସିଖାଦ୍ୟ ରଖି ବିକ୍ରି କରୁଥିବା ଅଭିଯୋଗରେ ଜୋରିମାନା ବାବଦରେ ୧୦ହଜାର ଟଙ୍କା ଆଦାୟ କରାଯାଇଥିଲା। ଏଫଏସଏସଆଇ ପକ୍ଷରୁ ହୋଟେଲ, ଢ଼ାବା, ଜଳଖିଆ ଦୋକାନ ଫାଷ୍ଟଫୁଡ ଦୋକାନ ଗୁଡିକରେ ତନଖି କରାଯାଇ ବେଆଇନ ଭାବରେ ଖାଦ୍ୟ ଓ ଅନ୍ୟାନ୍ୟ ଖାଦ୍ୟଯୁକ୍ତ ସାମଗ୍ରୀ ଖୁଲମଖୁଲା ବିକ୍ରି କରୁଥିବା ଦୋକାନ ଉପରେ ତୁରନ୍ତ ଫୁଡ ବିଭାଗ ରେ ଆବେଦନ କରି ଖାଦ୍ୟ ବିକ୍ରୟ ନିମନ୍ତେ ହୋଟେଲ, ଜଳଖିଆ, ଫାଷ୍ଟଫୁଡ, ଢ଼ାବା ଗୁଡିକ ଅନୁମତିପତ୍ର ଆଣି ବିକ୍ରୟ କରିବାକୁ ତାଗିଦ୍ କରାଯାଇଛି। ଯଦି ଆଗାମୀ ଦିନରେ ଏପରି ବେଆଇନ କାର୍ଯ୍ୟ ହେଉଥିବାର ଦେଖିବାକୁ ମିଳେ ତାହାଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରକାଶ।

## ମା'ବିରଜାଙ୍କ ବାହୁଡ଼ା ଯାତ୍ରା ସଂପନ୍ନ

ବ୍ୟାସନଗର(ଭାସ୍କର ନ୍ୟୁଜ୍): ବ୍ୟାସନଗର ସହର ଅନ୍ତର୍ଗତ ମା'ବିରଜା ମନ୍ଦିରରେ ବଡ ଠାକୁର ପ୍ରଭୁ ଜଗନ୍ନାଥ, ସୁଭଦ୍ରା, ବଳଭଦ୍ରଙ୍କୁ ୯ ଦିନ ରହଣି ପରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ୯ ଦିନ ପାଇଁ ବିରଜା ମନ୍ଦିର ମାଉସୀ ମା, ମନ୍ଦିରର ରୂପ ନେଇଥିଲା ୯ ଦିନ ଯାକ ଯଥାବିଧି ପୂଜା ଅର୍ଚ୍ଚନା କରାଯାଉଥିଲା। ଗତକାଲି ମନ୍ଦିରରେ ବିରଜା ନଗରର ମହିଳା ମାନେ ଗୀତା ପାଠ କରିଥିଲେ । ପୂଜାକାର୍ଯ୍ୟ ସମାପନ ପରେ ମଧ୍ୟାହ୍ନରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏଥିରେ ୧୦୦୦ ରୁ ଅଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଅପରାହ୍ନ ୪ଟା୩୦ ମିନିଟରେ ଠାକୁରଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇ ବିରଜାନଗର ଷ୍ଟାଡିୟମ ରୋଡ ବଙ୍ଗାଳୀ ସାହି ଲକ୍ଷ୍ମୀନଗର ଦେଇ ରଥ ସଂଧ୍ୟାରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଥିଲା । ରଥକୁ ଶ୍ରଦ୍ଧାର ସହିତ ଭକ୍ତମାନେ ଟାଣୁ ଥିବାର ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟରେ କମିଟିର ସମସ୍ତ ସଦସ୍ୟ ସଦସ୍ୟାମାନେ ଯୋଗ ଦେଇ ବାହୁଡା ଯାତ୍ରାକୁ ସଫଳ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଜରାଜୀର୍ଣ୍ଣ ଅବସ୍ଥାରେ ସୁଙ୍ଗୁଡା ଖେଳପଡ଼ିଆ

- ଟଙ୍କା ଥାଇବି ଟେଣ୍ଡର ନ ହୋଇ ପଡ଼ିରହିଛି
- ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳ



**ବଡ଼ଚଣା (ଭାସ୍କର ନ୍ୟୁଜ୍):** ବଡଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡା ପଞ୍ଚାୟତ ଅଧୀନ ସୁଙ୍ଗୁଡା ଗ୍ରାମର ଖେଳପଡିଆରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ ସରକାରୀ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ପାଣ୍ଠିରୁ ଖର୍ଚ୍ଚ ହୋଇ ପୂର୍ବତନ ସରପଞ୍ଚ ଚାଟାଲୀନ୍ ସ୍ୱାଇଁଙ୍କ ଦ୍ୱାରା ଉନ୍ନତି କରଣ କରାଯାଇଥିଲା, ପୂର୍ବ ସରକାରରେ ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ପ୍ରଚେଷ୍ଟାରେ ଏହି ପଡିଆ ଅଧିକ ଉନ୍ନତିକରଣ ଜିଲ୍ଲା ସ୍ତରୀୟ ମଡ଼େଲ ହେବା ପାଇଁ ଏକ କୋଟି ଟଙ୍କା ସ୍ପୋର୍ଟସ୍ ବିଭାଗ ତରଫରୁ ମେମୋ ନମ୍ବର ୧୧୨୪୮/ ୨୦୨୩, ଚିଠି ନମ୍ବର ୭୬୫୫/୨୩.୨,୨୦୨୪ ମସିହାରେ ଅନୁମୋଦନ କରାଇଥିଲେ। ଟଙ୍କା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟେଣ୍ଡର ନହୋଇ ପଡି ରହିଛି । ସାଂପ୍ରତିକ ସମୟରେ ସରକାର ଓ ବିଧାୟକ ବଦଳିଛନ୍ତି । ଏକବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ହୋଇ ପାରିନାହିଁ, ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନ ନିକଟରେ ଗଣମାଧ୍ୟମ ଦ୍ୱାରା ଦାବି କରିଛନ୍ତି। ଏହି ପଡିଆକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରୀ କାର୍ଯ୍ୟକ୍ରମରେ ଆସିଥିଲେ। ବ୍ଲକର ସରକାରୀ ଓ ବେସରକାରୀ ବା ରାଜନୀତି ସଭାସମିତି ଓ ସାଂସ୍କୃତିକ ରାଜ୍ୟ ଓ ଜିଲ୍ଲାସ୍ତରୀୟ ଖେଳର କାର୍ଯ୍ୟକ୍ରମ ଏଠାରେ ହେଉଅଛି। ସୁଙ୍ଗୁଡା ଖେଳ ପଡିଆଟି ଚଣ୍ଡୀ ଖୋଲ ଓ ଜାତୀୟ ରାଜପଥ ୧୬ରୁ ମାତ୍ର ଦୁଇ ଶହ ମିଟର ଦୂରତା ଓ ଗମନାଗମନ ସୁବିଧା ଥିବାରୁ ଏହି ପଡିଆଟିର ଚାହିଦା ଅତ୍ୟନ୍ତ ରହିଛି। ତେବେ ଏହି ପଡିଆକୁ ଏବେ ଯଦି ଦେଖିବା ତେବେ ଏହାର ବାଉଣ୍ଡାରି ଭଙ୍ଗା ,କୁଢ଼ କୁଢ଼ ଅଳିଆ ଆବର୍ଜନା ଘାସ ଭୂଷା ମଦ ବୋତଲ ପଡ଼ିଥାର ଚାରିଆଡ଼େ ଦେଖିବାକୁ ମିଳୁଛି। ମଦୁଆଙ୍କ ଆଡ୍ଡାସ୍ଥଳୀ ହେବା ସହ ଗାଈଚରା ଭୂଇଁ ପାଲଟିଛି। ଚତୁର୍ପାର୍ଶ୍ୱରେ ଥିବା ଲୋକମାନଙ୍କ ବସିବା ପାଇଁ ଚେୟାର ବ୍ୟବସ୍ଥା ଥିବା ବେଳେ କିଛି ଭଙ୍ଗାରୁଜା ହୋଇ ଚୋରି ହୋଇଥିବା ବିଶେଷ ସୂତ୍ରରୁ ପ୍ରକାଶ। ଖେଳ ପଡିଆଟି ଏବେ ଜରାଜୀର୍ଣ୍ଣ ଅବସ୍ଥା ପରିଣତ ହୋଇଛି। ରକ୍ଷଣାବେକ୍ଷଣ ପାଇଁ ବ୍ଲକ ନା ପଞ୍ଚାୟତ ପ୍ରଶାସନ ଦାୟିତ୍ୱ ନେଉଛି। ଖେଳ ପଡ଼ିଆଟିର ରକ୍ଷଣାବେକ୍ଷଣ କରାନଯାଏ ତାହା ସ୍ଥାନୀୟ ଯୁବଗୋଷ୍ଠୀ ଓ ଖେଳପ୍ରେମୀ ବ୍ଲକ ପ୍ରଶାସନ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଜଣାଇଛନ୍ତି।

# ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ପାଳିତ



ବୋଲଗଡ଼(ଭାସ୍କର ନ୍ୟୁଜ)ମାଉସୀ ମା' ଠାରୁ ପୋଡ଼ପିଠା ଖାଇ ବାହୁଡ଼ାରେ ବାହୁଡ଼ି ଆସିଛନ୍ତି ଶ୍ରୀ ମହାବାହୁ।ଏହି ଅବସରରେ ବୋଲଗଡ଼ ସଦର ଠାରେ ଶ୍ରୀମହାବାହୁ ବାହୁଡା ତିଥିରେ ଶ୍ରୀ ଜଗନ୍ନାଥ। ଠାକୁରମାନଙ୍କ ବାହୁଡା ବିଜୟ ପାଇଁ ରଥ ଶୁଦ୍ଧ କରାଯାଇ ପରେ ରଣପୁର ଚୈତନ୍ୟ ମଠର ମହନ୍ତ ପର୍ଶୁରାମ ଦାଶ ଛେରା ପହଁରା ପରେ ଦାରୁଦିଅଁ ମାନେ ଧାଡି ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ। ରଥର ଡାହୁକ ଈଶ୍ୱର ମହାପାତ୍ରଙ୍କ ରଥ ବୋଲି ଓ ଭକ୍ତ ମାନଙ୍କ ହରିବୋଲ ହୁଳହୁଳି ମଧ୍ୟରେ ରଥ ମନ୍ଦିର ଅଭିମୁଖେ ଗଡି ଚାଲିଥିଲା। ଠାକୁର ମାନେ ବାଟରେ ରଥରେ ବାହୁଡ଼ିବା ସମୟେ ଥାନା ପକ୍ଷରୁ ଆୟୋଜିତ ଭୋଗ ଲାଗି ହୋଇଥିଲା। ପରେ ମାନ୍ଧାତା ପରିବାର ପକ୍ଷରୁ ମେଡ଼ିକାଲ ଛକରେ ଭୋଗ ଲାଗି ହେବା ନିମନ୍ତେ ରଥ ଅଟକି ଯାଇଥିଲା। ପରେ ସ୍ଥାନୀୟ ଇଷ୍ଟଦେବୀ ତଥା ଗଡ଼ଦେବୀ ମାଉସୀ ମା' ରାମଚଣ୍ଡୀ ଏକ ସୁସଜ୍ଜିତ ବିମାନରେ ବାଜା ଓ ରୋଷଣୀର ତାଳେ ତାଳେ ଆସି ବାଟରେ ନିଜ ହାତ ତିଆରି ପୋଡ଼ପିଠା ଠାକୁର ମାନଙ୍କୁ ଅତି ଶ୍ରଦ୍ଧାର ସହିତ ଖୁଆଇ ଦେବା ନିମନ୍ତେ ଅପେକ୍ଷାରେ ରହିଥିଲେ। ପରେ ପୋଡ଼ପିଠା ଖୁଆଇ ସାରିବା ପରେ ମାଉସୀ ମା' ନିଜ ମନ୍ଦିରକୁ ଫେରି ଆସିଥିଲେ।ପାରମ୍ପରିକ ପଂଚାୟତ କାର୍ଯ୍ୟାଳୟ ପକ୍ଷରୁ ପୋଡ଼ ପିଠା ଠାକୁର ମାନଙ୍କୁ ମଧ୍ୟ ଲାଗି କରାଯାଇଥିଲା।ପରେ ରଥ ଗାଡି ସନ୍ଧ୍ୟା ୬.୩୦ମିରେ ମନ୍ଦିର ନିକଟରେ ପହଁଚିଲା।ମୁଖ୍ୟ ସେବକ ସଂଜୀବ ମହାପାତ୍ର ଠାକୁରମାନଙ୍କର ସମସ୍ତ ନୀତିକାନ୍ତି ପରିଚାଳନା କରିଥିବା ବେଳେ ଅନ୍ୟ ସେବକ ପ୍ରମୁଖ ମାନେ ଅତ୍ୟନ୍ତ ସହଯୋଗ କରିଥିଲେ।ଆଇନ ଶୃଙ୍ଖଳା ଦୃଷ୍ଟିରୁ ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ପୁରୁଷ ଓ ମହିଳା ପୋଲିସ ମାନେ ରଥ ଟାଣିବାରେ ବିଶେଷ ସହଯୋଗ କରିଥିଲେ।



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଧାରିତ ମାଉସୀ ମା' ଘର ଜନ୍ମବେଦୀରୁ ନଅ ଦିନ ଧରି ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଉଥିବା ମଠ ମନ୍ଦିରମାନଙ୍କରେ ବାହୁଡ଼ା ଯାତ୍ରା ଉପଲକ୍ଷେ ପ୍ରାତଃ କାଳରୁ ନୀତିକାନ୍ତି ସମ୍ପୂର୍ଣ୍ଣ କରାଯିବା ପରେ ଧାଡି ପହଣ୍ଡି ବିଜେରେ ବିଗ୍ରହ ମାନଙ୍କୁ ରଥାରୁଢ଼ କରାଯାଇଥିଲା। ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମସ୍ତ ନୀତି ସହିତ ଛେରା ପହଁରା ଅନୁଷ୍ଠିତ ହୋଇଥିଲା। ଏହାପରେ ଭକ୍ତମାନେ ରଥ ମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳ ନିଆଳି ସାହି ବ୍ରହ୍ମା ମନ୍ଦିର, ନୂଆ ଗାଁ ପଂଚାୟତ ମଝି ଖଣ୍ଡ, ଏକ ବରୁଆ ପଂଚାୟତ ସୁଦା ନଗର ଜଗନ୍ନାଥ ମଠ, ସିଠାଳ ପଂଚାୟତ ଶାସନ ପଦା, ସିଠାଳ, ଶାଗଡ଼ାଇଲୋ ପଂଚାୟତ ସେଲେଦା, ଦିଘି, ତିହୁଡି, ଅଳତଳଙ୍ଗ, କୂଳଶ୍ରୀ, କୁମ୍ଭାର କୂଳ, ଏରଞ୍ଚ, ପଳସୁଦା, ବଢ଼ିଆ ସାହି, କସର୍ଦ୍ଦା, ପତ୍ରକଣା, ଖଜରା, କପିଚନ୍ଦ୍ର ପୂର, କାନପୁର, ପୋଲସରା, ଖରିଗର, ବାହାରଣା, ବରିମୁଣ୍ଡ, ମହଙ୍ଗପଡା ଥିବା ମନ୍ଦିରକୁ ସଂଧ୍ୟା ସୁଧା ଫେରି ଆସିଛନ୍ତି। ନିଆଳି ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବାବେଳେ କୌଣସି ଠାରେ ଅପ୍ରୀତିକର ପରିସ୍ଥିତି ହୋଇନାହିଁ।

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପ୍ରମୁଖ ଜଗନ୍ନାଥ ମନ୍ଦିର ଠାରେ ପବିତ୍ର ବାହୁଡ଼ା ଯାତ୍ରା ପର୍ବ ଆଧାତ୍ମିକ ଉତ୍ସାହ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ରଥଯାତ୍ରାରେ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡପ ମଣ୍ଡପରେ ବିରାଜମାନ କରୁଥିବା ଚାରି ଦିଅଁମାନଙ୍କ ସାମ୍ନାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ବିଧି ମୁତାବକ ସମ୍ପର୍ନ୍ନ କରାଯାଇଥିଲା। ଏହା ପରେ ଦିନ ୪ଟା ବେଳେ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଏବଂ ଶଙ୍ଖ ଧ୍ୱନି ତଥା ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡି ପହଣ୍ଡି କରି ମନ୍ଦିର ସାମ୍ନାସ୍ଥିତ ଦଣ୍ଡାୟମାନ ସୁଶୋଭିତ ରଥ ଉପରକୁ ଆଣିଥିଲେ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ରଥ ଯାତ୍ରାରେ ରାଜା ପାରମ୍ପରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହାପରେ ବିଭିନ୍ନ ଗ୍ରାମରେ ସନ୍ଧ୍ୟା ୫ଟାରେ ରଥଟଣା ଶୁଭାରମ୍ଭ ହୋଇଥିଲା। ଅସ୍ତରଙ୍ଗ ବ୍ଲକର ବନ୍ତିଲୋ, ନଗର, କାଳିଆକଣ, ବରଡ଼ି, ନୂଆଗଡ,ସହନ, ତାଳଦା, ଓଳିହା ସମେତ ବିଭିନ୍ନ ଗ୍ରାମରେ ରଥଯାତ୍ରାରେ ଗାଁ ଦାଣ୍ଡରେ ରଥ ଉପରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଏବଂ ଜନ ଗହଳି ମଧ୍ୟରେ ଭକ୍ତ ଓ ଭଗବାନଙ୍କ ଅପୂର୍ବ ଚକ୍ଷୁ ମିଳନର ଦୃଶ୍ୟ ବେଶ ହୃଦୟସ୍ପର୍ଶୀ ଥିଲା। ମନ୍ଦିର ଅଗଣାରୁ ଫେରିବା ପରେ ରଥ ଉପରେ ବିଦ୍ୟମାନ ଜଗତର ନାଥ ଶ୍ରୀ ଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ। ବାହୁଡ଼ା ଯାତ୍ରାକୁ ଦକ୍ଷତାର ସହିତ ଆୟୋଜନ ଓ ସଫଳତାର ସହିତ ସମାପନ କରିବାରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମର ପରିଚାଳନା କମିଟି ଏବଂ ପୂଜକ ପ୍ରମୁଖ ଭୂମିକା ଉଲ୍ଲେଖ ଯୋଗ୍ୟ ଥିଲା।





ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଶୁକ୍ରବାର ଜଗନ୍ନାଥ ମହାପ୍ରଭୁ ଭାଇ ଭଉଣୀଙ୍କ ସହିତ ମାଉସୀବାଡ଼ିରୁ ନିଜ ମନ୍ଦିରକୁ ବାହୁଡିବାବେଳେ ଜଳେଶ୍ୱରର ବିଭିନ୍ନ ପଥ, ରଥ ଭକ୍ତମୟ ହୋଇ ଉଠିଛି। ଶ୍ରୀ ଜଗନ୍ନାଥଙ୍କ ଧ୍ୱନିରେ ପ୍ରକମ୍ପିତ ହୋଇଛି ଚତୁର୍ଦ୍ଦିଗ । ପାଗ ଅନୁକୂଳ ଥିବାରୁ ଚାରିଆଡେ ଜନଗହଳି ପରିଲକ୍ଷିତ ହୋଇଛି । ନୂଆବଜାର ମାଉସୀବାଡିରେ ମୁଖ୍ୟପୂଜକ ସପନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜା, ଆଳତୀ, ଭୋଗ ପରେ ଶ୍ରଦ୍ଧାଳୁମାନେ ତିନି ଦିଅଁଙ୍କୁ ରଥାରୁଢ଼ କରିଥିଲେ । ତିନି ରଥକୁ ବିଧାୟକ ଅଶ୍ୱିନୀ ପାତ୍ର ସେବକଭାବେ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ । କାର୍ଯ୍ୟକ୍ରମରେ ପୌରପାଳ ପ୍ରତୀପ ପ୍ରଧାନ, ଶିକ୍ଷାବିତ୍ ଈଶ୍ୱର ଜେନା, ବରିଷ୍ଠ ଆଇନଜୀବୀ ଚିନ୍ମୟ ଦାସ ପ୍ରମୁଖଙ୍କ ନେତୃତ୍ୱରେ ସଂଧ୍ୟାରେ ମନ୍ଦିର ନିକଟରେ ପହଞ୍ଚିଥିଲେ । ବଡବଜାରଠାରେ ମାଉସୀମା ବାଡିଠାରେ ସେବକଭାବେ ଲକ୍ଷ୍ମୀକାନ୍ତ କର ଛେରାପହଁରା କରିଥିଲେ। ଗୋବିନ୍ଦ ସାହୁ, ସମୀର ପାତ୍ର, ବିକାଶ ଧର ପ୍ରମୁଖ ଉପସ୍ଥିତ ଥିଲେ। ଜଳେଶ୍ୱରର ଇସ୍କନ ରଥ ରାଜପୁର ମାଉସୀମାମନ୍ଦିର ଠାରୁ ବାହାରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଚନ୍ଦନ ଦାସ, ସନ୍ଥ ହେମହରି ଦାସଙ୍କ ନେତୃତ୍ୱରେ ରଥଟଣା ହୋଇଥିବା ବେଳେ ପ୍ରବୀର ପ୍ରଧାନ ଛେରାପହଁରା କରିଥିଲେ। ଛମୌଜ ପାବନ କ୍ଷେତ୍ରଠାରେ ଶରତ କୁମାର ପ୍ରଧାନ ଛେରାପହଁରା କାର୍ଯ୍ୟ ସାରିଥିବା ବେଳେ ମୁଖ୍ୟପୂଜକ ବିନୋଦ ବିହାରୀ ମହାପାତ୍ର ସମସ୍ତ ପୂଜାକାନ୍ତି ସାରିଥିଲେ । ରାଇବଣିଆର ସର୍ବପୁରାତନ ଜଗନ୍ନାଥ ମନ୍ଦିର ମାକିଡିଆ, ଓଲମରା, ସର୍ଦ୍ଦାରବନ୍ଧ, ଶ୍ୟାମନଗର, ଖୁଆଡ, ବରଡିହା, ରାଇବଣିଆ, କାଳିକ, କନକାଇ ଚାଫଲା, ଶିଖରପୁର, ଚମାରଗାଁ, ପଶ୍ଚିମବାର୍ଡ଼, ଶାଳିକୋଠା, ଝାଡପିମ୍ପଳ, ଉଲୁଡା, ନାମ୍ପୋ, ଡେମୁରିଆ, କାଶିଡିହା, ନଛିମପୁର, ହାଟପଦା, ଲକ୍ଷ୍ମଣନାଥ ଇତ୍ୟାଦି ଠାରେ ରଥରେ ତିନିଦିଅଁ ମନ୍ଦିରକୁ ଫେରିଥିବା ବେଳେ ଅନୁକୂଳ ପାଗ ଯୋଗୁଁ ଜନଗହଳି ପରିଲକ୍ଷିତ ହୋଇଥିଲା । ସମସ୍ତ ସ୍ଥାନରେ ପୋଲିସ୍ ଓ ସ୍ୱେଚ୍ଛାସେବୀମାନେ ରହିଥିବାରୁ କୌଣସି ଅଘଟଣ ଘଟିନଥିବା ଜଣାଯାଇଛି ।



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗରେ ଶାନ୍ତି ଶୃଙ୍ଖଳାର ସହ ପାଳିତ ହୋଇଯାଇଛି ପବିତ୍ର ବାହୁଡ଼ା ଯାତ୍ରା । କାଳିଆ ଠାକୁର ନଅ ଦିନ ପାଇଁ ବଡ ଭାଇ ବଳଭଦ୍ର , ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ନେଇ ଜନ୍ମ ବେଦୀକୁ ଯାଇଥିଲେ । ଗୁଣ୍ଡିଚା ମା' ମନ୍ଦିରରେ ନଅ ଦିନ ରହି ବାହୁଡାରେ ମହାପ୍ରଭୁ ଓ ଚତୁର୍ଦ୍ଧା ମୂର୍ତ୍ତି ରଥରେ ରଥାରୂଢ଼ ହୋଇ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ରତ୍ନବେଦୀକୁ ବାହୁଡ଼ିଥିଲେ । ବାହୁଡାରେ ସେବାୟତମାନେ ଜନ୍ମ ବେଦୀରୁ ମହାପ୍ରଭୁଙ୍କୁ ଧରି ପହଣ୍ଡି ବିଜେ କରାଇ ରଥାରୂଢ଼ କରିଥିଲେ। ଏହା ପରେ ଶ୍ରଦ୍ଧାଳୁ ଭକ୍ତମାନେ ଅପରାହ୍ନ ସମୟରେ ରଥଟଣା ଆରମ୍ଭ କରି ସନ୍ଧ୍ୟା ସମୟରେ ପତିତପାବନ ମନ୍ଦିର ପାଖରେ ପହଞ୍ଚାଇ ଥିଲେ । ଅଶୋକ କୁମାର ଦଳବେହେରା ଛେରା ପହଁରା କରିଥିବାବେଳେ ବେଣୁଧର ବେହେରା ରଥର ସାରଥି ସାଜିଥିଲେ। ହରିବୋଲ ହୁଳହୁଳି, ଘଣ୍ଟ ଘଣ୍ଟା ବାଦ୍ୟ ସାଙ୍ଗକୁ ନାମ ସଙ୍କୀର୍ତ୍ତନରେ ପରିବେଶ ଉତ୍ସବମୁଖର ସାଙ୍ଗକୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ, ସର୍ବେଶ୍ୱର ଦଳବେହେରା,ବିନୟ କୁମାର ଦଳବେହେରା, ଶାରଦା ପ୍ରସନ୍ନ କବି, ରଞ୍ଜନ କୁମାର ଦଳବେହେରା, ଦାମୋଦର ବାରିକ, ଦୁଷ୍ମନ୍ତ କୁମାର ନାୟକ,ଅନ୍ତର୍ଯ୍ୟାମୀ ନାୟକ ସମେତ ଗ୍ରାମ୍ୟ କମିଟି,ଗ୍ରାମବାସୀ ଓ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଭକ୍ତମାନଙ୍କ ସହଯୋଗରେ ଶୃଙ୍ଖଳାର ସହ ପବିତ୍ର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଥିଲା ।



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଗଁଦିଆ ବ୍ଲକର ପ୍ରସିଦ୍ଧ ଶୈବ ପୀଠ କପିଳାର ପାଦ ଦେଶରେ ଦେଓଗାଁ ଠାରେ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ମହାପ୍ରଭୁ ଜଗନ୍ନାଥ ଓ ବଡଭାଇ ବଳଦେବ ଜୀଉଙ୍କର ପବିତ୍ର ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ସମୟରେ ଠାକୁରଙ୍କର ସମସ୍ତ ନୀତିକାନ୍ତି ଆରମ୍ଭ ହୋଇଥିଲା। ମଙ୍ଗଳ ଆଳତି ସକାଳ ଭୋଗରେ ଖେଚୁଡ଼ି ଭୋଗ ଲାଗିହୋଇଥିଲା। ଏହାପରେ ମଧ୍ୟାହ୍ନ ସମୟରେ ମଧ୍ୟାହ୍ନ ଧୂପନୀତି ସଂପନ୍ନ ପରେ ସେବକମାନଙ୍କ ଦ୍ୱାରା ଠାକୁରଙ୍କୁ ନୂତନ ବସ୍ତ୍ର ପରିଧାନ କରାଇବା ସହିତ ୨.୪୫ମିନିଟିରେ ସେବକ ମାନଙ୍କ ଦ୍ୱାରା ଠାକୁରଙ୍କର ପହଣ୍ଡି ବିଜେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ହେମନ୍ତ କୁମାର ନନ୍ଦଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ସମ୍ପାଦନ ହୋଇଥିଲା। ୩.୧୫ମିନିଟିରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ୯ଦିନ ଧରି ମାଉସୀ ମା ମନ୍ଦିରରେ ରହିଲା ପରେ ବାହୁଡା ଯାତ୍ରାରେ ଶ୍ରୀ ମନ୍ଦିରକୁ ଫେରି ଆସନ୍ତି। ଭକ୍ତ ମାନଙ୍କ ଦ୍ୱାରା ଘଣ୍ଟ ମାଦଳଖୋଳ କୀର୍ତ୍ତନ ତଥା ହରିବୋଲ ହୁଳହୁଳି ଓ ଆନନ୍ଦ ଉଲ୍ଲାସ ସହିତ ରଥକୁ ଟାଣିନେଇଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ମାଜିଷ୍ଟ୍ରେଟ ଭାବେ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ର, ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ଗଁଦିଆ ଥାନା ଭାରପ୍ରାପ୍ତ ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସହିତ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।

ଫୁଲନଖରା(ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା- ନିଆଳି ରାସ୍ତା ପାର୍ଶ୍ୱସ୍ଥ କୁରାଙ୍ଗ ଶାସନଠାରେ ପ୍ରଭୁ ଜଗନ୍ନାଥଙ୍କର ବାହୁଡ଼ା ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ମାଉସୀ ମା' ମନ୍ଦିରରେ ପ୍ରଭୁଙ୍କର ନୀତିକାନ୍ତି କାମ ସରିବା ପରେ ଠିକ୍ ୪ଟା ସମୟରେ ମାଉସୀ ମା' ମନ୍ଦିରରୁ ଜଗନ୍ନାଥ ବାହାରି ରଥରେ ବିରାଜମାନ ହେବା ପରେ ପରମ୍ପରା ଅନୁଯାୟୀ ନୀତିକାନ୍ତି କାର୍ଯ୍ୟକ୍ରମ ସରିବା ପରେ ଭକ୍ତମାନେ ରଥ ଟାଣିବା ଆରମ୍ଭ କରିଥିଲେ । ଫୁଲନଖରା - ନିଆଳି ମୁଖ୍ୟ ରାସ୍ତା ଦେଇ ସନ୍ଧ୍ୟା ସମୟରେ ରଥ ମନ୍ଦିର ନିକଟରେ ପହଞ୍ଚିଥିଲା। ଘୋଷ ଯାତ୍ରା ସମୟରେ ବାଜା,ବାଣ,ଶଙ୍ଖ ହୁଳହୁଳିରେ ଅଞ୍ଚଳ କମ୍ପି ଉଠିଥିଲା ।ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥ ଆଧାତ୍ମିକ ଚେତନା ପରିଷଦର ଠାକୁରଙ୍କ ମୁଖ୍ୟ ଲକ୍ଷ୍ମୀଧର ଦାଶ,ପଣ୍ଡିତ ଅଜୟ କୁମାର ପତି,ଲମ୍ବୋଦର ଦାଶ,ବିଜୟ କୁମାର ମିଶ୍ର,ଚିତ୍ତରଞ୍ଜନ ପତି,ଶରତ ଚନ୍ଦ୍ର ଆଚାର୍ଯ୍ୟ ଓ ଧୀରେନ୍ଦ୍ର ରଥଙ୍କ ତତ୍ତ୍ୱାବଧାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଣି ରଥାରୁଢ଼ କରାଯିବା ପରେ ଛେରାପହଁରା କରାଯାଇ ଠାକୁର ପହଣ୍ଡି ବିଜେ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଷଦର ସଭାପତି ଗିରିଧାରୀ ସାହୁ,ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ, ଶରତ ନାରାୟଣ ମହାନ୍ତି,କବି ନାରାୟଣ ଜେନା,ଅରୁଣ ସାହୁ,ଦିଲ୍ଲୀପ ବେହେରା,ସୁବ୍ରତ ବିଶ୍ୱାଳ,ସନାତନ ସାହୁ,ବିଜୟ ସାହୁ ଓ ଇଂ ସୁଶାନ୍ତ କୁମାର ତ୍ରିପାଠୀ ଏବଂ ଅଶ୍ୱିନୀ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ। କଟକ ସଦର ଆଇ.ଆଇ.ସି ଓମ୍ ପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା । ସେହିପରି ପ୍ରତାପନଗରୀ, ନୂଆଗଡ ଓ ଉରାଳିଠାରେ ଗ୍ରାମ୍ୟ କମିଟିଙ୍କ ନେତୃତ୍ୱରେ ରଥଟଣା ବା ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି ।




# ବନ୍ୟା ପାଇଁ ପରିବା ଦର ଅମୂଲ ମୂଲ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଗତ ଜୁନ୍ ମାସରେ ୨ଥର ବନ୍ୟା ଦେଖା ଦେଇଥିବାରୁ ଉତ୍ତର ବାଲେଶ୍ୱରର ତଳିଆ ଅଞ୍ଚଳ ବନ୍ୟାପାଣିରେ ବୁଡି ଯାଇଥିଲା । ଫଳରେ ପରିବ । ଚାଷୀଙ୍କର ବ୍ୟାପକ କ୍ଷତି ଘଟିଥିବାରୁ ଅଚାନକ ପରିବା ମୂଲ୍ୟ ଅମୂଲ ମୂଲ ହୋଇଛି । ଫଳରେ ସାଧାରଣ ଲୋକେ ହଇରାଣ ହରକତ ହେଉଛନ୍ତି। ଗତ ଜୁନ୍ ୨୧ତାରିଖ ଓ ୨୮ତାରିଖ ସୁବର୍ଣ୍ଣରେଖା ନଦୀର ଦୁଇଥର ବନ୍ୟା ଜଳେଶ୍ୱର ଅଂଚଳକୁ ପ୍ରବାହିତ ହେବା ସହିତ ଚାଷ ଜମି ଜଳମଗ୍ନ ହୋଇଥିଲା। ୨୧ ତାରିଖରେ ବନ୍ୟାପାଣି ଛାଡିନଥିବା ବେଳେ ୨୮ତାରିଖ ବନ୍ୟା ଓ ସମୁଦ୍ର ଜୁଆରିଆ ରହିବାରୁ ପାଣି ନିଷ୍କାସନ ହୋଇପାରୁନଥିବା କୁହାଯାଇଛି । ଜଳେଶ୍ୱର ବ୍ଲକର ବାଇଗଣ ବାଡିଆ, ଝାଡପିମ୍ପଳ, ପଶ୍ଚିମବାଡ, ରାୟା ରାମଚନ୍ଦ୍ରପୁର, ଓଲମରା, ମାକିଡିଆ, ଦକ୍ଷିଣ ପ୍ରହରାଜପୁର, ଶ୍ରୀରାମପୁର, ଶିଖରପୁର,ଗୋବରଘଟା, ରାଜପୁର, ମହମ୍ମଦ ନଗରପାଟଣା, ପାଇକସିଦା, ଗଡସାହିବାଲିଆପାଳ, ପଶ୍ଚିମବାଡ ପଂଚାୟତରେ ବ୍ୟାପକ କ୍ଷତି ଘଟିଛି । ବଜାରକୁ ନୂଆପରିବା ଆସୁଥିବା ବେଳେ ଚାଷୀଙ୍କ ମେରୁଦଣ୍ଡ ଭାଂଗିଦେଇଛି ବନ୍ୟାପାଣି । ୨୮ ତାରିଖ ଠାରୁ ୩ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣରେଖାର ନଦୀପତ୍ତନ ବିପଦ ସଂକେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାରୁ ପରିସ୍ଥିତ ଜଟିଳ ହୋଇଛି । ଆଜି ଜଳେଶ୍ୱର ବଜାରରେ ବାଇଗଣ କିଲୋପ୍ରତି ୧୦୦ଟଙ୍କା, ପୋଟଳ ୮୦ଟଙ୍କା, ଜହ୍ନି ୮୦ଟଙ୍କା, କୁନ୍ଦୁରି ୬୦ଟଙ୍କା, କଂଚାଲଙ୍କା ୨୫୦ଟଙ୍କା, କାଙ୍କଡ ୧୧୦ ଟଙ୍କାରେ ବିକ୍ରି ହୋଇଛି । ଜଳେଶ୍ୱରର ବହୁ ଅଂଚଳରେ କାଙ୍କଡଚାଷ ହୋଇ ବ୍ୟାପକ ରପ୍ତାନୀ କରାଯାଇ ଆସୁଥିବା ବେଳେ ଏବେ ଗଛ ନଷ୍ଟ ହୋଇଛି । ବନ୍ୟାଜଳ ସଂସ୍ପର୍ଶରେ ଆସି ଅମୃତଭଣ୍ଡା ଗଛ ନଷ୍ଟ ହୋଇଛି । ଫଳରେ ଏହାର ମୂଲ୍ୟ ୭୦ଟଙ୍କାରେ ପହଞ୍ଚିଛି । ବନ୍ୟା କ୍ଷୟକ୍ଷତି ରିପୋର୍ଟ ପ୍ରକାଶ ପାଇନଥିଲେ ମଧ୍ୟରେ ପ୍ରାଥମିକ ରିପୋର୍ଟରେ ବ୍ୟାପକ କ୍ଷତି ହୋଇଥିବା ସୂଚନା ଦିଆଯାଇଛି ।

**ବାଇଗଣ କିଲୋ ୧୦୦, ଜହ୍ନି ୮୦, କୁନ୍ଦୁରୀ ୬୦, କଞ୍ଚାଲଙ୍କା ୨୫୦, କାଙ୍କଡ଼ ୧୧୦**


# ରାସ୍ତାକୁ ଶୋଇଛି ବାଉଁଶ ଗଛ

## ଗ୍ରାମ୍ୟ ଉନ୍ନୟନ ବିଭାଗ ନେଉନି ପଦକ୍ଷେପ



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ବୋତାଖାଲରୁ ବରିଷଣ ଦେଇ ପୁଇଁଚନ୍ଦାକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ସହିତ ବରିଷଣ ହାଇସ୍କୁଲ ଠାରୁ ବୋତାଖାଲ ବେହେରା ଘର ପର୍ଯ୍ୟନ୍ତ ଯୁଆଡେ ଦେଖିବ ବାଉଁଶ ଗଛ ଶୋଇ ରହିଛି। ଏମିତିକି ଅଏଲ ରିଫାଇନାରୀ ପର୍ଯ୍ୟନ୍ତ ରାସ୍ତା ବାଉଁଶ ଗଛରେ ଅବରୋଧ ହୋଇଛି। ଏବେ କିଛି ଦିନ ହେବ ସେହି ବାଉଁଶ ବୁଦା ଗଛ ଗୁଡିକ ରାସ୍ତା ଉପରକୁ ମାଡିଆସି ରାସ୍ତା ଉପରକୁ ମାଡି ଆସିଛି। ଯାହା ଫଳରେ ଯାତାୟାତ ନିମନ୍ତେ ବାଧା ଉପୁଜିବା ସହିତ ଛୋଟ ମୋଟ ଦୁର୍ଘଟଣା ମାନ ଘଟୁଛି। ସ୍ଥାନୀୟ ଲୋକ ସେହି ବାଉଁଶ ବୁଦା କାଟିବାରେ ଅସମର୍ଥ ହେଉଛନ୍ତି। ଜନସାଧାରଣ ତଥା ଗାଡି ମୋଟର ଯାତାୟାତରେ ନାନାବିଧ ସମସ୍ୟା ସୃଷ୍ଟି ହେଉଛି। ଏଣୁ ଏହି ବାଉଁଶ ଗଛ କାଟିବା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ମାନେ ଦାବି କରିଛନ୍ତି।

ଓଡ଼ିଶା ଭାସ୍କର
ORISSA BHASKAR
ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଭାରତୀୟ ରାଜନୀତି ଓ ରାଷ୍ଟ୍ରବାଦ ପାଇଁ ଏକ ଅମୂଲ୍ୟ ଧରୋହର। ସେ କେବଳ ଭାରତୀୟ ଜନସଂଘର ସ୍ଥାପନା କରି ରାଷ୍ଟ୍ରବାଦୀ ଚିନ୍ତାଧାରାକୁ ଗତି ଦେଇନଥିଲେ, ବରଂ ଭାରତୀୟ ରାଜନୀତିରେ ଏକ ସଶକ୍ତ ବିକଳ୍ପ ମଧ୍ୟ ପ୍ରସ୍ତୁତ କରିଥିଲେ। ଭାରତ ସରକାରରେ କେନ୍ଦ୍ରୀୟ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ଶିକ୍ଷା, ଶିଳ୍ପୀକରଣ ଓ ଗ୍ରାମୀଣ ଉନ୍ନତି ସହିତ ସଂପୃକ୍ତ ତାଙ୍କର ଗୁରୁତ୍ୱପୂର୍ଣ୍ଣ ନୀତିଗୁଡ଼ିକ ଭାରତୀୟ ସମାଜ ଓ ଅର୍ଥନୀତିକୁ ନୂଆ ଦିଗନ୍ତ ଦେଇଥିଲା। ଜମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଇଥିବା ଅନୁଚ୍ଛେଦ ୩୭୦ର ଦୃଢ଼ ବିରୋଧ କରିଥିବା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତକୁ ଗୋଟିଏ ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ବନେଇବାକୁ ନିଜର ସର୍ବୋଚ୍ଚ ବଳିଦାନ ଦେଇଥିଲେ। ତାଙ୍କର ରାଷ୍ଟ୍ରସେବାର ଭାବନା ଯୁଗଯୁଗ ଧରି ଆମ ସମସ୍ତଙ୍କୁ ଦେଶର ଏକତା ଓ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିବା ପାଇଁ ପ୍ରେରଣା ଦେଉଥିବ। ଦେଶର ଏଭଳି ଅମର ସୁପୁତ୍ର, ଆମର ପଥପ୍ରଦର୍ଶକ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ତାଙ୍କ ଜୟନ୍ତୀ ଅବସରରେ କୋଟି କୋଟି ବନ୍ଦନା କରୁଛି ।



### ଟ୍ୱିନ୍‌ସିଟିରେ ମହାପ୍ରଭୁଙ୍କ ସୁନାବେଶ

# ସ୍ୱର୍ଣ୍ଣ ଅଳଙ୍କାରରେ ଝଲସିଲେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ରାଜାଧିରାଜ । ସକଳ ଐଶ୍ୱର୍ଯ୍ୟର ସେ ଅଧିକାରୀ । ତେଣୁ ତାଙ୍କର ରୀତିନୀତି ଓ ବେଶଭୂଷାରେ ବାରି ହୋଇପଡ଼େ ରାଜକୀୟ ଠାଣି । ରବିବାର ପବିତ୍ର ସୁନାବେଶ ଅବସରରେ ଟ୍ୱିନ୍‌ସିଟିର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସୁନାବେଶ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରବିବାର ଥିଲା ମହାପ୍ରଭୁଙ୍କର ପବିତ୍ର ସୁନାବେଶ । ଏଥିପାଇଁ ଟ୍ୱିନ୍‌ସିଟି ହୋଇପଡ଼ିଥିଲା ଉତ୍ସବମୁଖର । ସବୁଠି ଶୁଭୁଥିଲା ଘଣ୍ଟ, ଘଣ୍ଟା, ଭେରି, ତୁରୀ ଏବଂ ମୃଦଙ୍ଗର ନାଦ । ହରିବୋଲ ହୁଳହୁଳି ସାଙ୍ଗକୁ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ରଥଦାଣ୍ଡ କମ୍ପିଥିଲା । ଜୟ ଜଗନ୍ନାଥ ଧ୍ୱନୀରେ ମନ୍ଦିରମାଳିନୀ ରାଜଧାନୀରେ ଏକ ସ୍ୱତନ୍ତ୍ର ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଏହି ଅପରୂପ ସୁନାବେଶକୁ ଦେଖିବା ପାଇଁ ଅପଲକ ନୟନରେ ଚାହିଁରହିଥିଲେ । ଦୀର୍ଘ ସମୟର ପ୍ରତୀକ୍ଷା ପରେ ଏହାର ଅନ୍ତ ଘଟିଥିଲା । ଶେଷରେ ତିନିଠାକୁର ସୁନାବେଶରେ ଆଭୂଷିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ରାଜଧାନୀର ଇସ୍କନ୍ ମନ୍ଦିରରେ ସନ୍ଧ୍ୟା ପ୍ରାୟ ୫ଟା ବେଳେ ମହାପ୍ରଭୁଙ୍କୁ ସୁନା ଅଳଙ୍କାରରେ ଆଭୂଷିତ କରାଯାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଆଯାଇଥିଲା । ସମସ୍ତ ରୀତିନୀତି ସୂଚାରୁ ରୂପେ ଏଠାରେ ପାଳନ କରାଯାଇଥିଲା । ସେହିପରି ଜାଗମରା ଧର୍ମବିହାର ଜଗନ୍ନାଥ ମନ୍ଦିର, ୟୁନିଟ୍- ଜଗନ୍ନାଥ ମନ୍ଦିର, ବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ପଟିଆ, ରସୁଲଗଡ଼, ଲକ୍ଷ୍ମୀସାଗର, ଶିରିପୁର, ଆରସିଏମ୍ ଆଦି ସ୍ଥାନମାନଙ୍କରେ ମହାପ୍ରଭୁଙ୍କର ସୁନାବେଶ କରାଯାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଆଯାଇଥିଲା । କୌଣସି ଅଘଟଣ ନ ଘଟିବା ନିମନ୍ତେ ଟ୍ୱିନ୍‌ସିଟିରେ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।




## କଟକର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ସୁନାବେଶ

କଟକ(ଭାସ୍କର ନ୍ୟୁଜ): କଟକ ସହରର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା'ସୁଭଦ୍ରାଙ୍କୁ ସୁନାବେଶ କରାଯାଇ ନାନା ଅଳଙ୍କାରରେ ଭୂଷିତ କରାଯାଇଥିଲା। ଏହା ପରେ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇଥିଲା । କଟକ ସହରର ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର, ରଘୁନାଥଜୀଉ ଜଗନ୍ନାଥ ମନ୍ଦିର, ଖାନ୍‌ନଗର ଜଗନ୍ନାଥ ମନ୍ଦିର, ମର୍କତନଗର ସେକ୍ଟର ୬ ଜଗନ୍ନାଥ ମନ୍ଦିର, ମହମଦିଆ ବଜାର ଜଗନ୍ନାଥ ମନ୍ଦିର, ରାଣୀହାଟ ଜଗନ୍ନାଥ ମନ୍ଦିର, ଯୋବ୍ରା ଜଗନ୍ନାଥ ମନ୍ଦିର, ନୂଆବଜାର ସମେତ ସମେତ ସହରର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସୁନାବେଶ କରାଯାଇଥିଲା । ଆଜି ଛୁଟିଦିନ ଥିବାରୁ ମହାପ୍ରଭୁଙ୍କର ସୁନାବେଶ ଦେଖିବା ପାଇଁ ଭକ୍ତଙ୍କର ବହୁଳ ସମାଗମ ହୋଇଥିଲା । ଭକ୍ତଙ୍କ ହରିବୋଲ, ହୁଳାହୁଳି ଡାକ ସାଙ୍ଗକୁ ଘଂଟଘଂଟି ଶବ୍ଦରେ ସହରରେ ଆଧ୍ୟାତ୍ମିକ ବାତାବରଣ ଦେଖିବାକୁ ମିଳିଥିଲା । ପ୍ରାତଃ ସମୟରୁ ସୂର୍ଯ୍ୟପୂଜା, ମଇଲମ୍, ଖେଚୁଡି ଭୋଗ ଓ ଅନ୍ୟ ସମସ୍ତ ନିତିକାନ୍ତି ସଂପନ୍ନ ହୋଇଥିଲା । ସନ୍ଧ୍ୟାରେ ଆଳତୀ କରାଯାଇ ସୁନାବେଶ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ଅଧରପଣା ନୀତି ଏବଂ ମଙ୍ଗଳବାର ଦିନ ନିଳାଦ୍ରୀ ବିଜେ ପରେ ମହାପ୍ରଭୁ ରତ୍ନ ସିଂହାସନକୁ ଫେରିବେ ।



## ଶ୍ରୀବାଣୀ କ୍ଷେତ୍ରରେ ସୁନାବେଶ ସଂପନ୍ନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରତିବର୍ଷ ପରି ଚଳିତବର୍ଷ କିସ୍ ପରିସରସ୍ଥ ଶ୍ରୀବାଣୀକ୍ଷେତ୍ର ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାଆ ସୁଭଦ୍ରାଙ୍କ ସୁନାବେଶ ସୁରୁଖୁରୁରେ ସଂପନ୍ନ ହୋଇଯାଇଛି। ଏଠାରେ ତିନିଠାକୁରଙ୍କ ବାହୁଡ଼ା ଯାତ୍ରା ମଧ୍ୟ ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଥିଲା। ବାହୁଡ଼ାରେ ଗୁଣ୍ଡିଚା ମନ୍ଦିରରୁ ଠାକୁରମାନେ ଫେରିବା ପରେ ଶ୍ରୀବାଣୀକ୍ଷେତ୍ରରେ ପ୍ରତିବର୍ଷ ସୁନାବେଶ ଆୟୋଜିତ ହୋଇଥାଏ। ଆଜି ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ଠାକୁରମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ଆଦି ଦିଆଯାଇ ସୁନାବେଶ ବା ରାଜାଧିରାଜ ବେଶ କରାଯାଇଥାଏ। ଭକ୍ତମାନେ ଆଜି ଠାକୁରମାନଙ୍କ ସ୍ୱର୍ଣ୍ଣ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟ ଦେଖିବାର ସୁଯୋଗ ପାଇଥିଲେ। ସୁନାବେଶରେ ସାଧାରଣତଃ ଠାକୁରମାନଙ୍କର ଶ୍ରୀପୟର, ଶ୍ରୀଭୂଜ, ଶ୍ରୀକିରିଟି, ସୂର୍ଯ୍ୟ, ଚନ୍ଦ୍ର, ମାଳି, ତିଳକ, ଚନ୍ଦ୍ରିକା, ଝୋବାକଣ୍ଠି ଓ ଆୟୁଦ୍ଧମାନ ଲାଗି କରାଯାଇଥାଏ। ପରମ୍ପରା ଅନୁସାରେ ଉପରୋକ୍ତ ସ୍ୱର୍ଣ୍ଣ ଅଳଙ୍କାରମାନ ଠାକୁରଙ୍କ ଦେହରେ ଶୋଭା ପାଇଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସନ୍ଧ୍ୟାରେ ମହାପ୍ରଭୁଙ୍କ ଏହି ମହାବେଶ ଅତି ସୁନ୍ଦର ଭାବେ ପରିବେଶକୁ ଆଧ୍ୟାତ୍ମିକମୟ କରି ତୋଳିଥିଲା। ଏହି ଅବସରରେ ଶ୍ରୀବାଣୀକ୍ଷେତ୍ରରେ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା।





ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ଫଟୋ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଇବେ 'କଳିଙ୍ଗରତ୍ନ' ସମ୍ମାନ



କଟକ(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୫ ମସିହାର ମର୍ଯ୍ୟାଦାଜନକ 'କଳିଙ୍ଗରତ୍ନ' ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ଏହି ସମ୍ମାନ ଆଗାମୀ ୧୫ ତାରିଖ ମଙ୍ଗଳବାର ଅପରାହ୍ନ ୩.୩୦ ମିନିଟ୍‌ରେ ଇନଡ଼ୋର ଷ୍ଟାଡିୟମଠାରେ ପ୍ରଦାନ କରାଯିବ । ସଂଗଠନର ୪୫ ତମ ବାର୍ଷିକ ଉତ୍ସବରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରିବେ ବୋଲି ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଓ ସଂପାଦକ ଡାକ୍ତର ନିରଂଜନ ତ୍ରିପାଠୀ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ସମ୍ମାନ ସ୍ୱରୂପ ଶ୍ରୀ ପ୍ରଧାନଙ୍କୁ ସରସ୍ୱତୀଙ୍କର ରୌପ୍ୟ ପ୍ରତିମା, ମାନପତ୍ର ଓ ଉତରୀୟ ପ୍ରଦାନ କରାଯିବ। ଶ୍ରୀ ପ୍ରଧାନ ଓଡ଼ିଶା ବିଧାନ ସଭାର ବିଧାୟକ, ସାଂସଦ ତଥା କେନ୍ଦ୍ର ସରକାରରେ ବହୁବାର ମନ୍ତ୍ରୀ, କ୍ୟାବିନେଟ୍ ମନ୍ତ୍ରୀ ପଦ ମଣ୍ଡନ କରିଛନ୍ତି । ଦେଶର ଶିକ୍ଷା, ପେଟ୍ରୋଲିୟମ, ରସାୟନ ଓ ଦକ୍ଷତାବିକାଶ ପ୍ରଭୃତି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସେ ମନ୍ତ୍ରୀ ପଦର ଦାୟିତ୍ୱ ବହନ କରି ବିଭାଗରେ ବହୁ ବୈପ୍ଳବିକ ଉନ୍ନତି ସାଧନ କରିଛନ୍ତି। ଦେଶର ଶିକ୍ଷା ମନ୍ତ୍ରୀ ଭାବେ ୨୦୨୦ ଜାତୀୟ ଶିକ୍ଷାନୀତି ପ୍ରବର୍ତ୍ତନ କରି ସେ ଲୋକପ୍ରିୟତା ଅର୍ଜନ କରିଛନ୍ତି । ଯେକୌଣସି କ୍ଷେତ୍ରରେ ଜାତୀୟସ୍ତରରେ ପ୍ରତିଷ୍ଠା ଅର୍ଜନ କରିଥିବା ଜଣେ ଓଡ଼ିଆଙ୍କୁ ସାରଳା ସାହିତ୍ୟ ସଂସଦ ପକ୍ଷରୁ 'କଳିଙ୍ଗରତ୍ନ' ସମ୍ମାନ ପ୍ରଦାନ କରାଯାଇଥାଏ।

### ୪ର୍ଥ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ପାଇଁ ଫଟୋ ଆହ୍ୱାନ

## ଉନ୍ମୋଚିତ ହେଲା ପୋଷ୍ଟର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନବିନ ସୁତ୍ରଧର (ନୂତନ ଭବିଷ୍ୟତ ନିର୍ମାଣ ସୁତ୍ରଧର) ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଚତୁର୍ଥ ବର୍ଷ ପାଇଁ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ନିମନ୍ତେ ରାଜ୍ୟର ଫଟୋଗ୍ରାଫି ପ୍ରତି ରୁଚିଥିବା ବନ୍ଧୁମାନଙ୍କ ନିକଟରୁ ଫଟୋ ଆହ୍ୱାନ କରାଯାଉଛି। ଯାହାର ଶୁଭାରମ୍ଭ ପବିତ୍ର ବାହୁଡ଼ା ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପୋଷ୍ଟର ଲୋକାର୍ପଣ ପୂର୍ବକ ହୋଇଯାଇଛି। ସ୍ଥାନୀୟ ଜୟଦେବ ଭବନ ପରିସରରେ ଆସନ୍ତା ଅଗଷ୍ଟ ମାସ ୧୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନୀରେ ଦୁଇଟି ବିଭାଗରେ ୬ଟି ବିଷୟ ବସ୍ତୁ ଉପରେ ଫଟୋ ଆହ୍ୱାନ କରାଯାଉଛି। ଯାହାକି ଅଗଷ୍ଟ ମାସ ୧୦ ତାରିଖ ସୁଦ୍ଧା ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିବା ମେଲ (nbnthesutradhar@gmail.com) (୯୪୩୯୬୧୪୬୭୭) ଠିକଣାରେ ପଠାଇବାକୁ ଟ୍ରଷ୍ଟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ପ୍ରକାଶ କରିଛନ୍ତି।

## ରାଜ୍ୟ ସଭାପତି ନେଇ ରାଷ୍ଟ୍ରୀୟ ଦଳ ନିଷ୍ପତ୍ତି ନେବେ: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେପିର ରାଜ୍ୟ ସଭାପତିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି ଯେ, ବିଜେପିର ରାଜ୍ୟ ସଭାପତି ନେଇ ତିନିଦିନ ଧରି ଚାଲିବ ଚର୍ଚ୍ଚା। ନିଶ୍ଚିତ ଭାବରେ ରାଜ୍ୟରେ ଜଣେ ନୂତନ ସଭାପତି ହେବେ। ତରବର ନହୋଇ ଧର୍ଯ୍ୟ ରଖିଲେ ଆପଣ ଜାଣିପାରିବେ। ସରକାର ଗଠନ ସାଧାରଣ ଲୋକ କରିଛନ୍ତି। ଆମ କାର୍ଯ୍ୟକର୍ତା ଅଖଣ୍ଡ ପରିଶ୍ରମ କରିଛନ୍ତି। ଆମ ବ୍ୟବସ୍ଥା ଏବଂ ବିଚାରଧାରାରେ ବ୍ୟକ୍ତିଗତ ଶ୍ରେୟ ନାହିଁ। ରାଜ୍ୟ ସଭାପତି ନେଇ ଆମ ଦଳ ଆଉ ରାଷ୍ଟ୍ରୀୟ ଦଳ ନିଷ୍ପତ୍ତି ନେବେ। ମୁଁ ଜଣେ ସାଧାରଣ କାର୍ଯ୍ୟକର୍ତା ଭାବେ ୫୦ ଧରି କାମ କରୁଛି ଆଉ ସବୁଦିନ କରିବି।

## ରାଜଧାନୀରେ ନକଲି ବିଏମ୍‌ସି ସ୍କ୍ୱାଡ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ ବୁଲୁଛନ୍ତି ମାଳ ମାଳ ନକଲି ବିଏମସି ସ୍କ୍ୱାର୍ଡ। ବ୍ୟବସାୟୀଙ୍କୁ ବିଏମସି ଅନୁଦାନର ପ୍ରଲୋଭନ ଦେଖାଇ ନେଉଛନ୍ତି ଟଙ୍କା । ଉଠା ବ୍ୟବସାୟୀଙ୍କୁ ଏକ ଲକ୍ଷ ୮୨ ହଜାର ଟଙ୍କା ଦେବାକୁ କହି ନେଇଛନ୍ତି ୬୫୦ ଟଙ୍କା । ଖାରବେଳ ନଗର ଥାନାରେ ଅଭିଯୋଗ ଆଣିଛନ୍ତି ଉଠା ବ୍ୟବସାୟୀ । ପ୍ରଦୀପ୍ତ ସାବତ ନାମକ ବ୍ୟବସାୟୀ ଜଣଙ୍କୁ ବିଏମସି ପରିଚୟ ପତ୍ର ଦେଖାଇଥିଲେ । ଏହାପରେ ବିଶ୍ୱାସ ଦେବା ପରେ ବ୍ୟବସାୟୀ ଜଣଙ୍କ ଫସି ଯାଇଥିଲେ। ତେବେ ଏହି ଘଟଣା ଜଣାପଡିବା ପରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହସଂଘ ପକ୍ଷରୁ ଖାରବେଳ ନଗର ଥାନାରେ ବ୍ୟବସାୟୀ ମାନଙ୍କୁ ଧରି ଅଭିଯୋଗ ପତ୍ର ଦେଇଛନ୍ତି ପ୍ରଦୀପ୍ତ ।

## ଅସିତ ମୁଖାର୍ଜୀଙ୍କ ସ୍ମୃତି ସମାରୋହ

କଟକ(ଭାସ୍କର ନ୍ୟୁଜ): ଓଡ଼ିଶା ଲଳିତ କଳା ଏକାଡେମୀ ଓ ଶିଳ୍ପୀ ଅସିତ ମୁଖାର୍ଜୀଙ୍କର ସ୍ମୃତି ସଂସଦ ପକ୍ଷରୁ ଚିତ୍ରଶିଳ୍ପୀ ଅସିତ ମୁଖାର୍ଜୀଙ୍କ ସ୍ମୃତି ସମାରୋହ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ସଭାପତି ଡ. ମହେଶ୍ୱର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଧର୍ମପଦ ପୁରସ୍କାରପ୍ରାପ୍ତି ବରିଷ୍ଠ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ସ୍ମୃତିଚାରଣ କରି ସ୍ୱର୍ଗତ ମୁଖାର୍ଜୀ କେବଳ ଓଡ଼ିଶା ନୁହେଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଭାବରେ ନିଜକୁ ପ୍ରତିଷ୍ଠା କରିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଡ. ନିତ୍ୟାନନ୍ଦ ସ୍ୱାଇଁ, ଡ. ଗୋବିନ୍ଦ ଚନ୍ଦ୍ର ଚନ୍ଦ ବକ୍ତବ୍ୟରେ ଶିଳ୍ପୀ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିଥିଲେ। ଚଳିତ ବର୍ଷ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଥିଲା। ଶିଳ୍ପୀ ମୁଖାର୍ଜୀଙ୍କର ଜୟନ୍ତୀ ଅବସରରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ମୃତି ସଂସଦର ସମ୍ପାଦକ ହରେକୃଷ୍ଣ ରାଉତ ବିବରଣୀ ପାଠ କରିଥିଲେ। ଶିଳ୍ପୀ ବିଜୟ ପ୍ରଧାନ, ଅକ୍ଷୟ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବରିଷ୍ଠ ନେତା ସଂଗ୍ରାମ ମହାନ୍ତିଙ୍କ ପରଲୋକରେ ରାଜ୍ୟ ବିଜେପିର ଶୋକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରିଷ୍ଠ ନେତା ତଥା ଅବିଭକ୍ତ କଟକ ଜିଲ୍ଲାର ପୂର୍ବତନ ଜିଲ୍ଲା ସଭାପତି ସଂଗ୍ରାମ କେଶରୀ ମହାନ୍ତିଙ୍କ ନିଜ ପୈତୃକ ଗ୍ରାମ ଜଗତସିଂହପୁରରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା । ତାଙ୍କ ପରଲୋକରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଅନେକ ବରିଷ୍ଠ ନେତୃବୃନ୍ଦ ଗଭୀର ଶୋକବ୍ୟକ୍ତ କରାଯାଇଛି । ସ୍ୱର୍ଗତଃ ମହାନ୍ତି ୮୦ ଦଶକରେ ଦଳର କାର୍ଯ୍ୟବିସ୍ତାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ବିଶେଷ ଭାବେ ଅବିଭକ୍ତ କଟକ ଜିଲ୍ଲାରେ ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବାରେ ସ୍ୱର୍ଗତଃ ମହାନ୍ତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସଙ୍ଗଠନକୁ ସୁଦୃଢ କରିବାରେ ତାଙ୍କ ଅବଦାନ ଚିରସ୍ମରଣୀୟ ହୋଇରହିବ । ତାଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣା ଯୋଗାଇବ । ତାଙ୍କ ବିୟୋଗରେ ରାଜ୍ୟ ତଥା ବିଜେପି ପରିବାର ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ସ୍ୱର୍ଗତଃ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ଶ୍ରୀ ସାମଲ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁକେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ମହାନ ରାଷ୍ଟ୍ରଭକ୍ତ, ଭାରତୀୟ ଜନସଂଘର ସଂସ୍ଥାପକ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି। ଦେଶର ଅଖଣ୍ଡତା ପାଇଁ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ।

## ଅଗରବତୀ କ୍ଲଷ୍ଟର ବିକାଶ ପାଇଁ ଓରମାସ୍ ଗ୍ରାମୀଣ ବୈଷୟିକ ଉଦ୍ୟାନ



କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକର ଖେଣ୍ଟାଲୋ, ଇସାନିବରହମପୁର ଠାରେ ଆଜି ଏକ ଗ୍ରାମୀଣ ବୈଷୟିକ ଉଦ୍ୟାନର ଶିଳାନ୍ୟାସ କରାଯାଇଛି। ସାଂସଦ ଭର୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ପ୍ରମୁଖ ଗ୍ରାମୀଣ ବୈଷୟିକ ଉଦ୍ୟାନର ଭିତିପ୍ରସ୍ତର ସ୍ଥାପନ କରି ଏହା ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମତପ୍ରକାଶ କରିଛନ୍ତି। ଏହାର ମରାମତି ଏବଂ ରକ୍ଷଣାବେକ୍ଷଣ, ଉପକରଣ, କଞ୍ଚାମାଲ, କାର୍ଯ୍ୟକାରୀ ପୁଁ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ସମ୍ବନ୍ଧୀୟ ଖର୍ଚ୍ଚ ପାଇଁ ରାଜ୍ୟ ସରକାର ୮୩ ଲକ୍ଷ ଟଙ୍କା ମୁର କରିଛନ୍ତି। ବର୍ଦ୍ଧିତ କ୍ରୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ଏହି ଅଞ୍ଚଳରେ ଅଗରବତି ଉତ୍ପାଦନରେ ନିୟୋଜିତ ୫ଟି ସକ୍ରିୟ ଗୋଷ୍ଠୀ ଭିତିକ ସଂସ୍ଥାର ଶକ୍ତିକୁ ଚିହ୍ନଟ କରି, କଟକ ଜିଲ୍ଲା ପ୍ରଶାସନ ଇସାନିବରହମପୁର ଗ୍ରାମ ପଞ୍ଚାୟତରେ ଗ୍ରାମୀଣ ଶିଳ୍ପ ପାର୍କ ପ୍ରତିଷ୍ଠା କରିବାକୁ ନିଷ୍ପତି ନେଇଛି। ଗ୍ରାମୀଣ ଶିଳ୍ପ ପାର୍କ ଢଞ୍ଜଗାଇଁ ଦ୍ୱାରା ସହଜରେ ଗୋଷ୍ଠୀ ଭିତିକ ସଂସ୍ଥା ଗୁଡ଼ିକର ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି।

## ଓଡ଼ିଶାରେ ମହାଭାରତର 'ଦୁର୍ଯ୍ୟୋଧନ' ପୁନୀତ୍ ଇସାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ମହାଭାରତର 'ଦୁର୍ଯ୍ୟୋଧନ' । ଲୋକପ୍ରିୟ ହିନ୍ଦୀ ଧାରାବାହିକ ମହାଭାରତରେ ଦୁର୍ଯ୍ୟୋଧନ ଚରିତ୍ର କରିଥିବା ପୁନୀତ୍ ଇସାର ଓଡ଼ିଶା ଆସିଛନ୍ତି । ଓଡ଼ିଆ ଫିଲ୍ମ 'ଚ୍ୟାଲେଞ୍ଜ'ରେ ଦେଖିବାକୁ ମିଳିବ ବଲିଉଡ ଅଭିନେତା ପୁନୀତ ଇସାରଙ୍କ ଦମଦାର ଅଭିନୟ । ପ୍ରଥମ ଥର ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଥିବାରୁ ବେଶ ଉତ୍ସାହିତ ଥିବା ପୁନୀତ କହିଛନ୍ତି । ପ୍ରଥମ ଥର ଓଡ଼ିଶା ଆସିଥିବା ବେଳେ ଜଗନ୍ନାଥଙ୍କ ଦର୍ଶନ କରିବେ ବୋଲି କହିଛନ୍ତି ପୁନୀତ । ଓଲିଉଡ୍ ଅଭିନେତା ଅର୍ଦ୍ଧେନ୍ଦୁଙ୍କ ନୂଆ ଫିଲ୍ମ ନ୍ଚ୍ୟାଲେଞ୍ଜ'ର କିଛି ଭାଗ ହାଇଦ୍ରାବାଦରେ ସୁଟିଂ ହୋଇଥିବା ବେଳେ ଆଉ କିଛି ସିନ୍ ଓଡ଼ିଶାରେ ସୁଟିଂ ହେବ ।

## ରାହୁଲଙ୍କ ଗସ୍ତ ନେଇ ପ୍ରସ୍ତୁତି ବୈଠକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ବାବୁ ଜଗ୍‌ଜୀବନ ରାମଙ୍କ ୩୯ ତମ ପୁଣ୍ୟ ତିଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ତରଫରୁ ଭାରତବର୍ଷର ଜନନାୟକ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପ୍ରଦେଶ କଂଗ୍ରେସର ଅନୁସୂଚୀତ ଜାତି ବିଭାଗ ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମାନସ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ପ୍ରଥମେ ସ୍ୱର୍ଗୀୟ ବାବୁ ଜଗ୍‌ଜୀବନ ରାମ୍‌ଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଏହି ସଭାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ବାବୁ ଜଗ୍‌ଜୀବନ ରାମ୍ ଜଣେ ଅଦ୍ୱିତୀୟ ଦଳିତ ନେତା ଥିଲେ ଓ ତାଙ୍କ ପ୍ରଚେଷ୍ଟାରେ ସମଗ୍ର ଦେଶରେ ଦଳିତ ମାନଙ୍କର ବିକାଶ ପାଇଁ ବିଭିନ୍ନ ଯୋଜନା କରାଯାଇଥିଲା ବୋଲି କହିଥିଲେ । ଆସନ୍ତା ରାହୁଲ ଗାନ୍ଧୀଙ୍କ ଗସ୍ତକୁ ସଫଳ କରିବାପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ରାହୁଲ ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପୃଷ୍ଠପୋଷକତାରେ ଦୁଇ ହଜାର ଲୋକ ଏକତ୍ରିତ ହେବା ପାଇଁ ସମସ୍ତ ନେତୃବୃନ୍ଦ ନିଷ୍ପତ୍ତି ନେଲେ। ଏହି ସଭାରେ ରାଜ୍ୟ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ରାଜ୍ୟ କଂଗ୍ରେସ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ସତ୍ୟଜିତ ଗମାଙ୍ଗ, ପୂର୍ବତନ ପିସିସି ଉପସଭାପତି ତଥା ବରିଷ୍ଠ ଆଇନଜୀବି ଶିବାନନ୍ଦ ରାୟ, ପୂର୍ବତନ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ମନୋରଞ୍ଜନ ଦାଶ, ପୂର୍ବତନ ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧ୍ୟକ୍ଷ ବାଙ୍କନିଧି ବେହେରା, ବିଶିଷ୍ଟ ସାମ୍ବାଦିକ ଅରବିନ୍ଦ ଦାଶ, ଆଡଭୋକେଟ ରାଜକିଶୋର ନାୟକ, ଆଡଭୋକେଟ ଅନିଲ କୁମାର ନାୟକ, ଆଡଭୋକେଟ ସଂଜୟ କୁମାର ମଲ୍ଲିକ, ରଞ୍ଜନ କୁମାର ବେହେରା, କ୍ଷୀରୋଦ ଚନ୍ଦ୍ର ପାତ୍ର, ଗୋବିନ୍ଦ ନାୟକ, ଜୟନ୍ତ ଭୋଇ, ବାବୁଲି ମଲ୍ଲିକ, ଜାନକୀ ମଲ୍ଲିକ, ସୁକାନ୍ତ ତିଆଡି, ରଞ୍ଜନ ଭୋଇ, ସୁରେନ୍ଦ୍ର କୁମାର ଦାସ, ସନ୍ତୋଷ ଦେହୁରୀ ପ୍ରମୁଖ ଯୋଗଦେଇ ନିଜ ନିଜର ମତାମତ ରଖିଥିଲେ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ




## ମହାରାଷ୍ଟ୍ର ରାଜନୀତିରେ ନୂଆମୋଡ଼

# ଠାକ୍‌ରେ ପରିବାରର ମହାମିଳନ

ରାଜନୈତିକ ଦୃଷ୍ଟିକୋଣରୁ ଦେଶର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ରୂପେ ବିବେଚିତ ହେଉଥିବା ମହାରାଷ୍ଟ୍ର ରାଜନୀତିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ଦୀର୍ଘ ୨୦ବର୍ଷର ବ୍ୟବଧାନରେ ଠାକ୍‌ରେ ପରିବାରର ମହାମିଳନ ରାଜ୍ୟ ରାଜନୀତିକୁ ଏକ ନୂଆ ମୋଡ଼ ଦେବାର ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ ମରାଠୀ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ପାଇଁ ଆଗାମୀ ଦିନରେ ଲଢ଼େଇ ଜୋରଦାର ହେବ ବୋଲି ଆଶା କରାଯାଉଛି। ମହାରାଷ୍ଟ୍ରରେ ମରାଠୀ ଲୋକଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ସ୍ୱର୍ଗତ ବାଲା ସାହେବ ଠାକ୍‌ରେ ବହୁ ବର୍ଷ ପୂର୍ବେ ଶିବସେନା ନାମରେ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ, ଯାହା ପରବର୍ତ୍ତୀ ସମୟରେ ରାଜ୍ୟ ରାଜନୀତିରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥିଲା। ବିଭିନ୍ନ ରାଜନୈତିକ ଦଳ ସହିତ ମେଣ୍ଟ କରି ଶିବସେନା ଏକାଧିକବାର ମହାରାଷ୍ଟ୍ରରେ ଶାସନ କ୍ଷମତା ଦଖଲ କରିବାକୁ ସକ୍ଷମ ହୋଇଛି। ମାତ୍ର ଆଜିକୁ ୨୦ବର୍ଷ ପୂର୍ବେ ବାଲା ସାହେବଙ୍କ ଜୀବଦ୍ଦଶାରେ ଠାକ୍‌ରେ ପରିବାରରେ ହଠାତ୍ ଫାଟ ସୃଷ୍ଟି ହୋଇଥିଲା। ନିଜର ପୁଅ ଉଦ୍ଧବ ଠାକ୍‌ରେଙ୍କୁ ରାଜନୈତିକ ଉତ୍ତରାଧିକାରୀ ରୂପେ ଚୟନ କରିବା ଫଳରେ ପୁତୁରା ରାଜ୍ ଠାକ୍‌ରେ ଅସନ୍ତୁଷ୍ଟ ହୋଇ ଶିବସେନା ସହ ସମସ୍ତ ସମ୍ପର୍କ ଛିନ୍ନ କରିଥିଲେ ଏବଂ 'ମହାରାଷ୍ଟ୍ର ନବନିର୍ମାଣ ସେନା' (ଏମ୍.ଏନ୍.ଏସ୍) ନାମରେ ନିଜର ସ୍ୱତନ୍ତ୍ର ସଂଗଠନ ଗଢ଼ିଲେ। ଗତ ୨୦୦୫ ମସିହାରେ ଠାକ୍‌ରେ ପରିବାରରେ ଏହି ବିଭାଜନ ଘଟିବା ପରେ ପୁଅ ଉଦ୍ଧବ ଓ ପୁତୁରା ରାଜ ଠାକ୍‌ରେ ପରସ୍ପର ଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଥିଲେ। କୌଣସି ସ୍ଥାନରେ କିମ୍ବା ମଞ୍ଚରେ ଉଭୟଙ୍କୁ ଆଉ ଏକାଠି ଦେଖିବାକୁ ମିଳୁନଥିଲା। ଉଭୟେ କଠୋର ହିନ୍ଦୁବାଦୀ ବିଚାରଧାରାରେ ବିଶ୍ୱାସ କରୁଥିଲେ ହେଁ ବ୍ୟକ୍ତିଗତ କାରଣରୁ ସେମାନଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ତିକ୍ତ ହୋଇ ଉଠିଥିଲା। ପରବର୍ତ୍ତୀ ସମୟରେ ଉଦ୍ଧବ ଶିବସେନାର ନେତୃତ୍ୱ ନେଇ ମହାରାଷ୍ଟ୍ରରେ କଂଗ୍ରେସ ଓ ରାଷ୍ଟ୍ରବାଦୀ କଂଗ୍ରେସ (ଏନ୍‌ସିପି) ସହଯୋଗରେ ମିଳିତ ସରକାରର ମୁଖ୍ୟମନ୍ତ୍ରୀ ହୋଇଥିବା ସ୍ଥଳେ ରାଜ୍ ଠାକ୍‌ରେ କୌଣସି ସମୟରେ କ୍ଷମତାର ନିକଟତର ହୋଇପାରି ନାହାନ୍ତି। ତାଙ୍କର ସଂଗଠନ ଏମ୍.ଏନ୍.ଏସ୍ କୌଣସି ନିର୍ବାଚନରେ ଆଖିଦୃଶିଆ ସଫଳତା ହାସଲ କରିବାକୁ ସକ୍ଷମ ହୋଇନାହିଁ। ଘଟଣାଚକ୍ରରେ ଦୁଇଭାଇ ଏବେ ମହାରାଷ୍ଟ୍ର ରାଜନୀତିରେ ଦୁର୍ବଳ ଓ ଶକ୍ତିହୀନ ହୋଇପଡିଥିବା ବେଳେ ଏକନାଥ ସିନ୍ଧେଙ୍କ ନେତୃତ୍ୱରେ ଶିବସେନାର ଏକ ବଡ଼ ଗୋଷ୍ଠୀ ଉଦ୍ଧବଙ୍କ ଠାରୁ ଦୂରେଇ ଯାଇ ନିଜକୁ ମୂଳ ଶିବସେନା ରୂପେ ପତିଆରା ଜାହିର କରିଛି। ସିନ୍ଧେଙ୍କ ନେତୃତ୍ୱାଧୀନ ଶିବସେନା ରାଜ୍ୟରେ ବିଜେପି ନେତୃତ୍ୱାଧୀନ ଫଡନାଭିସ୍ ସରକାରରେ ସାମିଲ ହୋଇଛି। ଏହି ପୃଷ୍ଠଭୂମିରେ ଶନିବାର ଦିନ ଶିବସେନା (ୟୁବିଟି) ଓ ମହାରାଷ୍ଟ୍ର ନବ ନିର୍ମାଣ ସେନାର ମିଳିତ ରାଲିରେ ଦୁଇଭାଇ ମଞ୍ଚ ଉପରେ କେବଳ ଏକାଠି ହୋଇନଥିଲେ, ପରସ୍ପରକୁ ଆଲିଙ୍ଗନ କରିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ରାଜ୍ୟରେ ହିନ୍ଦୀ ଭାଷାର ପ୍ରଚଳନକୁ ବିରୋଧ କରିବା ଆଳରେ ଯଦିଓ ଏହି ସମାବେଶ ଆୟୋଜିତ ହୋଇଥିଲା, ତଥାପି ଗତ ନିର୍ବାଚନରେ ଶୋଚନୀୟ ପରାଜୟ ପରେ ପୁଣି ଥରେ ଠାକ୍‌ରେ ପରିବାରର ପ୍ରଭାବ ଓ ପତିଆରା ବଢ଼ାଇବା ଏହାର ଅସଲ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ମହାରାଷ୍ଟ୍ରରେ ହିନ୍ଦୀ ଭାଷାକୁ ନେଇ ଏବେ ବିବାଦ ଲାଗି ରହିଛି। ରାଜ୍ୟର ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀକୁ ତୃତୀୟ ଭାଷା ରୂପେ ପ୍ରଚଳିତ କରିବାକୁ ଫଡନାଭିସ୍ ସରକାର ନିଷ୍ପତ୍ତି ନେବା ପରେ ପ୍ରବଳ ବିରୋଧ ହେବାରୁ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଇଛି। ତଥାପି ୨୦ବର୍ଷ ପରେ ଦୁଇ ଭାଇ ଗୋଟିଏ ମଞ୍ଚରେ ଏକାଠି ହେବା ରାଜ୍ୟ ରାଜନୀତିକୁ ନିଶ୍ଚିତ ଭାବରେ ଏକ ନୂଆ ବାର୍ତ୍ତା ଦେଉଛି। ମହାରାଷ୍ଟ୍ରରେ ଆଗାମୀ ଦିନରେ ସ୍ଥାନୀୟ ନିର୍ବାଚନ ବିଶେଷ କରି ବିଏମ୍‌ସି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଠାକ୍‌ରେ ପରିବାରର ଏହି ମହାମିଳନ ଦୁଇ ଭାଇଙ୍କୁ କେତେଦୂର ସହାୟକ ହେବ ତାହା କେବଳ ଭବିଷ୍ୟତ ହିଁ କହିବ।

# ତ୍ୟାଗ ଓ ସମର୍ପଣର ଭାବାବେଗ : ସୁନାବେଶ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ଓଡ଼ିଶାର ପରମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥ କେବଳ ଧର୍ମ ସହିତ ଭାବାବେଗରେ ସଂଶ୍ଳିଷ୍ଟ ହୋଇ ନଥାନ୍ତି ବରଂ ପୃଥିବୀର ସମସ୍ତ ଜୀବଜନ୍ତୁ ଓ ପ୍ରକୃତି ସହ ଆବେଗରେ ବନ୍ଧା ହୋଇଥାନ୍ତି। ମଣିଷ ଜନ୍ମ ସମୟରେ ଯେପରି ସେ କିଛି ନେଇ ଆସି ନଥାଏ ମୃତ୍ୟୁ ସମୟରେ ମଧ୍ୟ ସେ ସାଂସାରିକ କୌଣସି ବସ୍ତୁ ବା ପଦାର୍ଥକୁ ସାଥିରେ ନେଇ ନଥାଏ। କେବଳ ତ୍ୟାଗ ଓ ସମର୍ପଣ ହେଉଛି ମଣିଷର ଏକମାତ୍ର ସଞ୍ଚୟ ବୋଲି ଶ୍ରୀଜଗନ୍ନାଥଙ୍କର ସୁନାବେଶ ଶିକ୍ଷା ଦେଇଥାଏ। ପୃଥିବୀରେ ସମସ୍ତ ଧାତୁମାନଙ୍କ ମଧ୍ୟରେ ସୁନାର ମୂଲ୍ୟ ଓ ମାନ୍ୟତା ଯଥେଷ୍ଟ ଅଧିକ ଥାଏ, କାରଣ ଏଥିରେ ଅନେକ ଶକ୍ତି ଓ ଗୁଣ ନିହିତ ରହିଥାଏ। ସେ ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରାର ଅନ୍ତିମ ଦିବସରେ ସୁନାବେଶ ଅନେକ ଶିକ୍ଷା ଦେଇଥାଏ ଯେ ମଣିଷ ଆସକ୍ତି ନହୋଇ ନିର୍ଲୋଭ ହେବା ଜରୁରି। ଯିଏ ଜଗତର ନାଥ ସିଏ ସମସ୍ତ ଜୀବ ଜନ୍ତୁ ତଥା ମଣିଷ ମାନଙ୍କର ମଧ୍ୟ ନାଥ ଅତଏବ ସେଦୃଷ୍ଟିରୁ ବିଚାର କଲେ ଶ୍ରୀମନ୍ଦିରର ଚାରୋଟି ଦ୍ୱାର ଚାରୋଟି ବନ୍ୟପ୍ରାଣୀ ନାମରେ ନାମିତ କରାଯାଇଛି। ତେଣୁ ଏହା ସୂଚିତ କରିଥାଏ ଯେ ଜଗନ୍ନାଥ ମଣିଷକୁ ଯେତିକି ଭଲ ପାଇଥାନ୍ତି ଜୀବଜନ୍ତୁ ବନ୍ୟପ୍ରାଣୀଙ୍କୁ ମଧ୍ୟ ସେତିକି ଶ୍ରଦ୍ଧା କରିଥାନ୍ତି। ସୁନାବେଶ ଯାହା ରାଜ ରାଜେଶ୍ୱରୀ ବେଶ ବା ରାଜଧୀରାଜ ବେଶ ନାମରେ ମଧ୍ୟ ଜଣାଶୁଣା, ଯାହା ଜଗନ୍ନାଥ ମନ୍ଦିରରେ ଏକ ମହତ୍ତ୍ୱପୂର୍ଣ୍ଣ ରୀତିନୀତି, ଯେଉଁଠି ଭଗବାନ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ବହୁ ସୁନା ଅଳଙ୍କାରରେ ସୁସଜ୍ଜିତ କରାଯାଇଥାଏ। ବାହୁଡ଼ା ଯାତ୍ରାର ଅନ୍ତିମ ଦିବସରେ ସୁନାବେଶ ଏକ ଐଶ୍ୱରୀୟ ଗୌରବର ସାକ୍ଷୀ ବୋଲି ବିବେଚନା କରାଯାଏ। ସୁବର୍ଣ୍ଣ ଅଳଙ୍କାର ଦେବତାମାନଙ୍କର ସର୍ବୋଚ୍ଚ ସାର୍ବଭୌମତ୍ୱ ଓ ମନ୍ଦ ଉପରେ ବିଜୟର ପ୍ରତୀକ ଅଟେ। ସୁନା ବେଶ ଭଗବାନ ଜଗନ୍ନାଥଙ୍କ ସହ ଜଡିତ ଐଶ୍ୱରୀୟ ଧନ ଓ ସମୃଦ୍ଧତାକୁ ସୂଚିତ କରାଇଥାଏ ଓ ଏହା ତାଙ୍କର ସର୍ବଶକ୍ତି ତଥା ଦୟାଳୁତାର ପ୍ରମାଣ ଅଟେ। ଦେବତାମାନଙ୍କୁ ସେମାନଙ୍କର ସୁବର୍ଣ୍ଣ ପୋଷାକରେ ସଜ୍ଜିତ କରିବା ଏକ ଗଭୀର ଆଧ୍ୟାତ୍ମିକ ଅନୁଭୂତି ଭାବରେ ବିବେଚନା କରାଯାଏ, ଯାହା ପାପକୁ ବିନାଶ କରିବା ଓ କାଳଜୟୀ ପରମ୍ପରାକୁ ଦୃଢ଼ କରିବା ପାଇଁ ବିଶ୍ୱାସ କରାଯାଏ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ ସୁନାବେଶ ସମୟରେ ସୁସଜ୍ଜିତ ଦେବତାମାନଙ୍କର ଦୃଷ୍ଟି ପାପ ଧୋଇପାରେ, ଇଚ୍ଛା ପୂରଣ କରିପାରିବ ଓ ଆଧ୍ୟାତ୍ମିକ ମୁକ୍ତି ଆଣିପାରେ। ସୁନା ଦେଶ କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ ବରଂ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ, ଯାହା ସମୃଦ୍ଧ କଳା ଓ ଭକ୍ତି ପରମ୍ପରାକୁ ଦର୍ଶାଇଥାଏ। ଏହି ସୁନା ଅଳଙ୍କାରଗୁଡିକ ମନ୍ଦିରର ରତ୍ନ ଭଣ୍ଡାରରେ ଗଚ୍ଛିତ ହୋଇ ସଶସ୍ତ୍ର ସୁରକ୍ଷା ଅଧିକାରୀ ଓ ମନ୍ଦିର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅଣାଯାଇଥାଏ। କୁଶଳୀ କାରିଗରମାନେ ଯତ୍ନର ସହିତ ବିସ୍ତୃତ ସୁନା ଅଳଙ୍କାର ତିଆରି କରନ୍ତି, ଯେଉଁଥିରେ ଶ୍ରୀହସ୍ତ (ସୁନା ହାତ), ଶ୍ରୀପୟର (ସୁନା ପାଦ), ଶ୍ରୀମୁକୁଟ (ସୁନା ମୁକୁଟ), ଶ୍ରୀମଳ (ହାର) ଓ ଅନ୍ୟାନ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ ଥାଏ। ଜଗନ୍ନାଥ ମନ୍ଦିରର ସିଂହଦ୍ୱାର (ମୁଖ୍ୟ ଫାଟକ) ସମ୍ମୁଖରେ ନିଜ ନିଜ ରଥରେ ବସିଥିବାବେଳେ ଦେବତାମାନେ ଏହି ଅଳଙ୍କାରରେ ସୁସଜ୍ଜିତ ହୋଇଥାନ୍ତି। ଜଗନ୍ନାଥଙ୍କ ଡାହାଣ ହାତରେ ଏକ ସୁନା ଚକ୍ର ଓ ବାମ ପାର୍ଶ୍ୱରେ ଏକ ରୂପା ଶଙ୍ଖ ସହିତ ସୁସଜ୍ଜିତ ହୋଇଥାନ୍ତି। ଭଗବାନ ବଳଭଦ୍ରଙ୍କୁ ତାଙ୍କ ଡାହାଣ ହାତରେ ଏକ ସୁନା ଗଦା ଓ ବାମ ପାର୍ଶ୍ୱରେ ଏକ ସୁନା ହଳ ସହିତ ସଜ୍ଜିତ କରାଯାଇଥାଏ। ଦେବୀ ସୁଭଦ୍ରା ଏକ ସୁବର୍ଣ୍ଣ ଅଳଙ୍କାରରେ ସୁସଜ୍ଜିତ ହୋଇଥାନ୍ତି। ଐତିହାସିକ ଦୃଷ୍ଟିକୋଣକୁ ବିଚାର କଲେ ଜଣାଯାଏ ଯେ ରାଜା କପିଳେନ୍ଦ୍ରଦେବଙ୍କ ଶାସନ କାଳରେ ସୁନା ବେଶର ପରମ୍ପରା ଆରମ୍ଭ ହୋଇଥିଲା ଯିଏ ମନ୍ଦିରକୁ ସୁନା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଦାନ କରିଥିଲେ। ଏହି ଦାନରୁ ସୁବର୍ଣ୍ଣ ଅଳଙ୍କାର ତିଆରି କରିବା ଓ ରଥ ଯାତ୍ରା ସମୟରେ ଦେବତାମାନଙ୍କୁ ସେମାନଙ୍କ ସହିତ ସଜାଇବା ପାଇଁ ସେ ମନ୍ଦିର ପୁରୋହିତମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଢ଼ୀ ପରେ ପିଢ଼ୀ ଚାଲିଆସୁଥିବା ସୁନା ଅଳଙ୍କାରଗୁଡ଼ିକ କେବଳ ଅଳଙ୍କାର ନୁହେଁ ବରଂ ଐଶ୍ୱରୀୟ ଶକ୍ତି ଓ ସଂରକ୍ଷଣର ପ୍ରତୀକ। ବାସ୍ତବରେ, ସୁନା ବେଶ ଏକ ମହାନ୍ ଦୃଶ୍ୟ ଯାହା ଧାର୍ମିକ ଉତ୍ସାହ, କଳା କାରିଗରୀ ଓ ସାଂସ୍କୃତିକ ଐତିହ୍ୟକୁ ମିଶ୍ରଣ କରିଥାଏ, ଭକ୍ତମାନଙ୍କୁ ଈଶ୍ୱରଙ୍କ ସହ ଯୋଡିହେବା ଓ ଭଗବାନ ଜଗନ୍ନାଥଙ୍କ ମହିମାକୁ ତାଙ୍କ ସୁବର୍ଣ୍ଣ ରୂପରେ ଅନୁଭବ କରିବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଥାଏ। ସୁନା ବେଶ, ଯାହା ରାଜଧୀରାଜ ବେଶ ରାଜ ବେଶ, ଓ ରାଜରାଜେଶ୍ୱର ବେଶ ନାମରେ ମଧ୍ୟ ଜଣାଶୁଣା। ସୁନାବେଶ ଗୋଟିଏ ବର୍ଷରେ ୫ଥର ପାଳନ କରାଯାଏ। ଏହା ସାଧାରଣତଃ ପୌଷ ପୂର୍ଣ୍ଣିମା, ବାହୁଡ଼ା ଏକାଦାଶୀ, ଦଶହରା, କାର୍ତ୍ତିକ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମାରେ ପାଳନ କରାଯାଏ। ସିଂହଦ୍ୱାରରେ ରଖାଯାଇଥିବା ରଥରେ ରଥଯାତ୍ରା ସମୟରେ ବାହୁଡ଼ା ଏକାଦାଶୀରେ ଏହିପରି ଏକ ସୁନା ବେଶ କାର୍ଯ୍ୟକ୍ରମ ପାଳନ କରାଯାଉଥିବାବେଳେ ଅନ୍ୟ ଚାରିଟି ବେଶ ରତ୍ନ ସିଂହାସନ ଉପରେ ମନ୍ଦିର ଭିତରେ ପାଳନ କରାଯାଏ। ଉତ୍କଳର ରାଜା ଅନଙ୍ଗଭୀମ ଦେବଙ୍କ ଶାସନ କାଳରେ ପ୍ରଭୁ ଜଗନ୍ନାଥଙ୍କୁ 'ଉତ୍କଳ ସମ୍ରାଟ' ଭାବରେ ଘୋଷଣା କରାଯାଇଥିଲା ଓ ସେତେବେଳକୁ ପୁରୀର ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଥିଲା। ରାଜା କପିଳେନ୍ଦ୍ରଦେବଙ୍କ ଶାସନ କାଳରେ ସୁନା ବେଶ ପରିଚିତ ହୋଇଥିଲା ଯେତେବେଳେ କପିଳେନ୍ଦ୍ରଦେବ ଦକ୍ଷିଣ ଭାରତର ଶାସକମାନଙ୍କ ଉପରେ ଯୁଦ୍ଧ ଜିତିବା ପରେ ଘରକୁ ବିଜେ ହୋଇଥିଲେ ସେତେବେଳେ ସେ ଏକ ବିରାଟ ଅନୁଦାନ ଆଣିଥିଲେ ଯାହା ୧୬ଟି ଶଗଡ଼ ବା ହାତୀ ଭାରରେ ବହନ କରାଯାଇଥିଲା। ସେ ସଂଗ୍ରହ କରିଥିବା ସାମଗ୍ରୀ ଗୁଡ଼ିକରେ ଅନେକ ହୀରା ଓ ସୁନା ରହିଥିଲା। ପୁରୀର ଜଗନ୍ନାଥ ମନ୍ଦିରର ସେବକଙ୍କ ପରାମର୍ଶ କ୍ରମେ କପିଳେନ୍ଦ୍ର ଦେବ ସମସ୍ତ ଅଳଙ୍କାର ସାମଗ୍ରୀକୁ ଭଗବାନ ଜଗନ୍ନାଥଙ୍କୁ ଦାନ କରିଥିଲେ ଯାହା ଥିଲା ସମର୍ପଣ ଓ ତ୍ୟାଗର ମହନୀୟ ଭାବାବେଗ। ସୁନା ବେଶର ଗୋଟିଏ ଦିନ ପରେ ଭଗବାନ ଜଗନ୍ନାଥ ଓ ଅନ୍ୟ ଦେବତାମାନଙ୍କୁ ଆନୁଷ୍ଠାନିକ ଭାବରେ ଏକ ମିଠା ରସର ଏକ ମିଶ୍ରଣ ପ୍ରଦାନ କରାଯାଏ, ଯାହା ସ୍ଥାନୀୟ ବ୍ୟବହାରରେ ଅଧର ପଣା ଭାବରେ ଜଣାଶୁଣା। ଏହି ରସକୁ ଉପବାସ ଭାଙ୍ଗିବା ପାଇଁ ସେମାନଙ୍କର ବ୍ୟକ୍ତିଗତ ରଥରେ ଦେବତାମାନଙ୍କର ଏକ ନିବେଦନ ଭାବରେ ଅର୍ପଣ କରାଯାଏ। ମନ୍ଦିର ସୂତ୍ର ଅନୁଯାୟୀ, ଅତୀତରେ ଦେବତାମାନଙ୍କୁ ଶୋଭା ଦେବା ପାଇଁ ବ୍ୟବହୃତ ସୁନା ଅଳଙ୍କାରର ମୋଟ ଓଜନ ୨୦୮ କିଲୋଗ୍ରାମରୁ ଅଧିକ ଥିଲା ଯାହା ପ୍ରଥମେ ୧୩୮ ପ୍ରକାରର ଆଭୁଷଣ ଥିଲା ଯାହା ବର୍ତ୍ତମାନ କେବଳ ୨୦-୩୦ ପ୍ରକାରର ବ୍ୟବହୃତ ହେଉଛି। ଏହି ରୀତିନୀତି ଓଡ଼ିଶା ପାଇଁ ଅର୍ଥନୈତିକ ଓ ସାମାଜିକ ମହତ୍ତ୍ୱ ମଧ୍ୟ ରଖିଛି। ସୁନାବେଶ ଉତ୍ସବ ହଜାର ହଜାର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ, ସ୍ଥାନୀୟ ବ୍ୟବସାୟକୁ ବୃଦ୍ଧି କରିଥାଏ ଓ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ଜୀବନ୍ତ ପ୍ରଦର୍ଶନ ପ୍ରଦାନ କରିଥାଏ। ସୁନାବେଶରେ ଭଗବାନ ଏହା ସୂଚନା ଦେଇଥାନ୍ତି ଯେ ମୋ ନିକଟରେ ଏତେ ଅମୂଲ୍ୟ ସମ୍ପଦ ଥିଲେ ମଧ୍ୟ ତାହା ହେଉଛି ସମର୍ପଣ ଓ ତ୍ୟାଗର ପ୍ରତୀକ ତଥା ସମାନତାର ଦୃଷ୍ଟାନ୍ତ ଯେଉଁଥିରେ ନଥାଏ ଗର୍ବ ହିଂସା ଅହଂକାର ଓ ଦାମ୍ଭିକତା। ସମ୍ପ୍ରତି ଅନେକ ବ୍ୟକ୍ତି ସୁନା କ୍ରୟ କରି ବା ପରିଧାନ କରି ନିଜକୁ ଅନେକ ଗର୍ବ ବା ଅହଂକାରରେ ନିଜକୁ ଆତ୍ମଗର୍ବିତ ହୋଇଥାନ୍ତି ଯେଉଁଥିରେ ନା ଥାଏ ଆଦର୍ଶ ନା ଥାଏ ନୈତିକତାର ନିଷ୍ଠା। ଯେଉଁ ରାଜା ଏତେ ଗୁଡ଼ିଏ ସୁନାକୁ ନିଜ ପାଇଁ ବ୍ୟବହାର ନକରି ଈଶ୍ୱରଙ୍କ ନିକଟରେ ସମର୍ପଣ କଲେ, ସେଥିରୁ ଶିକ୍ଷା ମିଳିଥାଏ ଯେ ମଣିଷ ସବୁବେଳେ ନିଜର ନୀତି ନିଷ୍ଠା ତ୍ୟାଗ ଓ ସମର୍ପଣରେ ବନ୍ଧା ହେବା ଜରୁରି ଯାହା ମଣିଷକୁ ଦିଏ ଅନେକ ଶାନ୍ତି ଓ ନିଜସ୍ୱ ପରିଚୟ। ତେଣୁ ସୁନା ବେଶ ହେଉଛି ମଣିଷର ଦୈନନ୍ଦିନ ଜୀବନର ହୃଦୟର ସୁନାବେଶ ଓ ଶରୀରର ରୋପ୍ୟବେଶ ଯାହା ନିର୍ଦ୍ଦେଶ ଦିଏ ମଣିଷକୁ ମାର୍ଜିତ ଜୀବନଧାରା ଓ ନୈତିକ ମୂଲ୍ୟବୋଧର ଜୀବନଶୈଳୀ।

# 'ସବୁଜ ସ୍ୱର୍ଣ୍ଣ' ଖୋଜେ ନୂଆ ପରିଚୟ



ରାକେଶ ପଣ୍ଡା
ବନ୍ଦାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

୧୯୭୮ ମସିହାରେ ନିର୍ମିତ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ର 'ଡନ୍'ରେ ଅମିତାଭ ବଚନଙ୍କ ଦ୍ୱାରା ଅଭିନୀତ ପାନକୁ ନେଇ ଏକ ପ୍ରସିଦ୍ଧ ଗୀତ 'ଖାଇକେ ପାନ ବନାରସ ବାଲା' ସେହି ସମୟରେ ସାରା ଦେଶରେ ଦର୍ଶକଙ୍କ ହୃଦୟରେ ଏକ ଭଲପାଇବାର ଧାରା ସୃଷ୍ଟି କରିଥିଲା ଏବଂ ଯେଉଁ ଗୀତ ପାଇଁ ଆଜିର ସମୟରେ ମଧ୍ୟ ସାଧାରଣ ଲୋକଟିଏର ମନରେ ଉତ୍ସାହ ତଥା ହୃଦୟରେ ଏକ ସ୍ୱତନ୍ତ୍ର ଛାପ ଦେଖିବାକୁ ମିଳିଥାଏ। ତେବେ, ସବୁଜ ରଙ୍ଗର ସେ ପତ୍ରକୁ କିଏ ନ'ଜାଣେ। ବୁଢ଼ୀ ମା' ର କାଠପେଡି ହେଉ ଅବା ଜେଜେ ବାପାଙ୍କର ବଟୁଆ, କିମ୍ବା ବାପାଙ୍କ ପ୍ୟାଣ୍ଟ ପକେଟରେ ଛୋଟ ଏକ ଜରି ଥଳିରେ ତା'ର ବାସସ୍ଥାନ। ତେବେ, ସେ ଖାଇବା ପରେ, ଅବା ଅବସରରେ, ଟେଲିଭିଜନରେ ଚଳଚ୍ଚିତ୍ର ମଜା ନେଲା ବେଳେ, ନାଚ ଦେଖିବା ସମୟରେ, ଗୁଳିଖଟି ସାଙ୍ଗସାଥି ମେଳରେ, ତାସ୍ ଖେଳରେ ମଜିଲା ପରେ, ଧାର୍ମିକ କାର୍ଯ୍ୟ ତଥା ପୂଜା କର୍ମରେ, କ୍ଷେତରେ କାମ କରିବା ବେଳେ ଅବା ଘରକୁ ଅତିଥି ଆସିଲେ ତାଙ୍କ ଆତିଥେୟତାରେ, ଭାରତୀୟ ତଥା ଓଡ଼ିଆ ସଭ୍ୟତାର ପ୍ରାୟତଃ ପ୍ରତ୍ୟକ ସ୍ଥାନ ଓ ପରିସ୍ଥିତିରେ 'ପାନ' ଖଣ୍ଡେ ନହେଲେ ନ'ଚଳେ। ଯାହାକି ଆମ ପରମ୍ପରା ଓ ସଂସ୍କୃତିର ଏକ ଅବିଚ୍ଛେଦ ଅଂଶ ଅଟେ। ଯେଉଁ 'ପାନ' ଅବା 'ପାନପତ୍ର'କୁ ଭାରତର 'ସବୁଜ ସ୍ୱର୍ଣ୍ଣ' ଭାବରେ ଅଭିହିତ କରାଯାଇଛି।

'ପାନପତ୍ର' ଏକ ବହୁବର୍ଷୀୟ, ଦ୍ୱିପକ୍ଷୀୟ, ଚିରହରିତ ଲତା, ଯାହାକି ଭାରତର ଆର୍ଦ୍ର, ଉଷ୍ଣକଟିବନ୍ଧୀୟ ଏବଂ ଉପ-ଉଷ୍ଣକଟିବନ୍ଧୀୟ ଅଞ୍ଚଳରେ ଚାଷ କରାଯାଏ। ଏହା ଆନ୍ଧ୍ରପ୍ରଦେଶ, ଆସାମ, ବିହାର, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ତାମିଲନାଡୁ, ତ୍ରିପୁରା, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗର ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥକାରୀ ଫସଲ ଅଟେ। ଭାରତରେ ଏହାକୁ ବହୁ ପ୍ରାଚୀନ କାଳରୁ ଚାଷ କରାଯାଇ ଆସୁଛି। ଯାହାକି, ଗତ ୨୦-୨୫ ବର୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ କାର୍ଯ୍ୟକଳାପକୁ ବହନ କରୁଛି। ପାନ ଲତା ଚାଷ ଏବଂ ପାନ ପତ୍ରର ବ୍ୟବହାର ଭାରତ ଏବଂ ଓଡ଼ିଶାରେ ଏକ ପାରମ୍ପରିକ ଓ ବ୍ୟାପକ ପ୍ରଥା ଅଟେ। ୨୦୧୭-୧୮ ମସିହାର ଏକ ସର୍ଭେ ରିପୋର୍ଟ ଅନୁସାରେ, ଓଡ଼ିଶାରେ ପାନ ଲତା କ୍ଷେତ୍ରଫଳ ୨୦୪୬ ହେକ୍ଟରରେ ଚାଷ ହେବା ସହ ଏଠାରେ ପ୍ରାୟ ୯୯୭୬୫ ଲକ୍ଷ ପତ୍ର ଉତ୍ପାଦିତ ହୁଏ। ରାଜ୍ୟର ମୁଖ୍ୟତଃ ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ପୁରୀ, କଟକ ଏବଂ ଗଞ୍ଜାମ ଭଳି ଜିଲ୍ଲା ମାନଙ୍କରେ ଏହା ବହୁଳ ଭାବରେ ଚାଷ କରାଯାଏ। ସାରା ବିଶ୍ୱରେ ୯୦ରୁ ଅଧିକ ପ୍ରକାରର ପାନ ପତ୍ର ମିଳେ, ଯେଉଁଥିରୁ ୭୫ ପ୍ରକାରର ଭାରତରେ ମିଳିଥାଏ।

ପାନ ପାତ୍ର ତଥା ପାନ ଚାଷର ଅନେକ ଅର୍ଥନୈତିକ ତଥା ବ୍ୟବସାୟିକ ଗୁରୁତ୍ୱ ମଧ୍ୟ ରହିଛି। ଏହା ଚାଷ ହେଉଥିବା ଅଞ୍ଚଳର ଅନେକ ପରିବାରର ଜୀବିକା ନିର୍ବାହରେ ସହାୟକ ହୁଏ ଏବଂ ଗ୍ରାମୀଣ ଚାଷୀମାନଙ୍କୁ ଜୀବିକା ପ୍ରଦାନ କରେ। ଚାଷୀମାନେ ଅନ୍ୟ ଫସଲରୁ ଋତୁକାଳୀନ ଆୟ ସଂଗ୍ରହ କରିଥାନ୍ତି, କିନ୍ତୁ ପାନ ଚାଷ ସେମାନଙ୍କ ନିମନ୍ତେ ଗୋଟିଏ ଛୋଟ ଜମିରୁ ବର୍ଷସାରା ଆୟ କରିବାର ସ୍ରୋତ ସାଜିଥାଏ। ଏହାଦ୍ୱାରା ଦାରିଦ୍ର୍ୟ ଏବଂ ବେକାରୀ ସ୍ତର ମଧ୍ୟ ହ୍ରାସ ହୋଇଥାଏ। ପାନ ଲତା ଚାଷ ବହୁତ ଶ୍ରମପ୍ରବଣ ଏବଂ ବିଶେଷକରି ଛୋଟ ଜମି ପାଇଁ ଉପଯୁକ୍ତ। ଥରେ ପ୍ରତିଷ୍ଠା ହେବା ପରେ, ଏକ ପାନ ଲତା ବଗିଚା କୃଷକମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ନିଯୁକ୍ତି ଏବଂ ନଗଦ ଆୟର ଏକ ଚିରସ୍ଥାୟୀ ଉତ୍ସ ହୋଇଯାଏ। ରାଜ୍ୟରେ, ଘରୋଇ ବ୍ୟବହାର ବ୍ୟତୀତ, ପାନ ପତ୍ର ବାରାଣସୀ, ମୁମ୍ବାଇ ଏବଂ ଭାରତର ଅନ୍ୟ ବଡ ଓ ଛୋଟ ସହରମାନଙ୍କୁ ମଧ୍ୟ ରପ୍ତାନି କରାଯାଏ। ୨୦୧୯ ମସିହାରେ ପାନ ପତ୍ରର ବାଣିଜ୍ୟିକ ପ୍ରୟୋଗ ଉପରେ କରାଯାଇଥିବା ଏକ ଅଧ୍ୟୟନର ବିବରଣୀ ଅନୁସାରେ, ଏହାର ଅନେକ ବାଣିଜ୍ୟିକ ପ୍ରୟୋଗ ରହିଛି। ଯାହାକି' ଶିଳ୍ପ କ୍ଷେତ୍ରରେ ସାମ୍ପୁ, ମାଉଥୱାସ୍, ଔଷଧୀୟ ଉତ୍ପାଦ, ପ୍ରସାଧନ ସାମଗ୍ରୀ, ସାବୁନ, ଆଣ୍ଟିସେପ୍ଟିକ୍ ଲୋସନ୍, ଟୁଥପେଷ୍ଟ, ବ୍ୟକ୍ତିଗତ ଯତ୍ନ ଉତ୍ପାଦ ଏବଂ ସୁଗନ୍ଧି ତିଆରି ପାଇଁ ବ୍ୟବହୃତ ହୁଏ। ଏତଦବ୍ୟତୀତ, ଖାଦ୍ୟ ଶିଳ୍ପରେ ପ୍ରକ୍ରିୟାକରଣ ଏବଂ ସଂରକ୍ଷଣ ସମୟରେ ଉତ୍ପାଦଗୁଡ଼ିକର ସେଲଫ ଲାଇଫ୍ ସୁରକ୍ଷା ଓ ବୃଦ୍ଧି କରିବା ନିମନ୍ତେ ପାନ ପତ୍ରର ଅର୍କ ବ୍ୟବହାର କରାଯାଏ। ଏଥିରେ ଆଣ୍ଟିଫଙ୍ଗାଲ ଗୁଣ ମଧ୍ୟ ରହିଅଛି ଯାହା ନଷ୍ଟଶୀଳ ଖାଦ୍ୟରେ ଖାଦ୍ୟ ନଷ୍ଟ ହେବାର ସମ୍ଭାବନାକୁ ହ୍ରାସ କରିଥାଏ, ଯେଉଁଥିପାଇଁ, ଏହା ଏକ ଖାଦ୍ୟ ମିଶ୍ରଣ ଭାବରେ ବ୍ୟବହୃତ ହୋଇଥାଏ।

ଅପରପକ୍ଷରେ, ପାନ ପତ୍ରକୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ଉପଚାର ତଥା ଔଷଧ ଭାବରେ ବ୍ୟବହାର କରାଯାଏ। ଏହା ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-ଫଙ୍ଗାଲ୍, ଆଣ୍ଟି-ମାଇକ୍ରୋବାଏଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣରେ ଭରପୂର ଅଟେ। ଯାହାକି' ବିଭିନ୍ନ ଔଷଧୀୟ ଗୁଣରେ ଅବଦାନ ରଖେ। କିଛି ଅଧ୍ୟୟନରୁ ଜଣାପଡିଛି ଯେ ପାନ ପତ୍ର କ୍ଷତ ସୁସ୍ଥ କରିବାରେ ସାହାଯ୍ୟ କରିଥାଏ, ମୁଖ ସ୍ୱାସ୍ଥ୍ୟ ତଥା ସୌନ୍ଦର୍ଯ୍ୟରେ ଉନ୍ନତି ଆଣିଥାଏ ଏବଂ କିଛି ରୋଗକୁ ରୋକିବାରେ ମଧ୍ୟ ଏହା ସହାୟକ ହୋଇଥାଏ। ଏହାଛଡା, ପାନ ପତ୍ରକୁ ଯୋନି ଡୋଚିଂ, ମଧୁମେହ ରୋଗର ଚିକିତ୍ସା, ଗାର୍ଗଲ ମାଉଥୱାସ୍, ଚର୍ମ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ଏହା ପାଟିର ଦୁର୍ଗନ୍ଧ ଦୂର କରିବା, ମାଢ଼ିକୁ ମଜବୁତ ରଖିବା ନିମନ୍ତେ ସହାୟକ ହୋଇଥାଏ। ଏହାର ସେବନ ଦ୍ୱାରା ଓଜନ ବଜାୟ ରହେ ଏବଂ ଗଳା ମଧ୍ୟ ସଫା ହୋଇଥାଏ। ଏହି ଗଛର ପତ୍ର ସୁଗନ୍ଧି, କୀଟନାଶକ, ତେଲ ଏବଂ ଅଳଙ୍କାର ପ୍ରସ୍ତୁତି ତଥା ଖାଦ୍ୟ ଏବଂ ମସଲାରେ ବ୍ୟବହୃତ ହୁଏ। 'ଭୋଜନକୁତୁହଲମ୍' ଭଳି ପ୍ରାଚୀନ ଶାସ୍ତ୍ରୀୟ ଆୟୁର୍ବେଦିକ ଗ୍ରନ୍ଥରେ କୁହାଯାଇଛି ଯେ ଖାଦ୍ୟ ଆରମ୍ଭ ପରେ ପାଚନ ପ୍ରକ୍ରିୟା ଉନ୍ନତ କରିବା ପାଇଁ ପାନପତ୍ର ଖାଇବା ସ୍ୱାସ୍ଥ୍ୟକର ଅଟେ। ଏଥିରେ କାଟାଲେଜ୍ ଏବଂ ଡାଏଷ୍ଟେଜ୍ ଭଳି ଏନଜାଇମ୍ ଥାଏ, ଯାହା ହଜମ ପ୍ରକ୍ରିୟାରେ ଏକ ବଡ଼ ଭୂମିକା ଗ୍ରହଣ କରେ।

ଏହା ଛଡା, ଭାରତୀୟ ସଭ୍ୟତା ଓ ସଂସ୍କୃତିରେ ପାନ ପତ୍ରର ଅନେକ ସାଂସ୍କୃତିକ ଗୁରୁତ୍ୱ ମଧ୍ୟ ରହିଅଛି। ପାନପତ୍ରକୁ ପବିତ୍ରତା ଶୁଦ୍ଧତା, ସମୃଦ୍ଧି ଏବଂ ସତେଜତାର ପ୍ରତୀକ ଭାବରେ ଦେଖାଯାଏ, ଯାହା ପୂଜା ସମୟରେ ଏକ ନୂତନ ଆଧ୍ୟାତ୍ମିକ ଭାବନାର ଆରମ୍ଭକୁ ଚିହ୍ନିତ କରେ। ଯାହାକି' ପାରମ୍ପରିକ ଭାବରେ ଧାର୍ମିକ ଉତ୍ସବ, ସାମାଜିକ ସମାବେଶ ଏବଂ ବିଭିନ୍ନ ପୂଜା ତଥା ହୋମ, ଯଜ୍ଞ ଆଦି ଶୁଭ କାର୍ଯ୍ୟମାନଙ୍କରେ ବ୍ୟବହୃତ ହୋଇଥାଏ। ପୂଜା ସମୟରେ ଦେବତାଙ୍କ ସମ୍ମୁଖରେ ପାନପତ୍ର ରଖି ପୂଜା କରିବା ହେଉଛି ଶ୍ରଦ୍ଧା ଏବଂ ନୈବେଦ୍ୟର ପ୍ରତୀକ। ହିନ୍ଦୁ ବିବାହ ସମୟରେ, ପାନ ପତ୍ରକୁ ଶୁଭର ପ୍ରତୀକ ଭାବରେ ବିବେଚନା କରାଯାଏ ଏବଂ ଦମ୍ପତିଙ୍କ ନୂତନ ଜୀବନରେ ସୌଭାଗ୍ୟ ଏବଂ ସମୃଦ୍ଧି ଆଣିବା ପାଇଁ ବିଭିନ୍ନ ବିବାହ ରୀତିନୀତିରେ ବ୍ୟବହାର କରାଯାଏ। କିଛି ରାଜ୍ୟର ପରମ୍ପରାରେ, ବିବାହ ସମୟରେ ବରକୁ ପାନ ଖୁଆଇବା ପ୍ରଥା ରହିଛି, ଯାହା ସୂର୍ଯ୍ୟ ଏବଂ ଶୁକ୍ର ଗ୍ରହକୁ ଶକ୍ତିଶାଳୀ କରିଥାଏ, ବୈବାହିକ ଜୀବନକୁ ସମୃଦ୍ଧ କରିଥାଏ ଏବଂ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ଆଣିଥାଏ ବୋଲି ବିଶ୍ୱାସ କରାଯାଏ। ପାନ ପତ୍ର ମଧ୍ୟ ବିବାହିତ ମହିଳାଙ୍କ ୧୬ଟି ଅଳଙ୍କାର କିମ୍ବା ସୋଲାହ ଶୃଙ୍ଗାରର ଏକ ଅତ୍ୟାବଶ୍ୟକ ଅଂଶ ଅଟେ। ଏହାକୁ ହିନ୍ଦୁ ଧର୍ମରେ ଧନର ଦେବୀ ଲକ୍ଷ୍ମୀଙ୍କ ଆସନ ବୋଲି ମଧ୍ୟ କୁହାଯାଏ।

ପାନ ପତ୍ରର ଅନେକ ପୁଷ୍ଟିକର ମୂଲ୍ୟ ରହିଅଛି। ପତ୍ରରେ ବିଭିନ୍ନ ଆମିନୋ ଏସିଡ୍ ରହିଥାଏ, ଯାହା ଏହାର ପୁଷ୍ଟିକର ମୂଲ୍ୟକୁ ଆହୁରି ବୃଦ୍ଧି କରିଥାଏ। ରାନ୍ଧଣାଗତ ଏବଂ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରରେ ଏହା ବ୍ୟବହୃତ ହୁଏ। ପାନ ପତ୍ର ଭିଟାମିନ୍, ଖଣିଜ ପଦାର୍ଥ ଏବଂ ଆଣ୍ଟିଅକ୍ସିଡାଣ୍ଟର ଏକ ଭଲ ଉତ୍ସ, ଯାହା ଉତ୍ତମ ସ୍ୱାସ୍ଥ୍ୟର ଲାଭ ପ୍ରଦାନ କରେ। ଏହାଛଡା, ଏଥିରେ ଭିଟାମିନ୍ ବି କମ୍ପ୍ଲେକ୍ସ, ଭିଟାମିନ୍ ସି, ନିଆସିନ୍, ରାଇବୋଫ୍ଲାଭିନ୍ ଏବଂ କ୍ୟାରୋଟିନ୍ ପରି ଭିଟାମିନ୍ ମଧ୍ୟ ରହିଥାଏ। ଏଗୁଡ଼ିକ ଖଣିଜ ପଦାର୍ଥ ଏବଂ କ୍ୟାଲସିୟମର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଏଥିରେ ପାନ ତେଲ ସମେତ ଅତ୍ୟାବଶ୍ୟକୀୟ ତେଲ ଥାଏ, ଯେଉଁଥିରେ ସାଇକୋଏକ୍ଟିଭ୍ ଫିନୋଲ୍ ଏବଂ କ୍ୟାଡିନେନ୍ ନାମକ ଏକ ଆଲକାଲଏଡ୍ ଉତ୍ତେଜକ ଥାଏ। ତାଜା ପାନ ପତ୍ରରେ ଆର୍ଦ୍ରତା ତଥା ଜଳର ପରିମାଣ ପ୍ରାୟ ୮୫-୯୦% ରହିଥାଏ। ଏଥିରେ ପ୍ରୋଟିନ୍, ଚର୍ବି, ଫାଇବର ଏବଂ କାର୍ବୋହାଇଡ୍ରେଟ୍ ମଧ୍ୟ ଥାଏ। ଯାହାକି' ପାନପତ୍ରର ଉତ୍ତମ ଓ ଶ୍ରେଷ୍ଠ ପୁଷ୍ଟିକର ଗୁଣବତ୍ତାକୁ ସ୍ପଷ୍ଟ ପ୍ରତିପାଦିତ କରିଥାଏ।

ତେବେ, ସାଂସ୍କୃତିକ ମୂଲ୍ୟବୋଧ, ଔଷଧୀୟ ଗୁଣ, ପୁଷ୍ଟିକର ମୂଲ୍ୟ, ଅର୍ଥନୈତିକ ଲାଭ ତଥା ରୋଜଗାର ଓ ଆତ୍ମନିର୍ଭରଶୀଳତାର ପ୍ରତୀକାତ୍ମକ ଗୁରୁତ୍ୱ ବହନ କରୁଥିବା ଏହି ପାନ ପତ୍ର ତଥା ସବୁଜ ସ୍ୱର୍ଣ୍ଣ ଆଜି ନୂତନ ଏକ ପରିଚୟର ଅନୁସନ୍ଧାନରେ ରହିଛି। ଏହା 'ଜାତୀୟ ପତ୍ର'ର ମାନ୍ୟତା ପାଇବା ନିମନ୍ତେ ଯୋଗ୍ୟ ଦ୍ରବ୍ୟ ଅଟେ। ଯେଉଁ ମାନ୍ୟତା ପ୍ରାପ୍ତ ନିମନ୍ତେ ଓଡ଼ିଶା ସରକାର ଉପଯୁକ୍ତ ପ୍ରକ୍ରିୟାକୁ ଅନୁସରଣ କରି ଭାରତ ସରକାରଙ୍କ ନିକଟରେ ଦରକାରୀ ଆବେଦନ ପତ୍ର ଉପସ୍ଥାପିତ କରିବା ଜରୁରି। ଏଥିସହ ପାନ ପାତ୍ର ପାଇଁ ଏକ 'ଜାତୀୟ ପାନ ଦିବସ' ମଧ୍ୟ ଘୋଷଣା କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କର ସମ୍ପୃକ୍ତ ବିଭାଗ ଦ୍ୱାରା ଭାରତ ସରକାରଙ୍କ ନିକଟରେ ନିବେଦନ କରାଯିବା ଉଚିତ୍। ଏତଦ୍‌ବ୍ୟତୀତ, ପାନ ପତ୍ରର ଅଧିକ ଅମଳ ଉଦ୍ଦେଶ୍ୟରେ ରାଜ୍ୟର ଚାଷୀ ମାନଙ୍କୁ ଆର୍ଥିକ ଅନୁଦାନ ତଥା କମ୍ ସୁଧରେ ଋଣ ପ୍ରଦାନ, ଆଧୁନିକ ଜ୍ଞାନ କୌଶଳ, ବ୍ୟବସାୟିକ ତଥା ବଜାର ଭିତ୍ତିକ ସହଯୋଗ ପ୍ରଦାନ କରି ଏହାର ଚାଷକୁ ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ କରିବା ନିମନ୍ତେ ଦରକାରୀ ପଦକ୍ଷେପ ନିଆଯିବା ବିଧେୟ। ଯାହାଦ୍ୱାରା, ଏହାର ଅମଳ ବଢିବା ସହ ବିଦେଶକୁ ହେଉଥିବା ରପ୍ତାନୀର ପରିମାଣରେ ମଧ୍ୟ ବୃଦ୍ଧି ଘଟିବ।

# ରଥଯଜ୍ଞର ଶାନ୍ତି ଉଦକ : ଅଧରପଣା



ବିପିନ ବିହାରୀ ମହାନ୍ତି
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ
ଖୋର୍ଦ୍ଧା, ମୋ : ୯୯୩୮୩୪୧୩୮

ଶ୍ରୀଜଗନ୍ନାଥ ସଂସ୍କୃତିରେ ପ୍ରତିଟି କଥାର ବିଶେଷତ୍ୱ ଅଛି। ଏହି କାରଣରୁ ଶ୍ରୀଜୀଉମାନଙ୍କ ଠାରେ ଲାଗି ହେଉଥିବା ପଣାଭୋଗ ଗୁରୁତ୍ୱପୂର୍ଣ୍ଣ ଅଟେ। ଶ୍ରୀମନ୍ଦିରରେ ବୈଶାଖ ମାସରୁ ଆରମ୍ଭ କରି ଆଷାଢ଼ ପୂର୍ଣ୍ଣିମା ଯାଏ ଶ୍ରୀଜୀଉମାନଙ୍କୁ ପଣାଭୋଗ ଲାଗି କରାଯାଏ। ଚନ୍ଦନଯାତ୍ରା ସମୟରେ ଆଲଟଲାଗି ପରେ ଜୀଉମାନେ ଶୀତଳ ପ୍ରପାନକ ମଣୋହି କରନ୍ତି। ଅଣସର ସମୟରେ ଯେଉଁ ପଣା ଜୀଉମାନଙ୍କୁ ଲାଗିହୁଏ ତାହା ଅତି ସୁସ୍ୱାଦୁ। ଆଷାଢ଼ ଶୁକ୍ଳ ଦଶମୀ ଦିନ ଜୀଉମାନଙ୍କର ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ବାହୁଡ଼ା ଯାତ୍ରା ପରେ ନୀଳାଦ୍ରିବିଜେ ପୂର୍ବରୁ ଶୁକ୍ଳ ଦ୍ୱାଦଶୀ ଦିନ ଯେଉଁ ପଣା ଜୀଉମାନଙ୍କୁ ସିଂହଦ୍ୱାରସ୍ଥିତ ରଥ ଉପରେ ଲାଗି କରାଯାଏ, ଏହାର ନାମ ଅଧରପଣା। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଲିପିବଦ୍ଧ ଅଛି ଯେ, ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ପରେ ଅଧରପଣା ଲାଗି ହୁଏ। ଏହା ଦଶମୀ ଦିନ ରଥମାନେ ସିଂହଦ୍ୱାରସ୍ଥ ହେଲେ ଲାଗିବା କଥା; କିନ୍ତୁ ସମୟାଭାବରେ ଏହା ଏକାଦଶୀ ଦିନ ଅନୁଷ୍ଠିତ ହେଉଛି। ଏବେକୁ ସେହି କାରଣରୁ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଅବସରରେ ନୀଳାଦ୍ରୀ ବିଜେ ପୂର୍ବରୁ ଅଧରପଣା ଭୋଗ କରାଯାଉଛି।

ଏହି ଅଧରପଣା ହେଉଛି ରଥଯଜ୍ଞର ବା ରଥଯାତ୍ରା ଜନିତ କ୍ଳାନ୍ତିର ଅପନୋଦନ ନିମନ୍ତେ ଶାନ୍ତି ଉଦକ। ଏ ଅଧରପଣା ଜୀଉମାନଙ୍କ ପ୍ରସାଦ ପରେ ରଥାରୁଢ଼ ଅନୁଚରଗଣ ପାଇଥାନ୍ତି। ରଥଯାତ୍ରା ସମୟରେ ରଥପ୍ରତିଷ୍ଠା ବେଳେ ରଥପିଢ଼ି ଠାରୁ ଆରମ୍ଭ କରି ଧ୍ୱଜ ଓ ନେତ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବିଭିନ୍ନ ଦେବତା, ଋଷି, ଗନ୍ଧର୍ବ, ଯକ୍ଷ, ରକ୍ଷ, କିନ୍ନର, ଚଣ୍ଡି, ଚାମଣ୍ଡା, ଅଶରୀରୀ, ପିଶାଚ ଓ ଅନ୍ୟାନ୍ୟ ଯୋନିର ଦେବଦେବୀ ଗଣଙ୍କୁ ଆହ୍ୱାନ କରାଯାଇ ରଥରେ ସ୍ଥାନୀତ କରାଯାଇଥାଏ। ନବଦିନ ଯାତ୍ରାରେ ସେମାନେ ପ୍ରଭୁଙ୍କ ଅନୁଚର ଓ ରଥ ରକ୍ଷକ ଭାବେ ସେବା ଦେଇଥାନ୍ତି। ଯଜ୍ଞ ଶେଷରେ ଅଗ୍ନିକୁ ଶାନ୍ତି ପାଇଁ ଶୀତଳ ପ୍ରପାନକ ଅର୍ପଣ କଲାପରି ରଥଯଜ୍ଞରେ ସଂପୃକ୍ତ ସମସ୍ତଙ୍କୁ ଏ ଶାନ୍ତିର ଉଦକ ମିଳିବା ପରେ ରଥାଶ୍ରିତ ଦେବତା, ରକ୍ଷକ, ଗନ୍ଧର୍ବ, ପିଶାଚ ମାନେ ସ୍ୱ ସ୍ୱ ସ୍ଥାନ ଗମନ କରିଥାନ୍ତି।

ଅଧରପଣା ହେଉଛି ବାହୁଡ଼ା ପରେ ସିଂହଦ୍ୱାରରେ ରଥାରୁଢ଼ ଅବସ୍ଥାରେ ଠାକୁରଙ୍କ ଅଧରକୁ ସ୍ପର୍ଶ କରୁଥିବା ପଣାଭୋଗ। ଜୀଉମାନଙ୍କୁ ପଣା ଅର୍ପଣ ପରେ ପଣା ତୁମ୍ବା ବା ହାଣ୍ଡିମାନଙ୍କୁ ଭାଙ୍ଗି ଦିଆଯାଏ। ବିଶ୍ୱାସ ଯେ, ଚକତଳେ ଥିବା ଅଥବା ଶ୍ରୀଜୀଉମାନଙ୍କ ଆଶ୍ରିତ ପ୍ରେତ ବା ପିଶାଚ ମାନେ ଏ ପଣା ପାଆନ୍ତୁ ଓ ତୃପ୍ତ ହୁଅନ୍ତୁ। ଏହାକୁ ଭକ୍ତ ଓ ସେବାୟତମାନଙ୍କୁ ସେବନ ପାଇଁ ବଣ୍ଟା ଯାଏ ନାହିଁ। କାରଣ ଏହା ଶାସ୍ତ୍ର ସମ୍ମତ ନୁହେଁ।

ଏହି ପଣା ୯ଗୋଟି ଉପାଦାନରେ ପ୍ରସ୍ତୁତ ହୁଏ। ଏଗୁଡ଼ିକ ହେଲା ଛାଚି, କ୍ଷୀର, ସର, ଛେନା, ନବାତ, ପାଚିଲାକଦଳୀ, ଗୋଲମରିଚ ଗୁଣ୍ଡ, ବଟା ଜାଇଫଳ ଓ କର୍ପୁର। ଏମାନେ ସମସ୍ତେ ଏକତ୍ର ଜଳ ସହିତ ମିଶି ପଣା ପ୍ରସ୍ତୁତ ହୁଅନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ନୀତି ଅନୁସୃତ ହୁଏ। ଏହି ନୀତି ଅନୁଯାୟୀ ଆଷାଢ଼ ମାସ ଶୁକ୍ଳ ଦ୍ୱାଦଶୀଦିନ ମଧ୍ୟାହ୍ନ ଧୂପ ଶେଷ ହେଲା ପରେ ତିନୋଟି ରଥ ଉପରେ ଗୋଟିଏ ଲେଖାଏଁ ବଡ଼ ପିତଳ ହଣ୍ଡା ଆଣି ରଖାଯାଏ। ପାଣିଆପଟ ନିଯୋଗର ପାଳିଆ ସେବକମାନେ ସିଂହଦ୍ୱାର ନିକଟସ୍ଥ ଛାଉଣିମଠର କୂଅରୁ ଶୁଦ୍ଧ ଭାବରେ ବିଧି ପୂର୍ବକ ଜଳ ଆଣି ସେ ପିତଳ ହଣ୍ଡା ମାନଙ୍କରେ ରଖନ୍ତି। ପୂର୍ବେ ରାଧାବଲ୍ଲଭ ମଠରୁ ଏହି ଜଳ ଅଣାଯାଉଥିଲା। ଏହି ଜଳ କୂଅରୁ ଅଣାଗଲା ବେଳେ ମନ୍ଦିର କର୍ମଚାରୀମାନେ ହାତରେ ଗୁଆଖୋଳମାନ ଧରି ଲୋକଙ୍କୁ ବାଟରୁ ଆଡ଼ଉ ଥାଆନ୍ତି ଯେପରି କେହି ଉକ୍ତ ଜଳକୁ ସ୍ପର୍ଶ ନକରନ୍ତି।

ଅଧରପଣା ପ୍ରସ୍ତୁତିରେ ତଳିଛ ମହାପାତ୍ର, ଭିତରଚ୍ଛ ମହାପାତ୍ର, ପାଳିଆ ମହାସୁଆର, ପାଣିପଟ, ପୁଷ୍ପାଳକ ଓ ପତ୍ରିବଡୁ ଆଦି ସେବାୟତ ସହଯୋଗ କରିଥାନ୍ତି। ପିତଳ ହଣ୍ଡାରେ ପାଣିରଖି ସାରିବା ଉତାରୁ ପାଳିଆ ମହାସୁଆର ମାନେ ଉକ୍ତ ହଣ୍ଡା ଜଳରେ କ୍ଷୀର, ସର, ପାଚିଲାକଦଳୀ, ଛେନା, ଗୋଲମରିଚଗୁଣ୍ଡ, କର୍ପୁର, ବଟା ଜାଇଫଳ ଓ ଛାଚି ଇତ୍ୟାଦି ମିଶାଇ ଅଧରପଣା ପ୍ରସ୍ତୁତ କରନ୍ତି। ଅଧରପଣା ଭୋଗ ପୂର୍ବରୁ ପାଳିଆ ମହାସୁଆରମାନେ ଥାଇ, ଭିତରଛ, ତଳିଛ ଓ ମଝିବାଡ଼ର ପାଳିଆ ପଶୁପାଳକମାନେ ଅଧରପଣା ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ବାଡ଼ ଦେଇ ଟେରା ବାନ୍ଧିଥାନ୍ତି। ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ତୁମ୍ବାକୃତି ତିନୋଟି ମାଟିହାଣ୍ଡି ଉପରେ ଅଧରପଣା ଛାଣିବା ପାଇଁ ଖଣ୍ଡେ ଖଣ୍ଡେ ଧଳା କରିକା (ଜାଲିକନା) ପକାଇଥାନ୍ତି। ତୁମ୍ବାକୃତି ଏ ମାଟିର ହାଣ୍ଡିଗୁଡ଼ିକ କୁମ୍ଭାରପଡ଼ା ଓ ମାଟିଆପଡ଼ାର କୁମ୍ଭାରମାନେ କୁରାଳ ପଞ୍ଚମୀ ଦିନ ତାଙ୍କ ଇଷ୍ଟଦେବତାଙ୍କ ପୂଜା ପରେ ପ୍ରଥମେ ଅନୁକୂଳ ଭାବେ ଏଗୁଡିକ ଗଢ଼ିଥାନ୍ତି ଓ ଶ୍ରୀମନ୍ଦିର ଭଣ୍ଡାରଘରେ ହସ୍ତାନ୍ତର କରିଥାନ୍ତି। ଆଷାଢ଼ ଶୁକ୍ଳ ଦଶମୀ ଦିନ ପାଣିପଟ ସେବକମାନେ ଏଗୁଡ଼ିକ କାଢ଼ି ଧୁଆଧୋଇ କରି ରଥକୁ ଆଣିଥାନ୍ତି ଏବଂ ସେଗୁଡିକୁ ଯଥାସ୍ଥାନରେ ରଖନ୍ତି। ଏହାପରେ ପୂର୍ବପ୍ରସ୍ତୁତ ଅଧରପଣାକୁ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ୩ ରଥରେ ମୁରୁଜ ଉପରେ ପୂଜା ଠା କରନ୍ତି। ଏଥୁଅନ୍ତେ ପାଳିଆ ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରିଥାନ୍ତି ଏବଂ ଅଧରପଣା ହାଣ୍ଡି ଗୁଡ଼ିକୁ ଜୀଉମାନଙ୍କୁ ସମର୍ପଣ କରିଥାନ୍ତି। ଏହା ଜୀଉମାନଙ୍କର ପ୍ରସାଦ ହେଲା ପରେ ଅଧରପଣା ହାଣ୍ଡିଗୁଡ଼ିକୁ ଭାଙ୍ଗିଦିଆଯାଏ। ଫଳରେ ପଣାସବୁ ରଥର ବିଭିନ୍ନ ଅଂଶ ଭେଦ ସହ ଭୂଗାମୀ ହୋଇଥାଏ। ଏତିକି ବେଳେ ରଥାଶ୍ରିତ ବା ରଥକୁ ଆହୂତ ସମସ୍ତ ଦେବ, ଦେବୀ, ଗନ୍ଧର୍ବ, କିନ୍ନର, ପିଶାଚ, ଚଣ୍ଡୀ, ଚାମୁଣ୍ଡା ଓ ଆଉ ଯିଏ ଯେମିତି ଥାନ୍ତି ଏହି ପଣା ପାଇ ତୃପ୍ତି ପାଇଥାନ୍ତି ଓ ସ୍ୱ ସ୍ୱ ସ୍ଥାନ ପ୍ରତ୍ୟାବର୍ତ୍ତନ କରିଥାନ୍ତି।

ଏଠାରେ ରଥାଶ୍ରିତ ବା ରଥକୁ ଆହୂତ ଯେଉଁ ଦେବଦେବୀ ଓ ଅନ୍ୟମାନେ ଥାଆନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି- ବଳଭଦ୍ରଙ୍କ ରଥରେ ଥିବା ସଙ୍କର୍ଷଣ, ରାମକୃଷ୍ଣ, ଗୋପାଳ, ଅନନ୍ତ, ଜୟଦୁର୍ଗା, ଗଣେଶ, କାର୍ତ୍ତିକେୟ, ସର୍ବମଙ୍ଗଳା, ହଳାୟୁଧ, ମୃତ୍ୟୁଞ୍ଜୟ, ନାତାମ୍ୱର, ମହେଶ୍ୱର, ଶେଷଦେବ, କ୍ଷେତ୍ରପାଳ, ଭୈରବ, ଅଷ୍ଟଶକ୍ତି, ତୁଙ୍ଗା, ତୁଙ୍ଗାଭଦ୍ରା, ପ୍ରଭା, ସୁପ୍ରଭା, ଭାତ୍ରୀ, ବିଧାତ୍ରୀ, ନନ୍ଦା, ସୁନନ୍ଦା ଆଦି ଦେବଦେବୀ। ଋଷିମାନଙ୍କ ମଧ୍ୟରେ ଥାନ୍ତି- ଅଙ୍ଗିରା, ପୋଲସ୍ତ୍ୟ, ପୁଲହ, କ୍ରତୁ, ଅଗସ୍ତି, ମୁଦ୍‌ଗଳ, ଆତ୍ରେୟ, କାଶ୍ୟପ ଇତ୍ୟାଦି। ଅଷ୍ଟଋଷି; ଅଶ୍ୱ ମଧ୍ୟରେ ଥାନ୍ତି- ତୀବ୍ର, ଘୋର, ଦୀର୍ଘତମ ଓ ସ୍ୱର୍ଣ୍ଣନାଭ। ସାରଥୀ ଥାନ୍ତି-ମାତଳୀ ଏବଂ ଅଶ୍ୱର ରଜ୍ଜୁ ଆକାରରେ ଥାନ୍ତି ବାସୁକୀ। ଏହିପରି ବିଧିମତେ ଅନ୍ୟ ଦେବଦେବୀ ଯେ ରହିବା କଥା ରହିଥାନ୍ତି।

ମା' ସୁଭଦ୍ରାଙ୍କ ରଥରେ ଥିବା ୯ଜଣ ପାର୍ଶ୍ୱ ଦେବତା ହେଲେ: ବିମଳା, ଚାମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡୀ, ମଙ୍ଗଳା, ବରାହୀ, କାତ୍ୟାୟନୀ, ଜୟଦୁର୍ଗା ଏବଂ କାଳୀ ଇତ୍ୟାଦି। ଏମାନେ ସମସ୍ତେ ଶକ୍ତିରୂପିଣୀ ଅଟନ୍ତି। ଋଷି ମଧ୍ୟରେ ଥାନ୍ତି : ଭୃଗୁ, ସୁପ୍ରଭ, ବ୍ରଜ, ଶୃଙ୍ଗୀ, ଧ୍ରୁବ ଓ ଉଲ୍ଲୁକ ଏବଂ ରଜ୍ଜୁ ରୂପରେ ଥାନ୍ତି : ନାଗସ୍ୱର୍ଣ୍ଣ ଭୂତ ଏହିପରି ସୁଭଦ୍ରାଙ୍କ ରଥରେ ଯୋଚା ଯାଇଥିବା ଅଶ୍ୱ ଏବଂ ଅନ୍ୟମାନେ।

ସେହିପରି ଜଗନ୍ନାଥଙ୍କ ରଥରେ ବିରାଜମାନ କରିଥାନ୍ତି : ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ, ଚିନ୍ତାମଣି, ରାଘବ ଓ ନୃସିଂହ। ଋଷିମାନଙ୍କ ମଧ୍ୟରେ ଥାନ୍ତି : ନାରଦ, ବ୍ୟାସ, ଦେବକ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର ଇତ୍ୟାଦି ୮ ଜଣ। ଶଙ୍ଖ ତଥା ରଥର ପଟ୍ଟଚିତ୍ରରେ ବିଦ୍ୟମାନ ଥାନ୍ତି : ଗନ୍ଧର୍ବ, ଗନ୍ଧର୍ବୀ, ନର୍ତ୍ତକୀ, ଅପ୍ସରା, ଦେବଦେବୀ, ନାନା ଶକ୍ତି, ଋଷି, କିନ୍ନର ଇତ୍ୟାଦିଙ୍କ ବ୍ୟତୀତ ହସ୍ତୀ, ବିଡ଼ାଳ, ହଂସ, ଶୁକପକ୍ଷୀ ଓ ଅନ୍ୟାନ୍ୟ ପଶୁପକ୍ଷୀ, ତଥା ଅଶ୍ୱମାନଙ୍କ ମଧ୍ୟରେ ଥାଆନ୍ତି- ପ୍ରଜ୍ଞା, ଅନୁଜ୍ଞା, ଘୋରା ଏବଂ ଅଘୋରା ଇତ୍ୟାଦି ଜୀଉଙ୍କ ସହିତ ଯାତ୍ରା କରିଥାନ୍ତି। ଏମାନେ ମଧ୍ୟ ମହାପ୍ରଭୁଙ୍କ ଅଧରାମୃତ ପାଇବାକୁ ବ୍ୟାକୁଳ ଥାନ୍ତି। ବର୍ଷକେ ଏମିତି ଥରଟିଏ ସେମାନଙ୍କୁ ପ୍ରଭୁଙ୍କ ସାନ୍ନିଧ୍ୟ ଓ ଅଧରପଣା ପାଇବାର ପରମ ସୁଯୋଗ ମିଳିଥାଏ।

ଏ ଅଧରପଣା ସହିତ କିଛି ପୌରାଣିକ ତଥ୍ୟ ଓ କାହାଣୀ ସଂପର୍କିତ। ସାରଦା ତିଳକ ଗ୍ରନ୍ଥ ଅନୁଯାୟୀ ତାନ୍ତ୍ରିକ ବ୍ରତଚାରୀମାନେ ଦିନକୁ ଥରେ ମାତ୍ର ଭୋଜନ କରନ୍ତି। ସେ ଭୋଜନ ପୁଣି ନୂଆ ମାଟି ହାଣ୍ଡିରେ ପ୍ରସ୍ତୁତ ହୁଏ। ଭୋଜନ ପରେ ହାଣ୍ଡିରେ ଯାହା ବଳେ ସେମାନେ ସେ ହାଣ୍ଡି ଭାଙ୍ଗି ତାହାକୁ ଫିଙ୍ଗି ଦିଅନ୍ତି। ତାହା ପରଦିନ ପୁଣି ନୂଆ ହାଣ୍ଡିରେ ରନ୍ଧାଯାଏ। କଞ୍ଚାମାଟି ଦିଆଯାଇ ତା' ଉପରେ ପୋଡ଼ାମାଟିର ଅଧର ହାଣ୍ଡି ରଖିବା ଏବଂ ସେଥିରେ ବ୍ରହ୍ମଚାରୀମାନେ ପଣା ପ୍ରସ୍ତୁତ କରିବା ଇତ୍ୟାଦି ଶାକ୍ତ ବା ତାନ୍ତ୍ରିକ ପରମ୍ପରାକୁ ବୁଝାଏ।

ସେହିପରି ଶ୍ରୀକୃଷ୍ଣଙ୍କ ଦଧି ହାଣ୍ଡିଭଙ୍ଗା ସହିତ ଏହା ମଧ୍ୟ ତୁଳନୀୟ। ଆମେ ଏବେ ମଧ୍ୟ ଗର୍ଭଣା ସଂକ୍ରାନ୍ତି ଦିନ କ୍ଷେତରେ ନୂଆ ଆଟିକାରେ କ୍ଷୀରି କରି ଲକ୍ଷ୍ମୀଙ୍କୁ ସମର୍ପଣ ପରେ ସେ ତାହା ଭାଙ୍ଗିଥାଉଁ। ଏ ସମସ୍ତ ଅବଶିଷ୍ଟ ଖାଦ୍ୟ ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ। ଅଧରପଣା ହାଣ୍ଡି ଭଙ୍ଗାର କାହାଣୀରେ ସେହିପରି ଉପେକ୍ଷିତ ଅଧରପଣା ହେଉଛି ଅପେକ୍ଷିତ ତୃଷ୍ଣା ପାଇଁ ତୃପ୍ତିର ମୋଦକ। ଏଥିରୁ ଜଣାପଡ଼େ ଯେ ଅଧରପଣା ପ୍ରସ୍ତୁତି ଓ ତାର ଭୋଗ ଉଭୟେ ଶାକ୍ତ ଓ ବୈଷ୍ଣବ ପରମ୍ପରା ସହିତ ସଂପୃକ୍ତ। ତେବେ ଏତିକି କୁହାଯାଇପାରେ ଯେ, ଅଧରପଣା ପର୍ବ ନସରିଲା ଯାଏ ଜୀଉମାନଙ୍କ ନୀଳାଦ୍ରି ବିଜେ ହୋଇପାରିନଥାଏ।



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପବିତ୍ର ସୁନାବେଶ ଅବସରରେ ବହୁ ପୁରାତନ ଠାକୁର ପ୍ରଭୁ ପତିତପାବନ ଦେବଙ୍କ ମନ୍ଦିରରେ ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ମଣ୍ଡ ମଣ୍ଡ ସୁନାରେ ପ୍ରଭୁ ସୁସଜ୍ଜିତ ହୋଇଥିବା ବେଳେ କିରିଟି, ସାରଙ୍ଗ ଧନୁ, ସୁଦର୍ଶନ ଚକ୍ର, କୌମୁଦୀ ଗଦା, ପଂଚଜନ୍ୟ ଶଙ୍ଖ ଆଦି ଅସ୍ତ୍ର ସୁନାରେ ସୁସଜ୍ଜିତ ହୋଇଥିବା ବେଳେ ହଜାର ହଜାର ଭକ୍ତଙ୍କ ସମାବେଶ ଘଟିଥିବା ଦେଖିବାକୁ ମିଳିଥିଲା । ସୁନାବେଶ ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଥିବା ବେଳେ ରାତ୍ର ୧୨ଟା ପର୍ଯ୍ୟନ୍ତ ଠାକୁରଙ୍କ ନୀତିକାନ୍ତି ମହାଆଡ଼ମ୍ବର ସହକାରେ କରାଯାଇଥିଲା । ସେବାୟତଙ୍କ ମନ୍ତ୍ର ଉଚ୍ଚାରଣରେ ଚତୁର୍ଦ୍ଦିଗ କମ୍ପି ଉଠୁଥିବା ବେଳେ ବିଭିନ୍ନ ଗ୍ରାମରୁ ସଂକୀର୍ତନ ମଣ୍ଡଳୀ ସେଠାରେ ପ୍ରଭୁଙ୍କ ନାମଗାନ କରିଥିଲେ । ପ୍ରକାଶ ଥାଉକି, ପତିତପାବନ ଦେବଙ୍କ ନିକଟକୁ ଯିଏ ଯାଏ ଖାଲି ହାତରେ ଫେରେ ନାହିଁ । ପୂର୍ବତନ ରାଜା ବାଧ୍ୟ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ରାଜବୈଦ୍ୟ ଫେଲ ମାରିଥିଲେ । ପ୍ରଭୁ ପତିତପାବନଙ୍କ ନିକଟରେ ଗୁହାରିଆ ପଡ଼ି ଆରୋଗ୍ୟ ହେବା ପରେ ଶ୍ରୀମନ୍ଦିର ନୀତି ସହ ପତିତପାବନ ଦେବଙ୍କ ନୀତି ହୋଇଥାଏ । ପୂର୍ବଜ ରାଜା ଏଠାରେ ମନ୍ଦିର ତୋଳାଇ ଖାପଡ଼ା କରିଥିବା ବେଳେ ମନ୍ଦିର ସମ୍ମୁଖରେ ଥିବା ହାଟସାହିକୁ ପତିତପାବନ ପାଟଣା ନାମରେ ନାମିତ କରିଛନ୍ତି । ପତିତପାବନଙ୍କ ମନ୍ଦିରରେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ପ୍ରଭୁଙ୍କ ସାନିଧ୍ୟ ଲାଭ କରିଥା'ନ୍ତି ।



# ମୂର୍ତ୍ତି କଟାମୁଣ୍ଡ ସହ ମାରଣାସ୍ତ୍ର ଜବତ, ୪ ଡ଼କାୟତ କୋର୍ଟଚାଲାଣ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଅଞ୍ଚଳରେ ଡ଼କାୟତଙ୍କ ଆତଙ୍କ ଚାଲିଥିବା ବେଳେ ଚାରିଛକ ଥାନା ପୋଲିସ କିଭଳି ଡ଼କାୟତଙ୍କୁ ଗିରଫ କରିବ ଜାଲ ବିଛାଇ ଥିଲା । ଡ଼କାୟତି ସାମଗ୍ରୀ ବଂଟନ କରୁଥିବା ବେଳେ ପୋଲିସ ୪ ଡ଼କାୟତଙ୍କୁ ମାଡ଼ି ବସିଛି । ସେମାନଙ୍କଠାରୁ ବ୍ୟାପକ ପରିମାଣରେ ଡ଼କାୟତି ସାମଗ୍ରୀ ଜବତ ହୋଇଥିବା ବେଳେ ସେମାନଙ୍କ ବିରୁଦ୍ଧରେ ସଂଗିନ୍ ଦଫା ଲଗାଇ ପୋଲିସ କୋର୍ଟ ଚାଲାଣ କରିଛି । ଜାମିନ୍ ନାମଞ୍ଜୁର ହେବା ପରେ ଡ଼କାୟତମାନେ ନିମାପଡ଼ା ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଚାରିଛକ ଥାନା ଅଞ୍ଚଳରୁ ଲଗାତାର ଚୋରି ହେଉଥିବା ଚାରିଛକ ଥାନା ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟି ଥିଲା । ଡ଼କାୟତଙ୍କୁ ଧରିବା ପାଇଁ ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଏକ ଟିମ୍ ଗଠନ କରିଥିଲେ । ଏହି ଟିମ୍‌ରେ ଚାରିଛକ ଥାନାଧିକାରିଣୀ ମମତା ବିଶ୍ୱାଳ, ଏଏସଆଇ କୈଳାସ ପ୍ରଧାନ, ସବିତା କୁମାରୀ ଦେବୀ, ଇନ୍ଦୁଲତା ମିଶ୍ର ଏକ ଟିମ୍‌ରେ ରହିଥିଲେ । ଡ଼କାୟତମାନେ ଗତ ଶନିବାର ରାତ୍ରରେ ଚାରିଛକ ଥାନା ଅନ୍ତର୍ଗତ ଗଡ଼ଅମରପ୍ରସାଦ ନିକଟସ୍ଥ ଖିରକୋଳି ମଠ ନିକଟରେ ଥିବା ଏକ ଜଙ୍ଗଲ ମଧ୍ୟରେ ୪ ଡ଼କାୟତ ଚୋରି ସାମଗ୍ରୀ ବଂଟନ କରୁଥିବା ସମୟରେ ପୋଲିସ ଅତର୍କିତ ଭାବେ ଚଢ଼ଉ କରି ୪ ଡ଼କାୟତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଏହି ଡ଼କାୟତମାନେ ହେଲେ ଅସ୍ତରଙ୍ଗ ଥାନା ବେରାଙ୍ଗ ଗ୍ରାମର ମାଧବ କାଣ୍ଡି, କାକଟପୁର ଥାନା ହରିଦାସପୁରର ଅନୀଲ କୁମାର କାଣ୍ଡି ଓ ଦୀପକ କାଣ୍ଡି, ବାଲିକୁଦା ଥାନା କୋଳଦା ଗ୍ରାମର ମୃତ୍ୟୁୟ ମହାନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି । ସେମାନଙ୍କ ଠାରୁ ଇନଭର୍ଟର, ଗ୍ୟାସ ସିଲିଣ୍ଡର, ପଙ୍ଖା, ଗ୍ରାଇଣ୍ଡର, କଟୁରୀ, କଟର, ମୂର୍ତି କଟା ମୁଣ୍ଡ, ସାଉଣ୍ଡ ବକ୍ସ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିଛି । ବିଶେଷକରି ଅଭିଯୁକ୍ତମାନେ ଚାରିଛକ ଥାନା ଅଞ୍ଚଳରେ ଦିନରେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି ଓ ରାତିରେ ଲୋକମାନେ ଘରେ ନଥିବା ସୁଯୋଗ ନେଇ ଘରୁ ଚୋରି କରନ୍ତି । ଅନେକ ସମୟରେ ଏହି ଡ଼କାୟତମାନେ ନାମ ବଦଳାଇବା ସହିତ ମୋବାଇଲ୍ ସିମ୍ କାର୍ଡ ବଦଳାଇଥା'ନ୍ତି । ଚାରିଛକ ଥାନାଧିକାରୀ ମମତାରାଣୀ ବିଶ୍ୱାଳ ଏ ସଂପର୍କରେ ସୂଚନା ଦେଇଛନ୍ତି । ପୋଲିସ ୭୨/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରିଛି । ପ୍ରକାଶ ଥାଉକି, ଏହି ଡ଼କାୟତଙ୍କ ନାମରେ କାକଟପୁର, ଅସ୍ତରଙ୍ଗ, ଗୋପ, ରାମଚଣ୍ଡୀ, ଜଗତସିଂହପୁର ବାଲିକୁଦା ଆଦି ଥାନାରେ ମାମଲା ରହିଥିବା ଜଣାପଡ଼ିଛି ।

## ମହିଧରପଡା-ଶଙ୍ଖତ୍ରାସ ରାସ୍ତାରେ ପୋଲ ନିର୍ମାଣ ଓ ଜଳ ନିଷ୍କାସନ ଦାବି

ଫୁଲନଖରା(ଭାସ୍କର ନ୍ୟୁଜ): କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ମହିଧରପଡ଼ା ହାଇସ୍କୁଲ ଛକଠାରୁ ଅରଡିଆପଡ଼ା, ଅରିଲୋ, ସୁମାଣ୍ଡି ଦେଇ ଶଙ୍ଖତ୍ରାସକୁ ୭ କି.ମି ରାସ୍ତା ଯାଇଛି । ଅସରାଏ କି ଦୁଇ ଅସରାଏ ବର୍ଷା ହେବା ମାତ୍ରକେ ରାସ୍ତା ଉପରେ ପାଣି ଜମି ରହୁଛି । ବିଶେଷ କରି ମହିଧରପଡା ହାଇସ୍କୁଲ ଛକରୁ ବାହାରିଥିବା ଶଙ୍ଖତ୍ରାସ ରାସ୍ତା ଓ ସୁମାଣ୍ଡି ଗ୍ରାମ ପାଖ ରାସ୍ତା ମଝିରେ ବର୍ଷା ପାଣି ଜମି ରହୁଛି । ରାସ୍ତାରୁ ଜଳ ନିଷ୍କାସନ କରିବାର କୌଣସି ସୁବିଧା ନାହିଁ । ଯାହା ଫଳରେ ମହିଧରପଡ଼ା ହାଇସ୍କୁଲକୁ ଛାତ୍ରଛାତ୍ରୀ ଓ ସୁମାଣ୍ଡି ଗ୍ରାମର ଛାତ୍ରଛାତ୍ରୀ ଶଙ୍ଖତ୍ରାସ ହାଇସ୍କୁଲ ଯିବା ବେଳକୁ ଏହି ରାସ୍ତା ପାଣି ଉପର ଦେଇ ତାଙ୍କୁ ଯିବାକୁ ପଡୁଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀମାନେ ସବୁ ଜାଣୁଥିଲେ ମଧ କାହିଁକି ଏହାର ଜଳ ନିଷ୍କାସନର ସ୍ଥାୟୀ କାର୍ଯ୍ୟ କରୁନାହାନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସେହିପରି ମଧ ମହିଧରପଡା-ଶଙ୍ଖତ୍ରାସ ରାସ୍ତା ଦୀର୍ଘ ୫୦-୬୦ ବର୍ଷ ତଳେ ନିର୍ମାଣ ସମୟରେ ମହିଧରପଡ଼ା ହାଇସ୍କୁଲ ସାମ୍ନା ସଫେଇ ନାଳି ଉପରେ ନିର୍ମାଣ ହୋଇଥିବା ପୋଲ ଓ ଅରିଲୋ ମେଳଣ ପଡିଆଠାରେ ହରିଅନ୍ତା ଡିଷ୍ଟ୍ରିବ୍ୟୁଟାରି କେନାଲ ଉପରେ ନିର୍ମାଣ ହୋଇଥିବା ପୋଲ ମାତ୍ର ୧୦ ଫୁଟ ଭିତରେ ଚଉଡ଼ା ହୋଇଥିବାରୁ ସାଧାରଣତଃ ୪ ଚକିଆ ଯାନଟିଏ ଯିବା ସମୟରେ ଲୋକମାନଙ୍କ ଯାତାୟାତରେ ବଡ଼ ଅସୁବିଧା ହେଉଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୀର୍ଘ ବର୍ଷରୁ ନିର୍ମାଣ ହୋଇଥିବା ପୋଲଗୁଡ଼ିକୁ ପ୍ରଶସ୍ତ ଚଉଡ଼ା କରାଯାଉଥିବାବେଳେ ଦୀର୍ଘ ବର୍ଷରୁ ନିର୍ମାଣ ହୋଇଥିବା ଏହି ପୋଲ ଦୁଇଟିକୁ କାହିଁକି ପ୍ରଶସ୍ତ କରାନଯାଇ ଅଣଦେଖା କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତୁରନ୍ତ ଏହି ପୁରୁଣା ପୋଲ ଦୁଇଟିକୁ ଭାଙ୍ଗି ଚଉଡ଼ା କରାଯିବା ସହିତ ରାସ୍ତାରେ ଜମୁଥିବା ପାଣି ସ୍ଥାୟୀ ବନ୍ଦୋବସ୍ତ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ସହଯୋଗ-ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶ, କିଶୋର ଚନ୍ଦ୍ର ଦାଶ, ଅଶୋକ କୁମାର ରଥ, ଅଜୟ କୁମାର ବେଉରା, ଶୈଳଜାନନ୍ଦ ସାହୁ, ବରଦା ପ୍ରସାଦ ବେଉରା, ପ୍ରସନ୍ନଜିତ୍ ମହାନ୍ତି, ଆଡଭୋକେଟ ଉମାକାନ୍ତ ନନ୍ଦ, ପ୍ରଦ୍ୟୁମ୍ନ କୁମାର ପତି, ଅରବିନ୍ଦ ନନ୍ଦ, ଚନ୍ଦ୍ରମଣି ପ୍ରଧାନ, ସମରେନ୍ଦ୍ର ହାତୀ ପ୍ରମୁଖ ଦାବି କରିଛନ୍ତି ।

## ବନ ମହୋତ୍ସବ ସପ୍ତାହରେ ସ୍କୁଲ ପରିସରରେ ଚାରାରୋପଣ



କାଳିଆପାଣି(ଭାସ୍କର ନ୍ୟୁଜ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ଫରେଷ୍ଟ ସେକସନରେ ବନ ମହୋତ୍ସବ ସପ୍ତାହ ଅବସରରେ ଶ୍ରମଶକ୍ତି ଉଚ୍ଚବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଁସୋଳ ବନପାଳ ରାମ ତିରିଆ ମୁଖ୍ୟ ଅତିଥି ଏବଂ ବନରକ୍ଷୀ ଗୌରାଙ୍ଗ ଜାରିକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆମ୍ବ, ପଣସ, ପିଜୁଳି, ଲେମ୍ବୁ, ଅଁଳା ପ୍ରଭୃତି ୫୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା। ବନପାଳ ଶ୍ରୀ ତିରିଆ ଛାତ୍ରଛାତ୍ରୀଙ୍କୁ ବୃକ୍ଷ ହିଁ ଜୀବନ ଉପରେ ଆଲୋକପାତ କରିବା ସହ ପ୍ରତ୍ୟେକ ମଣିଷ ବୃକ୍ଷଟିଏ ଲଗାଇବା ପାଇଁ ଶପଥ କରାଇଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ ଦୀପା ବିଳାସ, ରୀତା ରାଣୀ ସାହୁ, ପଦ୍ମାବତୀ ସ୍ୱାଇଁ, ଝାନ୍ସି ରାଣୀ ପୂର୍ତ୍ତୀ, ବିଦ୍ୟାଧର ଦଳାଇ, ସୌମ୍ୟ ସୁଦୀପ୍ତ ମଲ୍ଲିକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ନଳୀନି ପ୍ରଭା ସ୍ୱାଇଁ ଔଷଧୀୟ ଚାରାରୋପଣ ହୋଇଥିବାରୁ ଧନ୍ୟବାଦ ଦେଇଥିଲେ । ପରିଶେଷରେ ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ ରାଯାଇଥିଲା । କାର୍ଯ୍ୟକ୍ରମରେ ଫରେଷ୍ଟ ସ୍କ୍ୱାଡ ଅଂଶଗ୍ରହଣ କରିଥିଲେ।

## ଲୋନ୍ ଓ ଚାକିରି ନାଁରେ ଲକ୍ଷାଧିକ ଟଙ୍କା ଠକେଇ, ବାପ-ପୁଅ କୋର୍ଟଚାଲାଣ

ଜଳେଶ୍ୱର(ଭାସ୍କର ନ୍ୟୁଜ): ବିଭିନ୍ନ ବ୍ୟାଙ୍କରୁ ଲୋନ ଓ ଚାକିରୀ କରାଇ ଦେବେ କହି ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଠକ ବାପ ଓ ପୁଅକୁ ଜଳେଶ୍ୱର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ ଜଳେଶ୍ୱର ଥାନା ଅନ୍ତର୍ଗତ ଖୁଲୁଡ଼ା ଗ୍ରାମ ପଞ୍ଚାୟତର ବଡ଼ ନଗର ଗ୍ରାମର ମାନସ ଜେନା (୨୯) ଓ ତାଙ୍କ ବାପା ଭୂପତି ଚରଣ ଜେନା (୫୬)ଷ୍ଟେଟ ବ୍ୟାଙ୍କରୁ ୨୦ ଲକ୍ଷ ଟଙ୍କା ଲୋନ କରାଇ ଦେବେ କହି ଜଳେଶ୍ୱର ଥାନା ଓ ଜଳେଶ୍ୱର ମ୍ୟୁନିସିପାଲିଟି ସ୍ଥିତ ଚୂଡ଼ାମଣିପୁର ଗ୍ରାମର ସୁଜିତ କୁମାର ପରିଡାଙ୍କଠାରୁ ୯୦ ହଜାର ଟଙ୍କା, ଷ୍ଟେଟ ବ୍ୟାଙ୍କର ୬ ଟି ବ୍ଲାଙ୍କ ଚେକ, ଆଧାର କାର୍ଡ ଓ ଜମି ପଟ୍ଟା ଆଦି ବିଭିନ୍ନ କାଗଜପତ୍ର ନେଇଥିଲେ। ମାତ୍ର ଦୀର୍ଘ ଦିନ ବିତି ଯାଇଥିଲେ ମଧ ମାନସ ଓ ତାଙ୍କ ବାପା ଲୋନ କରାଇ ଦେଇ ନ ଥିଲେ।ଆଜି ହେବ କାଲି ହେବ କହି ଦିନ ଗଡ଼ାଇ ଚାଲିଥିଲେ। ମାତ୍ର ସୁଜିତ ଅଧିକ ତାଗିଦ କରିବାରୁ ବାପ, ପୁଅ ମୋବାଇଲ ସୁଇଚ ଅଫ କରିଦେଇ ଆଉ ଧରାଛୁଆଁ ଦେଇ ନଥିଲେ। ଅନ୍ୟ ଉପାୟ ନ ପାଇ ଶେଷରେ ସୁଜିତ ଜଳେଶ୍ୱର ଥାନାରେ ବାପ, ପୁଅଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ସୁଜିତଙ୍କ ଅଭିଯୋଗ ମୂଳେ ପୋଲିସ ୩୧୦/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ପୂର୍ବକ ବାପ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କେବଳ ସୁଜିତ ନୁହନ୍ତି ପଶ୍ଚିମବାର୍ଡ଼ି ଗ୍ରାମର ଜିତେନ୍ଦ୍ର ଘୋଷ ଓ ନମକନା ଗ୍ରାମର ମଞ୍ଜୁରାଣୀ ଧଳ ମଧ ଉକ୍ତ ଠକ ବାପ ପୁଅଙ୍କ ଠକାମୀର ଶିକାର ହୋଇ ନାମ୍ଖୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ଠକ ବାପ, ପୁଅ ଦୀର୍ଘ ଦିନ ଧରି ଅନୁରୂପ ଢଙ୍ଗରେ ଲୋକଙ୍କୁ ଠକି ଆସୁଥିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ଓଡ଼ିଶା କୃଷକ ବିକାଶ ପରିଷଦର ସାଧାରଣ ବୈଠକ



ବିଞ୍ଝାରପୁର(ଭାସ୍କର ନ୍ୟୁଜ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିଞ୍ଝାରପୁର ଭାଗବତ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା କୃଷକ ବିକାଶ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଧିରେନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୃଷକ ବିକାଶ ପରିଷଦର ପ୍ରତିଷ୍ଠାତା ଅମର ବଲ୍ଲଭ ସାହୁ ଯୋଗ ଦେଇଥିଲେ। ବୈଠକରେ ଚାଷୀ ମାନଙ୍କ ପାଇଁ ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରାଯାଇଥିଲା। ଉପଯୁକ୍ତ ସଚେତନତା ଅଭାବରୁ ଚାଷୀ ମାନେ ବିଭିନ୍ନ ସରକାରୀ ଯୋଜନା ଏବଂ ଅତ୍ୟାଧୁନିକ ଜ୍ଞାନ କୌଶଳରୁ ବଞ୍ଚିତ ହେଉଛନ୍ତି। ଏହା କିଭଳି ଦୂର ହେବ ମୁଖ୍ୟତଃ ସେହି ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅମୂଲ୍ୟ ଦାସ, ନିରଞ୍ଜନ ନାୟକ, ଗୋପାଳ ସାହୁ, ନିରଞ୍ଜନ ରାଉତ, ଗୋବର୍ଦ୍ଧନ ନାୟକ, କିଶୋର ଦାସ, ବିଶ୍ୱଜିତ୍ ରାଉତ, ଶୁଭକାନ୍ତ ନାୟକ ଯୋଗ ଦେଇଥିବା ବେଳେ ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସାମାନ୍ୟ ବନ୍ୟାରେ ବନ୍ଧରୁ ଖସିଲା ଅତଡ଼ା

## ପୁନଃନିର୍ମାଣ ନ ହେଲେ ଜିଲ୍ଲାପାଳଙ୍କ ଅଫିସ ଆଗରେ ଅନଶନ



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ପାଳିମି ପଞ୍ଚାୟତର ଗଣେଶ୍ୱରପୁର ଗ୍ରାମ ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ବଡ଼ରାଉଳିଆ ଗ୍ରାମକୁ ସଂଯୋଗ କରୁଥିବା କାଣୀନଦୀ ଉପରେ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନ ଦାବି ପରେ ୨୦୧୯ ମସିହାରେ ୪ କୋଟି ୧୫ ଲକ୍ଷ ବ୍ୟୟବରାଦରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ପୋଲ ନିର୍ମାଣ କାର୍ଯ୍ୟ ପାଇଁ ବନ୍ୟା ଜଳକୁ ରୋକିବା ନିମନ୍ତେ ଜଳସେଚନ ବିଭାଗ ତରଫରୁ ନିର୍ମାଣ ହୋଇଥିବା ବନ୍ଧକୁ କାଟିବା ଫଳରେ ସାମାନ୍ୟ ବନ୍ୟାରେ ବନ୍ଧର ବଳକା ଅଂଶ ଅତଡ଼ା ଖସି ନଦୀ ମିଶିଯାଇଛି । ବାକି ବନ୍ଧ ଧୀରେ ଧୀରେ ଖସିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହେବା ସହ ଆଜି ଜିଲ୍ଲାପାଳଙ୍କୁ ପାଳିମି ପଞ୍ଚାୟତ ସରପଞ୍ଚ ଓ ପଞ୍ଚାୟତବାସୀ ଏକ ଦାବିପତ୍ର ଦେଇଛନ୍ତି । ଖବର ସୂତ୍ରରୁ ପ୍ରକାଶ ଆଳି ବ୍ଲକ ପାଳିମି ପଞ୍ଚାୟତର ଗଣେଶ୍ୱରପୁର ଗ୍ରାମ ନିକଟରେ କାଣୀ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପୋଲ ନିର୍ମାଣ କାର୍ଯ୍ୟ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା । ଦୁଃଖ ଓ ପରିତାପର ବିଷୟ ପୋଲ ନିର୍ମାଣ କାର୍ଯ୍ୟ ୫ ବର୍ଷ ପୁରିଯାଇଥିଲେ ମଧ୍ୟ ପୋଲର ଗୋଟିଏ ବି ସ୍ତମ୍ଭ ପୂର୍ଣ୍ଣାଙ୍ଗ ହୋଇପାରିଲା ନାହିଁ । ଗତ ଫେବୃଆରୀରେ ଜଳସେଚନ ନିମନ୍ତେ ହୋଇଥିବା ବନ୍ଧକୁ ପୋଲ କାର୍ଯ୍ୟ ନିମନ୍ତେ ସମ୍ପୃକ୍ତ ଠିକାଦାର ଓ ଇଞ୍ଜିନିଅର କାଟି ଦେଇଥିଲେ ସୁଦ୍ଧା ସେହିଦିନ ଠାରୁ ପୋଲ କାର୍ଯ୍ୟ ବନ୍ଦ ହୋଇ ପଡ଼ିରହିଛି । କଟା ଯାଇଥିବା ବନ୍ଧକୁ ବର୍ଷାଦିନ ପୂର୍ବରୁ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଗଲା ନାହିଁ । କାଣୀ ନଦୀରେ ବନ୍ୟା ଜଳ ପ୍ରବେଶ ପରେ ଲୋକେ ଆତଙ୍କିତ ରହୁଛନ୍ତି । ଯଦି ୭ ଦିନ ମଧ୍ୟରେ ଉକ୍ତ ବନ୍ଧକୁ ପୁନଃ ନିର୍ମାଣ ନ କରାଯାଏ ତେବେ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନସନରେ ବସିବାକୁ ଚେତାବନୀ ଦେଇଛନ୍ତି । ଏହି ଦାବିପତ୍ରର ନକଲ ଆରକ୍ଷୀ ଅଧିକ୍ଷକ କେନ୍ଦ୍ରାପଡ଼ା, ପ୍ରମୁଖ ସଚିବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବିହୀତ ପଦକ୍ଷେପ ନିମନ୍ତେ ଲିଖିତ ପତ୍ର ପ୍ରେରଣ କରାଯାଇଛି । ଖବର ଶେଷ ସୁଦ୍ଧା ଆଜି ଜଳ ସମ୍ପଦ ବିଭାଗ ତରଫରୁ ଧର୍ମ ଅଖିଠାର ଭଳି ଦୁଇ ଟ୍ରିପ ଟ୍ରାକ୍ଟରରେ ବାଲି ବାସ୍ତା ପକା ଯାଉଛି ।

## ୯ରେ ସର୍ବଭାରତୀୟ ସାଧାରଣ ଧର୍ମଘଟ ଡାକରା




ତିହିଡ଼ି(ଭାସ୍କର ନ୍ୟୁଜ): ଆସନ୍ତା ୯ରେ ସର୍ବଭାରତୀୟ ସାଧାରଣ ଧର୍ମଘଟ ପାଇଁ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ ମଞ୍ଚ ପକ୍ଷରୁ ଡାକରା ଦିଆଯାଇଛି। ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ତିହିଡ଼ି ବ୍ଲକ ମିଳିତ ମଞ୍ଚ ପକ୍ଷରୁ ତିହିଡ଼ି ବଜାରରେ ଏକ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାତ୍ରଙ୍କ ସଭାପତିତ୍ୱ ଓ ସିଆଇଟିୟୁ ତିହିଡି ବ୍ଲକ ସଭାପତି ବିଷ୍ଣୁ ଚରଣ ଦାଶଙ୍କ ସଂଯୋଜନାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଏଆଇଟିୟୁସି ଜିଲ୍ଲା ସଂପାଦକ ରମେଶ ଯେନା, ଏଆଇସିସିଟିୟୁ ଜିଲ୍ଲା ସଂପାଦକ ସମର ବଳ, ଏଆଇୟୁଟିସି ଜିଲ୍ଲା ସଂପାଦକ ରାମଚନ୍ଦ୍ର ଶଙ୍ଖୁଆ, ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଓଡିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ସିପିଆଇ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଶ୍ରମିକ ନେତା ଦିଲିପ ନାୟକ, ଶ୍ରୀଧର ଜେନା ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କ ଏକଛତ୍ରବାଦୀ- କର୍ପୋରେଟ ସପକ୍ଷବାଦୀ ନୀତି ବିରୁଦ୍ଧରେ ଆସନ୍ତା ୯ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ତିହିଡି ବ୍ଲକରେ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ । ଏଥିସହ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ, ସ୍କିମ ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା, ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୦ ବାତିଲ, ୨୦୦୬ ଜଙ୍ଗଲ ଅଧିକାର ଆଇନର ସୁରକ୍ଷା, ଅତ୍ୟାବଶ୍ୟକ ସାମଗ୍ରୀର ଦର କମାଇବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ ଆଦି ଦାବି କରାଯାଇଥିଲା। ମିଳିତ ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ଚାନ୍ଦବାଲି ବସ୍‌ଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରିଥିଲା। ପରେ ସିପିଆଇଏମର ଯୁବନେତା ବିକାଶ ନାଥଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଚାନ୍ଦବାଲି ସିପିଆଇଏମ ଅଞ୍ଚଳିକ କମିଟି ସମ୍ପାଦକ ଗୌରାଙ୍ଗ ଜେନା, ସିପିଆଇ ଚାନ୍ଦବାଲି ଜୋନ ସଂପାଦକ ଅନନ୍ତ ମହାନ୍ତି, ଓଡ଼ିଶା ଦଳିତ ମହାସଂଘ ଜିଲା ସଭାପତି ଅଂଜନ ଦାସ, ବ୍ରହ୍ମାନନ୍ଦ ପରିଡ଼ା, ଭାଗିରଥି ରାଉତ, ରମାକାନ୍ତ ରାଉତ, ଗଂଗାଧର ମହାଳିକ, ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଦୁର୍ଘଟଣାରେ ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ପରିବାର ଲୋକେ ଓ ଗ୍ରାମବାସୀ ଚିକିତ୍ସା ଅବହେଳା ହୋଇଥିବା ପ୍ରତିବାଦ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ପଶି ଆସବାବପତ୍ର ଫିଙ୍ଗା ଫୋପଡ଼ା କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଗ୍ଲାସ୍‌କୁ ଢ଼େଲା ମାଡ଼ କରି ଭଙ୍ଗାରୁଜା କରିବା ଘଟଣାକୁ ନେଇ ତୀବ୍ର ଉତେଜନା ଦେଖା ଦେଇଥିବା ବେଳେ ଏ ସଂପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ନିଆଳି ଥାନା ବାଘସାହି ଗ୍ରାମର ସାଗର ଭୋଇ (୨୫) ନାମକ ଯୁବକ ବିଳମ୍ବିତ ରାତ୍ରରେ ବିବାହ ଭୋଜି ଖାଇ ଦ୍ରୁତ ବେଗରେ ଚାରିଛକ-ନିମାପଡ଼ା ରାସ୍ତାରେ ବାଇକ୍ ନେଇ ଯାଉଥିବା ବେଳେ ନିମାପଡ଼ା ପଟୁ ଆସୁଥିବା ଚାରିଛକ ଥାନା ଓଳାଂଶ ଗ୍ରାମର ସାଗର ଦାସ ବିପରୀତ ଦିଗରୁ ଦ୍ରୁତ ବେଗରେ ଆସୁଥିବା ବେଳେ ବିଶିମାତ୍ରୀ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ଦୁଇ ଆହତ ରାସ୍ତା ଉପରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ଡ଼ାକ୍ତର ବାଘସାହି ଗ୍ରାମର ସାଗର ଭୋଇଙ୍କୁ ମୃତ ଘୋଷଣା କରିଥିବା ବେଳେ ଏହାକୁ ନେଇ ସାଗରଙ୍କ ପରିବାର ଓ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଶି ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ସ୍ୱାସ୍ଥ୍ୟକେନ୍ଦ୍ରର ଆସବାବପତ୍ର ଫିଙ୍ଗା ଫୋପଡ଼ା କରିବା ସହ ଗ୍ଲାସ ବାଡ଼େଇ ଭାଙ୍ଗିଥିଲେ । ଚାରିଛକ ଥାନା ପୋଲିସ ଘଟଣା ସ୍ଥଳରେ ବୁଝାସୁଝା କରିଥିବା ବେଳେ ଏ ସଂପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ପ୍ରଶାନ୍ତ କୁମାର ସାମନ୍ତରାୟ ଚାରିଛକ ଥାନାରେ ଅଭିଯୋଗ କରିଥିବା ବେଳେ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିବା ଜଣାପଡ଼ିଛି । ମାତ୍ର ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନଥିବା ଜଣାପଡ଼ିଛି ।

## ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମବାର୍ଷିକୀ ଉତ୍ସବ



କାକଟପୁର(ଭାସ୍କର ନ୍ୟୁଜ): ପ୍ରବାଦ ପୁରୁଷ ଭାରତୀୟ ଜନ ମାନସର ଅବିସ୍ମରଣୀୟ ମହାନ ଆତ୍ମା ଶ୍ୟାମା ପ୍ରସାଦ ମୁଖାର୍ଜୀ ଙ୍କର ଜନ୍ମ ବାର୍ଷିକୀ ଉତ୍ସବ ପୁରୀ ଜିଲ୍ଲାର କାକଟପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନ୍ତ ମା ଗଜଲକ୍ଷ୍ମୀ ୟୁଥ୍ ସୋସିଆଲ ଅର୍ଗାନାଇଜେସନ ଆନୁକୁଲ୍ୟରେ ସଂଗଠନର ସମ୍ମିଳନୀ କକ୍ଷ ଠାରେ ମହା ଆଡ଼ମ୍ବରରେ ପାଳନ କରାଯାଇଛି । ଦିବସ ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଚତୁର୍ଭୁଜ ରାଉତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ସଚିଦାନନ୍ଦ ସତଙ୍ଗୀ, ବରିଷ୍ଠ ସମାଜସେବୀ ଓ ଶିକ୍ଷାବିତ୍ ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ, ଯୁବ ପ୍ରତିଭା କରିସ୍ମା ସ୍ୱାଇଁ ଯୋଗଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବକ, ଯୁବତୀ ଓ ପ୍ରତିଯୋଗୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଯୁବ ପ୍ରତିଭା ମାନଙ୍କ ମଧ୍ୟରେ ପ୍ରବାଦ ପୁରୁଷଙ୍କ ଜୀବନୀ ଆଧାରରେ ଭାଷଣ, ପ୍ରବନ୍ଧ ଆଦି ପ୍ରତିଯୋଗୀତା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ପୁସ୍ତକ ବଣ୍ଟନ କରାଯାଇଥିଲା । ସର୍ବ ଶେଷରେ ସଂଗଠନ ସମ୍ପାଦକ ସୂର୍ଯ୍ୟକାନ୍ତ ଦଳାଇ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ ପାଇଁ ସହଯୋଗ କରିଥିବା ଜିଲ୍ଲା ସଂଯୋଜିକା ସୁଶ୍ରୀ ସଂଗୀତା ମହାପାତ୍ର, ବରିଷ୍ଠ ଅଧିକାରୀ ଅଶୋକ କୁମାର ବେହେରା ଓ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହିତ ଅତିଥି ଅଧିକାରୀ, ଅଂଶଗ୍ରହଣ କାରୀ ଯୁବ ପ୍ରତିଭାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ପୂର୍ଣ୍ଣ ମଦମୁକ୍ତ ଓଡ଼ିଶା ଶୀର୍ଷକ ଆଲୋଚନାଚକ୍ର




ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ରେଢୁଆ ଆଞ୍ଚଳିକ ବିକାଶ ପରିଷଦ ଓ ସହଯୋଗ ଚାରିଟେବଲ୍ ଟ୍ରଷ୍ଟ ଏବଂ ମିଳିତ ଓଡ଼ିଶା ନିଶା ନିବାରଣ ସଙ୍ଗଠନ ନେତୃତ୍ୱରେ ସମ୍ପୂର୍ଣ୍ଣ ମଦମୁକ୍ତ ଓଡ଼ିଶା ପାଇଁ ସଂକଳ୍ପ ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଅଧ୍ୟାପକ ପ୍ରତାପ ଲେଙ୍କା ପୌରହିତ୍ୟ କରିଥିବା ବେଳେ ସାମାଜିକ କର୍ମୀ ସ୍ନେହାଂସୁ ଜେନା ସଭା ପରିଚାଳନା କରିଥିଲେ। ଏଥିରେ ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଦ କିପରି ଗରିବର ସଂସାରକୁ ଉଜାଡ଼ିଦେଉଛି ଓ ଯୁବପିଢିଙ୍କୁ ବିପଥଗାମୀ କରି ସମାଜରେ ବଳାତ୍କାର ତଥା ନାରୀ ଅତ୍ୟାଚାରର ମାତ୍ରା ବଢିବାରେ ଲାଗିଛି ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ମିଳିତ ଓଡ଼ିଶା ନିଶା ନିବାରଣର ରାଜ୍ୟ ସଂଯୋଜିକା ଇନ୍ଦୁମତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ପଡିଶା, ଗ୍ରାମ ଓ ପଞ୍ଚାୟତରେ ମଦ ବିରୋଧି ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ରଖିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ନିଜ ବକ୍ତବ୍ୟରେ ରାଜ୍ୟକୁ ସଂପୂର୍ଣ୍ଣ ମଦ ମୁକ୍ତ କରିବା ପାଇଁ ଜନମଙ୍ଗଳକାରି ସରକାରଙ୍କୁ ନିବେଦନ କରିଥିଲେ। ନଚେତ ଆଗାମୀ ଦିନରେ ସଂପୂର୍ଣ୍ଣ ମଦ ମୁକ୍ତ ଓଡ଼ିଶା ଗଠନ ପାଇଁ ଛାତ୍ରସମାଜ ସଂଗଠିତ ହୋଇ ଏହାର ତୀବ୍ର ବିରୋଧ କରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଆଲୋଚନାଚକ୍ରରେ ଭଗବାନ ଖୁଣ୍ଟିଆ, ଶାରଦା ପ୍ରସାଦ ଜେନା, ଦେବି ପ୍ରସାଦ ମହାରଣା, ଗଗନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀଙ୍କ ଆର୍ଥିକ ସମୃଦ୍ଧି ଆଣିଛି ମାଈ-ଅଣ୍ଡିରା ଧାନଚାଷ

ବିଞ୍ଝାରପୁର(ଭାସ୍କର ନ୍ୟୁଜ): ମାଈଅଣ୍ଡିରା ଧାନ ଚାଷ, ଚାଷୀ ଭାଇଙ୍କ ଆର୍ଥିକ ସମୃଦ୍ଧି ଆଣିଛି। ଏହି ଚାଷ କଲେ ଚାଷୀଙ୍କୁ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡେନା। ଯାଜପୁର ଜିଲାର ବିଭିନ୍ନ ବ୍ଲକରେ ଏହି ମାଈଅଣ୍ଡିରା, (ଶଙ୍କର ଜାତୀୟ ବିହନ ଉତ୍ପାଦନ) ଧାନଚାଷ କରିବା ପାଇଁ ଚାଷୀ ଆଗ୍ରହ ପ୍ରକାଶ କଲେଣି।

**ଅଭାବୀ ବିକ୍ରିର ସାମାନ୍ୟତମ ସୁଯୋଗ ନାହିଁ**

ଖରିଫ ଧାନଚାଷ ହେଉନଥିବା ଅଞ୍ଚଳର ଚାଷୀଙ୍କ ପାଇଁ ଏହି ଚାଷ ଏକ ସୁଯୋଗ। ବର୍ଷା ଦିନରେ ଚାଷଜମି ଜଳମଗ୍ନ ହୋଇଥାଏ। ବନ୍ୟାଜଳ ମାଡି ରହୁଥିବା ଓ ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ଚାଷ ହୋଇପାରେନି। ଡାଲୁଅ ଧାନଚାଷ କରି ଚାଷୀ ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର କଛିବର୍ଷ ହେଲା ଟାଟା, ମହିନ୍ଦ୍ରା, ରୟାଲ ଏଗ୍ରୀ କ୍ରପ ସାଇନ୍ସ, ବାଇଅର୍ ଓ୍ୟୁଏସ ଏଗ୍ରୀ ପକ୍ଷରୁ ମାଈଅଣ୍ଡିରା ଧାନଚାଷ ପାଇଁ ପ୍ରୋତ୍ସାହିତ କରାଯାଇଛି । ମାଗଣାରେ ବିହନ, ସାର, କୀଟନାଶକ ଔଷଧ ସାଙ୍ଗକୁ ଉନ୍ନତ ପ୍ରଣାଳୀରେ ଚାଷ କରିବା କୌଶଳ ଓ ବୈଷୟିକ ଶିକ୍ଷା ଚାଷୀଙ୍କୁ ପ୍ରଦାନ କରାଯାଇଥାଏ । ଏକର ପିଛା ଚାଷୀଙ୍କୁ ୨୦ରୁ ୨୫ ହଜାର ଟଙ୍କା ଅଗ୍ରୀମ ଦିଆଯାଇଥାଏ। ଗୋଟିଏ ଏକରରୁ ୧୨ କ୍ୱିଣ୍ଟାଲ ମାଈ ଓ ୮ରୁ ୯ କ୍ୱିଣ୍ଟାଲ ଅଣ୍ଡିରା ଧାନ ଉତ୍ପାଦନ ହୋଇଥାଏ। ଅଣ୍ଡିରା ଦୁଇ ଧାଡ଼ିରେ ୭ ଧାଡ଼ି ମାଈଧାନ ୨୩ ମିଟର ବ୍ୟବଧାନରେ ଲଗା ଯାଇଥାଏ। ପରାଗ ସଙ୍ଗମ ପାଇଁ ଏକ ବାଉଁଶ ବତାରେ ଅଣ୍ଡିରା ଧାନଗଛକୁ ମାଈଧାନ ଉପରେ ମଡାଯାଏ। ଅଣ୍ଡିରା ଧାନ କଟାଯିବାର ୭ ଦିନ ପରେ ମାଈଧାନ କଟାଯାଇଥାଏ। ମାଈଧାନ କ୍ୱିଣ୍ଟାଲ ୭ ହଜାରରୁ ୧୧ ହଜାର ଟଙ୍କାରେ ବିହନ ଦେଇଥିବା ସଂସ୍ଥା ଚାଷୀଙ୍କଠାରୁ ଧାନ କିଣିନେଇଥାଏ। ଅବଶ୍ୟ ଦେଇଥିବା ଅଗ୍ରୀମ ଟଙ୍କା କାଟି ଅବଶିଷ୍ଟ ଧାନର ମୂଲ୍ୟ ଚାଷୀଙ୍କୁ ତତକ୍ଷଣାତ୍ ପ୍ରଦାନ କରାଯାଇଥାଏ । ଏହି ଚାଷରେ ଫସଲବୀମା ସୁବିଧା ନାହିଁ। ଅଣ୍ଡିରା ଧାନରେ ଚାଷୀ ତା' ପରିବାର ପ୍ରତିପୋଷଣ କରିଥାଏ । ଫସଲବୀମା ସୁବିଧା ନଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷୟକ୍ଷତି ହେଲେ ସଂସ୍ଥା ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଏ ସଂପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରାଙ୍କୁ ପଚାରିବାରୁ ବିଭିନ୍ନ କମ୍ପାନୀ ପକ୍ଷରୁ ମାଈ ଅଣ୍ଡିରା ଧାନଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି । ଆମ ଜିଲାର ଦଶରଥପୁର, ଯାଜପୁର ବ୍ଲକ ଭଳି ଯାଜପୁର ବ୍ଲକ କବିରପୁରରେ ଏହି ଜାତୀୟ ଧାନଚାଷ ହେଉଛି ବୋଲି ପ୍ରକାଶ କରିଛନ୍ତି।

## ବସ୍ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ନାଆମୀ ଛକରେ ଜଣେ ବସ ଚାଳକ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ସାରୋ ଗ୍ରାମର ଅଜୟ କୁମାର ଜେନା ବିଭାଘର ପାଇଁ ବସକୁ ଭଡାରେ ନେଇ ଏକାକୀ ଫେରୁଥିବା ସମୟରେ ଆକ୍ରମଣ ହୋଇଥିଲା। ଅଭିଯୋଗ ଅନୁଯାୟୀ ନାଆମୀ ଛକରେ ସମ୍ମୁଖରୁ ଲାଇଟ ପଡିବାରୁ ଅଜୟ ଜେନା ବସ ଅଟକାଇ ତଳକୁ ଓହ୍ଲାଇଥିଲେ। ଏହି ସମୟରେ ଓଡି ୩୪ ଏଲ ୭୧୯୧ କାରରୁ ୨ ଜଣ ଆରୋହୀ ଆସି ଅଜୟଙ୍କୁ ବାଡି ଓ ଚାବିକାଠି ସହାୟତାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଅଜୟ ସଂଜ୍ଞାହୀନ ହୋଇପଡିବାରୁ ଅଭିଯୁକ୍ତମାନେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଛାଡି ପଳାଇ ଯାଇଥିଲେ। ଆହତ ଅଜୟଙ୍କୁ ପ୍ରଥମେ ମଞ୍ଜୁରୀରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଯାଜପୁର ଭେଷଜ ମହାବିଦ୍ୟାଳୟ ଓ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଅଜୟଙ୍କ ଅଭିଯୋଗ କ୍ରମେ ଥାନାରେ ଶନିବାର ରାତ୍ରରେ ୩୧୨/୨୫ନଂ ମାମଲା ଅଭିଯୁକ୍ତ ନାଆମୀ ଗ୍ରାମର ସତ୍ୟପ୍ରକାଶ ଜେନା, ଅଭିମନ୍ୟୁ ଜେନା ଓ କାର ଚାଳକ(ଅଜଣା)ଙ୍କ ନାମରେ ରୁଜୁ ହୋଇଛି। ପୁଲିସ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ଛାଡିଦେଇଥିବା ଜଣାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ମୌଳିକ ସୁବିଧାରୁ ବଞ୍ଚିତ ଦାବାଙ୍କ ଗ୍ରାମବାସୀ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଦାବାଙ୍କ ୨ନମ୍ବର ଓ୍ୱାର୍ଡ ମାଝୀସାହି ବାସିନ୍ଦା ମୌଳିକ ସବିଧାରୁ ବଞ୍ଚିତ ହୋଇଛନ୍ତି। ଚାଲି ଚାଲି ଯିବା ପାଇଁ ସବୁଦିନିଆ ରାସ୍ତା ଟିଏ ନଥିବାବେଳେ ପାନୀୟଜଳ ସମସ୍ୟା ସମେତ ଶୌଚ ଭାରତ ଯୋଜନା ଦିଗହରା ହୋଇ ପଡିଛି । ଗାଁ ଲୋକେ ବିଭିନ୍ନ ସ୍ତରରେ ଅଭିଯୋଗ କରିଆସୁଥିଲେ ହେଁ ପ୍ରଶାସନର ଦୃଷ୍ଟି ଅଢୁଆଳରେ ରହିଛି ।ଫଳରେ ତୀବ୍ର ଅସନ୍ତୋଷ ପ୍ରକାଶ ବୃଦ୍ଧି ପାଇବାରେ ଲାଗିଛି। ଗାଁରେ ୬୦ପରିବାର ୩ ଶହରୁ ଉର୍ଦ୍ଧ ଜନସାଧାରଣ ବସବାସ କରୁଛନ୍ତି। ମାତ୍ର ସେମାନଙ୍କ ନିକଟରେ ଆଖି ଦୃଶିଆ ବିକାଶ ବିକାଶ ପହଞ୍ଚି ନଥିବା ଅଭିଯୋଗ କରିଛନ୍ତି। ଆରଡି ରାସ୍ତା ନିକଟରୁ ସାହି ଭିତରକୁ ସଂଯୋଗୀ ମାଟି ରାସ୍ତା ମରାମତି ଅଭାବରୁ ଅତି ଶୋଚନୀୟ ହୋଇ ପଡିଛି। ମାଟି କିମ୍ବା ମୋରମ ମୁଠେ ପଡୁନଥିବାରୁ ଭାରୀଯାନ ଯାତୟତ ଯୋଗୁଁ ଖାଲଖମା ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷାହେଲେ ପୋଖରୀ ଭ୍ରମ ସୃଷ୍ଟି ହେଉଛି। ଚାଲି ଚାଲିଯିବା କଷ୍ଟକର ହୋଇ ପଡୁଥିବା ବେଳେ ସାଧାରଣଲୋକଙ୍କ ସମେତ ସ୍କୁଲ କଲେଜ ଛାତ୍ରଛାତ୍ରୀ,୧୦୮ ଆମ୍ବୁଲାନ୍ସ ଗାଁ ଭିତରକୁ ଗଲାବେଳେ ବହୁ ଅସୁବିଧାର ସମ୍ମୁଖିନ ହେଉଛି। ଶୌଚଭାରତ ଯୋଜନାରେ ପରିବାର ଗୁଡିକୁ ଶୌଚାଳୟ ମିଳିନି, ଲୋକେ ଖୋଲା ସ୍ଥାନରେ ମଳତ୍ୟାଗ କରୁଥିବାରୁ ରୋଗବ୍ୟାଧି ବଢିବାକୁ ଲାଗିଛି। ପାଣି ସମସ୍ୟା ଲାଗି ରହିଛି, ସାହିରେ ଦୁଇଟି ନଳକୂଅ ରହିଛି। ତେବେ ବର୍ଷାଦିନେ ଜଳସ୍ତର ହ୍ରାସ ପାଉଥିବାରୁ ଗୋଟିଏ ବାଲଟି ପାଣି ମାରିଲେ ଆଉ ପାଣି ବାହାରୁନି। ଦୁଇବର୍ଷରୁ ଅଧିକ ହେଲାଣି ମାଟିତଳେ ପାଇପ୍ ପୋତା ଯାଇଛି, କିନ୍ତୁ ପ୍ରତ୍ୟେକ ଘରେ ଟ୍ୟାପ ବସାଯାଇନଥିବାରୁ ଜଳ ଯୋଗାଣ ଆରମ୍ଭ କରାଯାଇନାହିଁ। ପୋଖରୀ ଟିଏ ନଥିବାରୁ ମାଛକାନ୍ଦଣା ନଦୀ ଉପରେ ଲୋକେ ଭରଷା କରୁଛନ୍ତି। ଦୂଷିତ ପାଣି ବ୍ୟବହାର କରିବା ଦ୍ୱାରା ଗାଁ ଲୋକେ ଚର୍ମ ରୋଗରେ ପୀଡିତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଅଭିରାମ ମାଝୀ, ମୋହନ ମାଝୀ, କୃଷ୍ଣଚନ୍ଦ୍ର ଦାସଦା, ମହେନ୍ଦ୍ର ମାଝୀ, ତହସିଲ ମାଝୀ, ଜଗନ୍ନାଥ ମାଝୀ, ବିଷ୍ଣୁ ମାଝୀ, ଗୋପୀନାଥ ମାଝୀ, ଚୈତନ୍ୟ ମାଝୀ, ଶଙ୍କର ମାଝୀ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ରାଜ୍ୟ ଖବର



ଡେରାବିଶ, (ଭାସ୍କର ନ୍ୟୁଜ) : ଆଜି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା । ନ ଦିନ ପୂର୍ବରୁ ଶ୍ରୀ ଜଗନ୍ନାଥ ସାଙ୍ଗରେ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ଧରି ମାଉସୀମା ମନ୍ଦିରକୁ ବୁଲିବାକୁ ଯାଇଥିଲେ । ଆଜି ଏହି ଉପଲକ୍ଷେ ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଓଳକଣା ସ୍ଥିତ ଓଁକାର କ୍ଷେତ୍ର ଭାବେ ପରିଚିତ ଓଳକଣା ମେଲଣ ପଡ଼ିଆରେ ରଥାରୁଢ଼ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇରଯାଇଛି । ଆଜି ସନ୍ଧ୍ୟା ସୁଦ୍ଧା ଶ୍ରୀଜୀଉଙ୍କ ରଥ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ଅରୁଣସ୍ତମ୍ଭ ନିକଟରେ ପହଞ୍ଚି ଯାଇଛି । ଶ୍ରୀଗୁଣ୍ଡିଚା ତିଥିରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରଥାରୁଢ଼ ହୋଇ ସ୍ଥାନୀୟ ଅରାଖଣ୍ଡ ଠାରେ ଭକ୍ତ ବିଦୂରଙ୍କ ମନ୍ଦିରରେ ଥିବା ମାଉସୀମା ମନ୍ଦିରକୁ ଯାଇଥିଲେ । ନବଦିନ ଯାତ୍ରା ପରେ ପୁନର୍ବାର ମନ୍ଦିରକୁ ଶ୍ରୀଜୀଉମାନେ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଛନ୍ତି । ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହେବା ପରେ ନିଳାଦ୍ରୀ ବିଜେ ହେବ ବୋଲି ମନ୍ଦିର ପରିଚାଳନା ପରିଷଦ ପକ୍ଷରୁ ସୂଚନା ମିଳିଛି । ସେହିପରି ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଦଧିବାମନଜୀଉଙ୍କ ରଥ ଗୁଣ୍ଡିଚା ମନ୍ଦିରରୁ ବାହାରି ଦୁମୁକାହାଟ ସ୍ଥିତ ହାଟପଡ଼ିଆ ନିକଟରେ ପହଞ୍ଚିଛି । ସନ୍ଧ୍ୟା ହୋଇଯିବାରୁ ଶ୍ରୀଜୀଉଙ୍କ ରଥ ଏହି ଠାରେ ରହିଥିବା ବେଳେ ଆସନ୍ତା କାଲି ପୁନର୍ବାର ଯାତ୍ରା ଅନୁଷ୍ଠିତ ହେବ । ସେହିପରି ମୁକୁନ୍ଦପୁର ପଂଚାୟତ ଅନ୍ତର୍ଗତ ଶ୍ରୀଧରପୁର-ପବିତ୍ରପଡ଼ା ସ୍ଥିତ ବଟମହାପୁରୁଷ ସ୍ଥିତ ମାଉସୀମା ମନ୍ଦିରରୁ ଶ୍ରୀ ପତିତପାବନଜୀଉଙ୍କୁ ରଥାରୁଢ଼ କରାଯାଇ ଡାବଳସ୍ଥିତ କବିସୂର୍ଯ୍ୟ ବ୍ରହ୍ମାଙ୍କ ମଠ ପରିସରକୁ ନିଆଯାଇଥିବା ବେଳେ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମ, ବନ୍ଧପଡ଼ା ସ୍ଥିତ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଯାଇଛି । ଏହି ସମସ୍ତ ରଥଯାତ୍ରାରେ ଶହଶହ ଶ୍ରଦ୍ଧାଳୁ ମାନେ ରଥଟାଣୁଥିବାର ଦେଖିବାକୁ ମିଳିଥିଲା ।



## କ୍ଷତିପୂରଣ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଶାକର୍ମୀଙ୍କ ଦାବିପତ୍ର

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନାଗିରି ଜିଲ୍ଲା ଖଇରପୁଟ ବ୍ଲକ ପରିସରରେ କର୍ମଶାଳା ସମୟରେ ହୃଦଘାତରେ ମୃତ୍ୟୁ ଘଟିଥିବା ବଣ୍ଡା ଆଶାକର୍ମୀଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ରାଜ୍ୟ ଆଶାକର୍ମୀ ସଂଘର ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଶାକର୍ମୀ ସଂଘ ପକ୍ଷରୁ ଦାବି ହୋଇଛି । ମୃତା ଜଣଙ୍କ ମୁଦୁଲି ପଡା ବଣ୍ଡାଘାଟିର ମଙ୍ଗୁଳି କିର୍ସାନୀ । ଗତ ବୁଧବାର ଦିନ ବ୍ଲକରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ତାଙ୍କର ହୃଦଘାତରେ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ଜିଲ୍ଲା ସଂଘର ଶତାଧିକ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲା ଆଶାକର୍ମୀ ସଂଘର ସଭାନେତ୍ରୀ ତାପତି ବିଶ୍ୱାସ କହିଛନ୍ତି, ଖଇରପୁଟ ବ୍ଲକ ସବସେଣ୍ଟରର ମୁଦୁଲିପଡ଼ାର ଶ୍ୟାମ କିର୍ସାନୀଙ୍କ ପତ୍ନୀ ମଙ୍ଗୁଳି ଜଣେ ନିଷ୍ଠାପର କର୍ମୀ ଭାବେ କାର୍ଯ୍ୟ କରୁଥିଲେ । ସେ ବଣ୍ଡା ଜନଜାତିର ମହିଳା । ଦୀର୍ଘବର୍ଷ ଧରି ଖରାବର୍ଷା ଶୀତକୁ ଖାତିର ନକରି ସେ ବଣ୍ଡାଘାଟି ମୁଦୁଲିପଡ଼ା ଗ୍ରାମବାସୀଙ୍କ ସେବା ଯୋଗାଇ ଆସୁଥିଲେ । ଗତ ୨ତାରିଖରେ ଖଇରପୁଟ ବ୍ଲକ କାର୍ଯ୍ୟାଳୟରେ ମିଟିଂ ଚାଲିଥିବା ବେଳେ ହୃଦଘାତ୍ରେ ତାଙ୍କ ଜୀବନ ଚାଲିଯାଇଥିଲା । ସେ ଅତ୍ୟନ୍ତ ଗରିବ ଓ ଘରର ଏକମାତ୍ର ରୋଜଗାରକ୍ଷମ ମହିଳା ଥିଲେ । ତାଙ୍କର ଛୋଟ ଛୋଟ ୪ଟି ପୁତ୍ର ସନ୍ତାନ ଅଛନ୍ତି । ତାଙ୍କ ପରିବାରକୁ ତୁରନ୍ତ ୫ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଆବାସ ଯୋଜନା ରେ ଗୃହ ଓ କୁନି କୁନି ପିଲାଙ୍କୁ ପାଠ ପଢ଼ିବା ପାଇଁ ସହାୟତା ପ୍ରଦାନ କରାଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି । ଏଥିସହ ପରିବାରର ଜଣଙ୍କୁ ଆଶାକର୍ମୀ ଭାବେ ନିଯୁକ୍ତି ଦିଆଯାଉ ବୋଲି ଦାବି କରାଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସୂଚନା ରହିଛି ।

## ୭୫୦ କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

କୋରାପୁଟ, (ଭାସ୍କର ନ୍ୟୁଜ) : ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ କୋରାପୁଟର ତ୍ୟାଗ, ବଳିଦାନ ଓ ପରିଶ୍ରମ ଅତୁଳନୀୟ । ୨୦୩୬ରେ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନକୁ ଶହେ ବର୍ଷ ପୂରିବ । ଏହା ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲ୍ଲାର ମୌଳିକ ପରିବର୍ତ୍ତନ କରାଯିବ । ଯାହାର ନେତୃତ୍ୱ ନେବ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ । ଓଡିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ୭୫୦କୋଟି ଟଙ୍କା ପ୍ରକଳ୍ପର ଲୋକାର୍ପଣ ଓ ଭୂମି ପୂଜନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଥିଲେ, ଓଡିଶା ତଥା କୋରାପୁଟରେ ଗୁଣାତ୍ମକ ଶିକ୍ଷାର




ପ୍ରସାର ପାଇଁ ୬ଟି ଅଗ୍ରଣୀ କେନ୍ଦ୍ରୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଇଆଇଟି ଭୁବନେଶ୍ୱର, ଆଇଆଇଏମ ସମ୍ବଲପୁର, ଏନଆଇଟି, ରାଉରକେଲା, ଆଇଆଇଏନଇଆର ବ୍ରହ୍ମପୁର ଏବଂ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ମଧ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟକୁ ପୂରଣ ପାଇଁ ଏମଓୟୁ ସ୍ୱାକ୍ଷର ହୋଇଛି । ବହୁମୁଖୀ ଶିକ୍ଷା, ଗବେଷଣା, ଏକାଡେମିକ ବ୍ୟାଙ୍କ ଅଫ କ୍ରେଡିଟ୍ ମାଧ୍ୟମରେ କ୍ରେଡିଟ ସ୍ଥାନାନ୍ତର, ଯୁଗ୍ମ ଡିଗ୍ରି କାର୍ଯ୍ୟକ୍ରମ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଦିଗରେ ଏହି ବୁଝାମଣା ସହାୟକ ହେବ । ଏହା କୋରାପୁଟକୁ 'ବ୍ରାଣ୍ଡ କୋରାପୁଟ'ରେ ପରିଣତ କରିବ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ମୌଳିକ ଚାଷ ସହ ଫଳ, ପନିପରିବା, ପଶୁପାଳନ, ଦୁଗ୍ଧ ଚାଷକୁ ପ୍ରୋତ୍ସାହନ ଦେବାର ଅନେକ ବିଷୟ କୋରାପୁଟ ସହ ଜଡିତ । ଏହି ଜିଲ୍ଲାରେ ବକ୍ସାଇଟ୍ ଉତୋଳନ ହେଉଥିବା ବେଳେ ଆଲୁମିନିୟମ ଓ ଅନେକ ଖଣିଜ ପଦାର୍ଥ ଉତ୍ପାଦନ ହେଉଛି । ହାଲ, ନାଲକୋ, ଉତ୍କଳ ଆଲୁମିନିୟମ ଭଳି କାରଖାନା ଓ ଅନେକ ଶିକ୍ଷାନୁଷ୍ଠାନ ରହିଛି । ଓଡିଶାର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ କୃଷିଭିତିକ, ଲଜିଷ୍ଟିକ୍ସରେ ୟୁଜି ଓ ପିଜି ପାଠ୍ୟକ୍ରମ ଆରମ୍ଭ ହେବ । ଆସନ୍ତା ବର୍ଷରୁ ଡିପ୍ଲୋମା, ଡିପ୍ଲୋମା ଇଞ୍ଜିନିୟର, ସିଭିଲ, ମେକାନିକାଲ, ଇଲେକ୍ଟ୍ରିକାଲ ସହିତ ଏଆଇ, ମେସିନ ଲର୍ଣ୍ଣିଂ, ଏଭିଏସନ ମେଣ୍ଟେନାନ୍ସ, ଉଦ୍ୟମିତା, ହେଲଥ୍ ସାଇନ୍ସ ପାଠ୍ୟକ୍ରମ ଆରମ୍ଭ ପାଇଁ ଯୋଜନା ହେବ । ବିଶ୍ୱବିଦ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ ବାର୍ତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ସମେତ କୋରାପୁଟ ନବରଙ୍ଗପୁର ଜିଲ୍ଲାର ବିଧାୟକ, କେନ୍ଦ୍ର ଉଚ୍ଚ ଶିକ୍ଷା ସଚିବ ବିନୀତ ଯୋଶୀ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଉପସ୍ଥିତ ଥିଲେ ।

### ଲଗାଣ ବର୍ଷାରେ ଭୁଶୁଡ଼ିଲା ନିର୍ମାଣାଧୀନ କୁକୁଡ଼ା ଫାର୍ମ

## ମାଟି ତଳେ ଚାପିହୋଇ ଦୁଇ ମହିଳା ମୃତ

ନୂଆପଡ଼ା, (ଭାସ୍କର ନ୍ୟୁଜ୍) : ନୂଆପଡ଼ା ଜିଲ୍ଲା ଲଖନା ପଟକରପାଲି ଗାଁରେ ନିର୍ମାଣାଧୀନ କୁକୁଡ଼ା ଫାର୍ମ ଭୁଶୁଡ଼ି ପଡିଥିଲା । ଏଥିରେ କାନ୍ଥ ମାଟି ତଳେ ଚାପି ହୋଇ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ଦୁଇ ମହିଳା ହେଲେ ବାଳମତି ଶବର(୩୧) ଓ ଖୁଡ଼ି ରୂପେ ଶବର(୬୧) । ଏଥିରେ ବାଳମତିଙ୍କ ପୁଅ ରିଧି ଶବର(୮)ଗୁରୁତର ଆହତ ହୋଇଛନ୍ତି । ଲଖନା ଥାନା ପଟକରପାଲି ଗାଁର ଦିବାକର ଶବର ସବସିଡି ଋଣ କରି ନିଜ ଚାଷ ଜମିରେ କୁକୁଡ଼ା ଫର୍ମ ନିର୍ମାଣ କରୁଥିଲେ । ଗତକାଲି ରାତିରୁ ଜିଲ୍ଲାରେ ଲଗାଣ ବର୍ଷା ଲାଗିଛି । ଆଜି ମଧ୍ୟାହ୍ନରେ ଦିବାକରଙ୍କ ସ୍ତ୍ରୀ ବାଳମତି, ପୁଅ ରିଧି ଓ ଖୁଡି ରୂପେ ନିର୍ମାଣାଧୀନ କୁକୁଡ଼ା ଫାର୍ମ ଦେଖିବାକୁ ଯାଇଥିଲେ । ଏହି ସମୟରେ ନିର୍ମାଣାଧୀନ କୁକୁଡ଼ା ଫାର୍ମର କାନ୍ଥ ହଠାତ ପଡିବାଯିବାରୁ ବାଳମତି ଓ ରୂପେ କାନ୍ଥ ତଳେ ଚାପି ହୋଇ ମୃତ୍ୟୁ ହୋଇଥିଲା । ଶିଶୁ ଗୁରୁତର ଆହତ ହୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏହି ଖବର ପାଇ ଗାଁ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଦୁଇ ମହିଳାଙ୍କ ମୃତ ଦେହକୁ ଉଦ୍ଧାର କରିଥିଲେ । ଅପରାହ୍ନରେ ଲଖନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ଏବେ ନାବାଳକଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଛନ୍ତି ।

## ବିଏସ୍ଏନ୍ଏଲ୍ ସେବା ଠପ୍, ସାଧାରଣରେ ଅସନ୍ତୋଷ

ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ବିଏସ୍ଏନ୍ଏଲ ସେବା ଠପ୍ ହୋଇଯାଇଥିବା ଦେଖିବାକୁ ମିଳୁଛି । ପ୍ରକାଶ ଥାଉ କି ବାରମ୍ବାର ବିଏସ୍ଏନ୍ଏଲ ସେବା ଠପ୍ ହୋଇଯିବା ଫଳରେ ସାଧାରଣ ଜନତା ଅନ୍ୟ ନେଟୱର୍କ ଉପରେ ନିର୍ଭର କରୁଥିବା ଜଣାଯାଇଛି । ବର୍ତ୍ତମାନ ନେଟୱାର୍କ ନ ଥିବା ଯୋଗୁଁ ବ୍ରର୍ଡବ୍ୟାଣ୍ଡ ସେବା ମଧ୍ୟ ଠପ୍ ହୋଇଯାଇଛି । ସାଧାରଣତ ଏହି ଅଞ୍ଚଳରେ ବିଏସ୍ଏନ୍ଏଲ ସେବା ପ୍ରଥମେ ଆରମ୍ଭ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ବାରମ୍ବାର ନେଟୱର୍କ ନ ରହିବାରୁ ଅନ୍ୟ ନେଟୱର୍କକୁ ପରିବର୍ତ୍ତନ କରିବାକୁ ବାଧ୍ୟ ହେଉଛନ୍ତି । ବିଏସଏନ୍ଏଲ୍ ଅଫିସ ସବୁବେଳେ ଚାବି ପଡ଼ି ରହୁଥିବାରୁ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇ ପାରୁନାହିଁ । ବାରମ୍ବାର ନେଟୱର୍କ ଫେଲ ହୋଇଯାଉଛି । ତେଣୁ ବିଭାଗୀୟ ଅଧିକାରୀ ତଥା ଲୋକ ପ୍ରତିନିଧି ଏହା ଉପରେ ନଜର ଦେଇ ତୁରନ୍ତ ଏହାର ସମାଧାନ ନିମନ୍ତେ ସାଧାରଣରେ ଦାବି ହେଉଛି ।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ବନ ମହୋତ୍ସବ



ଆଳି, (ଭାସ୍କର ନ୍ୟୁଜ ) : ଏ ବର୍ଷ ଜୁଲାଇ ୧ ରୁ ୭ ତାରିଖ ଯାଏ ଜଙ୍ଗଲ ପରିବେଶ ଓ ଜଳବାୟୁ ବିଭାଗ ପକ୍ଷରୁ ସାରା ରାଜ୍ୟରେ ବନ ମହୋତ୍ସବ ସପ୍ତାହ ପାଳନ ହେଉଛି । ଏହି କ୍ରମରେ ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଆଳି କୋର୍ଟ ପରିସରରେ ବିଚାରପତି ଦେବାନ ସତ୍ୟଦର୍ଶୀ ନନ୍ଦ ବୃକ୍ଷରୋପଣ କରି ଚାରାରୋପଣକୁ ସମସ୍ତେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ । ବନବିଭାଗର କର୍ମଚାରୀ ନିରୁପମା ଷଡଙ୍ଗୀଙ୍କ ସହଯୋଗରେ ଆଳି କୋର୍ଟର ସମସ୍ତ କର୍ମଚାରୀ, ବହୁ ଆଇନଜୀବୀ, ତାଲୁକ ଆଇନ ସେବା ସମିତିର କର୍ମଚାରୀ, ପିଏଲଭି ସଦସ୍ୟ ମାନେ ଏଥିରେ ସାମିଲ ହୋଇଥିଲେ । ସେହିପରି ଆଜି ପୂର୍ବାହ୍ନ ସମୟରେ ଆଳି ଅନ୍ନପୂର୍ଣ୍ଣା ପଡିଆ ଠାରେ ବନ ବିଭାଗ ତରଫରୁ ବିଭିନ୍ନ ପ୍ରକାରର ବୃକ୍ଷ ତଥା ମୂଲ୍ୟବାନ ଚାରା ସାଧାରଣ ଲୋକ ମାନଙ୍କୁ ବଣ୍ଟନ କରାଯାଇ ବୃକ୍ଷର ଉପକାରିତା, ଆବଶ୍ୟକତା ତଥା ଏହାର କିପରି ଯତ୍ନ ନେବା ବିଷୟରେ ସଚେତନତା ଦେଇଥିଲେ ।

### ତେଲେଙ୍ଗାନା ଫାର୍ମା କମ୍ପାନୀ ବିସ୍ଫୋରଣ ଘଟଣା

## ଡିଏନ୍ଏ ଟେଷ୍ଟରୁ ମିଳିଲା ପରିଚୟ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ) : ଡିଏନ୍ଏ ପରୀକ୍ଷାରୁ ଚିହ୍ନଟ ହେଲା ମୃତ ବ୍ୟକ୍ତିଙ୍କ ପରିଚୟ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ତେଲେଙ୍ଗାନା ସାଙ୍ଗାରେଡି ଫାର୍ମା କେମିକାଲ କମ୍ପାନୀରୁ । ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ କୋଇଲୋ ଗ୍ରାମର ଗୋଲଖ ଚନ୍ଦ୍ର ସାହୁଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ସାହୁ ତେଲେଙ୍ଗାନାର ସାଙ୍ଗାରେଡି ଫାର୍ମା କେମିକାଲ କମ୍ପାନୀର କ୍ୟାଣ୍ଟିନରେ ରେଷେୟା ରୂପେ କାର୍ଯ୍ୟ କରିଆସୁଥିଲେ । ତେବେ ଏହି କମ୍ପାନୀରେ ହୋଇଥିବା ଅଗ୍ନିକାଣ୍ଡରେ ପୂର୍ଣ୍ଣଚନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା । ଏସମ୍ପର୍କରେ କମ୍ପାନୀ ତରଫରୁ ତାଙ୍କ ପରିବାରକୁ ଫୋନ



ଯୋଗେ ଖବର ଦିଆଯାଇଥିଲା । ଖବର ପାଇ ତାଙ୍କର ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ତେବେ ଡିଏନ୍ଏ ପରୀକ୍ଷା ପରେ ପୂର୍ଣ୍ଣଚନ୍ଦ୍ରଙ୍କ ଶବ ଚିହ୍ନଟ ହୋଇଥିଲା । ଚିହ୍ନଟପରେ ପୂର୍ଣ୍ଣଚନ୍ଦ୍ରଙ୍କ ଶବକୁ ଆଜି ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କର ପୈତୃକ ଗ୍ରାମ ଅସୁରେଶ୍ୱରକୁ ଅଣାଯାଇଥିଲା । ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶବ ଦାହ କରାଯାଇଥିଲା । ତାଙ୍କର ଅକାଳ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା, ସରପଞ୍ଚ ଗୌତମି ଦାସ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ପୂର୍ବତନ ସରପଞ୍ଚ ମହେଶ୍ୱର ବାରିକ, ରାଜୀବ ଲୋଚନ ବେହେରା, ବଜାର ବ୍ୟବସାୟୀ କମିଟିର ସଭାପତି ରଘୁନାଥ ନାୟକ, ରାଜକିଶୋର ସିଂ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

## ୫ ମାସ ହେବ ସରୁନି କଲଭର୍ଟ କାମ: ଯାତାୟାତ ବାଧାପ୍ରାପ୍ତ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ପାଞ୍ଚ ମାସ ବିତିଲାଣି, ହେଲେ ଆଗେଇ ପାରୁନି କଲଭର୍ଟ କାମ । ଫଳରେ ଯାତାୟାତରେ ବାଧାପ୍ରାପ୍ତ ହେଉଛି । ଅନେକ ଗାଁ ମୁଖ୍ୟ ରାସ୍ତାରୁ ବିଚ୍ଛିନ୍ନ ହୋଇ ପଡ଼ିରହି ଥିବାବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ୫ ମାସ ତଳେ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋଟିଗୁଡ଼ା ଗ୍ରାମ ନିକଟସ୍ଥ ରାସ୍ତା ଉପରେ ଥିବା କଲଭର୍ଟଟି ଭୁଶୁଡ଼ି ପଡ଼ିଛି । ଏହି କଲଭର୍ଟ ଉପରେ ପ୍ରାୟ ୮ ରୁ ୧୦ ଖଣ୍ଡ ଗାଁ ଲୋକେ ନିର୍ଭର କରନ୍ତି ଓ ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡ଼ି ମୋଟର ସହ ଆମ୍ବୁଲାନ୍ସ ଯିବା ଆସିବା କରିଥାଏ । ଏହି କଲଭର୍ଟ କୁଡୁମୁଲୁଗୁମ୍ମା ଓ ପାଙ୍ଗମ୍ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବାବେଳେ ଏବେ ଯୋଗାଯୋଗ ଏକ ପ୍ରକାର ବିଚ୍ଛିନ୍ନ ହୋଇଯାଇଛି । ଏହାର ପୁନରୁଦ୍ଧାର କରାଯାଇ ତୁରନ୍ତ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି । ଏହା ଉପରେ ନିର୍ଭର କରୁଥିବା ପ୍ରାୟ ୧୦ ଖଣ୍ଡ ଗାଁର ୩ ହଜାରରୁ ଉର୍ଦ୍ଧ୍ୱ ଲୋକେ ବାହ୍ୟ ଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇଯାଇଛନ୍ତି । ଏନେଇ ଲୋକେ ସ୍ଥାନୀୟ ବିଧାୟକ ଓ ପ୍ରଶାସନକୁ ମଧ୍ୟ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରିଛନ୍ତି । ଏହି କଲଭର୍ଟ ନିର୍ମାଣ ହେଲେ ୧୦ ଖଣ୍ଡ ଗାଁ ଲୋକେ ଉପକୃତ ହୋଇପାରିବେ । ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

## ଡାଳିଯୋଡ଼ା ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ ପାଳିତ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବ୍ରହ୍ମପୁର ଗ୍ରାମପଞ୍ଚାୟତ ସ୍ଥିତ ଷଣ୍ଢପଡ଼ିଆ ଠାରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶ କ୍ରମେ ଡାଳିଯୋଡ଼ା ବନାଞ୍ଚଳ, କଟକ ବନଖଣ୍ଡ ମଙ୍ଗରାଜପୁର ସେକ୍ସନ ପକ୍ଷରୁ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ମଙ୍ଗରାଜପୁର ବନପାଳ ଅନୁପମା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ଅଭୟ ବାରିକ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ପ୍ରତିନିଧି ମଇ ମହାନ୍ତି ଯୋଗଦେଇ ଚାରାରୋପଣ କରିଥିଲେ । ଚଳିତବର୍ଷ ୧୫ହେକ୍ଟର ଜଙ୍ଗଲ ଜମିରେ ୨୪ହଜାର ଚାରାରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ବନପାଳ ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୫ଟି ପଞ୍ଚାୟତର ବିଜେପି ଦାୟିତ୍ୱରେ ଥିବା ରବିନ୍ଦ୍ର ରାଉତ ଏବଂ ପ୍ରଶାନ୍ତ ବେହେରାଙ୍କ ସହ ସୁକାନ୍ତ ସ୍ୱାଇଁ, ଦୀପକ ପ୍ରଧାନ, ଦୁଃଶାସନ ପାଣ୍ଡବ, ତପନ ବେହେରା, ଅମରେନ୍ଦ୍ର ରାଉତ, ଜିତନ୍ ନାୟକ, ବୁଟୁନା ବେହେରା, ବିଭୂତି ବେହେରା, ଚଗ ସାହୁ, ବିନୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପରେ ଅଞ୍ଚଳରେ ଶତାଧିକ ବିଜେପି କର୍ମୀ ବରିଷ୍ଠ ବିଜେପି ନେତା ଶ୍ରୀ ବାରିକ୍ଙ୍କ ଜନ୍ମଦିନ ଥିବାରୁ କେକ୍ କାଟି ଜନ୍ମଦିନକୁ ପାଳନ କରିଥିଲେ ।

## ରେଳଯାତ୍ରୀଙ୍କୁ ବିସ୍କୁଟ୍ ଓ ପାଣି ବଟଲ୍ ବଣ୍ଟନ

କଣାସ, (ଭାସ୍କର ନ୍ୟୁଜ୍) : ବାହୁଡ଼ାଯାତ୍ରା ଉପଲକ୍ଷେ କଣାସ ବ୍ଲକରେ ପ୍ରତିଷ୍ଠିତ କାଳିଆ ଠାକୁର ସେବା ଟ୍ରଷ୍ଟ ପକ୍ଷରୁ କଣାସ ରୋଡ ରେଳ ଷ୍ଟେସନ୍ ଠାରେ ପୁରୀକୁ ଯାଉଥିବା ରେଳଯାତ୍ରୀମାନଙ୍କୁ ୫ଶହ ପାଣି ବଟଲ୍ ଓ ୫ଶହ ପ୍ୟାକେଟ୍ ବିସ୍କୁଟ୍ ବଣ୍ଟନ କରାଯାଇଥିଲା । ଟ୍ରଷ୍ଟର କର୍ମକର୍ତ୍ତା ଚିତ୍ରପଳା ହରିଚନ୍ଦନ, ସୌମ୍ୟଜିତ୍ ହରିଚନ୍ଦନ, ଦେବାଶିଷୀ ମହାନ୍ତି, ମାନସ କୁମାର ଜେନା, ହାପିନା ପ୍ରଧାନ, କିରଣ କୁମାର ପାଢୀ, ସୁଜିତ୍ କୁମାର ସାମନ୍ତରାୟ, ପ୍ରତାପ ଚନ୍ଦ୍ର ନାୟକ, ବିଶ୍ୱଜିତ୍ ସାହୁ, ପ୍ରୟସଦା ହରିଚନ୍ଦନ, ଦିପ୍ତୀମୟୀ ବରାଳ, ଅଭୟ କୁମାର ବିଶ୍ୱାଳ, ବିଷ୍ଣୁପ୍ରିୟା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଯେଉଁ ବଦାନ୍ୟ ବ୍ୟକ୍ତିମାନେ ଆର୍ଥିକ ସହାୟତା କରିଥିଲେ ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ କର୍ମକର୍ତ୍ତାମାନେ କୃଜ୍ଞତାଜ୍ଞାପନ କରିଛନ୍ତି ।

# ବିଭିନ୍ନ ସ୍ଥାନରେ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡିଛନ୍ତି ତିନି ଠାକୁର

ସାରସକଣା, (ଭାସ୍କର ନ୍ୟୁଜ୍) : ସାରସକଣା ବ୍ଲକ ଅନ୍ତର୍ଗତ ଶୀର୍ଷା ଓ ସାରସକଣାରେ ବାହୁଡ଼ା ଯାତ୍ରା ପାରମ୍ପରିକ ନୀତି ଅନୁସାରେ ସମ୍ପନ୍ନ ହୋଇଯାଇଛି । ପାଗ ପ୍ରତିକୂଳ ଥିବା ସତ୍ତ୍ୱେ, ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ଜଗନ୍ନାଥଙ୍କ ବାହୁଡ଼ା ବିଜେକୁ । ଅପଲକ ନୟନରେ ଚାହିଁ ରହିଥିଲେ । ଛୁଆ ଠାରୁ ବୁଢା, ବୁଢ଼ୀ ମାନେ ଆସି ନିଜର ଦୁଃଖକୁ ଜଣାଇବା ପାଇଁ ଯେତେ କଷ୍ଟ ହେଲେ ମଧ୍ୟ ଖାତିର ନ କରି ଜଗନ୍ନାଥଙ୍କ କୃପା ଲାଭ କରିବା ପାଇଁ ଦୂରଦୂରାନ୍ତରୁ ଛୁଟି ଆସିଥିଲେ । କରତାଳି, ହୂଳହୁଳି ଓ ମୃଦଙ୍ଗର ତାଳରେ ପ୍ରକମ୍ପିତ ହୋଇ ଉଠୁଥିଲା ବଡ଼ଦାଣ୍ଡ । ସମସ୍ତେ ଜୟ ଜଗନ୍ନାଥ ହୁରି ପକାଉଥିଲେ ।

ଭାପୁର, (ଭାସ୍କର ନ୍ୟୁଜ୍) : ନୟାଗଡ ଜିଲ୍ଲା ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଦିନ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭାପୁର, ପଦ୍ମାବତୀ, ଗୋଳାପୋଖରି, ସୁନାଖଳା, ମିଟୁଆଣି ଆଦି ବିଭିନ୍ନ ଗ୍ରାମରେ ରଥା ଟଣା ହେବା ସହ ଚତୁର୍ଦ୍ଧାମୂର୍ତ୍ତି ଜନ୍ମବେଦୀରୁ ଶ୍ରୀ ମନ୍ଦିର ପରିସରକୁ ଫେରିଛନ୍ତି । ଆଜି ଅପରାହ୍ନରେ ଭାପୁର ବ୍ଲକ ସଦର ମହକୁମା ସ୍ଥିତ ପ୍ରଭୁ ଶ୍ରୀ ରାମ ମନ୍ଦିର ପରିସରରେ ପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କର ନିତି କାନ୍ତି ଶେଷ ହେବା ପରେ ରାଜା ସାଧୁ ଚରଣ ସିଂ ଛେରା ପହଁରା କାର୍ଯ୍ୟ ସମାପନ ପରେ ରଥ ଟଣା ଆରମ୍ଭ ହୋଇଥିଲା । ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ରଥ ଟଣା ହୋଇ ସନ୍ଧ୍ୟାରେ ଶ୍ରୀ ମନ୍ଦିର ନିକଟରେ ରଥ ପହଞ୍ଚିଥିଲା । ଏହି ଅବସରରେ ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ



ଉପସ୍ଥିତ ରହି ଚତୁର୍ଦ୍ଧାମୂର୍ତ୍ତିଙ୍କର ଆର୍ଶୀବାଦ ଭିକ୍ଷା କରିବା ସହ ଉପସ୍ଥିତ ଥିବା ଭକ୍ତ ମାନଙ୍କୁ ଉତ୍ସାହିତ କରିଥିଲେ । ଭାପୁର ରଥଯାତ୍ରା ପରିଚାଳନା କମିଟିର ସଭାପତି ତଥା ତହସିଲଦାର ଅର୍ଜୁନ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ ଓ ବିଜୟ କୁମାର ସାମନ୍ତରାୟ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକମଦନ ମୋହନ ପ୍ରଧାନ, ଅଗ୍ନିଶମ ବାହିନୀ ଅଧିକାରୀ ନୀଳକଣ୍ଠ ମହାନ୍ତି ଉପସ୍ଥିତ ରହିଥିବା ବେଳେ ମେଡିକାଲ ଟିମ, ବିଦୁତ୍ ବିଭାଗ ଓ ଅଗ୍ନିଶମ ବାହିନୀ ଉପସ୍ଥିତ ରହିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ଭାପୁର ବିଟ୍ ହାଉସ୍ ଅଧିକାରୀ ସୁଶାନ୍ତ କୁମାର ନାୟକ ପ୍ରମୁଖଙ୍କ ସହ ଏକ ପୁଲିସ ଟିମ୍ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ସହ ରଥ ଟଣା କାର୍ଯ୍ୟକ୍ରମକୁ ସମାପନ କରିଥିଲେ ।

କଣାସ, (ଭାସ୍କର ନ୍ୟୁଜ୍) : ଜଗତର ବଡଠାକୁର ଜଗନ୍ନାଥଙ୍କ ବାହୁଡା ଯାତ୍ରା ସାରାବିଶ୍ୱର ବିଭିନ୍ନ ଦେଶରେ ମହାସମାରୋହରେ ପାଳିନ କରାଯାଉଥିବା ବେଳେ ପୁରୀରୁ ଗୁଣ୍ଡିଚା ମନ୍ଦିରରୁ ବଡଠାକୁର ଜଗନ୍ନାଥ ଭଉଣୀ ସୁଭଦ୍ରାଙ୍କ ରଥ ପୁନଶ୍ଚ ମନ୍ଦିରକୁ ଫେରିଛନ୍ତି । କଣାସ ବ୍ଲକର ଜଙ୍ଘାର ଛକ ଠାରେ ଗୁଡିଚାମନ୍ଦିରରୁ ଜଗନ୍ନାଥ,



ବଳଭଦ୍ର ଓ ସୁଭଦ୍ରାଙ୍କ ରିତୀନିତୀ ପ୍ରଭାତରୁ କରାଯିବାପରେ ୩ ଠାକୁରଙ୍କୁ ରଥକୁ ପହଣ୍ଡି ବିଜେ କରାଯାଇଥିଲା । ଦୋକନ୍ଦା ଗ୍ରାମର ଦଳବେହେରା ପରିବାର ନିରଂଜନ ଦଳବେହେରା ଛେରାପହରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ରଥ ସିରେଇ, ରାହାନ୍ଦିଆ, ସହନା, ବ୍ଲକ ବଜାର, ବାଲିଘାଇଛକ, କୁଞ୍ଜେଶ୍ୱରୀ ବଜାର, ବସଷ୍ଟାଣ୍ଡ, ଗୋଲାବଜାର ଦେଇ ୬କିମି ରାସ୍ତା ଅତିକ୍ରମ କରି ଦୋକନ୍ଦା ଗ୍ରାମର ଜଗନ୍ନାଥ ମନ୍ଦିର ଠାରେ ଲାଗିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା କରିବାପାଇଁ କଣାସ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ କର୍ମଚାରୀମାନେ ପୂର୍ଣ୍ଣସହ ଯୋଗକରିଥିଲେ ।

## ପତଞ୍ଜଳି ଯୋଗ ସମିତି ପକ୍ଷରୁ ପ୍ରସାଦ ବିତରଣ




ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଚତୁର୍ଦ୍ଧାମୂରତିଙ୍କ ନିକଟରେ ପ୍ରସାଦ ବଣ୍ଟନ କରାଯାଇଥିଲା । ପ୍ରବଳ ବର୍ଷାରେ ମଧ୍ୟ ଭକ୍ତଙ୍କ ସମାଗମ ବହୁତ ଦେଖାଯାଇଥିଲା । ପତଞ୍ଜଳି ଯୋଗ ସମିତି ପକ୍ଷରୁ ସମସ୍ତ ପ୍ରକାର ସୁବ୍ୟବସ୍ଥା କରାଯାଇ ପ୍ରସାଦ ବଣ୍ଟନ କରାଯାଇଥିଲା । ହୃଷିକେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସରୋଜ ମହାରଣା, ପ୍ରମୋଦ ପରିଡା, ରମାକାନ୍ତ ଦଳେଇ ଏବଂ ପତଞ୍ଜଳି ଯୋଗ ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ପତଞ୍ଜଳିର ସମସ୍ତ ସଦସ୍ୟ ବହୁତ ଆନନ୍ଦରେ ପ୍ରସାଦ ବିତରଣ କରିଥିଲେ । ସମସ୍ତଙ୍କ ସହଯୋଗରେ ଏହି ପ୍ରସାଦ ବଣ୍ଟନ କରାଯାଇଥିଲା ଏବଂ ପ୍ରତି ବର୍ଷ ଠାକୁରଙ୍କର ଆଶୀର୍ବାଦ ହେଲେ ଆହୁରି ବଡ଼ ଆୟୋଜନ କରିବା ପାଇଁ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

### ଖଣି ଉପନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ ବାଲି ମାଫିଆଙ୍କ ଫୁ

## ନଦୀ ଶଯ୍ୟାରୁ ଅବାଧରେ ଚାଲିଛି ଚୋରାଚାଲାଣ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : କଟକ ଖଣି ଉପନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକକୁ ବାଲି ମାଫିଆମାନେ ଫୁ କରି ଉଡ଼ାଇ ଦେଇଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ପୋଲିସ ସର୍ବୋପରି ତହସିଲ ପ୍ରଶାସନର ଜ୍ଞାତସାରରେ ସ୍ପଷ୍ଟ ଦିବାଲୋକରେ ଅବାଧରେ ବାଲି ଚାଲାଣ ଚାଲିଥିବାର ଅଭିଯୋଗ ହୋଇଛି । ଏ ଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ନଦୀ ବନ୍ଧ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଛି । ବର୍ଷା ଋତୁ ପାଇଁ କଟକ ଜିଲ୍ଲାର ସମସ୍ତ ସରକାରୀ ଲିଜଧାରୀ ବାଲି ଘାଟ ଗୁଡିକୁ ବନ୍ଦ କରିବା ନିମନ୍ତେ କଟକ ଖଣି ଉପନିର୍ଦ୍ଦେଶକ ତାଙ୍କ ଚିଠି ନମ୍ବର ୨୩୪୩ ତା ୦୨/୦୭/୨୦୨୫ରେ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବାଲି ମାଫିଆମାନେ ଖଣି ଉପନିର୍ଦ୍ଦେଶକଙ୍କ ଏହି ନିର୍ଦ୍ଦେଶକୁ ଫୁ କରି ଉଡାଇ ଦେଇଛନ୍ତି । ଏହି ବ୍ଲକ ଅଞ୍ଚଳ ଦେଇ ମହାନଦୀ, ଲୁଣା ଓ ଚିତ୍ରୋତ୍ପଳା ନଦୀ ପ୍ରବାହିତ ହେଉଥିଲା ବେଳେ ଏହି ବ୍ଲକ ଅଞ୍ଚଳଟି କିଶନନଗର ଓ ନିଶ୍ଚିନ୍ତକୋଇଲି ତହସିଲର କ୍ଷେତ୍ରଫଳରେ ରହିଛି । ଏହି ୩ଟି ନଦୀର ବିଭିନ୍ନ ସ୍ଥାନରୁ ବାଲି ମାଫିଆମାନେ ନିର୍ଦ୍ଦେଶକୁ ଅବମାନନା କରି ଜେସିବି ମେସିନ ଓ ପୋକଲିନ ସହାୟତାରେ ନଦୀ ଶଯ୍ୟାରୁ ଅବାଧରେ ବାଲି ଖନନ କରି ଟ୍ରାକ୍ଟର, ଟ୍ରକ ଓ ହାଇଓ୍ୱା ଯୋଗେ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଉଛନ୍ତି । ବାଲି ମାଫିଆମାନେ ଚଢା ଦରରେ ଏହି ବାଲିକୁ ବିକ୍ରୟ କରି ରାତାରାତି କୋଟିପତି ବନିଯାଉଛନ୍ତି । ଏପରି ସ୍ଥଳେ ତହସିଲ କର୍ମଚାରୀ ଓ ପୋଲିସ ପ୍ରଶାସନ ବାଲି ମାଫିଆଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ସେମାନଙ୍କୁ ସୁରକ୍ଷା ଦେଇ ଆସୁଥିବାର ଅଭିଯୋଗ ହୋଇଛି । ତେବେ ଗତ କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳ ଦେଇ ପ୍ରବାହିତ ନଦୀ ଗୁଡିକରେ ଜଳସ୍ତର ବୃଦ୍ଧି ପାଇଛି । ଲଘୁଚାପ ଜନିତ ଲଗାଣ ବର୍ଷା କାରଣରୁ ନଦୀରେ ଜଳସ୍ତର ବୃଦ୍ଧି ପାଇଥିଲା ବେଳେ ନଦୀବନ୍ଧ ଦୁର୍ବଳ ଅବସ୍ଥାରେ ରହିଛି । ଏପରିସ୍ଥଳେ ଦୁର୍ବଳ ଅବସ୍ଥାରେ ଥିବା ନଦୀ ବନ୍ଧ ଉପରେ ଭାରିଯାନ ଗମନା ଗମନ କରୁଥିବା କାରଣରୁ ନଦୀ ବନ୍ଧ ପ୍ରତି ବିପଦର ଆଶଙ୍କା ଦେଖାଦେଇଛି । ତେବେ ଲୁଣାନଦୀର ବାଲିଆପଦା ଗ୍ରାମପଞ୍ଚାୟତ କାଳିଆବୁଦା ନିକଟରେ ବେଆଇଭାବେ ବାଲି ଚାଲାଣ ହେଉଥିବାର ଖବର ପ୍ରମୁଖ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ଅଚାନକ ଚଢାଉ କରାଯାଇ ବହୁ ଯନ୍ତ୍ରପାତି ଜବତ କରାଯାଇଛି । ଅପରପକ୍ଷରେ ଏହି ବ୍ଲକର ଚିତ୍ରୋତ୍ପଳା ନଦୀର ନେମାଳ ସମେତ ବହୁ ସ୍ଥାନରେ ବେଆଇନ ଭାବେ ବାଲି ଚାଲାଣ କରାଯାଉଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି ।

## ଲାପଟପ ପ୍ରୋତ୍ସାହନ ରାଶିରୁ ବଞ୍ଚିତ ମେଧା ଛାତ୍ର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀର ମେଧାବୀ ବିଜ୍ଞାନ ଛାତ୍ର ଅଜିତ ମହାନନ୍ଦ(ଚାରଭାର୍ଟି) 'ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା'ରୁ ଲାପଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ତାଲିକାରୁ ବଞ୍ଚିତ ହୋଇଛନ୍ତି । ଏନେଇ ସେ କନ୍ଧମାଳ କଲେଜ ଅଧ୍ୟକ୍ଷଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିନଥିଲା । ପରେ ସାମାଜିକ ସଂଗଠନ ବୌଦ୍ଧ ଜିଲ୍ଲାପାଳ- ଗଣ୍ଡା ସମାଜ ବିକାଶ ପରିଷଦର ଜିଲ୍ଲା ସାଧାରଣ ସମ୍ପାଦକ ତଥା ନିଖିଳ ଓଡ଼ିଶା ଅନୁସୂଚିତ ଜାତି ସଂଗଠନର କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଡାଙ୍ଗ ଉକ୍ତ ମେଧାବୀ ଛାତ୍ର ସମ୍ପର୍କରେ




କନ୍ଧମାଳ କଲେଜ ଅଧ୍ୟକ୍ଷ ବସନ୍ତ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ନିରଞ୍ଜନ ବାଘ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସୌମ୍ୟ ରଞ୍ଜନ ରାୟଙ୍କୁ ଜଣେ ଅନୁସୂଚିତ ଜାତି ମେଧାବୀ ଛାତ୍ର ଅଜିତ ମହାନନ୍ଦଙ୍କୁ ଲାପ୍ଟପ୍ ଯୋଜନାରୁ ବଞ୍ଚିତ ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀ ଡାଙ୍ଗ ଉକ୍ତ ଅଧିକାରୀଙ୍କ ସହ ଆଲୋଚନାରେ କୌଣସି ସନ୍ତୋଷ ଜନକ ଉତ୍ତର ନ ପାଇ ସଂଗଠନର ଏକ ପାଞ୍ଚ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଟେମଲାଲ ଦୁବେଙ୍କୁ ସାକ୍ଷାତ କରି ଆଲୋଚନା ପରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉପ ନିର୍ଦ୍ଦେଶକ ଓ ଯୁଗ୍ମ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ଆଜି ଅପରାହ୍ନରେ ପାଞ୍ଚ ଜଣିଆ ପ୍ରତିନିଧି ମଣ୍ଡଳୀ ମେଧାବୀ ଛାତ୍ର ଶ୍ରୀ ମହାନନ୍ଦଙ୍କୁ ନେଇ ଏକ ଲିଖିତ ଦାବିପତ୍ର ବୌଦ୍ଧ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ପ୍ରଦାନ କରିବା ସହିତ ଆଲୋଚନା କରିଥିଲେ । ପରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ରଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଯୋଗ୍ୟତା ହାସଲର ଆଶୁ ସମାଧାନ କରାଇଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ କନ୍ଧମାଳ ବ୍ଲକର ଯୁବ ସମାଜସେବୀ ସଞ୍ଜୀବ ଭୋଇନା, ଅଗସ୍ତି ମହାନନ୍ଦ, ପ୍ରଦୀପ ତାଣ୍ଡିଆ, ପ୍ରମୁଖ ଯୋଗଦେଇ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



କନ୍ଧମାଳ (ଭାସ୍କର ନ୍ୟୁଜ୍) : କନ୍ଧମାଳ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଦିନ ବାହୁଡ଼ା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସେବାୟତ ମାନେ ମାଉସୀ ମା' ମନ୍ଦିରରୁ ପହଣ୍ଡି କରି ଜଗତର ନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ରଥାରୂଢ଼ କରିଥିଲେ। ଏପରିକି ଏକ ଭିନ୍ନ ଢ଼ଙ୍ଗରେ ରଥଯାତ୍ରା ଦେଖିବାକୁ ମିଳିଛି କନ୍ଧମାଳର ରଘୁନାଥ ମହାପାତ୍ରଙ୍କ ଘରେ। ରଥରେ ପୂଜାର୍ଚ୍ଚନା ପରେ ଘରର ପରିବାର ଲୋକେ ରଥ ଟାଣିଥିଲେ। ଆମ ଓଡିଶା ଜଗନ୍ନାଥ ସଂସ୍କୃତି ଅନୁଯାୟୀ ୧୨ମାସରେ ୧୩ ପର୍ବ ପାଳନ କରୁଥିବା ବେଳେ ଶ୍ରୀମହାପ୍ରଭୁଙ୍କ ଦୁଇ ପର୍ବ, ରଥଯାତ୍ରା ଓ ବାହୁଡ଼ାଯାତ୍ରା ସେଥିମଧ୍ୟରୁ ଅନ୍ୟତମ। ମହାପ୍ରଭୁଙ୍କ ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥାଏ। ଛେରାପହଁରା ସହ ବିଭିନ୍ନ ନୀତିକାନ୍ତି ସରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥାଏ। ମହାପ୍ରଭୁଙ୍କ ଏହି ଅପୂର୍ବ ମନଲୋଭା ଦୃଶ୍ୟ ଦେଖିବାକୁ ଚାହିଁ ରହିଥାନ୍ତି ଭକ୍ତଗଣ। କନ୍ଧମାଳ ବସଷ୍ଟାଣ୍ଡ ପାଖରେ ଥିବା ରଘୁନାଥ ମହାପାତ୍ର ଓ ତାଙ୍କ ପତ୍ନୀ ପଦ୍ମାବତୀ ଆଚାର୍ଯ୍ୟଙ୍କ ଘରେ ଏକ ଭିନ୍ନ ଢ଼ଙ୍ଗରେ କାଳିଆ ସୁନାର ରଥଯାତ୍ରା ପାଳନ କରାଯାଇଛି। ପରିବାର ସଦସ୍ୟମାନେ କୁନି କାଳିଆକୁ ସୁନ୍ଦର ଭାବରେ ସଜାଇ ରୀତିନୀତି ଅନୁଯାୟୀ ପହଣ୍ଡି ବିଜେ କରିବା ସହିତ ଛେରାପହଁରା କରାଇ ନିଜ ଘରର ଛାତ ଉପରେ ଗୋଟିଏ କୁନି ରଥରେ ଠାକୁରଙ୍କୁ ବସାଇ ଗୁଣ୍ଡିଚା ଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ପରିବାର ସଦସ୍ୟ ଓ ପଡ଼ୋଶୀମାନେ ରଥ ଟାଣି ପ୍ରଭୁଙ୍କୁ ଦର୍ଶନ କରି ବେଶ୍ ଆନନ୍ଦିତ ହୋଇଥିଲେ।

### ଭାଙ୍ଗି ଗଲାଣି ସ୍ଲୁଇସ୍ ଗେଟ୍
## ଜଳ ସମ୍ପଦ ବିଭାଗର ନିଘାନାହିଁ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅଞ୍ଚଳ ଦେଇ ବହି ଯାଇଥିବା ୧୯ନଂ ଡ୍ରେନେଜକଟ୍‌ର ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ କୁଅଁରପୁର ଠାରେ ସ୍ଲୁଇସ୍ ଗେଟ୍ ଲଗାଯାଇଥିଲା। ହେଲେ ଏହି ସ୍ଲୁଇସ୍ ଗେଟ୍ ଗୁଡ଼ିକ କେବେ ଠାରୁ ଭାଙ୍ଗିରୁଜି ଗଲାଣି। ଏ ସମ୍ପର୍କରେ ଜଳ ନିକାସ ବିଭାଗର ଆଦୌ ନିଘା ନାହିଁ। ସୂଚନାଯୋଗ୍ୟ ଏହି ପାଟନାଳୀଟି କଟକ ଜିଲ୍ଲାରୁ ବାହାରି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ନରସିଂହପୁର ପଞ୍ଚାୟତ ଦେଇ ଏଣ୍ଡର, ବାଲିଆ, ପଲେଇ, ଗୋଲରାହାଟ, ଚାଟରାଚକଡ଼ା, କାଉପଡ଼ା ପଞ୍ଚାୟତ ବାଟ ଦେଇ ଜାତୀୟ ରାଜପଥକୁ ଅତିକ୍ରମ କରିଛି। ଏହି ଡ୍ରେନେଜ୍ କଟ୍ ଉପରେ କୁଅଁରପୁର ଗ୍ରାମ ନିକଟରେ ଏକ ସ୍ଲୁଇସ୍ ଗେଟ୍ କରାଯାଇଛି। ଏହି ସ୍ଲୁଇସ୍ ଗେଟ୍ ଦ୍ୱାରା ବର୍ଷା କମ୍ ହେଉଥିବା ସମୟରେ ପାଣିକୁ ଅଟକାଯାଇ ଚାଷଜମିରୁ ଜଳ ନିଷ୍କାସନକୁ ବନ୍ଦ କରାଯାଇଥାଏ। ହେଲେ ଗତ କିଛିବର୍ଷ ହେବ ଡ୍ରେନେଜ୍ କଟ୍‌ରେ ଲାଗିଥିବା ସ୍ଲୁଇସ୍ ଗେଟ୍ ଗୁଡ଼ିକ ଭାଙ୍ଗି ରୁଜି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଏପରିକି ଏହି ସ୍ଲୁଇସ୍‌ରେ ୬ଟି ଗେଟ୍ ଲଗାଯାଇଥିବା ବେଳେ ଏଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଗତ କିଛିବର୍ଷ ହେବ ଚାଷ ସମୟରେ ବ୍ୟାପକ ବର୍ଷା ହେଉଥିବା ଓ ଏହି ପାଟନାଳୀ ଆଦୌ ସଫେଇ ନହେବା ଯୋଗୁ ଉପରୋକ୍ତ ପଞ୍ଚାୟତର ଚାଷଜମିରେ ଉଦ୍‌ବୃତ ଜଳ ଜମି ରହୁଛି। ତେଣୁ ଚାଷୀମାନେ ଏବେ ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରିବାର ଆବଶ୍ୟକତା ଅନୁଭବ କରୁନାହାଁନ୍ତି । ଯଦି କୌଣସି ବର୍ଷ ମୌସୁମୀ ବର୍ଷା କିମ୍ବା ଲଘୁଚାପ ଜନିତ ବର୍ଷାର ପରିମାଣ କମିଯିବ ତେବେ ଏହି ସ୍ଲୁଇସ୍ ଗେଟ୍ ବାଟ ଦେଇ ଚାଷ ଜମିରୁ ସମସ୍ତ ଜଳ ତଳ ମୁଣ୍ଡକୁ ପ୍ରବାହିତ ହୋଇଯିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ଡ୍ରେନେଜକଟ୍‌କୁ ସଫା କରିବା ସହିତ କୁଅଁରପୁର ଠାରେ ରହିଥିବା ସ୍ଲୁଇସ୍ ଗେଟ୍‌କୁ ମରାମତି କରିବାକୁ ଅଞ୍ଚଳର ଦୀପକ ଘଡ଼େଇ, ଅନିରୁଦ୍ଧ ଭୂୟାଁ, ମନୋଜ ଭୂୟାଁ, ଉମେଶ ଚନ୍ଦ୍ର ସାହୁ, ସୁରେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ବେହେରା, ଉପେନ୍ଦ୍ର ମହାନ୍ତି ପ୍ରମୁଖ ଚାଷୀମାନେ ଦାବି କରିଛନ୍ତି।

## କେନାଲ ଆବର୍ଜନାକୁ ଆଡେଇ ବିଲ୍ ମସୁଧା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ମନଇଚ୍ଛା ଭଳି ବିଭିନ୍ନ ସ୍ଥାନରେ ଆବଶ୍ୟକତା ନଥାଇ ଗାର୍ଡୱାଲ ନିର୍ମାଣ କରାଯାଉଛି। ଏହାଦ୍ୱାରା କେତେକ ସ୍ଥାନରେ କେନାଲ ବନ୍ଧ ଦୁର୍ବଳ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଅନୁରୂପ ଭାବେ କିଛି ଜାଗାରେ କେନାଲ ଉପରେ ଛୋଟ ପୋଲ ନିର୍ମାଣ କରିବାକୁ କାକଟପୁର ଜଳସେଚନ ବିଭାଗ ଅନୁମତି ଦେଇ ଚାଲିଛି। ଆଶ୍ଚର୍ଯ୍ୟ, କେଉଁଠି ପୁରୁଣା ପୋଲ ରହି ସୁଦ୍ଧା ତା'ର ମରାମତି ହେଉନଥିବା ବେଳେ ନୂଆ ପୋଲ ନିର୍ମାଣକୁ ଅଗ୍ରାଧିକାର ଦିଆଯାଉଛି। ତା'ଛଡା ଅନେକ ସ୍ଥାନରେ ଘର ନଥିବା ସତ୍ତ୍ୱେ ପୋଲ ନିର୍ମାଣ ଅଧିକ କୌତୂହଳର ପ୍ରସଙ୍ଗ ପାଲଟିଛି। ଜଳସେଚନ ବିଭାଗ କାହାକୁ ସନ୍ତୁଷ୍ଟ କରିବାକୁ ଏପ୍ରକାର ପଦକ୍ଷେପ ନେଉଛି ତାହା ତଦନ୍ତ ସାପେକ୍ଷ। ବର୍ତ୍ତମାନ ବର୍ଷା ଋତୁ ସମୟରେ ତରବରିଆ ହୋଇ ର ଠ କରି ଜେସିବି ଶୁଣ୍ଡରେ ଶାଖା କେନାଲକୁ ସଫେଇ କରାଯାଉଛି। ପୁରୀ ଜିଲ୍ଲା କାକଟପୁର ଜଳସେଚନ ବିଭାଗ ଅଧୀନ ଅସ୍ତରଙ୍ଗ ମୁଖ୍ୟ ବଜାର ଦେଇ ଯାଇଥିବା କେନାଲଟି ସୁନ୍ଦର ପର୍ଯ୍ୟନ୍ତ ଯାଇଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ତରବରିଆ ହୋଇ ସୁନ୍ଦର ଗ୍ରାମ ପଟୁ ଜେସିବି ମାଧ୍ୟମରେ ସଫେଇ ହୋଇ ଆସୁଥିବା ବେଳେ ଅସ୍ତରଙ୍ଗ ଦେଇ ଯାଇଥିବା କେନାଲରେ ଆବର୍ଜନା ଓ ଦଳ ଭର୍ତ୍ତି ହୋଇଛି। କେତେକ ସ୍ଥଳେ କଟକୀ ଦଳ ମାଡି ଯାଇଛି। ଗଛ ଲତା ଭର୍ତ୍ତି ସତ୍ତ୍ୱେ ସଫେଇ ସେହି ହାରରେ କରାଯାଉ ନାହିଁ। ବରଂ ଜେସିବି ଶୁଣ୍ଡରେ କିଛି ଆବର୍ଜନାକୁ ନାମକୁ ମାତ୍ର ଆଡେଇ ଦିଆଯାଇଥିବା ଲକ୍ଷ୍ୟ କରାଯାଇଛି। ଫଳରେ ବର୍ଷା ବଢିଲେ ପୁଣି ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହେବ। ତତ୍‌ସହିତ କେନାଲ ଦେଇ ଚାଷ ଜମିକୁ ଜଳସେଚନର ଆଶା ଚୁରମାର ହୋଇଯିବ। ଏଣେ ସରକାରୀ ଟଙ୍କା ଏକପ୍ରକାର ନିଆଁ ମୁହଁରେ ଯିବ। ବର୍ଷାଦିନ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଅନେକ ଗ୍ରାମ ଦେଇ ଯାଇଥିବା କେନାଲ ଗୁଡ଼ିକର ସଫେଇ କାମ ସରିନି। ଏ ସଂକ୍ରାନ୍ତରେ ଜଳସେଚନ ବିଭାଗକୁ ଜଣାଇଲେ ମଧ୍ୟ ନିରାଶ ହେବାକୁ ପଡିଛି। ସୂଚନା ଥାଉ କି, କେତେକ ଯନ୍ତ୍ରୀ ଓ କର୍ମଚାରୀ ବର୍ଷ ବର୍ଷ ଧରି କାକଟପୁର ଜଳସେଚନ ବିଭାଗରେ ଚକା ମାଡି ବସି ରହିଥିବାରୁ ଦୁର୍ନୀତି ଶିଖର ଛୁଇଁଥିବା ସାଧାରଣରେ ବାରମ୍ବାର ଚର୍ଚ୍ଚା କରାଯାଉଛି।










➩ ଚର୍ଚ୍ଚାରେ କାକଟପୁର ଜଳସେଚନ ବିଭାଗ

➩ ଅନେକ ସ୍ଥାନରେ କେନାଲରେ କଟକୀ ଦଳ ଭର୍ତ୍ତି

## ବାହୁଡା ଯାତ୍ରାରେ ଦହିପଣା ଓ ଛତା ବଣ୍ଟନ




କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍) : ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାରେ ଗତକାଲି ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ବାହୁଡା ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିବା ବେଳେ ରାଷ୍ଟ୍ରୀୟ ମହିଳା ସଂଗଠନ ଆର୍‌ଏମ୍‌ଏସ୍ ପକ୍ଷରୁ ପୂର୍ବ ବର୍ଷ ଗୁଡ଼ିକ ପରି ଭକ୍ତମାନଙ୍କୁ ଦହି ପଣା ବଣ୍ଟନ କରାଯିବା ସହିତ ଅସହାୟ ଦିବ୍ୟାଙ୍ଗ ଓ ପ୍ରଭୁ ବଳଦେବଜୀଉଙ୍କ ରଥଯାତ୍ରାରେ ନିୟୋଜିତ ପୋଲିସ୍ ଭାଇମାନଙ୍କୁ ଛତା ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ମାନଙ୍କ ପକ୍ଷରୁ ରଥ ଦାଣ୍ଡର ସଫେଇ କରାଯାଇଥିଲା। ଅନୁଷ୍ଠାନର ଏପରି ମହାନ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା। ରାଷ୍ଟ୍ରୀୟ ମହିଳା ସଂଗଠନ ପକ୍ଷରୁ ସମାଜସେବୀ ତଥା ରାଷ୍ଟ୍ରୀୟ ସଭାନେତ୍ରୀ ପଦ୍ମାବତୀ ଦେହୁରୀ, କଟକ ଜିଲ୍ଲା ସଭାନେତ୍ରୀ ସୌଦାମିନୀ ସ୍ୱତାର, କୋଅର୍ଡିନେଟର୍ ବିଶ୍ୱଜିତ୍ ଦାଶ, ରାଜକିଶୋର ଦାଶ, ରଜନୀଗନ୍ଧା ବାରିକ୍, ରେଣୁବାଳା ସ୍ୱାଇଁ, ଲିପି ମଲ୍ଲିକ୍, ମଞ୍ଜୁଲତା ମଲ୍ଲୀକ୍, ଖୁଲଣା ଦାସ, ରାଜେସ୍ କୁମାର ଲେଙ୍କା, ଦିଲ୍ଲୀପ କୁମାର ମହାନ୍ତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସଂଗଠନର ଏତାଦୃଶ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ନଦୀରେ ବୁଡ଼ି ଛାତ୍ର ମୃତ

ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ବିରୁହା ଗ୍ରାମର ସଞ୍ଜିତ କୁମାର ପଣ୍ଡାଙ୍କ ପୁଅ ଶୁଭମ୍ (୧୮) ରବିବାର ଦିନ ୪ ଟା ବେଳେ ଗେଙ୍ଗୁଟି ନଦୀରେ ବୁଡି ଯାଇ ମୃତ୍ୟୁବରଣ କରିଛନ୍ତି । ସୂଚନା ଥାଉ କି ରବିବାର ଦିନ ୪ଟା ବେଳେ ଶୁଭମ୍ ନିକଟସ୍ଥ ଗେଙ୍ଗୁଟି ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସି ଯିବାରୁ ଭରାନଦୀରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଶୁଭମକୁ ବହୁ କଷ୍ଟରେ ଉଦ୍ଧାର କରି ଧାମନଗର ଡ଼ାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଶୁଭମର ଏହି ଅକାଳ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ସୁଭଦ୍ରା କ୍ଷେତ୍ରରେ ବାହୁଡା ଯାତ୍ରା



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଗଡକୁଜଙ୍ଗର ପ୍ରସିଦ୍ଧ ସୁଭଦ୍ରା କ୍ଷେତ୍ରରେ ବୁଧବାର ବାହୁଡ଼ା ଯାତ୍ରା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ କୁଞ୍ଜବିହାରୀ ମହାପ୍ରଭୁଙ୍କ ରଥ ସିଂହଦ୍ୱାରରେ ପହଞ୍ଚିଛନ୍ତି। ଅପରାହ୍ନରେ ମହାପ୍ରଭୁଙ୍କୁ ପହଣ୍ଡି ବିଜେ କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ କୁଞ୍ଜବିହାରୀଙ୍କ ରଥ ସିଂହ ଦ୍ୱାରରେ ପହଞ୍ଚିଥିଲା। ବାହୁଡ଼ା ଯାତ୍ରାରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ସମ୍ମାନୀତ ଅତିଥି ଭାବେ ଏରସମା ବ୍ଲକ ବିଜୁଜନତା ଦଳର ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗଚ୍ଛାୟତ, ଓବିସି ମୋର୍ଚ୍ଚା ରାଜ୍ୟ ସଂପାଦକ ନୃସିଂହ ଚରଣ ସାହୁ, ବଳଭଦ୍ରଙ୍କ ବାଡଗ୍ରାହୀ ସଞ୍ଜୟ କୁମାର ମହାନ୍ତି, ଯୁବ ସମାଜସେବୀ ଗଣେଷ ରାଉତ, ବିଜୁଜନତା ଦଳର ଯୁବ ଉପ ସଭାପତି ଲୋକନାଥ ରାଉତ ପ୍ରମୁଖ ଯୋଗଦେଇ ଥିଲେ। ବାଲିତୁଠ ଆଦର୍ଶ କଳାବିକାଶ କେନ୍ଦ୍ରର କୁନିକୁନି କଳାକାର ମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଅଭୟଚାନ୍ଦପୁର ଥାନା ଆଇଆଇସି ସମୀର ରାଉତ ଓ ଅନ୍ୟାନ୍ୟ ପଦାଧିକାରୀ ମାନେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତିକୁ ଅନୁଧ୍ୟାନ କରିଥିଲେ। ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ରାଜେନ୍ଦ୍ର କୁମାର ବେହେରା, ସମ୍ପାଦକ ପିତାମ୍ବର ରାଉତ, ବିଷ୍ଣୁ ପ୍ରଧାନ, ଯଦୁନାଥ ଖଟୁଆ, ସମ୍ପଦ ବାରିକ, ସଞ୍ଜୟ ମହାପାତ୍ର, ବିଜୟ ଚାନ୍ଦ ନାୟକ, ପ୍ରକାଶ ଚନ୍ଦ୍ର ଦାସ, ନଳିନୀ ରଞ୍ଜନ ବେହେରା, ଭୋଳାନାଥ ସ୍ୱାଇଁ ଓ ମନୋଜ ମାଝି ପ୍ରମୁଖ ପରିଚାଳନା କରିଥିଲେ।

## ଅନ୍ତ୍ୟୋଦୟ ଗୃହ ପ୍ରଦାନ କାର୍ଯ୍ୟାଦେଶକୁ ପୂରିଲା ୩ ମାସ, ମିଳିନି ପ୍ରଥମ କିସ୍ତି



### ଲଗାଣ ବର୍ଷାରେ ପଡ଼ିଗଲା କାନ୍ଥ
### ଚିନ୍ତାରେ ଭିନ୍ନକ୍ଷମ ପ୍ରତିମା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡର ଗ୍ରାମର ଆର୍ଥିକ ଅନଗ୍ରସର ଓ ଶାରୀରିକ ଭିନ୍ନକ୍ଷମ ପ୍ରତିମା ପ୍ରଧାନ। ପୈତୃକ ସମ୍ପତ୍ତି କହିଲେ ଝାଟିମାଟି ଘର ଖଣ୍ଡିଏ। ବହୁ କଷ୍ଟରେ ସେ ନିଜର ପ୍ରତିପୋଷଣ କରିଥାନ୍ତି। ଚଳିତ ଆର୍ଥିକ ବର୍ଷ ତା ୩୦.୩.୨୦୨୫ ରିଖରେ ଏହି ଭିନ୍ନକ୍ଷମ ପ୍ରତିମାଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ। ଏଥିରେ ପ୍ରତିମା ଉତ୍ସାହିତ ହୋଇପଡ଼ି ତାଙ୍କର ଝାଟିମାଟି ଘରରୁ ଅଧା ଭାଙ୍ଗି ଦେଇ ଅପେକ୍ଷା କରିଥିଲେ ପକ୍କା ଗୃହ ବଖରାଏ ନିର୍ମାଣ କରିବା ପାଇଁ। ହେଲେ ତାଙ୍କ ଘର ନିର୍ମାଣ ଆଶା ଏବେ ସ୍ୱପ୍ନରେ ପରିଣତ ହେବାକୁ ବସିଲାଣି । କାର୍ଯ୍ୟାଦେଶ ପାଇବାର ତିନିମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ ଜମାଖାତାକୁ ଆସିବାକୁ ଥିବା ପ୍ରଥମ କିସ୍ତି ବାବଦ ୪୦ହଜାର ଟଙ୍କା ଆସିନାହିଁ । ପ୍ରତିମା କୁହନ୍ତି ତାଙ୍କ ଜାମାଖାତାକୁ ମାତ୍ର ଟଙ୍କାଟିଏ ଆସିଛି। ହେଲେ ଏପଟେ ଝାଟିମାଟି ଘର ଅଧା ଭାଙ୍ଗି ଦେଇଥିବାରୁ ଚଳିତ ଲଘୁଚାପ ବର୍ଷରେ ସେ ନାହିଁନଥିବା ହୀନସ୍ତା ଭୋଗୁଛନ୍ତି। ଦୁଇଦିନ ତଳେ ସେ ରାତିରେ ଶୋଇଥିବା ବେଳେ ବର୍ଷା ପାଣିରେ କାନ୍ଥ ଭେଦି ଦଲକାଏ ଖସିପଡ଼ିଥିଲା । ସୌଭାଗ୍ୟକୁ ଏହି କାନ୍ଥ ତାଙ୍କ ଉପରେ ନପଡ଼ି କଡ଼ରେ ପଡ଼ିଥିଲା। ଫଳରେ ସେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ ବୋଲି କହିଛନ୍ତି। ଏଥିସହିତ ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷା ଓ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା କିଛିଦିନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାରେ ବହୁ ପରିମାଣରେ ବର୍ଷା ହେବ ବୋଲି ପଡ଼ୋଶୀଙ୍କ ଟିଭିରୁ ଶୁଣି ଏବେ ପ୍ରତିମା ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭଙ୍ଗା ଘରେ ଏହି ବର୍ଷାରେ ଶୋଇ ହେବନାହିଁ। ପାଖରେ ତାଙ୍କର ଟଙ୍କା ନାହିଁ ଆଉଖଣ୍ଡେ ଚାଳଛପର କରିବା ପାଇଁ କି ତାଙ୍କ ଭଙ୍ଗା ଘରକୁ ମରାମତି କରିବା ପାଇଁ। ଦିବ୍ୟାଙ୍ଗ ପ୍ରତିମା ଏବେ ସମ୍ପୂର୍ଣ୍ଣ ବେସାହାରା ହୋଇ ଚଳିତ ବର୍ଷା ଋତୁ କେଉଁ ପଡ଼ୋଶୀଙ୍କ ବାରଣ୍ଡାରେ ବିତାଇବେ ବୋଲି କୋହଭରା କଣ୍ଠରେ କହିଛନ୍ତି। ସରକାର ତୁରନ୍ତ ବେସାହାରା ଦିବ୍ୟାଙ୍ଗ ପ୍ରତିମାଙ୍କୁ ଆବାସ ଯୋଜନାର ପ୍ରଥମ କିସ୍ତି ଟଙ୍କା ଯୋଗାଇଦେବାକୁ ସମାଜସେବୀ ଗଗନ ଧଳ ଦାବି କରିଛନ୍ତି।

## ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି, ମଶାଧୂଆଁ ଓ ଔଷଧ ସିଞ୍ଚନ ପାଇଁ ଦାବି

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବର୍ଷା ଋତୁରେ ମଶାଙ୍କ ବଂଶବୃଦ୍ଧି ସହ ତାଳଦେଇ ମ୍ୟାଲେରିଆ ରୋଗ ମଧ୍ୟ ବଢ଼ିଚାଲିଛି। ଏପରି ସ୍ଥଳେ ମ୍ୟାଲେରିଆ ନିରାକରଣ ଯୋଜନା ଏଠାରେ କାମରେ ଆସୁ ନଥିବା ଅଭିଯୋଗ ହେଉଛି। ତେବେ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରତ୍ୟେକ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ମ୍ୟାଲେରିଆ ନିରାକରଣ ବିଭାଗ ରହିଛି। ଏଥି ନିମନ୍ତେ ପ୍ରତିବର୍ଷ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଛି। ବିଶେଷ କରି ରୋଗ ନିରାକରଣ ତଥା ମଶା ନିୟନ୍ତ୍ରଣ ନିମନ୍ତେ ନାନା ରାସାୟନିକ ସ୍ପ୍ରେ, ଔଷଧ, ସଚେତନତା ଆଦିର ବ୍ୟବସ୍ଥା ରହିଛି। କିନ୍ତୁ ଏଥିପାଇଁ ଆସୁଥିବା ଅର୍ଥ ଖର୍ଚ୍ଚ ନକରି ସମ୍ପୃକ୍ତ ବିଭାଗ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ଅପରପକ୍ଷେ, ଏବେ ବର୍ଷା ଋତୁରେ ନାଳ ନର୍ଦ୍ଦମା, ବିଭିନ୍ନ ସ୍ଥାନରେ ପଡ଼ି ରହିଥିବା ପଚାଶଢା ପନିପରିବା, ମଇଳା ଆବର୍ଜନା ସ୍ଥାନରେ ମଶା ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି। ଫଳରେ ଘର, ବାହାର, ବିଦ୍ୟାଳୟ, ଦେବାଳୟ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଆଦି ସ୍ଥାନରେ ଲୋକେ ମଶା କାମୁଡାରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ସରକାରୀ କଳର ମନମାନି ଯୋଗୁଁ ଯୋଜନା ସଫଳ ରୂପାୟନ ହେବା ପରିବର୍ତ୍ତେ ନିମ୍ନଗାମୀ ହୋଇପଡିଛି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଲୋକେ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ହେଁ ପ୍ରଶାସନ ଏଥିପ୍ରତି ମୁହଁ ବୁଲାଇ ଦେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମ୍ୟାଲେରିଆ ପାଇଁ ବିଭିନ୍ନ ଗାଁ ରେ ପ୍ରଶାସନ ତରଫରୁ ମଶାକୁ ମାରିବା ପାଇଁ ମଶା ଧୂଆଁ ଓ ଔଷଧ ସିଞ୍ଚନ ଓ ବ୍ୟବହାର ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଅନ୍ୟ ପଟେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଏ ସମ୍ପର୍କରେ ପ୍ରତି ଗାଁରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଏ, କିନ୍ତୁ କ'ଣ ସମସ୍ୟା ରହିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା କରିବି ବୋଲି ମତ ଦେଇଛନ୍ତି।

## ଆଗେଇ ଚାଲିଛି ପ୍ରୟାଗୀ-କୃଷ୍ଣପ୍ରସାଦ ରାସ୍ତାର ପ୍ରଶସ୍ତିକରଣ କାମ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ସୀମାନ୍ତ ଗଞ୍ଜାମ ଜିଲ୍ଲା ପ୍ରୟାଗୀ ଠାରୁ କୃଷ୍ଣପ୍ରସାଦ ପର୍ଯ୍ୟନ୍ତ ୨୨ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତା ୨୩ କୋଟି ଟଙ୍କା ବ୍ୟୟରେ ଦ୍ରୁତଗତିରେ ଆଗେଇ ଚାଲିଛି। କୃଷ୍ଣପ୍ରସାଦ ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଭାରିଯାନ ଓ ଯାତ୍ରୀବାହି ବସ୍ କୃଷ୍ଣପ୍ରସାଦ ଠାରୁ ଭୁବେନେଶ୍ୱର ପୁରୀ ଓ ବ୍ରହ୍ମପୁରକୁ ଯାତାୟାତ କରୁଥିବାରୁ ଏହି ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ଜନସାଧାରଣ ବ୍ରହ୍ମ ଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଦୃଷ୍ଟି ଗୋଚର କରାଗଲା ପରେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇଛି। ଏହି ରାସ୍ତାକୁ ଏହି ଠିକା ସଂସ୍ଥା ସୁଚାର ରୂପେ ସମ୍ପାଦନ କରିଥିଲେ। ବର୍ତ୍ତମାନ ସେହି ଠିକାସଂସ୍ଥା ପକ୍ଷରୁ ଅଭିଜ୍ଞ ଯନ୍ତ୍ରୀ ପ୍ରୋଜେକ୍ଟ ମ୍ୟାନେଜରଙ୍କ ଦ୍ୱାରା ରାସ୍ତା ନିର୍ମାଣ ଓ ପ୍ରଶସ୍ତି କରଣ କାର୍ଯ୍ୟ ଅବଧି ପୂର୍ବରୁ ଶେଷ ହୋଇପାରିବ ବୋଲି ଆଶା କରାଯାଉଛି। ରାସ୍ତା ନିର୍ମାଣ ସମୟରେ ଭାରିଯାନ ଯାତାୟାତ କରୁଥିବା ବେଳେ ବସୁଧା ଜଳ ପାଇପ ଲାଇନ ବିଛାଯାଇଥିବା ପାଇପ ନିମ୍ନମାନର ଥିବାରୁ ଅଧିକାଂଶ ସ୍ଥାନରେ ପାଇପ୍ ଲିକ୍ ଯୋଗୁ ରାସ୍ତା ନିର୍ମାଣରେ ବାଧାପ୍ରାପ୍ତ ହେବାରୁ ରାସ୍ତା ନିର୍ମାଣ ଠିକାଦାର ନିଜେ ପାଇପ ଲାଇନ ମରାମତି କରୁଥିବା ଦେଖିବାକୁ ମିଳୁଛି। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ଅଭିଯୋଗ କଲା ପରେ ଅଭିଯୋଗକୁ ଆଧାର କରି ବିଭାଗୀୟ ଅଧିକାରୀମାନେ ଆସି ତଦନ୍ତ କଲେ। ମାତ୍ର ଦେଖିବାକୁ ପାଇଲେ ଚୁକ୍ତି ଭିତ୍ତିକ କାର୍ଯ୍ୟ ସୁଚାର ରୂପେ ଚାଲିଛି। କିନ୍ତୁ ରାସ୍ତାର ଯେଉଁ ସ୍ଥାନରେ ପିଚୁ ଉଠିଯାଇଛି ସେଠାରୁ ପୁରୁଣା ପିଚୁକୁ ଉଠାଇ ନୂତନ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାସ୍ତା କାର୍ଯ୍ୟକୁ ତଦାରଖ ନିମନ୍ତେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ତଦନ୍ତ କରିବା ସହ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

## ଦେବଗିରି ପୀଠରେ ବାହୁଡା ଯାତ୍ର ପାଳିତ

ବାଙ୍କୀ (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ପବିତ୍ର ବାହୁଡା ଯାତ୍ରାକୁ ନେଇ ଚଳଚଞ୍ଚଳ କଟକ ଜିଲ୍ଲା ବାଙ୍କୀ ବରପୁଟ ଓ ବାଣିଆର ମଧ୍ୟସ୍ଥଳୀରେ ରହିଥିବା ଦେବ ଗିରି ପୀଠରେ ସ୍ୱତନ୍ତ୍ର ନୀତିକାନ୍ତିରେ ରଥାରୁଢ଼ ହୋଇଥିଲେ ଶ୍ରୀଜୀୟୁ। ରଥକୁ ଟାଣିବା ପାଇଁ ପ୍ରାୟ ୧୫ ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା, ଯାହା କଟକ ଜିଲ୍ଲା ପାଇଁ ବିରଳ। ମନ୍ଦିର ପରିଚାଳନା କମିଟିର ସଭାପତି ଶରତ ଚନ୍ଦ୍ର ତ୍ରିପାଠୀ ଓ ସମ୍ପାଦକ ସଦାନନ୍ଦ ଦାଶଙ୍କ ସହିତ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ମହାପ୍ରଭୁଙ୍କ ଛେରା ପହଁରା କାମ ତୁଲାଇଥିଲେ ରାଜା କରୁଣା କର ସିଂ। ସାରଥୀ ପାଇଁ କୁଳମଣି ରଣା ସହଯୋଗ କରିଥିଲେ। ସେପଟେ ବ୍ୟାପକ ଜନ ଗହଳିକୁ ଦୃଷ୍ଟିରେ ରଖି ବୈଦେଶ୍ୱର ପୋଲିସ ଓ ବାଙ୍କୀ ପୋଲିସ ପକ୍ଷରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏହି ବାହୁଡା ଯାତ୍ରା ଆଜିକୁ ଦୀର୍ଘ ୪୧ ବର୍ଷ ଧରି ଅର୍ଥାତ ୧୯୮୪ ମସିହାରୁ ପାଳନ ହୋଇ ଆସୁଅଛି। ସେପଟେ ଜନସମାଗମକୁ ଦୃଷ୍ଟିରେ ରଖି ବହୁ ଉଠା ଦୋକାନୀଙ୍କ ଆସର ଜମି ଥିଲା। ଏହି ବାହୁଡା ଯାତ୍ରାକୁ ସଫଳ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେନା ପକ୍ଷରୁ ପ୍ରତ୍ୟକ୍ଷ ସହଯୋଗ ମିଳିପାରିଥିଲା। ଶେଷରେ ହଜାର ହଜାର ଭକ୍ତଙ୍କ ଗହଣରେ ମହାପ୍ରଭୁ ରଥାରୁଢ଼ ହୋଇ ଯାଇ ପହଞ୍ଚି ଥିଲେ ଶ୍ରୀମନ୍ଦିରରେ।


## ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ିଲେ ତିନି ଠାକୁର




ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାର ପ୍ରାଚୀନ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ମହାସମାରୋହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସେବାୟତମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧାଡି ପହଣ୍ଡିରେ ରଥାରୁଢ଼ କରାଇବା ପରେ ସଭ୍ୟ କାଳିକିଙ୍କର ଆଚାର୍ଯ୍ୟ ଛେରା ପହଁରା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ପୁରୋଧା ପଣ୍ଡିତ ସୁରେନ୍ଦ୍ର ନାଥ ଦାଶ ଏବଂ ବଡ଼ପଣ୍ଡା ଅରୁଣ କୁମାର ପଣ୍ଡାଙ୍କ ଦ୍ୱାରା ରଥ ମାର୍ଜନା ଆଦି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡ଼ିଓ ଆଶୁତୋଷ ମିଶ୍ର, ସରପଞ୍ଚ ସିଦ୍ଧାର୍ଥ ଶଙ୍କର ଦାସ, ସମିତି ସଭ୍ୟା ମୌସୁମୀ ବାରିକ, ତହସିଲଦାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ମନ୍ଦିର ପରିସରରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ଏବଂ ବଡ଼ଦାଣ୍ଡରେ ହାଇମାକ୍ସ ଲାଇଟ୍‌ର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ, ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ, ପରିଚାଳନା ଟ୍ରଷ୍ଟ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ଅଭୟ କୁମାର ଦାଶ, ତରଙ୍ଗ ସେନ ପରିଡା, ସାରଦା ଚରଣ ବେହେରା, ତାପସ ବଳ, ଚିତ୍ତ ରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ରାଶିଫଳ


**ସୋମବାର, ୦୭ ଜୁଲାଇ ୨୦୨୫**



**ମେଷ:** ଜୀବନସାଥୀଙ୍କ ଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ଼ ହେବ। ଶତ୍ରୁମାନଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ।




**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି। ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।



**ମିଥୁନ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ଆଜି ଭ୍ରମଣ କରନ୍ତୁ ନାହିଁ।




**କର୍କଟ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ।




**ସିଂହ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।




**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରାର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।




**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।



**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରୁ ଉମରା ତୀର୍ଥଯାତ୍ରା ନିମନ୍ତେ ଗସ୍ତ କରୁଥିବା ତୀର୍ଥଯାତ୍ରୀଙ୍କୁ ଉମରକୋଟ ଜାମା ମସଜିଦ ଠାରେ ଆଜି ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।ଚଳିତ ବର୍ଷ ଉମରକୋଟ ମସଜିଦର ଇମାମ ମୌଲାନା ନଜିମ ଅହମଦଙ୍କ ନେତୃତ୍ୱରେ ୩୦ ଜଣ ପୁରୁଷ ଓ ମହିଳା ତୀର୍ଥ ନିମନ୍ତେ ମକ୍କା ଏବଂ ମଦିନା ଯାତ୍ରା କରିଛନ୍ତି । ଏହି ଅବସରରେ ଉମରକୋଟ ମସଜିଦ୍ ପରିସରରେ ମସଜିଦ୍ କମିଟି ସଭାପତି ହାଜି ସଲିମ ରାଠୋରଙ୍କ ପୌରହିତ୍ୟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଉମରା ଯାତ୍ରା କରୁଥିବା ତୀର୍ଥ ଯାତ୍ରୀଙ୍କ ଯାତ୍ରା ସୁଗମ ହେଉ ବୋଲି ଉପସ୍ଥିତ ସମସ୍ତ ମୁସଲମାନ ଭାଇମାନେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏମାନେ ୧୫ ଦିନ ମଦିନା ଏବଂ ମକ୍କା ଠାରେ ରହିବେ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ମସଜିଦ କମିଟି ସମ୍ପାଦକ ଅଲ୍ଲୀ ଲାଠିଆ, ଉପ ସଭାପତି ଶେଖ ସାହେଜାଦା, ଶେଖ ଅନିସ ଇଶା ଲାଠିଆ ,ଖାଲିଦ ଜିଲାନି ,ହାଜି ଗୁଲାମ, ହନିଫ ହିଙ୍ଗୋରା ,ଇବ୍ରାହିମ ରାଠୋର ପ୍ରମୁଖ ଉପସ୍ଥିତ ରହିଥିଲେ ।



## ଦୁଇ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ



କାଳିମେଲା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଏମଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇ ଛାତ୍ରୀ ମୃତ୍ୟୁ ମାମଲାର ଉଚ୍ଚ ସ୍ତରୀୟ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି । ମୃତ ସପ୍ତମ ଶ୍ରେଣୀ ଛାତ୍ରୀ ମନ୍ଦିରା ସୋଡି (୧୨) ଓ ଜ୍ୟୋତି ହାଲଦାର (୧୨) ଙ୍କୁ ଗତ ଫେବୃଆରୀ ମାସରେ ପୀଡ଼ିତା ପରିବାର ପକ୍ଷରୁ ସଂପୃକ୍ତ ଥାନାରେ ବଳାତ୍କାର ଓ ହତ୍ୟା ଅଭିଯୋଗ ହୋଇଥିଲା । ଏମଭି-୭୯ ଥାନା କେସ ନଂ ୨୩/୭.୨.୨୫,କେସ ନଂ ୨୯/୧୫.୨.୨୫,କେସ ନଂ ୩୫/୧.୩.୨୫ ଏବଂ ମୋଟୁ ଥାନା କେସ ନଂ ୨୦/୧୫.୨.୨୫ ପ୍ରକାରେ ମାମଲା ରୁଜୁ ହୋଇଥିଲେ ସୁଦ୍ଧା ୫ ମାସ ହେବ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ । ପରେ ଓଡ଼ିଶା ଷ୍ଟେଟ୍ ସିଡୁଲ କାଷ୍ଟ -ସିଡୁଲ ଟ୍ରାଏବ ୟୁଥ୍ କାଉନସିଲ, ଭୁବନେଶ୍ୱରଙ୍କ ସହଯୋଗ ରେ ପୀଡ଼ିତା ପରିବାର ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜୁନ ୨୦ ରେ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ନ୍ୟାସନାଲ କମିସନ ଫର ସିଡୁଲ ଟ୍ରାଏବ (ଭାରତ ସରକାର) ର ନିର୍ଦ୍ଦେଶକ ଡଃ ପି.କଲ୍ୟାଣ ରେଡ଼ି, ଏଡିସନାଲ ଚିଫ୍ ସେକ୍ରେଟାରୀ, ହୋମ୍ ଡିପାର୍ଟମେଣ୍ଟ ଭୁବନେଶ୍ୱର ଏବଂ ଓଡ଼ିଶା ପୋଲିସ ରାଜ୍ୟ ମୁଖ୍ୟାଳୟର ଡାଇରେକ୍ଟର ଜେନେରାଲ ଅଫ୍ ପୋଲିସଙ୍କୁ ୫ ଦିନ ମଧ୍ୟରେ ଏହାର ରିପ୍ଲାଇ ଦିଅ ନଚେତ ପର୍ସନାଲ ଆପିଏରାନ୍ସ ପାଇଁ ସୁମନ ଇସ୍ୟୁ କରାଯିବ ବୋଲି ନୋଟିସ ଦିଆଯାଇଛି। ତେବେ ମାଲକାନଗିରି ଜିଲ୍ଲାର ବହୁ ଚର୍ଚ୍ଚିତ ଏ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଥିବାବେଳେ ପୀଡ଼ିତା ପରିବାରଙ୍କୁ ନ୍ୟାୟ ମିଳିବା ଆଶା କରାଯାଇଛି ।

## ବିଜେଡି ନଗର ସଭାପତି ଭାବେ ଚନ୍ଦନ ମନୋନୀତ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ଚନ୍ଦନ ବେହେରା ଉମରକୋଟ ବିଜୁ ଜନତା ଦଳ ନଗର ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି ଉମରକୋଟ ବ୍ଲକ ସଭାପତି ଭାବେ ଶୋଭାରାମ ମାଝୀଙ୍କୁ ମନୋନୀତ କରଛି ଦଳ। ତାଙ୍କ



ଉପରେ ଆସ୍ଥା ପ୍ରକଟ କରି ଏତେ ବଡ ଗୁରୁଦାୟିତ୍ୱ ଦେଇଥିବାରୁ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲ୍ଲା ବିଜେଡି ସଭାପତି ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ଉମରକୋଟ ଅଞ୍ଚଳରେ ସଂଗଠନ କିଭଳି ମଜବୁତ କରି ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରିବେ ବୋଲି ଚନ୍ଦନ ବେହେରା ଓ ଶୋଭାରାମ ମାଝୀ କହିଛନ୍ତି

## ନିମ୍ନମାନର ରାସ୍ତା କାମ ଯୋଗୁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ବୌଦ୍ଧ (ଭାସ୍କର ନ୍ୟୁଜ୍): ରାସ୍ତାର ଉନ୍ନତି କରଣ ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ଚଣ୍ଡିତଳ ଗ୍ରାମବାସୀ। ଏଭଳି ଏକ ରାସ୍ତା ହେଉଛି ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଅନ୍ତର୍ଗତ ନାରାୟଣ ନଗର ଠାରୁ ଚଣ୍ଡିତଳ ଅଞ୍ଚଳର। ସାମାନ୍ୟ ବର୍ଷା ହେଲେ ରାସ୍ତା ଅବସ୍ଥା ଏଭଳି ହେଉଛି ଯେ ନଦେଖିଲେ ବିଶ୍ୱାସ କରିହେବ ନାହିଁ। ବର୍ଷା ହେଲେ ମଟର ସାଇକେଲ ଓ ସାଇକେଲରେ ଯିବାତ ଦୂରର କଥା ଚାଲିକି ଯିବା କଷ୍ଟକର ହେଉଛି। ଏହି ବାଟ ଦେଇ ଛାତ୍ର ଛାତ୍ରୀ ମାନେ ସ୍କୁଲ ଓ କଲେଜ ଯିବାବେଳେ ଚପଲ ହାତରେ ଧରି ଯାଉଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନାଯୋଗ୍ୟ ଯେ ଏହି ରାସ୍ତାର ଉନ୍ନତି କରଣ ପାଇଁ ଅର୍ଥ ଆସିଥିଲା। ହେଲେ ନିମ୍ନମାନର କାମ ଯୋଗୁଁ ସାମାନ୍ୟ ବର୍ଷା ହେଲେ କାଦୁଅମୟ ହେଉଛି। ଫଳରେ ଯାତାୟତରେ ବାଧାପ୍ରାପ୍ତ ହେଉଛି। ନାରାୟଣ ନଗର ଉପରେ ଚଣ୍ଡିତଳ, ଗୁଡିଆଲି, ମଝିଆଁଘରା, ବାଲିଦୋହଲି ଆଦି ଗ୍ରାମବାସୀ ଦୈନିକ ବଜାର ପାଇଁ ନିର୍ଭର କରନ୍ତି। ଏହା ସହିତ ପଂଚାୟତକୁ ଖାଉଟି ସାମଗ୍ରୀ ସହିତ ବୃଦ୍ଧବୃଦ୍ଧାମାନେ ଭତ୍ତା ନେବାକୁ ଏହି ବାଟ ଦେଇ ଯାଇଥାନ୍ତି। ରାସ୍ତା ଅବସ୍ଥା ଏଭଳି ହେତୁ ଏହି



ରାସ୍ତା ଦେଇ ଯିବାକୁ ଲୋକ ଭୟ କରୁଛନ୍ତି। ଫଳରେ ଲୋକ ବାଧ୍ୟହୋଇ ୩ କିମି ବାଟ ବୁଲି ନାରାୟଣ ନଗରକୁ ଆସୁଛନ୍ତି। ପଂଚାୟତ କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତାକୁ କଂକ୍ରିଟ କରିବା ପାଇଁ ଦାବି ହେଉଛି।

## ବନ ମହୋତ୍ସବ ସପ୍ତାହରେ ଚାରାରୋପଣ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ , ନୂଆଦିଲ୍ଲୀ ଓ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶନା ରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ବନ ମହୋତ୍ସବ ସପ୍ତାହ ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀବୃନ୍ଦ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଛନ୍ତି। ୨୦୨୫ ଜୁଲାଇ ୫ ତାରିଖରେ ଜିଲ୍ଲାର ବେଟାଗୁଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ରେ ବିଶେଷ ଭାବେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁତ ବରିଷ୍ଠ ଅତିଥିମାନେ ଉପସ୍ଥିତ ହୋଇ ଗଛ ଲଗାଇ ପରିବେଶ ସୁରକ୍ଷା ପ୍ରତି ନିଜେ ଦୃଢ ଅଙ୍ଗୀକାର ବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ହେଲେ ଜଗଦୀଶ ପ୍ରସାଦ ମହାନ୍ତି, ଜିଲ୍ଲା ଜଜ୍-କମ୍-ଅଧ୍ୟକ୍ଷ, ଗଜପତି ନରୋତ୍ତମ ସେଠୀ, ଗଜପତି, ବିମଳ ରାଉଳ, ସଚିବ, ଗଜପତି, ରଶ୍ମିତା ସାହୁ, ସିନିୟର ବିଭାଗର ସିଭିଲ୍ ଜଜ୍, ମହିଳା ଅଦାଲତ, ପାରଳାଖେମୁଣ୍ଡି, ବିଷ୍ଣୁପ୍ରିୟା ସାମନ୍ତରାୟ,ପାରଳାଖେମୁଣ୍ଡି, ସତ୍ୟଜିତ ପାଣି, ପାରଳାଖେମୁଣ୍ଡି, ଜିତେନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ଓକିଲ ସଂଘ ସଭାପତି, ଶ୍ରୀକାନ୍ତ ରଥ, ପ୍ରିନ୍ସିପାଲ୍, ବେଟାଗୁଡା,ବନ ବିଭାଗର କର୍ମଚାରୀବୃନ୍ଦ।

## ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ବନ ମହୋତ୍ସବ ପାଳିତ



ବରଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଭଗବାନ ମିଶ୍ର ସ୍ମୃତି ସମିତି ଦ୍ୱାରା ବନ ମହୋତ୍ସବ ପାଳିତ ହୋଇଯାଇଛି।ଏହି ଅବସରରେ ସମିତିର ସଦସ୍ୟ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୂଲ୍ୟବାନ ଚାରାରୋପଣ ସହ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ସାହିତ୍ୟିକ ଗୋପବନ୍ଧୁ ପୁରୋହିତଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଶ୍ରୀ ପୁରୋହିତ ସ୍ୱାଗତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଗପ ମାଧ୍ୟମରେ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ପ୍ରକୃତି ବନ୍ଧୁ ଡ଼. ଡୋଲାମଣୀ ପୁରୋହିତ ଓ ବିଶିଷ୍ଟ କଳାକାର ଜଗଦାନନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସନ୍ତୁଳିତ ପରିବେଶ ସହିତ ଆମ ଉଜ୍ଜ୍ୱଳ ଭବିଷ୍ୟତ ନିର୍ଭରଶୀଳ ବୋଲି ମନ୍ତବ୍ୟ ରଖି ଛାତ୍ରଛାତ୍ରୀମାନଙ୍କୁ ଚାରା ରୋପଣ ଓ ତାର ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ସମିତିର ସଭାପତି ସର୍ଦ୍ଦାର ପ୍ରିତମ ସିଂହ, ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ଉପଦେଷ୍ଟା ପ୍ରାଧ୍ୟାପକ ସନ୍ତୋଷ ପଣ୍ଡା ବନ ମହୋତ୍ସବର ଉଦ୍ଦେଶ୍ୟ ଓ ଜୀବ ଜଗତ ପାଇଁ ଏହାର ଉପାଦେୟତା ଉପରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ସମିତିର ଉପସଭାପତି କମଳ ଯୋଶୀ, ପ୍ରଦିପ୍ତଭାନୁ ମହାନ୍ତି, ପ୍ରକୃତିବନ୍ଧୁ ଜଗଦୀଶ ସୈନ, ବିନୋଦ ସାହୁ, ନୀଳାମ୍ବର ମେହେର, ଇଂ ମୁଷ୍ମା ଦାଶ,ନବକୃଷ୍ଣ ମିଶ୍ର,ବିଦ୍ୟାଳୟର ଭାରତୀ ଶିଶୁ ସାହିତ୍ୟ ସମ୍ପାଦିକା ଶାଳିନୀ ସା,ରୁଚୀ ମାଝୀ,ସୀମରନ୍ ମାଲି, ମୁସ୍କାନ୍ ସା, ରୀତିକା ସା, ଅଞ୍ଜଳୀ ମହାରଣା, ସୌମେନ୍ଦ୍ର ବରାଡ, ପ୍ରୀତମ୍ ସାହୁ, ଆୟୁଷ ମହାନନ୍ଦ, ଆୟୁଷ୍ମାନ ମଲ୍ଲିକ, ସୌଦାମିନୀ ଗଡ଼ତିଆ, କାଜଲ ସୁନା ସହଯୋଗ କରିଥିବା ବେଳେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ବନ ମହୋତ୍ସବ ପାଳନ କରିଥିଲେ। ପରିଶେଷରେ ଅରବିନ୍ଦ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

## ଶାବର ଶ୍ରୀକ୍ଷେତ୍ରରେ ବାହୁଡା ଯାତ୍ରା ସଂପନ୍ନ ||||||||
# ରଥ ଟାଣିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଶାବର ଶ୍ରୀକ୍ଷେତ୍ର ବାହୁଡା ଯାତ୍ରାରେ ସାମିଲ ହୋଇ ଶ୍ରଦ୍ଧାଳୁଙ୍କ ସହିତ ରଥ ଟାଣିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଶାବର ଶ୍ରୀକ୍ଷେତ୍ର ବାହୁଡା ଯାତ୍ରାରେ ସାମିଲ ହେବା ମୋର ସୌଭାଗ୍ୟ । ରଥଯାତ୍ରା ଓ ବାହୁଡା ଯାତ୍ରା ଓଡିଆ ସଂସ୍କୃତିର ଅନନ୍ୟ ପର୍ବ । ଓଡିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ଜନଜାତିଙ୍କ ଅନନ୍ୟ ସମ୍ପର୍କ ରହିଛି । ରଥଟଣାରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ବିଧାୟକ ତାରା ପ୍ରସାଦ ବାହିନୀପତି, ରଘୁରାମ ମାଛ , ରାମଚନ୍ଦ୍ର କାଡାମ, ପବିତ୍ର ସାଉନ୍ତା, ଗୌରୀ ଶଙ୍କର ମାଝୀ, ରୂପୁ ଭତ୍ରା ପ୍ରମୁଖ ସାମିଲ ହୋଇଥିଲେ । ବାହୁଡା ଅବସରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ନିର୍ଦ୍ଧାରିତ ସମୟରେ ଶ୍ରୀଜିଉଙ୍କ ଧାଡି



ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ସୁଦର୍ଶନ ପରେ ବଳଭଦ୍ର ଭଉଣୀ ସୁଭଦ୍ରା ଓ ଶେଷରେ ବଡ ଠାକୁର ଜଗନ୍ନାଥଙ୍କ ପହଣ୍ଡି ହୋଇଥିଲା। ଭାବ ଓ ଭକ୍ତିରେ ବନ୍ଧା ଠାକୁରଙ୍କ ପହଣ୍ଡି ବେଳେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭଜନ, କୀର୍ତ୍ତନ ସହ ନୃତ୍ୟ ପରିବେଷଣ ହୋଇଥିଲା । ମାଉସୀ ମା' ମନ୍ଦିରରୁ ସମସ୍ତ ଠାକୁରଙ୍କୁ ରଥ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା । ପହଣ୍ଡି ଓ ରଥାରୂଢ ପରେ ଶାବର ଶ୍ରୀକ୍ଷେତ୍ରର ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ତିନି ଶବର ଗାଁର ମୁଖିଆ ଛେରା ପହଁରା କରିଥିଲେ । ନିର୍ଦ୍ଧାରିତ ସମୟରେ ପ୍ରଥମେ ବଳଭଦ୍ର , ଦ୍ୱିତୀୟରେ ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ରଥକୁ ଟଣାଯାଇଥିଲା । ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ଜଗନ୍ନାଥ ମନ୍ଦିର ସମ୍ମୁଖରେ ତିନି ରଥ ପହଞ୍ଚିବା ପରେ ଠାକୁରଙ୍କୁ ରାତି ପର୍ଯ୍ୟନ୍ତ ଭକ୍ତ ଦର୍ଶନ କରିଥିଲେ। ବାହୁଡା ଯାତ୍ରାରେ ୨୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲେ ।

## ବିଜୁ ପକ୍କାଘର ମିଳିଛି, ହେଲେ ରହିବାର ଅଧିକାର ମିଳୁନି
### ■ ଭଙ୍ଗାଘରେ କଟୁଛି ବୃଦ୍ଧା ଭାମାଙ୍କ ଜୀବନ

ବୌଦ୍ଧ (ଭାସ୍କର ନ୍ୟୁଜ୍): ରାଜ୍ୟ ଓ କେନ୍ଦ୍ର ସରକାର କଚ୍ଚା ଘରକୁ ପକ୍କାଘର କରିବା ପାଇଁ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଯୋଗାଇ ଦେଉଛନ୍ତି ।ଏହି ଘରକୁ ପ୍ରକୃତ ହିତାଧିକାରୀ ପାଇବେ ସେଥିପାଇଁ ତଳୁ ଉପର ପର୍ଯ୍ୟନ୍ତ ତଦାରଖ କରିବା ପାଇଁ ଅଧିକାରୀ ନିଯୁକ୍ତ କରିଛନ୍ତି। ତଥାପି କେତେକ ଲାଭଖୋର ଅଧିକାରୀଙ୍କ ଯୋଗୁଁ ହିତାଧିକାରୀଙ୍କ ବିଜୁ ପକ୍କା ଘର ଚୋରି ହେବା ଭଳି ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ପଞ୍ଚାୟତଠାରୁ ମାତ୍ର ୨୦୦ ମିଟର ବାଘପାଲି ଗ୍ରାମରେ ଦେଖିବାକୁ ମିଳିଛି। ସୂଚନାମତେ ଗାଁର ଭାମା ନାଏକ (୮୦) ୫୭ ବର୍ଷ ପୂର୍ବେ ବାହା ହୋଇଥିଲେ ବୁଟୁପାଲିରେ। ମାତ୍ର ବର୍ଷେ ପରେ ସେ ସ୍ୱାମୀକୁ ଛାଡି ପଳାଇ ଆସିଥିଲେ। ପୁଣି ଦ୍ୱିତୀୟ ବିବାହ କରିଥିଲେ ମୁଣ୍ଡିପଦର ପଞ୍ଚାୟତ ଅନ୍ତର୍ଗତ କଲାପଥର ଗ୍ରାମରେ। ହେଲେ ସେଠାରୁ ମଧ୍ୟ ମାସେ ଦୁଇ ମାସ ପରେ ପଳାଇ ଆସି ବାପଘର ବାଘପାଲିରେ ରହୁଥିଲେ। ୨୦୧୬/୧୭ ମସିହାରେ ବିଜୁ ପକ୍କାଘର ଯୋଜନାରେ ଘର ପାଇଥିଲେ। ଯାହାର କାର୍ଯ୍ୟାଦେଶ ସଂଖ୍ୟା ହେଉଛି ୧୩୮/୨୦୧୬/୧୭ ଥିଲା। କିନ୍ତୁ ଏହି ଘରକୁ ତାଙ୍କର ଜଣେ ସଂପର୍କୀୟ ସେ ରହୁଥିବା ଜାଗାରେ ନିର୍ମାଣ ନକରି ନିଜ ଜାଗାରେ ନିର୍ମାଣ କରିଥିଲେ। ଯାହାକି ତେଲିବନ୍ଧ ପଞ୍ଚାୟତ ର ଚନ୍ଦ୍ରପୁର ରାଜସ୍ୱ ଗ୍ରାମରେ ଅବସ୍ଥିତ। ସୂଚନାଅଛି ଜଣେ ହିତାଧୀକାରୀ ଙ୍କ ଜାଗା



ଯଦି ଅଲଗା ସ୍ଥାନରେ ଅଛି ସେ ସେଠାରେ ଘର ତିଆରି କରିପାରିବେ, କିନ୍ତୁ ଏଠାରେ ସବୁ ନିୟମକୁ ଉଲ୍ଲଂଘନ କରି ତତ୍କାଳୀନ ପିଇଓ ଓ ଗ୍ରାମ ରୋଜଗାର ସେବକ ଜିଓଟେକ୍ କରି ହିତାଧିକାରୀଙ୍କ ଘର ବାବଦକୁ ଏକ ଲକ୍ଷ କୋଡିଏ ହଜାର, ମନରେଗା ବାବଦକୁ ୧୬ ହଜାର ୧୮୨ ଟଙ୍କା ଓ ଶୌଚାଳୟ ବାବଦକୁ ୧୨ ହଜାର ଟଙ୍କା ଉଠା ହୋଇଥିବା ପାସବୁକ୍‌ରୁ ଜଣାପଡେ। ଏନେଇ ସେ ପୂର୍ବତନ ସରପଞ୍ଚ ଓ ପିଇଓଙ୍କୁ ଅନେକ ଥର ଅଭିଯୋଗ କରି କିଛି ଲାଭ ହୋଇନାହିଁ। ଘର ପାଇଥିବା ହିତାଧିକାରୀ ଏବେ ଘରେ ରହିବାର ଅଧିକାର ପାଉ ନଥିବାରୁ ଏକ ଭଙ୍ଗା ଘରେ ଯାହାର ଅଧା ଛପର ନାହିଁ, ସାମାନ୍ୟ ବର୍ଷା ହେଲେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ ସେ ସେଠି ରହୁଛନ୍ତି। ତାହା ନଦେଖିଲେ ବିଶ୍ୱାସ କରି ହେବ ନାହିଁ। ବର୍ତ୍ତମାନ ବର୍ଷା ଦିନ ଯୋଗୁଁ ପଡ଼ିଶା ଘରେ ଶୋଉଥିବା ବେଳେ ବର୍ଷା ଯୋଗୁଁ ଚୁଲି ଓଦା ହୋଇଥିବାରୁ ରୋଷେଇ କରି ପାରନ୍ତି ନାହିଁ। ଯେଉଁ ଦିନ ଯିଏ ଯାହା ଦେଲା ତାହା ଖାଆନ୍ତି। ଏପରିକି ଦିନେ ଦିନେ ଉପାସ ରହିବାକୁ ପଡେ। ପଞ୍ଚାୟତରୁ ୩୫ କିଲୋ ଚାଉଳ ଓ ୫୦୦ ଟଙ୍କା ଭତ୍ତା ମିଳେ। ବର୍ତ୍ତମାନ ଏହି ମହଙ୍ଗା ଦୁନିଆରେ ମାସେ ଚଳିବା କଷ୍ଟକର। ବୟସାଧିକ ଯୋଗୁଁ ରୋଷେଇ କରି ପାରୁନଥିବା ବେଳେ ଏବଂ ଭଙ୍ଗା ଦଦରା ଘରେ ବିପଦ ଥିବା ଭାବି ଗତ ୧୭/୭/୨୦୨୩ ତାରିଖରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତରେ ଜିଲ୍ଲାପାଳଙ୍କ ହୋଇଥିବା ଅଭିଯୋଗ ଶୁଣାଣି ଓ ସମାଧାନ ଶିବିରକୁ ବହୁ ଆଶା କରି ବୃଦ୍ଧାଶ୍ରମରେ ରହିବାକୁ ନିବେଦନ କରିଥିଲେ। ପ୍ରଶାସନ ପକ୍ଷରୁ ତାଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହଯୋଗରେ ନିଆଗଲା। କିଛି ଦିନ ପରେ ସେଠାରେ ତାଙ୍କୁ ଅତ୍ୟାଚାର କରିବାରୁ ସେ ଫେରି ଆସିଲେ। ବର୍ତ୍ତମାନ ସେ ସେହି ବିପଦ ସଂକୁଳ ଘରେ ରହୁଛନ୍ତି। ଜିଲ୍ଲାପାଳଏହାକୁ ଗୁରୁତ୍ୱର ସହ ନେଇ ତାଙ୍କୁ ବିଜୁ ପକ୍କାଘରେ ରହିବାର ଅଧିକାର ଦେଲେ ସେ ଖୁସି କୃତଜ୍ଞ ହୁଅନ୍ତେ ବୋଲି କୋହଭରା କଣ୍ଠରେ କହନ୍ତି ଭାମା।

# ଶାନ୍ତି ଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା ସମ୍ପନ୍ନ

ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟରେ ଶାନ୍ତି ଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା ସମ୍ପନ୍ନ ହେଉଛି। ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡିଛନ୍ତି ବ୍ରହ୍ମାଣ୍ଡ ଗୋସାଇଁ । ଜନ୍ମବେଦୀରେ ସରିଛି ମହାପ୍ରଭୁଙ୍କ ଲୀଳାଖେଳା। ବାହୁଡା ଯାତ୍ରା, ଆଡ଼ପ ମଣ୍ଡପରେ ଶ୍ରୀଜିଉଙ୍କ ଶେଷ ଦର୍ଶନ ପରେ ଭାଇଭଉଣୀକୁ ସାଙ୍ଗରେ ନେଇ ଶ୍ରୀମନ୍ଦିର ଫେରିଛନ୍ତି କାଳିଆ ସାଆନ୍ତ। ତେଣୁ ଲାଗିଛି ଭକ୍ତଙ୍କ ଗହଳି । ପୁଣି ଆସନ୍ତାବର୍ଷ ରଥଯାତ୍ରାକୁ ଅପେକ୍ଷା



କରିବାକୁ ପଡ଼ିବ ଭକ୍ତଙ୍କୁ । ସମସ୍ତ ରୀତିନୀତି ପରମ୍ପରା ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଦିନ ୧୨ ଟା ବେଳେ ୩ ଠାକୁର ପହଣ୍ଡି ବିଜେ କରିଥିଲେ ଓ ପରେ ଉମରକୋଟ ' ତହସିଲଦାର ମେଘବନ ବାଘ, ମନ୍ଦିରର ରାଜ ପୁରୋହିତ ଗୌରହରି ମିଶ୍ରଙ୍କ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଛେରା ପହଁରା କରିଥିଲେ। ପରେ ୩ ଟା ସମୟରେ ରଥଟଣା ଆରମ୍ଭ ହେଇଥିଲା ଓ ପ୍ରାୟ ସନ୍ଧ୍ୟା ଛଅଟା ସମୟରେ ରଥ ମନ୍ଦିର ପହଞ୍ଚି ଯାଇଥିଲେ। ଶୃଙ୍ଖଳିତ ଦର୍ଶନ ପୋଲିସ ପକ୍ଷରୁ ହୋଇଥିଲା ବ୍ୟାପକ ବ୍ୟବସ୍ଥା। ହୋଇଥିବା ବେଳେ ବାହୁଡ଼ା ବେଳେ ମାଉସୀ ମା' ହାତରୁ ପୋଡ଼ପିଠା ଖାଇଲେ ବିଶ୍ୱନିୟନ୍ତା। ପାଗ ଭଲ ହୋଇଥିବାରୁ ବାହୁଡ଼ା ଯାତ୍ରାରେ ପ୍ରାୟ ୧୦ ହଜାର ଭକ୍ତଙ୍କ ସମାଗମ ହେଇଥିଲାଓ ରଥ ଟଣା ସମୟରେ ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି, କାଉନ୍ସିଲର ତପନ ଦେବନାଥ, ମୁନା ପାଢ଼ୀ ରାମ ନାୟକ ସମେତ ଦେବୋତ୍ତର କମିଟି ସଦସ୍ୟ ମାନେ ଓ ସହରର ଗଣ୍ୟ ମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଜାତୀୟ ରାଜପଥ ୩୫୩ରୁ ତହସିଲ ଅଫିସ ଯିବା ରାସ୍ତା ଶୋଚନୀୟ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ୩୫୩ ନମ୍ବର ଜାତୀୟ ରାଜପଥ ଠାରୁ ଖଡ଼ିଆଳ ତହସିଲ, କୋର୍ଟ, ଫରେଷ୍ଟ ବଙ୍ଗଳା, ଲୋୟର ଇନ୍ଦ୍ର ଜଳସେଚନ ଅଫିସ, ରାସ୍ତା ଓ ଗୃହ ନିର୍ମାଣ ମୁଖ୍ୟ ଅଧିକାରୀଙ୍କ ଯିବା ରାସ୍ତାଟିର ଅବସ୍ଥା ଅତି ଶୋଚନୀୟ। ରାସ୍ତାଟି ଦୀର୍ଘ ଦିନରୁ ପିଚୁ ଓ ମେଟାଲ ଉଠି ଖାଲ ଖମା ହୋଇପଡିଛି। ଯାହାଦ୍ୱାରା ରାସ୍ତାରେ ଗାଡି ମଟର ଯିବା ଆସିବାରେ ବହୁ ଅସୁବିଧା ହେଉଛି। କଥାରେ ଅଛି ଦୀପ ତଳ ଅନ୍ଧାର ଅର୍ଥାତ ନିମ୍ନ ଇନ୍ଦ୍ର ଜଳସେଚନ ଅଫିସ ଲୋକଙ୍କ ଥଇଥାନ ପାଇଁ କୋଟି କୋଟି ଟଙ୍କା ଆସୁଛି, ହେଲେ ସେହି ଅଫିସ ଯିବାକୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ଓ ଦୟନୀୟ ଅବସ୍ଥା ଅଛି। ଅନ୍ୟପଟେ ନିଜେ ରାସ୍ତା ତିଆରି କରୁଥିବା ଅଫିସକୁ ଯିବା ରାସ୍ତାର ଅବସ୍ଥା ମେଟାଲ ବାହାରି ରାସ୍ତାରେ ଯିବା ଆସିବା କରି ହେଉନାହିଁ। ତେଣୁ ସାଧାରଣରେ ଦାବୀ ହେଉଛି ଯେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଏହି ରାସ୍ତାର ମରାମତି କରାନ୍ତୁ ବୋଲି।

## କାର୍ ସହ ୧୭୯୮ ବୋତଲ କଫ୍ ସିରପ୍ ଜବତ


ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ନାଏକପଡାର କରୁଣାପାଲି ନିକଟରୁ ଶନିବାର ସନ୍ଧ୍ୟା ୬ ଘଣ୍ଟା ସମୟରେ କାର ସହ ଜବତ ହୋଇଥିବା ୧୭୯୮ ବୋତଲ କଫ୍ ସିରପ୍‌କୁ ବୌଦ୍ଧ ଥାନାରେ ପ୍ରଦର୍ଶନ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଦିନ ଏକ କାର ଯୋଗେ ବଘିଆ ପଡା - ବୁଟୁପାଲି ଭାୟା ପନ୍ଥାଇ ରାସ୍ତାରେ ବିପୁଳ ପରିମାଣର କଫ୍ ସିରପ୍ ଚାଲାଣ ହେଉଥିବା ଉପଖଣ୍ଡ ପୋଲିସ ଅଧିକାରୀ ଲରେନ୍ ରାଉତରାୟଙ୍କ ନିକଟରେ ସୂଚନା ପହଞ୍ଚି ଥିଲା । ଶ୍ରୀ ରାଉତରାୟଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବୌଦ୍ଧ ଥାନା କରୁଣା ପାଲି ଗ୍ରାମ ନିକଟରେ ଚଢାଉ କରିଥିଲା । ପୋଲିସକୁ ଦେଖି ଚାଲାଣକାରୀ ମାନେ କାରକୁ ଛାଡ଼ି ଫେରାର ମାରିଥିଲେ। ପୋଲିସ କାର ସହ ଗାଡି ଭିତରେ ଥିବା ୧୭୯୮ ବୋତଲ କଫ୍ ସିରପ ଜବତ୍ କରି ଏ ସମ୍ପର୍କରେ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି ।




# ବେଧଡ଼କ ଚାଲିଛି ଗଞ୍ଜେଇ ଚୋରାଚାଲାଣ

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଆଦର୍ଶ ଅବକାରୀ ଥାନା ଅଂଚଳ ଦେଇ ବେଧଡ଼କ ଚାଲିଛି ଗଞ୍ଜେଇ ଚୋରା ଚାଲାଣ। ଖଡ଼ିଆଳ ଅଂଚଳରେ ମଧ୍ୟ ବେଧଡ଼କ ଗଞ୍ଜେଇ ବେପାର ହେଉଥିବା ଗଞ୍ଜେଇ ପିଉଥିବା ବ୍ୟକ୍ତିମାନେ କହୁଛନ୍ତି। ଗଞ୍ଜେଇ ବେପାରରେ ଖଡ଼ିଆଳ ଆଦର୍ଶ ଅବକାରୀ ଥାନା ଉପ-ନିରୀକ୍ଷକଙ୍କ ସହଯୋଗ ଥିବା ଗଞ୍ଜେଇ ପିଉଥିବା ଲୋକେ ଚର୍ଚ୍ଚା କରୁଛନ୍ତି। ପୁଣି ସେମାନେ କହୁଛନ୍ତି ଯେ ଆରେ ବାବୁ ଖୋଦ୍ ନିଜେ ଅଫିସର ଗଞ୍ଜେଇ ବେପାରୀ ସହ ମିଶି ବେପାର ଚାଲିଛି । ଛୋଟ ଛୋଟ ବେପାରୀକୁ ଧରି ବଡ ବଡ ଗଞ୍ଜେଇ ବେପାରୀଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଖାଇ ଗାଡିକୁ କିଛି ବାଟ ସୁରକ୍ଷା ଦେଉଛନ୍ତି ବୋଲି ବେପାରୀ ମାନେ କହୁଛନ୍ତି ବୋଲି ଗଞ୍ଜେଇ ପିଉଥିବା ଲୋକେ ତାଙ୍କ ତାଙ୍କ ଭିତରେ ଆଲୋଚନା କରୁଥିବା ସାଧାରଣ ରେ ଚର୍ଚ୍ଚା ହେଉଛି। ଖଡ଼ିଆଳ ଆଦର୍ଶ ଅବକାରୀ ଥାନା ପୂର୍ବକୁ ସାତ କିଲୋ ମିଟର ଦୂର ଓ ଦକ୍ଷିଣକୁ ଦଶ କିଲୋ ମିଟର ରେ ଗଞ୍ଜେଇ ବେପାର ହେଉଥିବା

### ଟେର୍ ପାଉନାହିଁ ଅବକାରୀ ବିଭାଗ



ଚର୍ଚ୍ଚା ହେଉଛି। ଖଡ଼ିଆଳ ଅବକାରୀ ଆଦର୍ଶ ଥାନା ଦେଇ ସକାଳ ଓ ଦିନ ଦିପହରରେ ଗଞ୍ଜେଇ ମୋଟର ସାଇକେଲ ଓ କାର ଯୋଗେ ଯାଉଥିବା ଆଲୋଚନା ହେଉଛି।ଖଡ଼ିଆଳ ଅବକାରୀ ବିଭାଗର ଅବହେଳା ଯୋଗୁଁ ଧୀରେ ଧୀରେ ଗଞ୍ଜେଇ ଚୋରା ଚାଲାଣ ସଂଗେ ସିଗାରେଟ ମାଧ୍ୟମରେ ଗଞ୍ଜେଇ ବେପାର ହେଉଥିବା ଚର୍ଚ୍ଚା ହେଉଛି। ଏଭଳି ହେଲେ ଆଗାମୀ ଦିନରେ ଏ ଅଂଚଳ ପାଇଁ ଗଞ୍ଜେଇ ବିପଦ ଆଣିବାର ଆଶଙ୍କା ହେବା ସହ ପିଲାମାନେ ବେକାର ହୋଇ ଅସାମାଜିକ କାମରେ ଲିପ୍ତ ହେବେ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି। ଏନେଇ ଖଡ଼ିଆଳ ଆଦର୍ଶ ଅବକାରୀ ବିଭାଗ ଉପ-ନିରୀକ୍ଷକ ଅଲେଖ ପୁଟେଲଙ୍କ ପଚାରି ବୁଝିବାରୁ ସେ ଆମ ପାଖରେ ସେମିତି କିଛି ଖବର ନାହିଁ ବୋଲି କହିଥିଲେ। ଯଦି ଆପଣଙ୍କ ପାଖରେ ଖବର ଅଛି ତେବେ ଦିଅନ୍ତୁ ବୋଲି ମତ ପ୍ରକାଶ କରିଥିଲେ।ତେଣୁ ନୂଆପଡା ଜିଲ୍ଲା ଅବକାରୀ ମୁଖିଆ ଏହି ଘଟଣା ଉପରେ କଡ଼ା ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।



ଏରସମା(ଭାସ୍କର ନ୍ୟୁଜ) :ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଗଡକୁଜଙ୍ଗର ପ୍ରଶିଦ୍ଧ ସୁଭଦ୍ରା କ୍ଷେତ୍ରରେ ଶନିବାର ବାହୁଡ଼ା ଯାତ୍ରା ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ କୁଞ୍ଜବିହାରୀ ମହାପ୍ରଭୁଙ୍କ ରଥ ସିଂହ ଦ୍ୱାରରେ ପହଞ୍ଚିଛି । ଅପରାହ୍ନରେ ମହାପ୍ରଭୁଙ୍କୁ ପହଣ୍ଡି ବିଜେ କରାଯାଇ ରଥଟଣା ଆରମ୍ଭ ହୋଇଥିଲା।ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ କୁଞ୍ଜବିହାରୀଙ୍କ ରଥ ସିଂହ ଦ୍ୱାରରେ ପହଞ୍ଚିଥିଲା । ବାହୁଡ଼ା ଯାତ୍ରାରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ସମ୍ମାନୀତ ଅତିଥି ଭାବେ ଏରସମା ବ୍ଲକ ବିଜୁଜନତା ଦଳ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗଛାୟତ, ଓବିସି ମୋର୍ଚ୍ଚା ରାଜ୍ୟ ସଂପାଦକ ନୃସିଂହ ଚରଣ ସାହୁ, ବଳଭଦ୍ରଙ୍କ ବାଡଗ୍ରାହୀ ସଞ୍ଜୟ କୁମାର ମହାନ୍ତି, ଯୁବ ସମାଜସେବୀ ଗଣେଷ ରାଉତ, ବିଜୁଜନତା ଦଳର ଯୁବ ଉପ ସଭାପତି ଲୋକନାଥ ରାଉତ ପ୍ରମୁଖ ଯୋଗଦେଇ ଥିଲେ। ବାଲିକୁଦା ଆଦର୍ଶ କଳାବିକାଶ କେନ୍ଦ୍ରର କୁନିକୁନି କଳାକାର ମାନେ ଓଡ଼ିଶି ନୃତ୍ୟ ପରିବେଷଣ କରିଥିଲେ।ଅଭୟଚାନ୍ଦପୁର ଥାନା ଆଇଆଇସି ସମୀର ରାଉତ ଓ ଅନ୍ୟାନ୍ୟ ପଦାଧିକାରୀ ମାନେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତିକୁ ଅନୁଧ୍ୟାନ କରିଥିଲେ। ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ କୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ରାଜେନ୍ଦ୍ର କୁମାର ବେହେରା, ସମ୍ପାଦକ ପିତାମ୍ବର ରାଉତ,ବିଷ୍ଣୁ ପ୍ରଧାନ, ଜଗନ୍ନାଥ ଖଟୁଆ, ସମ୍ପଦ ବାରିକ,ସଞ୍ଜୟ ମହାପାତ୍ର,ବିଜୟ ଚାନ୍ଦ ନାୟକ, ପ୍ରକାଶ ଚନ୍ଦ୍ର ଦାସ,ନଳିନୀ ରଞ୍ଜନ ବେହେରା, ଭୋଲାନାଥ ସ୍ୱାଇଁ ଓ ମନୋଜ ମାଝି ପ୍ରମୁଖ ପରିଚାଳନା କରିଥିଲେ।

# ରାଜଧାନୀରେ ବର୍ଷାର ତାଣ୍ଡବ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଲଘୁଚାପଜନତ ଲଗାଣ ବର୍ଷା ସାରା ରାଜ୍ୟରେ ଜଳପ୍ରଳୟ ସୃଷ୍ଟି କରିଥିବାବେଳେ ରାଜଧାନୀ ଭୁବନେଶ୍ୱର ଏଥିରୁ ବାଦ୍ ପଡ଼ିନାହିଁ। ଗତ କିଛିଦିନ ହେବ ଲଗାଣ ବର୍ଷା ଲାଗି ରହିଥିବାରୁ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିବା ସହ ଲୋକେ ପଦାକୁ ବାହାରିବା କାଠିକର ପାଠ ହୋଇଛି। ବିଶେଷକରି ରସୁଲଗଡ଼, ବମିଖାଲ, ଇସ୍କନମନ୍ଦିର ସମ୍ମୁଖ, ପଳାଶୁଣି, ବଡ଼ଗଡ଼, ଲକ୍ଷ୍ମୀସାଗର, ଝାଡ଼ପଡ଼ା, ଜଗନ୍ନାଥନଗର ଆଦି ଅଞ୍ଚଳରେ ଘର ଭିତରେ ପାଣି ପଶିଥିବାର ଦେଖିବାକୁ ମିଳିଛି। ବିଶେଷକରି ଡ୍ରେନେଜଗୁଡ଼ିକ ନିୟମିତ ସଫା ହେଉନଥିବାରୁ ବର୍ଷାଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁ ନାହିଁ । ଏ ନେଇ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜ୍ଞପ୍ତି ସହ...

ଅନ୍ୟପକ୍ଷରେ ବିଜେପିର ରାଜ୍ୟ ପ୍ରଭାରୀ ବିଜୟସିଂ ପାଲ ତୋମାର ଭୁବନେଶ୍ୱରରେ ପହଞ୍ଚିବା ପରେ ମଧ୍ୟ ଅନୁରୂପ କଥା କହିଛନ୍ତି। ସୋମବାର ଓଡ଼ିଶା ବିଜେପି ସାଙ୍ଗଠନିକ ନିର୍ବାଚନର ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ମଧ୍ୟ ଓଡ଼ିଶାରେ ପହଞ୍ଚିବେ। ନିର୍ବାଚନ ଗଣତାନ୍ତ୍ରିକ ପଦ୍ଧତିରେ କରାଯିବ। ତେବେ ମନମୋହନ କି ଆଉ କିଏ ହେବେ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

### ମିନାକ୍ଷୀ ପୁଣି...

ପ୍ରତିପାଦନ ଦେଖାଇ ଥିବାରୁ ତାଙ୍କ ଉପରେ ଭରସା କରିଛି ପୁଣି ଜାତୀୟ କଂଗ୍ରେସ। ମିନାକ୍ଷୀ ହେଉଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଧର୍ମପତ୍ନୀ। ଏହି ସୂଚନା ପାଇବା ପରେ କୋରାପୁଟ ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି।

### ଭୁବନେଶ୍ୱର-ପୁରୀ...

ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ପ୍ରତି ଘଣ୍ଟାରେ ସତର୍କ ସୂଚନା ଜାରି କରାଯାଉଥିଲା। ଏପରିକି ଯାତ୍ରୀମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଉଥିଲା। ଟ୍ରାଫିକ ପୋଲିସ ପକ୍ଷରୁ ଭିଡ଼ ନିୟନ୍ତ୍ରଣ କରାଯାଇଥିଲା। ଏପରିକି ବାଟଗାଁ ଛକରୁ ବିଭିନ୍ନ ସ୍ଥାନକୁ ଟ୍ରାଫିକ ଡାଇଭର୍ଟ କରାଯାଇଥିଲା। ପାସ୍‌ଧାରୀ ଓ ଯେଉଁମାନେ ବି ପାସ୍ ପାଇନଥିଲେ ସମସ୍ତଙ୍କ ପାଇଁ ନିୟମ ଗୋଟିଏ କରାଯାଇଥିଲା। ନିଜେ ଡିଜିପି ଉପସ୍ଥିତ ରହି ସ୍ଥିତିର ଅନୁଧ୍ୟାନ କରିଥିଲେ।

### ଅଧା ଓଡ଼ିଶାରେ...

ହେଉଛନ୍ତି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତେବେ ରବିବାର ଘୂର୍ଣ୍ଣିବଳୟ ପ୍ରଭାବରେ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଗାମୀ ୨ରୁ ୩ ଦିନ ଯାଏ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ମଧ୍ୟଦେଇ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ୮ଟି ସ୍ଥାନରେ ଭାରିବର୍ଷା ରେକର୍ଡ କରାଯାଇଛି। ଝାରସୁଗୁଡ଼ାରେ ୨୦୫.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଦେଓଗାଁରେ ୩୦୬ ମିଲିମିଟର, ଲଇକେରାରେ ୨୭୦.୪ ମିଲିମିଟର, କିରିମିରାରେ ୨୫୫.୩ ମିମି, କୋଲାବିରା ଓ କୁଚିଣ୍ଡାରେ ୨୩୩ମିମି, ସୁନ୍ଦରଗଡ଼ରେ ୨୦୭.୮ ମିମି ଓ ସମ୍ବଲପୁର ବାମରାରେ ୨୮୫.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ପ୍ରଭାବରେ ଆଗାମୀ କିଛିଦିନ ରାଜ୍ୟରେ ବର୍ଷାର ସମ୍ଭାବନା ରହିଛି। କେଉଁଠି ହାଲୁକାରୁ ମଧ୍ୟମ ଧରଣର ତ ଆଉ କେଉଁଠି ପ୍ରବଳରୁ ଅତି ପ୍ରବଳ ଏବଂ ଆଉ କିଛି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସେଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ଗୋଟିଏ ଦୁଇଟି ସ୍ଥାନରେ ୩୦ରୁ ୪୦ କିମି ବେଗରେ ପବନ, ଘଡ଼ଘଡ଼ି ଓ ବଜ୍ରପାତ ସହିତ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ତେଣୁ ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି।

### ୨୦ ଗେଟ୍...

ଦିଆଯାଇଥିଲା। ଲଗାଣ ବର୍ଷା ପରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବନ୍ୟାସ୍ଥିତି ଦେଖା ଦେଇଥିଲେ ମଧ୍ୟ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ବର୍ତ୍ତମାନ ହୀରାକୁଦରେ ୨୦ଟି ଗେଟ୍ ଖୋଲାଯାଇଛି। ମହାନଦୀର ତଳମୁଣ୍ଡରେ କୌଣସି ବନ୍ୟା ହୋଇନାହିଁ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଶନିବାର ପ୍ରବଳ ବର୍ଷା ହୋଇଛି। ବର୍ତ୍ତମାନ ଡ୍ୟାମ ଭିତରକୁ ୨,୭୪,୫୦୨ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୧,୬୮,୫୦୦ କ୍ୟୁସେକ ଜଳ ନିଷ୍କାସିତ କରାଯାଉଛି। ଜଳଭଣ୍ଡାରରେ ଜଳସ୍ତର ୬୦୫ ଫୁଟ ରହିବାର ଥିବାବେଳେ ବର୍ତ୍ତମାନ ୬୦୯ ଫୁଟ ରହିଛି। ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ। ତେଣୁ ଛତିଶଗଡ଼ ଉପରମୁଣ୍ଡରୁ ବନ୍ୟାଜଳ ଆସିଲେ କୌଣସି ସମସ୍ୟା ହେବ ନାହିଁ ବୋଲି ସୂଚନା ଦିଆଯାଇଛି। ତେବେ ଶ୍ରୀ ପାଢ଼ୀ କହିଛନ୍ତି ଯେ ବୈତରଣୀର ବାଂଶପାଳରେ ବର୍ଷା ହୋଇଥିଲେ ବି ବନ୍ୟାସ୍ଥିତି ଉପୁଜିନାହିଁ। ସେହିପରି ସୁବର୍ଣ୍ଣରେଖା ରାଜଘାଟରେ ବିପଦସଂକେତ ତଳେ ପ୍ରବାହିତ ହେଉଥିବା ସେ କହିଛନ୍ତି।

### ଶ୍ୟାମା ପ୍ରସାଦ...

ସାଂସ୍କୃତିକ ରାଷ୍ଟ୍ରବାଦ ହିଁ ହୋଇଥିଲା ଆଜିର ଭାରତୀୟ ଜନତା ପାର୍ଟିର ମୂଳମନ୍ତ୍ର। ତାଙ୍କର ଦୃଢ଼ମତ ଥିଲା, କଶ୍ମୀର ଭାରତର ଅଭିନ୍ନ ଅଂଶ ଓ ଏଥିପାଇଁ କୌଣସି ବିଶେଷ ଧାରା ଦରକାର ନାହିଁ। " ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନେହିଁ ଚଲେଗା" ସ୍ଲୋଗାନ୍ ଆଜି ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କ ମନରେ ଗୁଞ୍ଜରିତ ହେଉଛି ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସମ୍ବିଧାନର ୩୭୦ ଧାରା ଓ ୩୫(କ)ର ଉଚ୍ଛେଦ କରିଛନ୍ତି। ମୋଦୀଜୀଙ୍କ ଏହି ସାହସିକ ପଦକ୍ଷେପ କେବଳ ଯେ ଦେଶପାଇଁ ମଙ୍ଗଳମୟ ତାହା ନୁହେଁ, ଏହା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଡଃ ମୁଖାର୍ଜୀଙ୍କ ସ୍ୱପ୍ନ ଓ ସଂଘର୍ଷକୁ ପ୍ରଧାନମନ୍ତ୍ରୀ ପୂରଣ କରିଛନ୍ତି। ଡଃ ମୁଖାର୍ଜୀଙ୍କ ପରି ଜଣେ ମହାନ ଜନନାୟକଙ୍କ ପାଇଁ ଏ ଦେଶ ସର୍ବଦା ଗର୍ବିତ। ରାଜ୍ୟରେ ଓ ଦେଶରେ ବିକାଶ ହେଉଛି ଏବଂ ଏହି ବିକାଶରେ ପ୍ରତ୍ୟେକ ବର୍ଗଙ୍କୁ ସାମିଲ କରାଯାଇ, ଗ୍ରୋଥ ଇଂଜିନକୁ ଆହୁରି ସଶକ୍ତ କରାଯାଉଛି। ରାଜ୍ୟରେ ମଧ ପୂର୍ବ ସରକାର ଡଃ ମୁଖାର୍ଜୀଙ୍କର ସ୍ମୃତି ଦିବସକୁ କେବେ ପାଳନ କରୁନଥିଲେ। ଆମ ସରକାର ଏହାକୁ ଜାତୀୟ କର୍ତ୍ତବ୍ୟ ବୋଲି ସ୍ୱୀକାର କରି ପାଳନ କରୁଛି ଏବଂ ଆଗକୁ ମଧ କରିବ । ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ । ଆଜି ରାଜ୍ୟସରକାର ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାରା ଓଡିଶାରେ ଯୁବ ଶକ୍ତି ବିକାଶ କାର୍ଯ୍ୟକ୍ରମ କରୁଛନ୍ତି । ଏଣୁ ନୈତିକତା ବିନା ରାଜନୀତି, ଆଦର୍ଶ ବିନା ଶାସନ, ଓ ଦେଶପ୍ରେମ ବିନା ସ୍ୱାଧୀନତା କେବଳ ଏକ ଭ୍ରମ। ତ୍ୟାଗ ଓ ସେବା ଦ୍ୱାରା ଆମେ ଆମ ଭବିଷ୍ୟ ଗଢିବା। ଆଜି ଆମେ ଯେତେବେଳେ ଏକ ନୂଆ ଓଡ଼ିଶା ଗଢୁଛୁ, ଏକ ଶକ୍ତିଶାଳୀ ଭାରତର ଦିଗକୁ ବଢୁଛୁ, ଡଃ ମୁଖାର୍ଜୀଙ୍କ ନିତି ଓ ଦୃଷ୍ଟିକୋଣ ଆମକୁ ସଠିକ ମାର୍ଗ ଦେଉଛି। ସମ୍ମାନିତ ଅତିଥି ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଡଃ ମୁଖାର୍ଜୀଙ୍କୁ ଇତିହାସର ଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ସମ୍ବୋଧିତ କରିଥିବା ବେଳେ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ ଡଃ ମୁଖାର୍ଜୀ ଭାରତର ଅଖଣ୍ଡତାର ପ୍ରତୀକ। କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଅନିର୍ବାଣ ଗାଙ୍ଗୁଲି ଡଃ ମୁଖାର୍ଜୀଙ୍କୁ ପରାଧୀନ ଭାରତରେ ମଧ୍ୟ ଭାରତୀୟ ଭାଷାରେ ଶିକ୍ଷାର ଆଦି ପ୍ରବର୍ତ୍ତକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଓ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ସମ୍ମାନନୀୟ ଅତିଥିଗଣ ଡଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଗ୍ୟାଲେରୀକୁ ଉଦଘାଟନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡଃ ମୁଖାର୍ଜୀଙ୍କ ଉପରେ ଏକ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ତର୍କ ପ୍ରତିଯୋଗିତାର କୃତୀ ମହାବିଦ୍ୟାଳୟ ଓ ବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ସଚିବ ସଂଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଗଣ ଭୁବନେଶ୍ୱରର ସତସଙ୍ଗ ବିହାର ଠାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କରେ ସ୍ୱର୍ଗତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଝଟକିଲେ...

ଇତ୍ୟାଦି ଶୁଖିଲି ଭୋଗ) ପରେ ଠାକୁର ମାନଙ୍କୁ ମଇଲମ କରାଯାଇଥିଲା। ମଇଲମ ପରେ ଖଣ୍ଡେ ଖଣ୍ଡେ ଶାଢ଼ି ଓ ଖଣ୍ଡୁଆ ଲାଗି ହୋଇଥିଲେ ଚତୁର୍ଦ୍ଧାମୂରତି। ପରେ ଫୁଟାଲାଗି (ଟାଇଟ୍ ବସ୍ତ୍ର ପରିଧାନ କରନ୍ତି) ହୋଇଥିଲେ। ଅଧର ବଳା ଓ ଦୁଇ ଭୁଜରେ ବଳା ଲାଗି ହେବା ପରେ ଅଳଙ୍କାରମାନ ଲାଗି ହୋଇଥିଲା। ବେଶରେ ଥାଇ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ନୀତି ଆଦି ସମ୍ପାଦନା ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ବଡ଼ଠାକୁର ଶ୍ରୀବଳଭଦ୍ର ଓ କାମ୍ପିଲ୍ୟବାସିନୀ ମା' ସୁଭଦ୍ରା ସୁବର୍ଣ୍ଣ ଅଳଙ୍କାର ଭୂଷିତ ହୋଇଥିଲେ। ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଭିତିରଚ୍ଛ ମହାପାତ୍ର, ବଡ଼ଠାକୁର ଶ୍ରୀ ବଳଭଦ୍ରଙ୍କ ବାଡ଼ରେ ତଳିଚ୍ଛ ମହାପାତ୍ର ଓ ଦେବୀ ସୁଭଦ୍ରାଙ୍କ ବାଡ଼ରେ ପୁଷ୍ପାଳକ ସେବାୟତ ଯଥାକ୍ରମେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥ ଉପରେ ଶ୍ରୀବିଗ୍ରହଙ୍କୁ ସୁନାବେଶ ଧାରଣ କରାଇଥିଲେ। ତିନି ଠାକୁର ଧାରଣ କରିଥିଲେ ଭିନ୍ନ ଭିନ୍ନ ଅଳଙ୍କାର। କୁହାଯାଏ ଯେ ଅନେକ ବର୍ଷ ଧରି ପ୍ରାୟ ୧୩୮ ପ୍ରକାର ସ୍ୱର୍ଣ୍ଣଅଳଙ୍କାର ମହାପ୍ରଭୁଙ୍କୁ ଲାଗି କରାଯାଉଥିଲା। କିନ୍ତୁ ସମୟକ୍ରମେ ସେଥିରେ କିଛି ପରିବର୍ତ୍ତନ ଆସିଛି। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ରଥ ଉପରେ ସୁନାବେଶ ପାଇଁ ଅସ୍ଥାୟୀ ଭଣ୍ଡାର ଗୃହରୁ ବା ଚାଙ୍ଗୁଡ଼ି ଘରରୁ ପାଳିଆ ଭଣ୍ଡାରି ମେକାପ, ପାଳିଆ ଖୁଣ୍ଟିଆ ସେବକ ମାନେ, ମାଜିଷ୍ଟ୍ରେଟ, ପୋଲିସ ଓ ଶ୍ରୀମନ୍ଦିର ଅଧିକାରୀଙ୍କ ଉପସ୍ଥିତିରେ ବେଶ ଅଳଙ୍କାର ଗଣତି କରି ଆଣିଥିଲେ। ପ୍ରତିବର୍ଷ ସୁନାବେଶ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ। ଏହା ସାଧାରଣତଃ ପୌଷ ପୂର୍ଣ୍ଣିମା (ପୁଷ୍ୟାଭିଷେକ), ଫାଲଗୁନ ପୂର୍ଣ୍ଣିମା (ଦୋଳ ପୂର୍ଣ୍ଣିମା), ହରିଶୟନ ଏକାଦଶୀ (ବାହୁଡ଼ା ଏକାଦଶୀ), କାର୍ତ୍ତିକ ପୂର୍ଣ୍ଣିମା (ରାଜରାଜେଶ୍ୱର ବେଶ) ଓ ବିଜୟାଦଶମୀ (ଦଶହରା) ଦିନ ଅନୁଷ୍ଠିତ ହୋଇଥାଏ। ଏଥି ମଧ୍ୟରୁ ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଉପରେ ଶ୍ରୀଜିଉମାନେ କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା ଓ ଦଶହରା ତିଥି ଗୁଡ଼ିକରେ ସୁନାବେଶରେ ସଜ୍ଜିତ ହୋଇଥାନ୍ତି ଓ କେବଳ ଥରେ ମାତ୍ର ସମସ୍ତ ବର୍ଗର ଭକ୍ତଙ୍କ ପାଇଁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାର ଠାରେ ତିନିରଥ ଉପରେ ସୁନାବେଶରେ ସଜ୍ଜିତ ହୋଇଥାନ୍ତି। ଅଣହିନ୍ଦୁଙ୍କୁ ବଡ଼ଦେଉଳ ପ୍ରବେଶ ମନା। ଏଣୁ ରଥ ଉପରେ ଠାକୁରଙ୍କୁ ସୁନାବେଶରେ ଦର୍ଶନ କରି ଭକ୍ତମାନେ ଆତ୍ମବିଭୋର ହୋଇପଡୁଥିଲେ। ଚଳିତ ବର୍ଷ ମହାପ୍ରଭୁଙ୍କର ଏହି ମନଲୋଭା ସୁନାବେଶ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଛି। ଲକ୍ଷାଧିକ ଭକ୍ତଙ୍କ ଗହଳିରେ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଥିଲା। ତେବେ ବେଳକୁ ବେଳ ଭକ୍ତଙ୍କ ଆଗମନ ବଢୁଥିବା ହେତୁ ରାତ୍ରି ୧୧ଟା ପର୍ଯ୍ୟନ୍ତ ଭକ୍ତ ମହାପ୍ରଭୁଙ୍କ ସୁନାବେଶ ଦେଖିପାରିବେ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଥିଲେ। ବେଶ ଓଲାଗି ପରେ ବଡସିଂହାର ବେଶ ଓ ରାତ୍ର ପହୁଡ ଅନୁଷ୍ଠିତ ହୋଇଥିଲା। ଶ୍ରୀଜିଉଙ୍କର ସମସ୍ତ ଚିତ୍ତାକର୍ଷକ ବେଶ ମଧ୍ୟରେ ସୁନାବେଶ ଅର୍ଥାତ ବଡତଢାଉ ବେଶ ଅନ୍ୟତମ। ସୁନାବେଶ ଦର୍ଶନ ପାଇଁ ଭକ୍ତ ମାନେ ଯେପରିକି ଆଦୌ ଅସୁବିଧାର ସାମ୍ନା ନ କରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ବନ୍ଦୋବସ୍ତ କରାଯାଇଥିଲା। ଏଥି ସହ ଭକ୍ତ ମାନଙ୍କୁ ସୁବିଧାରେ ସୁନାବେଶ ଦର୍ଶନ କରାଇବା ପାଇଁ ୩ ରଥର ଚତୁଃପାର୍ଶ୍ୱରେ ଲୁହା ବ୍ୟାରିକେଡ ଲଗାଯାଇଥିଲା। ସୁନାବେଶ ଦର୍ଶନକୁ ଶୃଙ୍ଖଳିତ କରିବାକୁ ଏହି ବ୍ୟବସ୍ଥା କରାଯାଇଥିଲା। ତଥା ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରତିବର୍ଷ ଭଳି ମାର୍କେଟ୍ ଛକରୁ ବଡ଼ଦାଣ୍ଡରେ ବାରିକେଡ୍? ବ୍ୟବସ୍ଥା କରାଯାଇଛି। ନନ୍ଦିଘୋଷ ରଥ ବାମପାର୍ଶ୍ୱରୁ ରଥ ଆଗ ଦେଇ ଦର୍ଶନ ପାଇଁ ଭକ୍ତ ମାନଙ୍କୁ ଛାଡ଼ି ତାଳଧ୍ୱଜ ରଥ ଡାହାଣ ପାର୍ଶ୍ୱରେ ଭକ୍ତଙ୍କ ପ୍ରସ୍ଥାନ ବ୍ୟବସ୍ଥା ହୋଇଥିଲା। ଭିଡ଼ ଓ ଅନୁପ୍ରବେଶ ରୋକିବାକୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସଂଯୋଗ ରାସ୍ତାକୁ ମଧ ପୋଲିସ ପ୍ରଶାସନ ଦ୍ୱାରା ସିଲ୍ କରାଯାଇଥିଲା ଏବଂ ସୁରକ୍ଷା ବ୍ୟବସ୍ଥାକୁ ମଧ କଡ଼ାକଡ଼ି କରି ଦିଆଯାଇଥିଲା। ଅନ୍ୟପକ୍ଷରେ ସୁନାବେଶରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆତୁର ହୋଇପଡିଥିଲେ ଭକ୍ତ। ଶ୍ରୀକ୍ଷେତ୍ର ଆସିବାକୁ ରାସ୍ତାରେ ପଛକୁ ପଛ ଲମ୍ବିଥିଲା ଗାଡ଼ିର ଲମ୍ବା ଲାଇନ। ମିଳିଥିବା ସୂଚନା ମୁତାବକ, ଚନ୍ଦନପୁରରୁ ପୁରୀ ପର୍ଯ୍ୟନ୍ତ ଭୟଙ୍କର ଭିଡ଼ ହୋଇଥିଲା। ଚନ୍ଦନପୁରରୁ ସାକ୍ଷୀଗୋପାଳ ପହଞ୍ଚିବାକୁ ପ୍ରାୟ ଦେଢ଼ଘଣ୍ଟା ଲାଗୁଥିଲା। ତେବେ ପ୍ରଶାସନ ପ୍ରସ୍ତୁତ କରିଥିବା ଅନେକ ପାର୍କିଂ ଭର୍ତ୍ତି ହୋଇଯାଇଥିଲା। ତେଣୁ କୌଣସି ଗାଡ଼ି ମାଳତିପାଟପୁରରୁ ସିଧା ସହର ଭିତରକୁ ଛଡ଼ା ଯାଉ ନଥିଲା। ଅନ୍ୟପକ୍ଷେ ଟ୍ରାଫିକ କଣ୍ଟ୍ରୋଲ ରୁମରୁ ସ୍ଥିତି ଅନୁଧ୍ୟାନ କରୁଥିଲେ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ। ପୁରୀରେ କେତେ ଗାଡ଼ି ପ୍ରବେଶ କରୁଛି ଏବଂ ବାହାରୁଛି ସବୁ ଉପରେ ନଜର ରଖାଯାଇଛି।ଶ୍ରୀବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ର, ସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ହଳ ଓ ମୂଷଳ(ଆୟୁଧ), ବାହାଡ଼ା ମାଳି, ବାଘନଖି ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି ଲାଗି କରାଯାଇଥିଲା। ଦେବୀ ସୁଭଦ୍ରାଙ୍କୁ କିରୀଟ, ଓଡ଼ିଆଣୀ, କାନ, ଚନ୍ଦ୍ର, ସୂର୍ଯ୍ୟ, ଘାଗଡ଼ା ମାଳି, କଦମ୍ବ ମାଳି, ତଗଡ଼ି ୨ଟି(ଆୟୁଧ), ସେବତୀ ମାଳି ଆଦି ଅଳଙ୍କାର ଲାଗି କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୁଜ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ର, ସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ(ଆୟୁଧ), ହରିଡ଼ା କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା ଓ କମରପଟି ଆଦି ରତ୍ନଅଳଙ୍କାର ଲାଗି କରାଯାଇଥିଲା। ଏହି ମନମୁଗ୍ଧକର ବେଶ ବର୍ଷକରେ ଥରେ ରଥ ଉପରେ ଅନୁଷ୍ଠିତ ହେଉଥିବା ବେଳେ ଏହି ବେଶରେ ଦର୍ଶନ କରି ପୂଣ୍ୟ ପ୍ରାପ୍ତି କରିଛନ୍ତି ଭକ୍ତ ଓ ଶ୍ରଦ୍ଧାଳୁ। କଥା ଅଛି ଯେ ରାଜା ଅନଙ୍ଗଭୀମଦେବ ଓଡ଼ିଆଙ୍କ ପରମ ଆରାଧ୍ୟ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ରୂପେ ଘୋଷଣା କରିଥିଲେ। ରାଜା ମହାରାଜା ମାନେ ପ୍ରଭୁଙ୍କ ଆଦେଶ ବାହକ ସେବକ ରୂପେ ସେବା କରୁଥିଲେ। କିଛି ରାଜା ମହାପ୍ରଭୁଙ୍କୁ ଓଡ଼ିଶାର ରାଜା ରୂପେ ଘୋଷଣା କରି ରାଜଭିଷେକ ମଧ କରିଥିଲେ। ଏହି ଲାବଣ୍ୟମୟ ସୁବର୍ଣ୍ଣ ବେଶ କେବେ ଠାରୁ ଆରମ୍ଭ ହେଲା, ତାହା ଠିକ୍‌ଭାବେ କହିବା କଷ୍ଟକର। ତେବେ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶକୁ ସର୍ବଧର୍ମ, ସର୍ବମତବାଦର ଜନସାଧାରଣ ଓ ଭକ୍ତଗଣ ଆନନ୍ଦରେ ଦର୍ଶନ କରିଥାନ୍ତି। ସେଥିପାଇଁ ଏହିଦିନ ରଥଯାତ୍ରା ଭଳି ଶ୍ରୀକ୍ଷେତ୍ରରେ ଗହଳି ଲାଗିଥାଏ। ରଥ ଉପରେ ହେଉଥିବା ସୁନାବେଶର ନାମ ହେଉଛି ବଡ଼ତଢାଉ ବେଶ। ବଡ଼ତଢାଉ ବେଶ ସମ୍ପର୍କରେ ଜଣାଯାଏ, ୧୪୬୦ ଖ୍ରୀଷ୍ଟାବ୍ଦରେ ରାଜା କପିଳେନ୍ଦ୍ର ଦେବ ଦେବୀ ଜୟଦୁର୍ଗାଙ୍କ କୃପାରୁ ଦକ୍ଷିଣ ଭାରତ ଜୟ କରି ୧୬ଟି ହସ୍ତୀପୃଷ୍ଠରେ ବିପୁଳ ଧନରତ୍ନ ଲଦି ନିଜ ରାଜ୍ୟକୁ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ। ଗଜପତି ମହାରାଜାଙ୍କର ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ଆଗ୍ରହ ଲକ୍ଷ୍ୟକରି ବଡ଼ତଢାଉ ସେବକ ଶ୍ରୀଛାମୁରେ ଜଣାଇଥିଲେ ଯେ, ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ବର୍ଷକ ମଧରେ ହେଉଥିବା ସକଳ ବେଶକୁ ସମସ୍ତ ବର୍ଗର ଲୋକେ ଦର୍ଶନ କରିପାରୁନାହାନ୍ତି। ତେଣୁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟ ବାହୁଡ଼ାଦିନ ରଥତ୍ରୟ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତା' ପରଦିନ ରଥ ଉପରେ ଠାକୁର ମାନଙ୍କୁ ସର୍ବ ସମ୍ମୁଖରେ ସୁନାବେଶରେ ସୁସଜ୍ଜିତ କରାଗଲେ ସମସ୍ତେ ଉପକୃତ ହୋଇପାରନ୍ତେ। ବଡ଼ତଢାଉ ସେବକଙ୍କ ଅନୁରୋଧ କ୍ରମେ ସେହିଦିନ ଠାରୁ ରାଜା କପିଳେନ୍ଦ୍ରଦେବ ୧୩୮ ପ୍ରକାର ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରି ପ୍ରଥମେ ଠାକୁର ମାନଙ୍କୁ ରଥ ଉପରେ ବଡ଼ ଏକାଦଶୀ ଦିନ ଚିତ୍ତାକର୍ଷକ ସୁନାବେଶ କରାଇଥିଲେ। ତେଣୁ ଏହି ସୁନାବେଶ ବଡ଼ତଢାଉ ବେଶ ନାମରେ ବିଦିତ ହୋଇଆସୁଛି।

# ରେଳବାଇ ପକ୍ଷରୁ ଯାତ୍ରୀ ଓ ଭକ୍ତଙ୍କ ପାଇଁ ବିବିଧ ସୁବିଧା ବ୍ୟବସ୍ଥା



ପୁରୀ (ଭାସ୍କର ନ୍ୟୁଜ) : ଚଳିତ ରଥଯାତ୍ରା ରେ ରେଳବାଇ ପକ୍ଷରୁ ଯାତ୍ରୀ ଓ ଭକ୍ତମାନଙ୍କ ପାଇଁ ପୁରୀକୁ ଆସିବା ପାଇଁ ସୁଖଦ ଯାତ୍ରାର ବ୍ୟବସ୍ଥା, ରହିବା ସୁବିଧା ଓ ପାଇଁ ଅନେକ ବ୍ୟବସ୍ଥା ଶ୍ରୀ ପରେମେଶ୍ୱର ଫୁନକୟାଲ, ଜେନରେଲ ମ୍ୟାନେଜର, ଇଷ୍ଟକୋଷ୍ଟ ରେଲଓ୍ୱେଙ୍କ ଓ ଶ୍ରୀ ଏଚ. ଏସ. ବାଜୁଓ୍ୱାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରହଣ କରାଯାଇଛି। ଶ୍ରୀକ୍ଷେତ୍ର ରେ ମହାପ୍ରଭୁଙ୍କ ଦର୍ଶନ କରିବାକୁ ସମସ୍ତେ ବ୍ୟାକୁଳ ଥାଆନ୍ତି। ତାହାକୁ ଏକ ସେବା ଭାବେ ଗ୍ରହଣ କରି ରେଳବାଇ ପକ୍ଷରୁ ପରିବହନ ଯାତ୍ରୀ ସେବା ରେଳ ଦ୍ୱାରା କରାଯାଇଛି। ୩୬୫ଟି ରୁ ଉର୍ଦ୍ଧ୍ୱ ଟ୍ରେନରେ ରଥଯାତ୍ରା ଠାରୁ ସୁନାବେଶ ପର୍ଯ୍ୟନ୍ତ ଦୈନିକ ପ୍ରାୟ ୧ ଲକ୍ଷ ୬୦ ରୁ ୧ ଲକ୍ଷ ୮୦ହଜାର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି। ସେମାନଙ୍କ ରହଣୀ ପାଇଁ ୬ଟି ଜର୍ମାନୀ ହ୍ୟାଙ୍ଗର ବ୍ୟବସ୍ଥା, ୪ଟି ହେଲ୍ଥ କ୍ୟାମ୍ପ, ୩ ଟି ଏମ୍ବୁଲେନ୍ସ,, ମାଗଣା ଖାଦ୍ୟ, ୧୦୬ଟି ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳ, ଟ୍ରେନ ମୁଭମେଣ୍ଟ କଣ୍ଟ୍ରୋଲ ରୁମ ଓ ୩୪ଟିକେଟ କାଉଣ୍ଟର,ଅଟୋମେଟିକ ଭେଣ୍ଡିଂ ମେସିନ ବ୍ୟବସ୍ଥା ଇତ୍ୟାଦି ସୁନିଶ୍ଚିତ କରାଯାଇଛି ବୋଲି ଇଓଜଗ ପ୍ରଦୀପ କୁମାର ବେହେରା ସେ ସୂଚନା ଦେଇଥିଲେ । ସେହିପରି ଯାତ୍ରୀଙ୍କ ସୁରକ୍ଷା ଓ ସହାୟତା ଦୃଷ୍ଟିରୁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ରେଳବାଇ ଅରୁଣ ବୋଥ୍ରା ଓ ଆର.ପି.ଏଫ. ଆଇ.ଜି. ଆଲୋକ ଭୋରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରୀ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ରେଳବାଇ ଏସ ପି ବିବେକାନନ୍ଦଶର୍ମା ବିସ୍ତୃତ ସୂଚନା ଦେଇ ଯାତ୍ରୀ ମାନଙ୍କ ସୁବିଧା ସହ ସୁରକ୍ଷାକୁ ଆମେ ଗୁରୁତ୍ୱ ଦେଇଛୁ ବୋଲି କହିଥିଲେ। ଚଳିତ ରଥଯାତ୍ରା ସମୟରେ ପ୍ରାୟ ୨୦ ଲକ୍ଷ ଶ୍ରଦ୍ଧାଳୁ ରେଳ ଦ୍ୱାରା ଆସିବା ଓ ଫେରିବାର ଲକ୍ଷ୍ୟ ରଖାଯାଇ ସୁରକ୍ଷା ଦୃଷ୍ଟିରୁ ୨୧୧ଟି କ୍ୟାମେରା,୬ଟି ଡ୍ରୋନ କ୍ୟାମେରା, , ଲଗେଜ ସ୍କାନର ସିଷ୍ଟମ, ଫାଷ୍ଟ ଆଡ ଟିମ, , ସିସିଟିଭି କଣ୍ଟ୍ରୋଲ ରୁମ, ହୁଇଲ ଚେୟାର, ମେଁ ଆଇ ହେଲ୍ପ ୟୁ ଡେସ୍କ, , ହୋଲ୍ଡିଂ ଏରିଆ, ଜିଗ ଜାଗ ବାରିକାଟିଙ୍ଗ ସୁବିଧା ଓ ଗ୍ରିନ କରିଡର ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଚୋରି, ଛିନତାଇ, ପକେଟମାର ମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି , ବର୍ତ୍ତମାନ ସୁଧା ଯାତ୍ରୀମାନଙ୍କର ୫୫ ଗୋଟି ମୋବାଇଲ, ସେମଙ୍କର ବ୍ୟାଗ ଆସାମୀଙ୍କ ଠାରୁ ଉଦ୍ଧାର କରାଯାଇ ଯାତ୍ରୀ ମାନଙ୍କୁ ଫେରାଇ ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ଯାତ୍ରୀମାନେ ମଧ ନିଜ ଅନୁଭବ ରୁ ଚଳିତ ବର୍ଷ ରେଳବାଇର ବ୍ୟବସ୍ଥା ଅତ୍ୟନ୍ତ ଉନ୍ନତ ମାନର ଓ ସୁରକ୍ଷିତ ବୋଲି ମତ ଦେବା ସହ ଆଗାମୀ ଦିନରେ ଏହାକୁ ଅଧିକ ପରିବ୍ୟାପ୍ତ ପାଇଁ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିନିୟର ଡ଼ିଏସସି ମିଥୁନ ସୋନି, ଏସଡ଼ିପିଓ ଆଦିତ୍ୟ କୁମାର ସେଠୀ, ଆଇଆଇସି ସନ୍ତୋଷ କୁମାର ବାହିନୀପତି ଓ ଆରପିଏଫ ଆଇଆଇସି ହରିଦର୍ଶନ ଶର୍ମା ମିଶି ପ୍ରତେକ ସୁରକ୍ଷା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

# ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶିକ୍ଷାର ବିକାଶ ନେଇ ସମୀକ୍ଷା ବୈଠକ

# ସ୍କୁଲ ଓ ଉଚ୍ଚ ଶିକ୍ଷାର ବିକାଶ ସହ ନବଜାତ ଶିଶୁ ଏବଂ ଛାତ୍ରଛାତ୍ରୀଙ୍କ ପୋଷଣକୁ ଦିଆଯିବ ଗୁରୁତ୍ୱ: ଧର୍ମେନ୍ଦ୍ର ପ୍ରଧାନ




କୋରାପୁଟ (ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅବିଭକ୍ତ କୋରାପୁଟ ଜିଲ୍ଲା ଯଥା କୋରାପୁଟ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାରେ ସ୍କୁଲ ଶିକ୍ଷା ଏବଂ ଉଚ୍ଚ ଶିକ୍ଷାର ବିକାଶ ସହ ଶିଶୁ ଓ ମହିଳାଙ୍କ କଲ୍ୟାଣ ଏବଂ ଅନ୍ୟାନ୍ୟ ପ୍ରାଥମିକତା ବିଷୟ ଗୁଡ଼ିକ ଉପରେ ସମୀକ୍ଷା କରିଛନ୍ତି । ବୈଠକରେ ଏହି ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ସ୍କୁଲ ଶିକ୍ଷା ଏବଂ ଉଚ୍ଚ ଶିକ୍ଷାର ବିକାଶ, ନବଜାତ ଶିଶୁ ଜନ୍ମ ନେବା ପର ଠାରୁ ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ସହ ଶାରିରୀକ ସ୍ୱାସ୍ଥ୍ୟକୁ ଦୃଷ୍ଟି ଦେବା, ମହିଳା ଓ ଶିଶୁ ବିକାଶ, ଦକ୍ଷତା ଏବଂ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଆଦି ଆନୁସଙ୍ଗିକ ବିଷୟରେ ସମୀକ୍ଷା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହଯୋଗରେ ଓଡ଼ିଶାର ଏହି ଜିଲ୍ଲା ଗୁଡ଼ିକରେ ସ୍କୁଲ ଭିତ୍ତିଭୂମିର ବିକାଶ, ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବା, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ସହ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ର ଉନ୍ନତିକରଣ, ସର୍ବବ୍ୟାପୀ ଓ ସର୍ବସମାବେଶୀ ଶିକ୍ଷାକୁ ପ୍ରାଥମିକତା ଦେବା ଉପରେ ଆଲୋଚନା ହୋଇଛି । ପ୍ରତ୍ୟେକ ପିଲାମାନଙ୍କୁ ସ୍କୁଲକୁ ଆଣିବା ଏବଂ ସେମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ । ସ୍କୁଲ ଶିକ୍ଷା କ୍ଷେତ୍ରରେ ଡ୍ରପଆଉଟ ହାର ହ୍ରାସ କରିବା ପାଇଁ 'ଆସ ସ୍କୁଲ ଯିବା' ଭଳି ଅଭିଯାନ ଆରମ୍ଭ କରିବା, ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହନ, ଛାତ୍ରଛାତ୍ରୀଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ସହ ବୈଷୟିକ ଶିକ୍ଷାରେ ଜନଜାତି ପିଲାଙ୍କୁ ଯୋଡ଼ିବା ପାଇଁ ଯୋଜନା କରିବା ଦିଗରେ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଭାରତ ସରକାର, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ । ଏହାବ୍ୟତୀତ ଦିବ୍ୟାଙ୍ଗ ସହଯୋଗୀ ସ୍କୁଲ, କଲେଜ୍ ଓ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ବିକାଶ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି, ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ । ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ମୂଳ ଚାବିକାଠି ହେଉଛି ଶିକ୍ଷା । ଏହି ଆକାଂକ୍ଷୀ ଜିଲ୍ଲା ଗୁଡ଼ିକୁ ବିକଶିତ କରିବା ପାଇଁ ହେଲେ ଶିକ୍ଷା ସହ ଜିଲ୍ଲାର ଆର୍ଥିକ ଓ ସାମଗ୍ରିକ ବିକାଶକୁ ଅଗ୍ରାଧିକାର ଦେବାକୁ ହେବ । କୋରାପୁଟ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁରରେ ବହୁତ ସମ୍ଭାବନା ଅଛି । ଏହି ଜିଲ୍ଲାର ବିକାଶ କରିବାକୁ ହେଲେ ଆମକୁ ସର୍ବୋଚ୍ଚ ପ୍ରାଥମିକତା ଭିତ୍ତିରେ କାମ କରିବାକୁ ହେବ । ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସମସ୍ୟା ସହ ଶିଳ୍ପ ଭିତ୍ତିଭୂମିର ବିକାଶ ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ଏ ଅଞ୍ଚଳକୁ ଆତ୍ମନିର୍ଭର ଓ ସ୍ୱାଭିମାନୀ କରାଇବା ପାଇଁ ପଡ଼ିବ, ତାର ମୂଳ ରାସ୍ତା ହେଉଛି ଶିକ୍ଷା ଏବଂ ଜ୍ଞାନ । ଜିଲ୍ଲାରେ ଥିବା ଚ୍ୟାଲେଞ୍ଜ ଗୁଡ଼ିକର ସମାଧାନ କରିବା ସହ ଏ ଦିଗରେ କାମ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର । ଏହି ବୈଠକରେ ଓଡ଼ିଶା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ ଶିକ୍ଷା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାର ସାଂସଦ, ବିଧାୟକ, ଭାରତ ସରକାରଙ୍କ ସ୍କୁଲ ଓ ଉଚ୍ଚ ଶିକ୍ଷା ବିଭାଗର ଅଧିକାରୀ, ଓଡ଼ିଶାର ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ଅଧିକାରୀ, ଜିଲ୍ଲାପାଳ, ମହିଳା ଓ ଶିଶୁ ଉନ୍ନୟନ, ସ୍ୱାସ୍ଥ୍ୟ, ଦକ୍ଷତା ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।


## AFFIDAVIT

By virtue of an affidavit sworn before the Executive Magistrate, Kutra, dated: 01.07.2025, I G J S Uttam Barla, Address: village- Kutra, Po- Kutra, Ps- Kutra, Dist- Sundargarh, Odisha, PIN-770018, declare that I have changed my name from Gjs Uttam Barla to G J S Uttam Barla. Henceforth, I shall be known as G J S Uttam Barla. Henceforth, I shall be known as G J S Uttam Barla for all purposes.

**Sd/- G J S Uttam Barla**


# ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ଜଗତସିଂହପୁର ( ଭାସ୍କର ନ୍ୟୁଜ ) ଜଗତସିଂହପୁର ବ୍ଳକ ଅଧିନ ସିଂହାରପୁର ପଞ୍ଚାୟତ ସ୍ଥିତ ସିଂହାରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ମୟୀ ଦାସଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ନିରଦ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ନାରାୟଣ ସାହୁ, ମୁଖ୍ୟ ବକ୍ତା ଭାବେ ସୁଦର୍ଶନ ମହାନ୍ତି ଓ ଏହି ସଭାକୁ ପରିଚାଳନା କରିଥିଲେ ଶିକ୍ଷାବିତ କିଶୋର ଚନ୍ଦ୍ର ସାହୁ, ନାରାୟଣ ବାରିକ, ମନ୍ଦରଧର ସ୍ୱାଇଁ, ପ୍ରତାପ କେଶରୀ ମହାପାତ୍ର, ବିଷ୍ଣୁ ଚରଣ ଦାସ। ଏହାକୁ ସଂଯୋଜନା କରିଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ମମତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅବସରକାଳୀନ ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।ପରିଶେଷରେ ଶିକ୍ଷୟତ୍ରୀ ଆଲୋକ କୁମାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


## ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ

IDFC FIRST Bank

(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ:** ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

### ସାର୍ବଜନୀନ ନୋଟିସ୍
### ସୁନା ନିଲାମ ସହିତ ନିମନ୍ତ୍ରଣ ନୋଟିସ୍

ନିମ୍ନରେ ଉଲ୍ଲେଖିତ ଋଣଗ୍ରହୀତାକୁ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ ଠାରୁ ତାଙ୍କ ଦ୍ୱାରା ପ୍ରାପ୍ତ ସୁନା ସୂତ୍ର ବିରୁଦ୍ଧରେ କ୍ରେଡିଟ୍ ସୁବିଧା ପାଇଁ ବକେୟା ରାଶି ପୈଠ କରିବାକୁ ନୋଟିସ୍ ଜାରି କରାଯାଇଛି। ଯେହେତୁ ଋଣଗ୍ରହୀତାଙ୍କ ସୁବିଧା ଅଧୀନରେ ଦେୟ ପରିଶୋଧ କରିବାରେ ବିଫଳ ହୋଇଛନ୍ତି। ଆମେ ୧୫.୦୭.୨୦୨୫ ରେ ପ୍ରତିବନ୍ଧ ସୁନା ଅଳଙ୍କାରର ନିଲାମ କରିବାକୁ ବାଧ। ଯଦି ଏହି ନିଲାମରୁ କୌଣସି ଅତିରିକ୍ତ ପରିମାଣ ଆଦାୟ ହୁଏ, ତେବେ ତାହା ସମ୍ପୃକ୍ତ ଋଣଗ୍ରହୀତାଙ୍କୁ ଫେରସ୍ତ କରାଯିବ ଏବଂ ନିଲାମ ପରେ ଯଦି କୌଣସି କ୍ଷତି ହୁଏ, ତେବେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଋଣଗ୍ରହୀତାଙ୍କଠାରୁ ବଳକା ପରିମାଣ ଆଦାୟ କରାଯିବ। ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ପୂର୍ବ ସୂଚନା ବିନା ନିଲାମରୁ ନିମ୍ନଲିଖିତ ଆକାଉଣ୍ଟକୁ ହଟାଇବାର ଅଧିକାର ଅଛି। ଏହା ବ୍ୟତୀତ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ କୌଣସି ପୂର୍ବ ସୂଚନା ବିନା ନିଲାମ ତାରିଖ ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷଣ କରେ।

| ଋଣ ଆକାଉଣ୍ଟ ନଂ | ଋଣଗ୍ରହୀତାଙ୍କ ନାମ | ଶାଖାର ନାମ |
|---|---|---|
| ୧୪୮୬୧୬୫୮୨ | ମଣିଶଙ୍କର ଦତ୍ତ | ଭୁବନେଶ୍ୱର ଶାଖା |

ନିଲାମ **https://idfcegold.auctiontiger.net** ମାଧ୍ୟମରେ ଅନଲାଇନରେ **୧୫.୦୭.୨୦୨୫ ଦିନ ୧୨:୦୦ରୁ ୨:୦୦ପର୍ଯ୍ୟନ୍ତ କରାଯିବ ଏବଂ http://gold.samil.in ମାଧ୍ୟମରେ ୧୫.୦୭.୨୦୨୫ ଦିନ ୩:୦୦ ରୁ ୫:୦୦ ପର୍ଯ୍ୟନ୍ତ**। ଏହି ପ୍ରକାଶନ ମାଧ୍ୟମରେ ସମ୍ପୃକ୍ତ ଋଣଗ୍ରହୀତାକୁ ଏତଦ୍ୱାରା ଶେଷ ସୂଚନା ଏବଂ ସମସ୍ତ ସୁଧ ଏବଂ ଶୁଳ୍କ ସହିତ ସୁବିଧା ପ୍ରତ୍ୟାହାର କରାଯାଇଥିବା ପରିମାଣ, ସୂଚୀ ନିଲାମ ତାରିଖ ପୂର୍ବରୁ ପୈଠ କରିବାର ଶେଷ ସୁଯୋଗ ଦିଆଯାଇଛି, ଯାହା ବିଫଳ ହେଲେ ଅଳଙ୍କାର ନିଲାମ କରାଯିବ। ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯଦି ସମୟ ସୀମା ଯୋଗୁଁ ସେହି ଦିନ ନିଲାମ ସମାପ୍ତ ନହୁଏ, ତେବେ ବ୍ୟାଙ୍କ ସମାନ ସର୍ତ୍ତାବଳୀରେ ପରବର୍ତ୍ତୀ ୭ ଦିନ ମଧ୍ୟରେ ବନ୍ଧକ ସୁନା ଅଳଙ୍କାର ପୁନଃ ନିଲାମ କରିବ। ଯଦି ଗ୍ରାହକଙ୍କ ମୃତ୍ୟୁ ହୋଇଯାଏ, ତେବେ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ।

**ତାରିଖ: ୦୭.୦୭.୨୦୨୫ ସ୍ଥାନ : ଓଡ଼ିଶା**

# ଜାତୀୟ ଓ ଅନ୍ତର୍ଜାତୀୟ



ଗୟା: ବିହାରର ଗୟା ଜିଲ୍ଲାରେ ଏକ ବିଦ୍ୟାଳୟରେ ଘଟିଥିବା ଏକ ଅଭାବନୀୟ ଘଟଣାରେ ରାଗିଯାଇଥିବା ଅଭିଭାବକମାନେ ଜଣେ ଶିକ୍ଷକଙ୍କୁ ନିର୍ମମ ଭାବେ ପ୍ରହାର କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶିକ୍ଷକ ରାକେଶ ରଞ୍ଜନ ଶ୍ରୀବାସ୍ତବ ଜଣେ ଛାତ୍ରଙ୍କୁ ଚାପୁଡ଼ା ମାରିଥିବା କାରଣରୁ ଏହି ଘଟଣା ଘଟିଛି। ଘଟଣା ଅନୁସାରେ, ପଞ୍ଚମ ଶ୍ରେଣୀର ଦୁଇ ଛାତ୍ର ନିଜ ମଧ୍ୟରେ ଝଗଡ଼ା କରୁଥିବା ବେଳେ ଅନ୍ୟ ଜଣେ ଛାତ୍ର ଏହାର ଅଭିଯୋଗ ଶିକ୍ଷକଙ୍କ ନିକଟରେ କରିଥିଲେ। ଶ୍ରୀବାସ୍ତବ ଶ୍ରେଣୀକୁ ଯାଇ ଦୁଇ ଛାତ୍ରଙ୍କ ଝଗଡ଼ାକୁ ରୋକିଥିଲେ ଏବଂ ଉଭୟଙ୍କୁ ଚାପୁଡ଼ା ମାରିଥିଲେ। ଏହାପରେ ଦୁଇ ଛାତ୍ର କିଛି ସମୟ ପାଇଁ ଶାନ୍ତ ହୋଇଥିଲେ, କିନ୍ତୁ ଜଣେ ଛାତ୍ର ବିଦ୍ୟାଳୟରୁ ପଳାଇ ଘରେ ପହଞ୍ଚି ଶିକ୍ଷକଙ୍କ ଦ୍ୱାରା ଚାପୁଡ଼ା ମାରିବାର ଅଭିଯୋଗ କରିଥିଲେ। ଏହି ସମୟରେ ଛାତ୍ରଙ୍କ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ହଙ୍ଗାମା ସୃଷ୍ଟି କରିଥିଲେ। ଶ୍ରୀବାସ୍ତବଙ୍କୁ ଖୋଜି ବାହାର କରି ଅଭିଭାବକମାନେ ତାଙ୍କୁ ଚାପୁଡ଼ା, ମୁକ୍କା ଏବଂ ବାଡ଼ିରେ ପ୍ରହାର କରିଥିଲେ।

## ଦଲାଇ ଲାମାଙ୍କ ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଲେ ମୋଦି



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରମପୂଜ୍ୟ ଦଲାଇ ଲାମାଙ୍କୁ ୯୦ତମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତିଫ ଶ୍ରୀ ମୋଦୀ କହିଛନ୍ତି ଯେ, ପରମପୂଜ୍ୟ ଦଲାଇ ଲାମା ପ୍ରେମ, କରୁଣା, ଧୈର୍ଯ୍ୟ ଏବଂ ନୈତିକ ଶୃଙ୍ଖଳାର ସ୍ଥାୟୀ ପ୍ରତୀକ । ତାଙ୍କର ବାର୍ତ୍ତା ସମସ୍ତଧର୍ମର ଲୋକମାନଙ୍କ ମଧ୍ୟରେ ସମ୍ମାନ ଏବଂ ପ୍ରଶଂସାର ଭାବନା ସୃଷ୍ଟି କରିଛି। ଏକ୍ସରେ ନିଜ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ୧୪୦ କୋଟି ଭାରତୀୟଙ୍କ ସହିତ ପରମପୂଜ୍ୟ ଦଲାଇ ଲାମାଙ୍କୁତାଙ୍କର ୯୦ତମ ଜନ୍ମଦିନରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ସେ ପ୍ରେମ, କରୁଣା, ଧୈର୍ଯ୍ୟ ଏବଂ ନୈତିକ ଶୃଙ୍ଖଳାର ସ୍ଥାୟୀ ପ୍ରତୀକ। ତାଙ୍କ ବାର୍ତ୍ତା ସମସ୍ତ ଧର୍ମର ଲୋକମାନଙ୍କ ମଧ୍ୟରେ ସମ୍ମାନ ଏବଂ ପ୍ରଶଂସାର ଭାବନାସୃଷ୍ଟି କରିଛି । ଆମେ ତାଙ୍କର ନିରନ୍ତର ସୁସ୍ଥତା ଏବଂ ଦୀର୍ଘ ଜୀବନ କାମନା କରୁଛୁ। ସେହିପରି ଦଲାଇ ଲାମାଙ୍କ ଜନ୍ମଦିନରେ ଆମେରିକା ମଧ୍ୟ ଶୁଭେଚ୍ଛା ଜଣାଇଛି। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ରିଲିଜରେ, ଦଲାଇ ଲାମାଙ୍କୁ ଏକତା, ଶାନ୍ତି ଏବଂ କରୁଣାର ବାର୍ତ୍ତା ଦେଇ ଲୋକଙ୍କ ପାଇଁ ପ୍ରେରଣା ଭାବରେ ବର୍ଣ୍ଣନା କରାଯାଇଛି। ସେପଟେ ଦଲାଇ ଲାମାଙ୍କ ୯୦ ବର୍ଷ ବୟସରେ ପଦାର୍ପଣରେ ହିମାଚଳ ପ୍ରଦେଶର ଧର୍ମଶାଳାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାର ମ୍ୟାକ୍ଲୋଡଗଞ୍ଜରେ ଦଲାଇ ଲାମାଙ୍କ ୯୦ ତମ ଜନ୍ମବାର୍ଷିକୀର ପୂର୍ବ ସନ୍ଧ୍ୟାରେ ତାଙ୍କ ପାଇଁ ଆୟୋଜିତ ଏକ ଦୀର୍ଘଜୀବୀ ପ୍ରାର୍ଥନା ଉତ୍ସବରେ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ, ଲଲ୍ଲନ ସିଂହ ଏବଂ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଯୋଗ ଦେଇଥିଲେ। ସମାରୋହରେ, କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ ଧାର୍ମିକ ସ୍ୱାଧୀନତା ଉପରେ ତାଙ୍କ ସରକାରଙ୍କ ଦୃଷ୍ଟିକୋଣକୁ ଦୋହରାଇଲେ। ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ମଧ୍ୟ କିରେନ ରିଜିଜୁଙ୍କ ପରି ଏକ ବିବୃତ୍ତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଖାଣ୍ଡୁ କହିଛନ୍ତି ଯେ ସେ ଅରୁଣାଚଳ ପ୍ରଦେଶର ଲୋକଙ୍କ ପ୍ରତିନିଧିତ୍ୱ କରିବାକୁ ଏଠାକୁ ଆସିଛନ୍ତି, ଯାହାକୁ ସେ ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି।

### ନୀତିନ ଗଡ଼କରୀଙ୍କ ଚେତାବନୀ
## କେଉଁ ମୁହୂର୍ତ୍ତରେ ହୋଇପାରେ ବିଶ୍ୱ ଯୁଦ୍ଧ



ନୂଆଦିଲ୍ଲୀ: ବର୍ତ୍ତମାନ ବିଶ୍ୱରେ ଲାଗି ରହିଥିବା ଭୂରାଜନୈତିକ ସଂଘର୍ଷ ଏପରି ପରିସ୍ଥିତି ସୃଷ୍ଟି କରୁଛି, ଲାଗୁଛି ଯେମିତି ଯେକୌଣସି ସମୟରେ ବିଶ୍ୱଯୁଦ୍ଧ ହୋଇପାରେ। ରବିବାର ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏପରି କହିଛନ୍ତି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ। ପରିସ୍ଥିତି ଏପରି ହୋଇଛି ଯେ ଏହି ଦୁଇଟି ଯୁଦ୍ଧର ପୃଷ୍ଠଭୂମିରେ ଯେକୌଣସି ସମୟରେ ବିଶ୍ୱଯୁଦ୍ଧ ହେବାର ସମ୍ଭାବନା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଋଷ-ୟୁକ୍ରେନ୍ ଓ ଇସ୍ରାଏଲ-ଇରାନ ଯୁଦ୍ଧକୁ ଉଦାହରଣ ଦେଇ ମନ୍ତ୍ରୀ ଏପରି କହିଛନ୍ତି। 'ବିୟଣ୍ଡ ବର୍ଡର୍ସ' ନାମକ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ବର୍ତ୍ତମାନର ଭୂ-ରାଜନୈତିକ ପରିସ୍ଥିତିକୁ ଦେଖି କହିଛନ୍ତି ଯେ ମହାଶକ୍ତିଗୁଡ଼ିକର ବଳବାନ ନୀତି ଏବଂ ଏକଛତ୍ରବାଦ ଯୋଗୁ ସମନ୍ୱୟ,ସଦଭାବନା ଏବଂ ଭଲପାଇବାର ମୂଲ୍ୟବୋଧ ଲୋପ ପାଉଛି। ଯାହା ସାରା ବିଶ୍ୱରେ ଏକ ଦ୍ୱନ୍ଦ୍ୱକୁ ଜନ୍ମ ଦେଉଛି। ଋଷ-ୟୁକ୍ରେନ ଏବଂ ଇସ୍ରାଏଲ-ଇରାନ ଯୁଦ୍ଧ ବିଶ୍ୱ ଏବଂ ଜାତୀୟ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ସହିତ ଅନେକ ଲୋକଙ୍କ ଜୀବନ ନେଇଛି ବୋଲି ମନ୍ତ୍ରୀ କହିଥିବା ପିଟିଆଇ ରିପୋର୍ଟ ପ୍ରକାଶ କରିଛି। ଇସ୍ରାଏଲ ଏବଂ ଇରାନ ଏବଂ ଋଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ମଧ୍ୟରେ ସାରା ବିଶ୍ୱରେ ସଂଘର୍ଷର ବାତାବରଣ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି। ପ୍ରଯୁକ୍ତିର ଉନ୍ନତି ବିଷୟରେ ଗଡକରୀ କହିଛନ୍ତି ଯେ ଆଧୁନିକ ଯୁଦ୍ଧ ଏବଂ ଆକ୍ରମଣରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନର ବ୍ୟବହାରର ବର୍ଦ୍ଧିତ ଚାହିଦା ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ପ୍ରକାରର ବିମାନର ପ୍ରାସଙ୍ଗିକତାକୁ ହ୍ରାସ କରୁଛି। ଏସବୁ ମଧ୍ୟରେ, ମାନବଜାତିକୁ ସୁରକ୍ଷା ଦେବା କଷ୍ଟକର ହୋଇପଡ଼ିଛି। ପ୍ରାୟତଃ, ନାଗରିକ ବସତି ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଉଛି। ଏହା ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି ଏବଂ ବିଶ୍ୱ ସ୍ତରରେ ଏହି ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାର ଆବଶ୍ୟକତା ରହିଛି ବୋଲି ଗଡ଼କରି କହିଛନ୍ତି।

### ସରକାରୀ ବାସଭବନ ଖାଲି କରୁନାହାନ୍ତି ଚନ୍ଦ୍ରଚୂଡ
## ସରକାରଙ୍କୁ ଚିଠି ଲେଖିଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ: ପୂର୍ବତନ ମୁଖ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଏପର୍ଯ୍ୟନ୍ତ ସରକାରୀ ବାସଭବନ ଖାଲି କରିନାହାନ୍ତି । ଯାହାକୁ ନେଇ ଏବେ ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କୋର୍ଟ ପ୍ରଶାସନ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ଚନ୍ଦ୍ରଚୂଡ଼ଙ୍କୁ ଘର ଖାଲି କରିବାକୁ କହିଛନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି ଯେ ନିୟମ ଅନୁଯାୟୀ, ଅବସର ପରେ କେହି ଏତେ ଦିନ ପର୍ଯ୍ୟନ୍ତ ସରକାରୀ ବାସଭବନରେ ରହିପାରିବେ ନାହିଁ। ଭାରତର ମୁଖ୍ୟ ବିଚାରପତି ଭାବରେ ୨ ବର୍ଷ କାର୍ଯ୍ୟ କରିବା ପରେ, ଚନ୍ଦ୍ରଚୂଡ଼ ୧୦ ନଭେମ୍ବର ୨୦୨୪ରେ ଅବସର ନେଇଥିଲେ। କାର୍ଯ୍ୟାଳୟରେ ଥିବା ସମୟରେ, ତାଙ୍କୁ ମୁଖ୍ୟ ବିଚାରପତିଙ୍କ ବାସଭବନ ଭାବରେ ୫ କୃଷ୍ଣ ମେନନ ମାର୍ଗ ବଙ୍ଗଳା ଆବଣ୍ଟିତ କରାଯାଇଥିଲା। ଯାହା ଏକ ଟାଇପ୍ ୮ ବଙ୍ଗଳା । ଅବସର ପରେ, ତାଙ୍କୁ ନିୟମ ଅନୁଯାୟୀ ଅସ୍ଥାୟୀ ବାସସ୍ଥାନ ଭାବରେ ଏକ ଟାଇପ୍ ୭ ବଙ୍ଗଳା ଆବଣ୍ଟିତ କରାଯାଇଥିଲା, କିନ୍ତୁ ସେ ସୁପ୍ରିମକୋର୍ଟ ପ୍ରଶାସନକୁ ଅନୁରୋଧ କରିଥିଲେ ଏବଂ ୩୦ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ୫ କୃଷ୍ଣ ମେନନ ମାର୍ଗ ବଙ୍ଗଳାରେ ରହିବାକୁ ଅନୁମତି ପାଇଥିଲେ । ଏହି ଅବଧି ସମାପ୍ତ ହେବା ପରେ ମଧ୍ୟ, ବର୍ତ୍ତମାନର ମୁଖ୍ୟ ବିଚାରପତି ବି.ଆର. ଗବାଇ ତାଙ୍କୁ ମେ ୩୧ ପର୍ଯ୍ୟନ୍ତ ବାସସ୍ଥାନରେ ରହିବାକୁ ଅନୁମତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ସେ ସରକାରୀ ବାସଭବନ ଖାଲି କରିନାହାନ୍ତି। ଯାହାକୁ ନେଇ ଏବେ ପ୍ରଶ୍ନ ଉଠାଇଛନ୍ତି ସର୍ବୋଚ୍ଚ କୋର୍ଟ । ସୁପ୍ରିମକୋର୍ଟ ପ୍ରଶାସନ ଦ୍ୱାରା ଲେଖାଯାଇଥିବା ଚିଠି ଅନୁଯାୟୀ, ଚନ୍ଦ୍ରଚୂଡ଼ ଅବସରର ୮ ମାସ ପରେ ମଧ୍ୟ ବଙ୍ଗଳା ଖାଲି କରିନାହାଁନ୍ତି। ତାଙ୍କ ଅନୁରୋଧ କ୍ରମେ, ସୁପ୍ରିମକୋର୍ଟ ତାଙ୍କୁ ମେ ୩୧ ପର୍ଯ୍ୟନ୍ତ ବଙ୍ଗଳାରେ ରହିବାକୁ ଅନୁମତି ଦେଇଥିଲେ। ସେହି ଅବଧି ମଧ୍ୟ ପୂରଣ ହୋଇଛି। ନୂତନ ବିଚାରପତିମାନେ ବାସସ୍ଥାନ ବଣ୍ଟନରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ପରିସ୍ଥିତିରେ, ପୂର୍ବତନ ମୁଖ୍ୟ ବିଚାରପତିଙ୍କୁ ତୁରନ୍ତ ବଙ୍ଗଳା ଖାଲି କରିବାକୁ କୁହାଯିବା ଉଚିତ। ତେବେ ୫ କୃଷ୍ଣ ମେନନ ମାର୍ଗ ହେଉଛି ଆନୁଷ୍ଠାନିକ ଭାବରେ ପ୍ରଧାନ ବିଚାରପତିଙ୍କ ବାସଭବନ, କିନ୍ତୁ ଚନ୍ଦ୍ରଚୂଡ଼ଙ୍କ ପରେ ମୁଖ୍ୟ ବିଚାରପତି ହୋଇଥିବା ସଞ୍ଜୀବ ଖାନ୍ନା ଏବଂ ବର୍ତ୍ତମାନର ମୁଖ୍ୟ ବିଚାରପତି ବି.ଆର. ଗବାଇ ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁ ଘରେ ରହୁଥିଲେ ସେହି ଘରେ ରହିବାକୁ ଉପଯୁକ୍ତ ମନେ କରିଥିଲେ। ଏହି କାରଣରୁ ଚନ୍ଦ୍ରଚୂଡ଼ଙ୍କୁ ସରକାରୀ ବାସଭବନରେ ଅଧିକ ସମୟ ରହିବାର ସୁଯୋଗ ମଧ୍ୟ ମିଳିଥିଲା।

## ଉତ୍ତମ ପ୍ରଶାସନ ଏବଂ ବିକାଶ ପଥରେ ଛତିଶଗଡ : ବିଷ୍ଣୁଦେବ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ଛତିଶଗଡ ସରକାରଙ୍କ ବିକାଶ କାର୍ଯ୍ୟକ୍ରମ ଉପରେ ଏକ ଦୃଷ୍ଟିକୋଣ ନିକ୍ଷେପ କରିଛନ୍ତି। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗ୍‌ଦର୍ଶନରେ ଛତିଶଗଡରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ମହତାରୀ ଅଲଙ୍କରଣ ସମ୍ମାନ ସମାରୋହରେ ଯୋଗଦେଇ ଶ୍ରୀ ସାଏ ଏହା କହିଛନ୍ତି। ପାଣ୍ଡେରିଆ ନିର୍ବାଚନମଣ୍ଡଳୀରେ ଆୟୋଜିତ ଏହି ସମାରୋହରେ ବିଷ୍ଣୁଦେବ ବିଷ୍ଣୁଦେବ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସାମିଲ ହୋଇଥିଲେ। ସେ କହିଥିଲେ ମୋ ସରକାର ରାଜ୍ୟର ଲୋକମାନଙ୍କୁ ଉତ୍ତମ ପ୍ରଶାସନ ଯୋଗାଇ ଦେବା ସହ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପ୍ରୟାସରତ। ସେ ଆହୁରି କହିଥିଲେ ଯେ, ରାଜ୍ୟରେ ଭିତ୍ତିଭୂମି ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି। ସେହିପରି ସରକାରୀ କାର୍ଯ୍ୟାଳୟ ଅଧିକ ଖୋଲାଯାଇ ପ୍ରଶାସନକୁ ଲୋକାଭିମୁଖୀ କରିବା ନିମନ୍ତେ ଉଦ୍ୟମ ଅବ୍ୟାହତ ରହିଛି। ରଣଭୀରପୁରରେ ଏକ ନୂତନ ସବ୍ ତହସିଲ, ବିରେନ୍ଦ୍ର ନଗରରେ ଏକ କଲେଜ, ପଣ୍ଡାରିଆରେ ନାଳନ୍ଦା କ୍ୟାମ୍ପସରେ ୨୫୦ସିଟ୍ ପାଇଁ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିସହ ୭୨କୋଟି ଟଙ୍କାର ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟର ଶ୍ରୀ ସାଏ ଭୂମି ପୂଜନ କରିଥିଲେ। ସେ କହିଥିଲେ ସରକାରୀ କାର୍ଯ୍ୟକ୍ଷେତ୍ରରେ ଏବେ ଡିଜିଟାଲକୁ ପ୍ରାଧାନ୍ୟ ଦିଆଯାଉଛି। ଅଟଳ ଡିଜିଟାଲ ସୁବିଧା କେନ୍ଦ୍ର ମାଧ୍ୟମରେ ୧୪୬୦ଟି ଗ୍ରାମପଞ୍ଚାୟତରେ ବ୍ୟାଙ୍କ କାର୍ଯ୍ୟ ଚାଲୁ ରହିଛି। ଆସନ୍ତା ବର୍ଷ ସମସ୍ତ ପଞ୍ଚାୟତରେ ଏହି କେନ୍ଦ୍ର ଖୋଲାଯିବାର ସେ ଘୋଷଣା କରିଥିଲେ।

## ଏଲନ ମସ୍କ ଗଢ଼ିଲେ ନୂଆ ଦଳ

ନୂଆଦିଲ୍ଲୀ: ଆମେରିକାର ୨୪୯ତମ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବହୁଚର୍ଚ୍ଚିତ 'ୱାନ ବିଗ ବ୍ୟୁଟିଫୁଲ' ଆଇନ ଲାଗୁ କରିଛନ୍ତି। ଏହା ମଧ୍ୟରେ ତାଙ୍କ ପୂର୍ବ ସହଯୋଗୀ ତଥା ଉଦ୍ୟୋଗବିତ୍ ଏଲନ ମସ୍କ 'ଆମେରିକା ପାର୍ଟି' ନାମରେ ନୂଆ ରାଜନୈତିକ ଦଳ ଗଠନ କରିଛନ୍ତି। ଏ ନେଇ ମସ୍କ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଘୋଷଣା କରିଛନ୍ତି। ଏହି ଦଳ ଆମେରିକାର ଲୋକଙ୍କୁ ଗୋଟିଏ ଦଳ ବ୍ୟବସ୍ଥାରୁ ମୁକ୍ତି ଦେବ ବୋଲି ମସ୍କ କହିଛନ୍ତି। ମସ୍କଙ୍କ ଏହି ଘୋଷଣା ପରେ ଆମେରିକା ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ମସ୍କ ନିଜ ଏକ୍ସ' ପୋଷ୍ଟରେ ଆୟୋଜିତ ଏକ ସର୍ବେକ୍ଷଣର ଫଳାଫଳକୁ ନେଇ ଲେଖିଛନ୍ତି ଯେ, ଆଜି ଆମେରିକା ପାର୍ଟିର ଗଠନ ଆପଣମାନଙ୍କୁ ଆପଣଙ୍କ ସ୍ୱାଧୀନତା ଫେରାଇଦେବା ଲାଗି କରାଯାଇଛି। ସର୍ବେକ୍ଷଣରେ ୨:୧ ଅନୁପାତରେ ଜନତା ଏକ ନୂଆ ରାଜନୈତିକ ବିକଳ୍ପର ଇଚ୍ଛା ପ୍ରକାଶ କରିଛନ୍ତି। ଆପଣମାନେ ଏକ ନୂଆ ରାଜନୈତିକ ଦଳ ଚାହୁଁଛନ୍ତି ଏବଂ ଏହା ବର୍ତ୍ତମାନ ଆପଣଙ୍କ ସାମ୍ନାରେ ରହିଛି।

## ଜାତୀୟ ସେମିନାରରେ ଡ଼ଃ ତପନ ଚାନ୍ଦ ସମ୍ମାନିତ




ହାଇଦ୍ରାବାଦ: ୩୦ ଟ୍ରିଲିୟନ ଡଲାର ଅର୍ଥନୀତି ସହିତ ବିକଶିତ ଭାରତ @ ୨୦୪୭ ଭଳି ଏକ ମହାନ ଭାରତୀୟ ସ୍ୱପ୍ନକୁ ସାକାର କରିବାପାଇଁ ସାମାଜିକ ଏବଂ ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ ଗବେଷଣା ଏବଂ ନବସୃଜନକୁ ସମନ୍ୱିତ କରିବା ପାଇଁ ଏକ ପରିବର୍ତ୍ତନଶୀଳ ଆଭିମୁଖ୍ୟର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ, ଭାରତର ଅନ୍ୟତମ ବିଶ୍ୱବିଦ୍ୟାଳୟ ଗୋଦାବରୀ ଗ୍ଲୋବାଲ୍ ୟୁନିଭର୍ସିଟି, ରାଜମହେନ୍ଦ୍ରମ୍, ଆନ୍ଧ୍ର ପ୍ରଦେଶରେ ଏହି ଜାତୀୟ ସେମିନାରରେ ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା କରିବା ପାଇଁ ଅନେକ ଅଂଶୀଦାରଙ୍କୁ ଏକତ୍ରିତ କରାଯାଇଛି। କୃଷି, ଜୈବ ପ୍ରଯୁକ୍ତିବିଦ୍ୟା, ସୂକ୍ଷ୍ମ ବାୟୋଲୋଜି ଏବଂ ଖାଦ୍ୟ ପ୍ରଯୁକ୍ତିବିଦ୍ୟା, ଗ୍ରାମୀଣ ପ୍ରଯୁକ୍ତିବିଦ୍ୟା ଏବଂ ପାରମ୍ପରିକ କ୍ଷେତ୍ର, ଭାରତୀୟ ଜ୍ଞାନ ପ୍ରଣାଳୀ ଏବଂ ଆୟୁର୍ବେଦ, ଇଲେକ୍ଟ୍ରୋନିକ୍ସ, ଖଣି, ଖଣିଜ ଏବଂ ରସାୟନ, ନୀଳ ଅର୍ଥନୀତି ଏବଂ ମହାସାଗର ବିଜ୍ଞାନ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟସେବା, ମାଟି ଏବଂ ଜଳ, ସିଭିଲ୍ ଭିତ୍ତିଭୂମି, ଇଞ୍ଜିନିୟରିଂ ଏବଂ ଭବିଷ୍ୟତ ସାମଗ୍ରୀ, ଷ୍ଟାର୍ଟ ଅପ୍ ଏବଂ ଉଦ୍ୟୋଗିତା ଭଳି ଏଗାରଟି ସମନ୍ୱିତ ବିଷୟଗତ କ୍ଷେତ୍ରର ବିଶେଷଜ୍ଞ ଏବଂ ଶ୍ରେଷ୍ଠ ବୃତ୍ତିଗତମାନେ ବିଚାର ବିମର୍ଶ କରିଥିଲେ। ଏହି ହାଇପ୍ରୋଫାଇଲ୍ ଜାତୀୟ ସେମିନାରକୁ ନୀତି ଆୟୋଗର ସଦସ୍ୟ ପଦ୍ମଭୂଷଣ ଡକ୍ଟର ବିଜୟ କୁମାର ସାରସ୍ୱତଙ୍କ ଦ୍ୱାରା ଉଦଘାଟିତ କରାଯାଇଥିଲା। ଏଥିରେ ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ଡକ୍ଟର ଅଭୟ କରାଣ୍ଡିକର, ଏଆଇସିଟିଇର ଉପାଧ୍ୟକ୍ଷ ପ୍ରଫେସର ଅଭୟ ଜେରେ, ଆଇସିଟି ମୁମ୍ବାଇର ଭାଇସ୍ ଚାନ୍‌ସଲର ପଦ୍ମଶ୍ରୀ ପ୍ରଫେସର ଜିଡି ଯାଦବ, ଆଇଆଇଟି ମୁମ୍ବାଇର ଭାଇସ୍ ଚାନ୍ସଲର ପ୍ରଫେସର ଚେତନ ସୋଲାଙ୍କି, ଜିଜି ବିଶ୍ୱବିଦ୍ୟାଳୟର ପ୍ରୋ ଭାଇସ୍ ଚାନ୍ସଲର ପ୍ରଫେସର କେ ବିଜୟ ଭାସ୍କର ରାଜୁ ଏବଂ ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଡକ୍ଟର ସାରସ୍ୱତ ତାଙ୍କ ଉଦଘାଟନୀ ଭାଷଣରେ ବିକଶିତ ଭାରତ ୨୦୪୭ର ପରିସର ଏବଂ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ବିକଶିତ ଭାରତ ୨୦୪୭ ଅଭିମୁଖେ ଯାତ୍ରାରେ, ଖଣି କ୍ଷେତ୍ର ଅଭିବୃଦ୍ଧି ଏବଂ ବିକାଶର ଏକ ନିର୍ଦ୍ଦିଷ୍ଟ ଇଞ୍ଜିନ ହେବ। ଅଧିବେଶନରେ ଡକ୍ଟର ତପନ ଚାନ୍ଦଙ୍କୁ ଦେଶର ଖଣି, ଖଣିଜ ଏବଂ ଧାତୁ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ପ୍ରୋ ଭାଇସ୍ ଚାନ୍ସଲର, କୁଳାଧିପତି, ଭାଇସ୍ ଚାନସ୍ଲେର, ଆନ୍ତର୍ଜାତୀୟ ବ୍ୟାପାର ନିର୍ଦ୍ଦେଶକ ଏବଂ ଅନ୍ୟମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ବାର୍ଷିକ ୨୦ ନିୟୁତ ଟନ୍‌ରୁ ଅଧିକ ଅଶୋଧିତ ଇସ୍ପାତ କ୍ଷମତା ବହନକାରୀ ଭାରତର ସର୍ବବୃହତ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍ (ସେଲ), ଦୁବାଇରେ ଏହାର ପ୍ରତିନିଧି କାର୍ଯ୍ୟାଳୟ ଉଦଘାଟନ କରିଛି। ମଧ୍ୟପ୍ରାଚ୍ୟରେ ସେଲର ପ୍ରଥମ ଆନ୍ତର୍ଜାତୀୟ କାର୍ଯ୍ୟାଳୟ ଏହାର ବିଶ୍ୱସ୍ତରୀୟ ବିସ୍ତାର ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି କାର୍ଯ୍ୟାଳୟକୁ କେନ୍ଦ୍ର ଇସ୍ପାତ ଏବଂ ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଜୁଲାଇ ୨ ତାରିଖରେ ଦୁବାଇରେ ଭାରତର କନସୁଲ ଜେନେରାଲ ସତୀଶ କୁମାର ସିବନ, ସେଲ ସିଏମଡ଼ି ଅମରେନ୍ଦୁ ପ୍ରକାଶ, ଏନଏମଡ଼ିସି ସିଏମଡ଼ି ଅମିତାଭ ମୁଖାର୍ଜୀ, ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭି କେ ତ୍ରିପାଠି ଏବଂ ସେଲ, ଇସ୍ପାତ ମନ୍ତ୍ରଣାଳୟ, ଏନଏମଡ଼ିସି ଏବଂ ମେକନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଏକ ରଣନୈତିକ କେନ୍ଦ୍ର ଭାବରେ ଅବସ୍ଥିତ, ଦୁବାଇ କାର୍ଯ୍ୟାଳୟ ସେଲକୁ ଇସ୍ପାତ ରପ୍ତାନି ବୃଦ୍ଧି କରିବାରେ, ଶିଳ୍ପ ସଂଯୋଗକୁ ଗଭୀର କରିବାରେ ଏବଂ ଭାରତ-ୟୁଏଇ ବାଣିଜ୍ୟ ସମ୍ପର୍କକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ।

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଡାଇମଣ୍ଡ୍ ଶୋ' ଉନ୍ମୋଚିତ

MALABAR GOLD & DIAMONDS




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱର ସର୍ବବୃହତ ଏବଂ ବିଶ୍ୱସ୍ତ ସୁନା ଏବଂ ହୀରା ଅଳଙ୍କାର ଖୁଚୁରା ବ୍ୟବସାୟୀମାନଙ୍କ ମଧ୍ୟରୁ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହାର ସର୍ବଶେଷ ଉତ୍କୃଷ୍ଟ ପ୍ରାକୃତିକ ହୀରା ଅଳଙ୍କାର ସଂଗ୍ରହ 'ମାଇନ୍ ଡାଇମଣ୍ଡସ୍ ଦ୍ୱାରା ନୂଓ୍ୱା' ଲଞ୍ଚ କରିଛି। ନୂଓ୍ୱା ସଂଗ୍ରହର ଶୁଭାରମ୍ଭର ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍ସ ପକ୍ଷରୁ ଡାଇମଣ୍ଡ୍ ଶୋ' ଉପସ୍ଥାପନ କରିଛି । ଏହା କାଳଜୟୀ ସୁନ୍ଦରତା ଏବଂ କାରିଗରିର ଏକ ଚମତ୍କାର ଉତ୍ସବ। ଏହି ବହୁ-ପ୍ରତୀକ୍ଷିତ କାର୍ଯ୍ୟକ୍ରମ ଏବେ ସହୀଦ ନଗରର ରୂପାଲି ସ୍କୋୟାରରେ ଅବସ୍ଥିତ ଭୁବନେଶ୍ୱର ଷ୍ଟୋରରେ ଲାଇଭ୍ ହେଉଛି। ଦୁବାଇରେ ଅନୁଷ୍ଠିତ ଏହି ଡାଇମଣ୍ଡ ଶୋ'ରେ ସଂଗୀତା ନାୟକ, ଇଣ୍ଡିଆ ଓ୍ୱାର୍ଲ୍ଡଓ୍ୱାଇଡ୍ ୨୦୨୫ ଟାଇଟଲ୍ ବିଜେତା ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଅନ୍ୟ ସମସ୍ତ ପରିଚାଳନା କର୍ମଚାରୀ ସାମିଲ ଅଛନ୍ତି। ଏହି ଡାଇମଣ୍ଡ ଶୋ' ଏକ ପ୍ରକୃତ ଚମତ୍କାର ଅନୁଭୂତି ପ୍ରଦାନ କରେ, ଯାହା ମାଲାବାରର ଅତୁଳନୀୟ କଳାକୃତି ଏବଂ ଉତ୍କର୍ଷତାକୁ ପ୍ରତିପାଦିତ କରୁଥିବା ହୀରା ଅଳଙ୍କାରର ସର୍ବୋତ୍ତମ ସୃଷ୍ଟିକୁ ପ୍ରଦର୍ଶନ କରେ। ୧୩ ଜୁଲାଇ ପର୍ଯ୍ୟନ୍ତ ବୈଧ ସ୍ୱତନ୍ତ୍ର ଉତ୍ସବ ଅଫରଗୁଡ଼ିକର ମଜା ନିଅନ୍ତୁ: ସମସ୍ତ ସୁନା, ଅନ୍‌କଟ୍ ଏବଂ ରତ୍ନ ପଥର ଅଳଙ୍କାରର ନିର୍ମାଣ ଚାର୍ଜ ଉପରେ ଫ୍ଲାଟ୍ ୩୦% ରିହାତି, ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଛି । ଏହା ବ୍ୟତୀତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏକ ଅଗ୍ରିମ ବୁକିଂ ସୁବିଧା ପ୍ରଦାନ କରେ ଯାହା ଅଧୀନରେ ଗ୍ରାହକମାନେ ସର୍ବନିମ୍ନ ୧୦% ଅଗ୍ରିମ ଦେଇ ଅଳଙ୍କାର ବୁକ୍ କରିପାରିବେ ଏବଂ ବୁକ୍ ହୋଇଥିବା ହାର କିମ୍ବା ପ୍ରଚଳିତ ହାରରେ ଅଳଙ୍କାର ପାଇପାରିବେ। ସଂଗ୍ରହର ଶୁଭାରମ୍ଭ ବିଷୟରେ ମତାମତ ଦେଇ, ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, 'ଆବଷ୍ଟ୍ରାକ୍ଟ ଏବଂ ସମସାମୟିକ ରୂପ ଏବଂ ଆଧୁନିକ ମହିଳାଙ୍କ ସ୍ଥିରତା ଉପରେ ଅଧିକ ନିର୍ମାଣ କରି, ଆମର ନୂତନ ନୂଓ୍ୱା ସଂଗ୍ରହ ପ୍ରତ୍ୟେକ ମନୋଭାବ ଅବସର ଏବଂ ସଂଯୋଜନ ସହିତ ମେଳ ଖାଉଥିବା ବହୁମୁଖୀତାକୁ ପୁନଃପରିଭାଷିତ କରେ, ଯେତେବେଳେ ଡିଜାଇନରେ ବିଳାସପୂର୍ଣ୍ଣ ମହାନତାକୁ ପୁନଃପରିଭାଷିତ କରେ, ତଥାପି ଏହା ଅନୁଭବରେ ହାଲୁକା ଅଟେ। ଅଳଙ୍କାର ଉତ୍ସାହୀଙ୍କୁ ଆମର ଶୋ'ରୁମ୍‌ରେ ନୂତନତମ ନୂଓ୍ୱା ସଂଗ୍ରହ ଅନୁଭବ କରିବାକୁ ନିମନ୍ତ୍ରଣ କରୁଛୁ।

## ରସାୟନ ବ୍ୟବସାୟରେ ୭୫୦କୋଟି ଟଙ୍କା ନିବେଶ କରିବ ଗୋଦରେଜ

godrej | INDUSTRIES CHEMICALS

ନୂଆଦିଲ୍ଲୀ: ଗୋଦରେଜ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ଘୋଷଣା କରାଯାଇଛି ଯେ ଏହାର ରସାୟନ ବ୍ୟବସାୟ ପକ୍ଷରୁ ସମ୍ପ୍ରସାରଣରେ ୭୫୦ କୋଟି ଟଙ୍କାରୁ ଅଧିକ ନିବେଶ କରାଯିବ। ଆସନ୍ତା କିଛି ବର୍ଷ ମଧ୍ୟରେ ସେହି ନିବେଶ କରାଯିବ। ସେଥିରୁ କେତେକ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇସାରିଛି। କମ୍ପାନିକୁ ୨୦୩୦ ପୂର୍ବରୁ ୧ ବିଲିୟନ ଡଲାର ବ୍ୟବସାୟରେ ପରିଣତ କରିବା ଲାଗି ରହିଥିବା ଲକ୍ଷ୍ୟ ଅନୁସାରେ ଏହି ସମ୍ପ୍ରସାରଣ କରାଯାଉଛି। କମ୍ପାନି ପକ୍ଷରୁ ଫ୍ୟାଟି ଆଲକୋହଲ ଓ ୟୁରିକ ଏସିଡ କ୍ଷମତାକୁ ଦ୍ୱିଗୁଣିତ କରି ଯଥାକ୍ରମେ ବାର୍ଷିକ ୩୫,୦୦୦ ଟନ ଓ ୨୦,୦୦୦ ଟନ କ୍ଷମତା ଯୋଗ କରାଯିବ। ବାର୍ଷିକ ଅତିରିକ୍ତ ୨୧,୦୦୦ ଟନ ସହ ସ୍ପେସିଲିଟି ଦକ୍ଷତା ତିନି ଗୁଣା ବଢ଼ିବ ଏବଂ ବାର୍ଷିକ ୨୪,୦୦୦ ଟନ କ୍ଷମତା ଯୋଡ଼ିହେବା ସହ ଗ୍ଲିସେରିନ କ୍ଷମତା ଦ୍ୱିଗୁଣିତ ହେବ। ବାର୍ଷିକ ୧୫୦୦ ଟନ କ୍ଷମତା ଯୋଡ଼ିହେବା ସହ ଫର୍ମେସନ କ୍ଷମତାରେ ତିନି ଗୁଣା ବୃଦ୍ଧି ଘଟିବ। ବାର୍ଷିକ ୩୦,୦୦୦ ଟନ ସମ୍ପ୍ରସାରଣ ସହ ପ୍ରାଇମେରି ସର୍ଫେକ୍ଟାଂଟ କ୍ଷମତାକୁ ବଢ଼ାଇବାକୁ କମ୍ପାନି ଯୋଜନା ରଖିଛି। କମ୍ପାନିର ସ୍ଥାୟୀ ପରିଚାଳନାକୁ ଦୃଷ୍ଟିରେ ରଖି ହାଇବ୍ରିଡ ଶକ୍ତି ଦକ୍ଷତାକୁ ବୃଦ୍ଧି କରାଯିବ। ଗୋଦରେଜ ଇଣ୍ଡଷ୍ଟ୍ରିଜ (କେମିକାଲସ) ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶାଲ ଶର୍ମା କହିଛନ୍ତି ଯେ, 'ନିରନ୍ତର ଭାବେ ବର୍ଷକ ପରେ ବର୍ଷ ପରିମାଣ ଓ ରାଜସ୍ୱରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରି ଗୋଦରେଜ କେମିକାଲସ ଏବେ ଚମତ୍କାର ସମୟରେ ରହିଛି। ଆମ ସମଗ୍ର ଟିମ ତରଫରୁ ଆମେ ଗ୍ରାହକ, ଯୋଗାଣକାରୀ ଓ ଅଂଶୀଦାରମାନଙ୍କୁ ସେମାନଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଉଛୁ ଯାହା ବର୍ଷ ପରେ ବର୍ଷ ଆମ ଦୃଢ଼ ପ୍ରଗତିକୁ ସକ୍ଷମ କରୁଛି।' ଅଭିବୃଦ୍ଧି ରଣନୀତିରେ ଗ୍ରିନ କେମିଷ୍ଟ୍ରିକୁ କମ୍ପାନି ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଦେଖୁଛି। ଶକ୍ତି ମିତବ୍ୟୟୀ ପ୍ରକ୍ରିୟା, ସବୁଜ ଶକ୍ତି ଗ୍ରହଣୀୟତା ଓ ଶୂନ ବର୍ଜ୍ୟ ଲକ୍ଷ୍ୟ ଜରିଆରେ ପରିବେଶ ଫୁଟପ୍ରିଂଟ କମ କରାଯାଉଥିବା ବେଳେ ଏହା ସବୁଜ ନବସୃଜନକୁ ପ୍ରୋତ୍ସାହିତ କରୁଛି। ଏହି ଘୋଷଣା ସ୍ଥାୟିତ୍ୱ, ନବସୃଜନ ଏବଂ କ୍ଷେତ୍ର ଭିତିକ ସମାଧାନ ପ୍ରତି କମ୍ପାନିର ଦୃଢ଼ ଧ୍ୟାନକୁ ଆହୁରି ଦୃଢ଼ କରୁଛି।

## ଆକ୍ସିସ ସର୍ଭିସ ଅପର୍ଚୁନିଟି ଫଣ୍ଡର ଶୁଭାରମ୍ଭ

AXIS MUTUAL FUND

ନୂଆଦିଲ୍ଲୀ: ଭାରତର ଅନ୍ୟତମ ଅଗ୍ରଣୀ ସଂପତି ପରିଚାଳନା କମ୍ପାନି ଆକ୍ସିସ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ ଏଣ୍ଡେଡ ଇକ୍ୱିଟି ସ୍କିମ ଆକ୍ସିସ ସର୍ଭିସ ଅପର୍ଚୁନିଟିଜ ଫଣ୍ଡକୁ ଉନ୍ମୋଚନ କରାଯାଇଛି। ଏହାର ନୂଆ ଫଣ୍ଡ ଅଫର ୨୦୨୫ ଜୁଲାଇ ୪ରେ ଖୋଲିବ ଓ ଜୁଲାଇ ୧୮ରେ ବନ୍ଦ ହେବ। ଆକ୍ସିସ ସର୍ଭିସେସ ଅପର୍ଚୁନିଟିଜ ଫଣ୍ଡ ଗ୍ରାହକମାନଙ୍କୁ ସ୍ୱତନ୍ତ୍ର କଂପାନିଗୁଡ଼ିକର ପୋର୍ଟଫୋଲିଓ ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି ଯାହା ଭାରତର ସେବା ପରିଚାଳିତ ଅର୍ଥନୈତିକ ରୂପାନ୍ତରଣରେ ଆଗରେ ରହିଛି। ଏହି ଫଣ୍ଡର ଲକ୍ଷ୍ୟ ହେଉଛି ବ୍ୟାପକ, ପ୍ରି ପ୍ରଭାବଶାଳୀ ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ଆଗରେ ଥିବା ବ୍ୟବସାୟରେ ନିବେଶ କରି ଦୀର୍ଘକାଳୀନ ସଂପତି ସୃଷ୍ଟି କରିବା। ଆକ୍ସିସ ଏଏମସିର ଏମଡି ଓ ସିଇଓ ବି ଗୋପକୁମାର କହିଛନ୍ତି ଯେ, 'ଭାରତର ଭବିଷ୍ୟତ ଅଭିବୃଦ୍ଧି ସେବା ଆଧାରିତ ବୃଦ୍ଧି ଦ୍ୱାରା ଆଗକୁ ବଢ଼ିବା ଆଶା କରାଯାଉଥିବା ବେଳେ ଏହି କ୍ଷେତ୍ରରେ ଢ଼ାଂଚାଗତ ପରିବର୍ତ୍ତନ ଉଭୟ ଗଭୀର ଓ ଦୀର୍ଘସ୍ଥାୟୀ ରହିଛି। ଆକ୍ସିସ ସର୍ଭିସେସ ଅପର୍ଚୁନିଟିଜ ଫଣ୍ଡ ସହ ଆମେ ନିବେଶକମାନଙ୍କୁ ପ୍ରତ୍ୟକ୍ଷ ଭାବେ ପରିଚାଳିତ ଏକ ମାଧ୍ୟମ ପ୍ରଦାନ କରୁଛୁ ଯାହା ଏହି ଦୀର୍ଘକାଳୀନ ରୂପାନ୍ତରଣ ଉପରେ ପର୍ଯ୍ୟବେସିତ। ବ୍ୟାଙ୍କିଙ୍ଗ ଭଳି ପାରମ୍ପରିକ କ୍ଷେତ୍ରଠାରୁ ଆରମ୍ଭ କରି ଇ-କମର୍ସ, ଫିନଟେକ ଓ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ର ପର୍ଯ୍ୟ' ଏହି ଫଣ୍ଡ ଭାରତର ଶ୍ରେଷ୍ଠ ସେବା କାହାଣୀକୁ ନେଇ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି। ଗୁଣାତ୍ମକ ଚିହ୍ନଟ, ପ୍ରି ପ୍ରଭାବୀ ବ୍ୟବସାୟ ଭଳି ଆମର ଦୀର୍ଘକାଳୀନ ନିବେଶ ଆଭିମୁଖ୍ୟ ସହ ସମନ୍ୱିତ ହୋଇଛି ଯାହା ବିଭିନ୍ନ ସମୟ ଚକ୍ରରେ ସଫଳ ହେବ ଏବଂ ଉତ୍କୃଷ୍ଟ ରିସ୍କ ଆଧାରିତ ରିଟର୍ଣ୍ଣ ପ୍ରଦାନ କରିବ।' ଆକ୍ସିସ ସର୍ଭିସେସ ଅପର୍ଚୁନିଟିଜ ଫଣ୍ଡରେ ଅତିକମରେ ୮୦ ପ୍ରତିଶତ ରାଶିକୁ ୪୮ ପ୍ରକାର ଶିଳ୍ପର କମ୍ପାନିଗୁଡ଼ିକର ଇକ୍ୱିଟିରେ ନିବେଶ କରାଯିବ। ଏହାର ବେଂଚମାର୍କ ହେବ ନିଫ୍ଟି ସେବା କ୍ଷେତ୍ର ସୂଚୀ। ସେଥିରେ ଆଇଟି, ଟେଲିକମ, ଶକ୍ତି, ଇ-କମର୍ସ, ପରିବହନ, ସ୍ୱାସ୍ଥ୍ୟସେବା, ଫିନଟେକ ଓ ମନୋରଂଜନ ଆଦିକୁ ସାମିଲ କରାଯିବ। ଏଥିରେ ବଟମ ଅପ ଷ୍ଟକ ଚୟନ ଆଭିମୁଖ୍ୟ ଗ୍ରହଣ କରାଯିବ। ଆକ୍ସିସ ଏଏମସିର ସିଆଇଓ ଆଶିଷ ଗୁପ୍ତା କହିଛନ୍ତି ଯେ, 'ସେବା କ୍ଷେତ୍ର ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧିର ମୂଳଦୁଆ ହୋଇଥିବା ବେଳେ ଆକ୍ସିସ ସର୍ଭିସେସ ଅପର୍ଚୁନିଟିଜ ଫଣ୍ଡରେ ଆମର ଆଭିମୁଖ୍ୟ ହେଉଛି ବ୍ୟାପକ ଓ ସ୍ଥାୟୀ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଲାଭ ଓ ପ୍ରଭାବୀ ପୁଂଜି ଆବଂଟନ ପ୍ରଦର୍ଶନ କରୁଥିବା କମ୍ପାନିଗୁଡ଼ିକୁ କଠୋର ଭାବେ ଚିହ୍ନଟ କରିବା। ଆମର ବିଶ୍ୱାସ ରହିଛି ଯେ ଏକ ଶୃଙ୍ଖଳିତ, ବଟମ-ଅପ ଷ୍ଟକ ଚୟନ ପ୍ରକ୍ରିୟା ସହ ଗୁଣାତ୍ମକ ଆୟ ଏବଂ ଦୃଢ଼ ରିଟର୍ଣ୍ଣ ଅନୁପାତ ଉପରେ ଧ୍ୟାନ ଦେବା ଆମକୁ ଏହି ବିବିଧ ଓ ଉଦୀୟମାନ କ୍ଷେତ୍ରରେ ରହିଥିବା ସୁଯୋଗ ହାସଲ କରିବାକୁ ସକ୍ଷମ କରିବ। ସେବା ଶିଳ୍ପର ବ୍ୟାପକ କ୍ଷେତ୍ରରେ ନିବେଶ କରି ଏହି ଫଣ୍ଡ ରିସ୍କ ଆଧାରିତ ଓ ନିରନ୍ତର ରିଟର୍ଣ୍ଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

## ଟିସିଏସ୍ ପକ୍ଷରୁ 'ଟିସିଏସ୍ ଇନ୍‌କ୍ୱିଜିଟିଭର' ଉନ୍ମୋଚିତ

tcs TATA CONSULTANCY SERVICES

ନୂଆଦିଲ୍ଲୀ: ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ) ପକ୍ଷରୁ ସର୍ବଭାରତୀୟ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଆନ୍ତଃ-ସ୍କୁଲ କୁଇଜ ପ୍ରତିଯୋଗିତା ଟିସିଏସ ଇନକ୍ୱିଜିଟିଭର ୨୦୨୫ ସଂସ୍କରଣ ଉନ୍ମୋଚନ କରାଯାଇଛି। ଏହି ବାର୍ଷିକ କୁଇଜ ପ୍ରତିଯୋଗିତାରେ ସମ୍ପ୍ରତିକ ଘଟଣାବଳୀ, ବିଜ୍ଞାନ, ପ୍ରଯୁକ୍ତି, ବ୍ୟବସାୟ, କଳା ଓ ସଂସ୍କୃତି ଆଦି ବିଷୟକୁ ନେଇ ଏକ ଗେମ ଭଳି ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସୁଦୃଢ଼ କରିବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି। ଜଟିଳ ଭାବନା ଏବଂ ବିଶ୍ୱସ୍ତରୀୟ ସଚେତନତାକୁ ସୁଦୃଢ଼ କରିବା ଲାଗି ଏହି କୁଇଜ ପ୍ରସ୍ତୁତ କରାଯାଇଛି। ଟିସିଏସ ଇନକ୍ୱିଜିଟିଭ ୧୨ଟି ଭାରତୀୟ ସହର ଯଥା ଅହମଦାବାଦ, ବେଙ୍ଗାଲୁରୁ, ଭୁବନେଶ୍ୱର, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, ଇନ୍ଦୋର, କୋଚି, କୋଲକାତା, ମୁମ୍ବାଇ, ନାଗପୁର ଓ ପୁନେ ପରିଦର୍ଶନ କରିବ। ପ୍ରତି ସହରରେ ଆଂଚଳିକ ପର୍ଯ୍ୟାୟ ଅନୁଷ୍ଠିତ ହେବ। ପ୍ରତି ଅଂଚଳର ବିଜେତା ଦଳ ସେମି-ଫାଇନାଲରେ ପ୍ରବେଶ କରିବେ ଓ ଜାତୀୟ ଫିନାଲେ ମୁମ୍ବାଇରେ ଅନୁଷ୍ଠିତ ହେବ। ଅଂଶଗ୍ରହଣକାରୀମାନେ ମାଗଣାରେ ଏଥିରେ ଯୋଗ ଦେଇପାରିବେ। ଟିସିଏସର ଉପସଭାପତି (ଏଚଆର) ସୁଦୀପ କୁନୁମାଲ କହିଛନ୍ତି ଯେ, 'ଏଆଇ ଓ ଡିଜିଟାଲ ନବସୃଜନକୁ ଭାରତ ଗ୍ରହଣ କରୁଥିବାରୁ ପ୍ରଯୁକ୍ତିରେ ପାରଦର୍ଶିତା ପୂର୍ବାପେକ୍ଷା ଅଧିକ ଜରୁରୀ ହୋଇପଡ଼ିଛି। କୁଇଜ ଓ ଗେମିଫାଏଡ ଶିକ୍ଷା ଜରିଆରେ ବାସ୍ତବ ଦୁନିଆର ଆହ୍ୱାନ ସହିତ ଛାତ୍ରଛାତ୍ରୀମାନଙ୍କୁ ଯୋଡ଼ି ଏହି ଅନ୍ତରକୁ ଦୂର କରିବାକୁ ଟିସିଏସ ଇନକ୍ୱିଜିଟିଭ ଲକ୍ଷ୍ୟ ରଖିଛି। କିଛି ବର୍ଷ ମଧ୍ୟରେ ଟିସିଏସ ଇନକ୍ୱିଜିଟିଭ ଭାରତର ଅନ୍ୟତମ ସମ୍ମାନଜନକ ଆନ୍ତଃ ସ୍କୁଲ କୁଇଜ ପ୍ରତିଯୋଗିତା ଭାବେ ପ୍ରତିଷ୍ଠା ହାସଲ କରିଥିବା ବେଳେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ଅଂଶଗ୍ରହଣ ଓ ସମର୍ଥନ ହାସଲ କରିପାରିଛି। ୧୯୯୯ରେ ଟିସିଏସ ଆଇଟି ଓ୍ୱିଜର ଶୁଭାରମ୍ଭ ସହିତ କୁଇଜ ସହ ଦୁଇ ଦଶନ୍ଧି ଧରି ଟିସିଏସ ଯୋଡ଼ିହୋଇରହିଛି। ଏକ ଅଗ୍ରଣୀ ପ୍ରଯୁକ୍ତି କମ୍ପାନି ଭାବେ ଟିସିଏସ ପକ୍ଷରୁ ଯୁବ ପ୍ରତିଭାମାନଙ୍କୁ ସତ୍ୟତମ ପ୍ରଯୁକ୍ତି ଧାରା ବିଷୟରେ ଅବଗତ କରିବା ଅଭିଯାନରେ ଆଗ୍ରଣୀ ଭୂମିକା ନିର୍ବାହ କରାଯାଉଛି। ୨୦୨୫ ସଂସ୍କରଣରେ ଶିକ୍ଷା, ମନୋରଂଜନ,ବ୍ୟାଙ୍କିଂ, ବିଜ୍ଞାପନ, କ୍ରୀଡ଼ା, ସୋସିଆଲ ମିଡିଆ, ବ୍ୟବସାୟ ଧାରା, କଳା ଓ ସଂସ୍କୃତି ଏବଂ ଆମ ଜୀବନରେ ପ୍ରଯୁକ୍ତିର ବଢୁଥିବା ଭୂମିକା ଭଳି ବ୍ୟାପକ ବିଷୟକୁ ବ୍ୟବହାର କରାଯିବ। ଏହା କ୍ଲାଉଡ କମ୍ପ୍ୟୁଟିଂ, ଆର୍ଟିଫିସିଆଲ ଇଂଟେଲିଜେନ୍ସ, ଅଟୋମେସନ, ବାୟୋମେଟ୍ରିକ୍ସ, ରୋବୋଟିକ୍ସ ଭଳି ଆଦିର ମଧ୍ୟ ମୁକାବିଲା କରିବ। ଟିସିଏସ ଇନକ୍ୱିଜିଟିଭ ଓ୍ୱେବସାଇଟ ଜରିଆରେ ଆବେଦନ ଦାଖଲ କରାଯାଉଛି। ଅଧିକ ଜାଣିବା ପାଇଁ https://www.tcs.com/inquizitive ଓ୍ୱେବ୍‌ସାଇଟ୍ ଦେଖିବାକୁ କୁହାଯାଇଛି।



ନୂଆଦିଲ୍ଲୀ: ବିଭିନ୍ନ କଳ୍ପନା ଜଳ୍ପନା ପରେ ଭାରତୀୟ କ୍ରିକେଟ ଟିମର ବାଂଲାଦେଶ ଗସ୍ତ ୧୩ମାସ ଘୁଂଚାଇ ଦିଆଯାଇଛି । ବିସିସିଆଇ ପକ୍ଷରୁ ବିଧିବଦ୍ଧ ଭାବେ ଏହି ସୂଚନା ଦିଆଯାଇଛି । ଉଭୟ ବୋର୍ଡ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଭାରତ ଏହି ଗସ୍ତରେ ୩ଟି ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିଥାନ୍ତା । ଅଗଷ୍ଟ ୨୦୨୫ ବଦଳରେ ଟିମ ଇଣ୍ଡିଆ ଏବେ ସେପ୍ଟେମ୍ବର ୨୦୨୬ରେ ଏହି ଗସ୍ତରେ ଯିବ । ଖୁବ ଶୀଘ୍ର ଏହି ସିରିଜର ନୂତନ କାର୍ଯ୍ୟସୂଚୀ ଘୋଷଣା କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଯୋଗୁ ବୋର୍ଡ ଏହି ନିଷ୍ପତ୍ତି ନେଇଛି। ଖେଳାଳିମାନଙ୍କ ସୁରକ୍ଷାକୁ ଆମେ ସର୍ବଦା ଗୁରୁତ୍ୱ ଦେଇ ଆସୁଛୁ । ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପ୍ରଶଂସକମାନଙ୍କୁ ଏବେ ସେମାନଙ୍କ ଖେଳ ଦେଖିବା ପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡିବ । ଟି୨୦ ଓ ଟେଷ୍ଟରୁ ଉଭୟ ଖେଳାଳି ଅବସର ନେଇ ସାରିଛନ୍ତି । ଏବେ କେବଳ ଦିନିକିଆ କ୍ରିକେଟ ଖେଳିବା ଜାରି ରଖିଛନ୍ତି। ଏବେ ଅକ୍ଟୋବର ପର୍ଯ୍ୟନ୍ତ ପ୍ରଶଂସକଙ୍କୁ ଅପେକ୍ଷା କରିବାକୁ ପଡିବ। ଏହି ସମୟରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ସିରିଜ ଖେଳିବ।

## ଇଂଲଣ୍ଡ-ଇଣ୍ଡିଆ ଦ୍ୱିତୀୟ ଟେଷ୍ଟ

# ଇଂଲଣ୍ଡକୁ ୩୩୬ ରନ୍‌ରେ ହରାଇଲା ଇଣ୍ଡିଆ

### ଏଜ୍‌ବାଷ୍ଟନରେ ଇତିହାସ ରଚିଲା ଭାରତ



ବର୍ମିଂହାମ: ଅଧିନାୟକ ଶୁବମନ ଗିଲ୍‌ଙ୍କ ଚମତ୍କାର ବ୍ୟାଟିଂ ଏବଂ ଆକାଶ ଦୀପ୍ ଏବଂ ସିରାଜଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଭାରତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡକୁ ୩୩୬ ରନ୍‌ରେ ପରାସ୍ତ କରିଛି। ଏହା ସହିତ ଟିମ୍ ଇଣ୍ଡିଆ ସିରିଜକୁ ୧-୧ରେ ବରାବର କରିଛି। ବର୍ମିଂହାମରେ ଖେଳାଯାଇଥିବା ଏହି ମ୍ୟାଚରେ, ଟିମ୍ ଇଣ୍ଡିଆ ଇଂଲଣ୍ଡ ଦଳ ପାଇଁ ୬୦୮ ରନର ଏକ ବିଶାଳ ଲକ୍ଷ୍ୟ ରଖିଥିଲା। ଜବାବରେ ଇଂଲଣ୍ଡ କେବଳ ୨୭୧ ରନ୍ କରିପାରିଥିଲା। ବର୍ମିଂହାମର ଏଜବାଷ୍ଟନ ଗ୍ରାଉଣ୍ଡ ଭାରତ ୫୮ ବର୍ଷ ପରେ ଐତିହାସିକ ବିଜୟ ହାସଲ କରିଛି। ଅନ୍ୟପକ୍ଷେ ପ୍ରଥମ ଟେଷ୍ଟ ପରାଜୟର ମଧୁର ପ୍ରତିଶୋଧ ନେଇଛି ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ। ୬୦୮ ରନ୍ ବିଜୟ ଲକ୍ଷ୍ୟର ପିଛା କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୨୭୧ ରନରେ ଅଲ୍‌ଆଉଟ ହୋଇଛି। ଶେଷ ଭାଗରେ ଉଇକେଟ କିପର ଜେମି ସ୍ମିଥ ୮୮ ଓ ବେର୍ଡନ କାର୍ସ ୩୮ ରନ୍ କରିଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ରନ ଦୃଷ୍ଟିରୁ ବିଦେଶ ମାଟିରେ ଭାରତର ଏହା ସବବୃହତ୍ ବିଜୟ। ପୂର୍ବରୁ ୨୦୧୯ରେ ଆଣ୍ଟିଗୁଆଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୩୧୮ ରନରେ ବିଜୟୀ ହୋଇଥିଲା। ପ୍ରଥମ ଇନିଂସରେ ଭାରତ ୫୮୭ ଓ ଇଂଲଣ୍ଡ ୪୦୭ ରନ କରିଥିଲା। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୪୨୭/୬ରେ ଘୋଷଣା କରିଥିଲା। ଆକାଶ ଦୀପ ପ୍ରଥମ ଇନିଂସରେ ୪ ଓ ଦ୍ୱିତୀୟ ଇନିଂସରେ ୬ ୱିକେଟ୍ ନେଇ ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମହମ୍ମଦ ସିରାଜ ଉଭୟ ଇନିଂସରେ ୭ ୱିକେଟ୍ ନେଇଛନ୍ତି। ବର୍ମିଂହାମର ଏଜବାଷ୍ଟନ ଗ୍ରାଉଣ୍ଡ ଟେଷ୍ଟରେ ଭାରତ ପାଇଁ ଏକ ଦୁଃସ୍ୱପ୍ନ ପାଲଟିଥିଲା। ଟିମ୍ ଇଣ୍ଡିଆ ୧୯୬୭ ମସିହାରେ ଏଠାରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲା, କିନ୍ତୁ ଏପର୍ଯ୍ୟନ୍ତ ଏଜବାଷ୍ଟନରେ ଟେଷ୍ଟ ମ୍ୟାଚ୍ ଜିତି ପାରି ନ ଥିଲା। କପିଲ ଦେବ, ବିରାଟ କୋହଲି ଏବଂ ଏମଏସ ଧୋନିଙ୍କ ପରି କିମ୍ବଦନ୍ତୀ ମଧ୍ୟ ନିଜ ଅଧିନାୟକତ୍ୱରେ ଏହି ଗ୍ରାଉଣ୍ଡରେ ଭାରତକୁ ଜିତାଇ ପାରିନାହାନ୍ତି। ଶେଷରେ ଶୁଭମନ ଗିଲ ତାଙ୍କ ଅଧିନାୟକତ୍ୱରେ ୪୮ ବର୍ଷର ପରାଜୟ ଧାରା ସମାପ୍ତ କରିଛନ୍ତି। ସୂଚନାଯୋଗ୍ୟ, ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଇନିଂସରେ ୫୮୭ ରନର ବିଶାଳ ସ୍କୋର କରିଥିଲା। ଅଧିନାୟକ ଶୁଭମନ ଗିଲ୍ ୨୬୯ ରନର ଐତିହାସିକ ପାଳି ଖେଳିଥିବା ବେଳେ ରବୀନ୍ଦ୍ର ଜାଡ଼େଜା ୮୯ ରନ ଓ ଯଶସ୍ୱୀ ଜୟସ୍ୱାଲ ୮୭ ରନ କରିଥିଲେ। ଜବାବରେ ଇଂଲଣ୍ଡ ୪୦୭ ରନରେ ଅଲଆଉଟ୍ ହୋଇଥିଲା। ଭାରତ ପ୍ରଥମ ଇନିଂସରେ ୧୮୦ ରନର ଅଗ୍ରଣୀ ହାସଲ କରିଥିଲା। ଏହା ପରେ ଭାରତ ଦ୍ୱିତୀୟ ଇନିଂସରେ ୪୨୭/୫ରେ ପାଳି ସମାପ୍ତି ଘୋଷଣା କରିଥିଲା।

## ଏନ୍‌ସି କ୍ଲାସିକ୍ ଟାଇଟଲ୍ ଜିତିଲେ ନୀରଜ ଚୋପ୍ରା



ନୂଆଦିଲ୍ଲୀ: ଭାରତୀୟ କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଦୁଇ ଥର ଅଲିମ୍ପିକ ପଦକ ବିଜେତା ଓ ପୂର୍ବତନ ବିଶ୍ୱ ଚାମ୍ପିଅନ ନୀରଜ ଚୋପ୍ରା ରେକର୍ଡ କରିଛନ୍ତି। ଭାରତର ଜାଭେଲିନ୍ ଥ୍ରୋ ସୁପରଷ୍ଟାର ନୀରଜ ଚୋପ୍ରା ଶନିବାର ନୀରଜ ଚୋପ୍ରା କ୍ଲାସିକ୍ (ଏନ୍‌ସି କ୍ଲାସିକ୍)ର ପ୍ରଥମ ସିଜିନର ଟାଇଟଲ୍ ଜିତିଛନ୍ତି । ବେଙ୍ଗାଲୁରୁର କାଣ୍ଡିରଭା ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ନୀରଜ ତାଙ୍କର କ୍ରମାଗତ ତୃତୀୟ ଟାଇଟଲ୍ ଜିତିଛନ୍ତି । ଏହା ପୂର୍ବରୁ ସେ ପ୍ୟାରିସ୍ ଡାଇମଣ୍ଡ ଲିଗ୍ ଏବଂ ପୋଲାଣ୍ଡର ଓଷ୍ଟ୍ରାଭାରେ ଗୋଲଡେନ ସ୍ପାଇକରେ ଟାଇଟଲ୍ ଜିତିଥିଲେ। ନୀରଜ ତାଙ୍କର ତୃତୀୟ ପ୍ରୟାସରେ ୮୬.୧୮ ମିଟର ଦୂରତା ସହିତ ଘଉ କ୍ଲାସିକ୍ ୨୦୨୫ ଟାଇଟଲ ଜିତିଛନ୍ତି । ୨୦୨୫ ବିଶ୍ୱ ଚାମ୍ପିଅନ୍ କେନିଆର ଜୁଲିୟସ୍ ୟେଗୋ ୮୪.୫୧ ମିଟର ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଶ୍ରୀଲଙ୍କାର ରୁମେଶ ପାଥିରାଗେ ୮୪.୩୪ ମିଟର ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସ୍ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହାକୁ ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଏଫ୍‌ଆଇ) ଦ୍ୱାରା ଅନୁମୋଦିତ କରାଯାଇଥିଲା । ନୀରଜ ଚୋପ୍ରା କ୍ଲାସିକ୍ ପ୍ରତିଯୋଗିତାରେ ସାତ ଜଣ ଶ୍ରେଷ୍ଠ ଅନ୍ତର୍ଜାତୀୟ ଜାଭେଲିନ୍ ଥ୍ରୋଅର ସମେତ ୧୨ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଚୋପ୍ରାଙ୍କ ସମେତ ପାଞ୍ଚ ଜଣ ଭାରତୀୟ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ବିଶ୍ୱ ଆଥଲେଟିକ୍ସ ଏନ୍‌ସି କ୍ଲାସିକକୁ କ୍ଲାସ୍ ଇ ମାନ୍ୟତା ଦେଇଛି। ଚୋପ୍ରା ଚଳିତ ବର୍ଷ ମେ ମାସରେ ୯୦ ମିଟର ଅତିକ୍ରମ କରିଥିଲେ। ଏନ୍‌ସି କ୍ଲାସିକ୍ ପୂର୍ବରୁ ସେ ୨୦୨୫ ଓଷ୍ଟ୍ରାଭା ଗୋଲଡେନ୍ ସ୍ପାଇକ୍‌ରେ ୮୫.୨୯ ମିଟରର ସର୍ବୋତ୍ତମ ପ୍ରୟାସ ସହିତ ଟାଇଟଲ ଜିତିଥିଲେ।

### ଗିଲ୍‌ଙ୍କୁ କୋହଲିଙ୍କ ପ୍ରଶଂସା

ବର୍ମିଂହାମ: ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତର ଅଧିନାୟକ ଶୁଭମନ ଗିଲ ସ୍ମରଣୀୟ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି । ସେ ପ୍ରଥମ ଇନିଂସରେ ୨୬୯ ଓ ଦ୍ୱିତୀୟ ଇନିଂସରେ ୧୬୧ ରନ କରିଥିଲେ । ସେ ଅଧିନାୟକ ଭାବେ ବିରାଟ କୋହଲିଙ୍କ ୨୫୪ ରନକୁ ମଧ୍ୟ ପଛରେ ପକାଇ ଦେଇଛନ୍ତି । କୋହଲି ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଗିଲ୍‌ଙ୍କୁ ପ୍ରଶଂସା କରି ପୋଷ୍ଟ ଶେୟାର କରିଛନ୍ତି। ସେ ତାଙ୍କୁ ଷ୍ଟାର ବୟ ନାମ ମଧ୍ୟ ଦେଇଛନ୍ତି । ନିକଟରେ କୋହଲି ଆନ୍ତର୍ଜାତୀୟ ଟେଷ୍ଟରୁ ଅବସର ଘୋଷଣା କରିଥିଲେ । ତୁମେ ବହୁତ ଭଲ ଖେଳିଲ ଷ୍ଟାର ବୟ । ତୁମେ ଇତିହାସ ରଚିଛ । ଆଗକୁ ବଢ଼ି ଚାଲ। ତୁମେ ଏହାର ଯୋଗ୍ୟ ବୋଲି କୋହଲି ଲେଖିଛନ୍ତି । ଗିଲଙ୍କ ଐତିହାସିକ ଇନିଂସ ସହାୟତାରେ ଭାରତ ପ୍ରଥମ ଥର ଗୋଟିଏ ଟେଷ୍ଟରେ ୧୦୦୦ ରନ ସଂଗ୍ରହ କରିଛି । ଏହା ପୂର୍ବରୁ ୨୦୦୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟିମ ଇଣ୍ଡିଆ ୯୧୬ ରନ କରିଥିଲା ।

## ଅଭିନୟ ଦୁନିଆରେ ପାଦ ଦେବେ ରାଇନା



ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ ଅଲ୍‌ରାଉଣ୍ଡର୍ ସୁରେଶ ରାଇନା ଖୁବ୍ ଶୀଘ୍ର ଅଭିନୟ ଦୁନିଆରେ ପାଦ ଦେବାକୁ ଯାଉଛନ୍ତି। ଡ୍ରିମ୍ ନାଇଟ୍ ଷ୍ଟୋରିଜ୍? (ଡିଏନ୍‌ଏସ୍) ପ୍ରଯୋଜିତ ଏକ ତାମିଲ ଚଳଚ୍ଚିତ୍ରରେ ରାଇନା ଅଭିନୟ କରିବାକୁ ଯାଉଥିବା ସୂଚନା ମିଳିଛି। ଚେନ୍ନାଇ ସୁପର୍ କିଙ୍ଗ୍ସ ପ୍ରଶଂସକଙ୍କ ନିକଟରେ 'ଚିନା ଥାଲ୍ଲା' ଭାବେ ପରିଚିତ ରାଇନାଙ୍କ ଏକ ଭିଡିଓ ଛାଡ଼ି ଡିଏନ୍‌ଏସ୍ ଏହି ସୂଚନା ଦେଇଛି। ଏଥିରେ ରାଇନା ଏକ କ୍ରିକେଟ୍ ଷ୍ଟାଡିୟମ୍‌କୁ ପ୍ରବେଶ କରୁଥିବାବେଳେ ହଜାର ହଜାର ପ୍ରଶଂସକ ତାଙ୍କୁ ଚିୟର୍ କରୁଛନ୍ତି। ପୂର୍ବରୁ ଏହି ଚଳଚ୍ଚିତ୍ରର ଲୋଗୋକୁ ଅନ୍ୟତମ ସିଏସ୍‌କେ କ୍ରିକେଟର ଶିବମ ଦୁବେ ଉନ୍ମୋଚନ କରିଥିଲେ। ରାଇନା ଭାରତୀୟ ମଧ୍ୟକ୍ରମ ବ୍ୟାଟିଂର ଅନ୍ୟତମ ଶ୍ରେଷ୍ଠ ଥିବାବେଳେ ଦେଶର ପ୍ରଥମ ଖେଳାଳି ଭାବେ ସମସ୍ତ ୩ ଫର୍ମାଟରେ ଶତକ ମାରିଥିଲେ। ମୋଟ ୩୨୨ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ରାଇନା ୩୨.୮୭ ହାରାହାରି ଓ ୯୨ ଷ୍ଟ୍ରାଇକ୍ ରେଟ୍‌ରେ ୭,୯୮୮ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୭ ଶତକ, ୪୮ ଅର୍ଦ୍ଧଶତକ ରହିଛି। ୨୦୧୧ ଦିନିକିଆ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରାଇନା ମଧ୍ୟ ସେହି ସଂସ୍କରଣରେ ତାଙ୍କ ଶ୍ରେଷ୍ଠ ବ୍ୟକ୍ତିଗତ ସ୍କୋର ୧୨୦ ରନ୍ କରିଥିଲେ। ୨୦୧୩ ଆଇସିସି ଚାମ୍ପିଅନ୍ସ ଟ୍ରଫି ବିଜୟୀ ଦଳର ମଧ୍ୟ ସେ ସଦସ୍ୟ ଥିଲେ।

## ବୈଭବଙ୍କ ବିଶ୍ୱ ରେକର୍ଡ: ୫୨ ବଲ୍‌ରୁ କଲେ ଶତକ



ଲଣ୍ଡନ: ବୈଭବ ସୂର୍ଯ୍ୟବଂଶୀ ପୁଣି ଏକ ଶତକ କରି ରେକର୍ଡ ବୁକ୍‌ରେ ନିଜ ନାମକୁ ଲିପିବଦ୍ଧ କରିଛନ୍ତି। ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ଯୁବ ଦଳ (୧୯ ବର୍ଷରୁ କମ୍) ପାଇଁ ବୈଭବ ମାତ୍ର ୫୨ ବଲ୍‌ରୁ ଶତକ ପୂର୍ଣ୍ଣ କରି ବିଶ୍ୱ ରେକର୍ଡ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ପାକିସ୍ତାନର କାମରାନ୍ ଗୁଲାମଙ୍କ ନାମରେ (୫୩ ବଲ୍) ଥିଲା। ଶନିବାର ଇଂଲଣ୍ଡ ଯୁବ ଦଳ ବିପକ୍ଷ ଚତୁର୍ଥ ଦିନିକିଆରେ ୧୪ ବର୍ଷୀୟ ବୈଭବ ୭୮ ବଲ୍‌ରୁ ୧୪୩ ରନ୍‌ର ପାଳି ଖେଳିଥିଲେ। ଏହି ପାଳିରେ ୧୩ ଚୌକା ଓ ୧୦ ଛକା ସାମିଲ ଥିଲା। କିନ୍ତୁ ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡ ଭାଙ୍ଗିବାରେ ବୈଭବ ବିଫଳ ହୋଇଥିଲେ। ଶନିବାର ସେ ୨୦ ବଲ୍‌ରୁ ଅର୍ଦ୍ଧଶତକ ପୂର୍ଣ୍ଣ କରିଥିବାବେଳେ ପୂର୍ବରୁ ଋଷଭ ପନ୍ତ୍ ୨୦୧୬ରେ ୧୮ ବଲ୍‌ରୁ ଅର୍ଦ୍ଧଶତକ ପୂର୍ଣ୍ଣ କରି ରେକର୍ଡକୁ ନିଜ ନାମରେ ରଖିଛନ୍ତି। ଚଳିତ ଶୃଙ୍ଖଳାରେ ବୈଭବ ମୋଟ ୪ ପାଳିରୁ ୩୦୬ ରନ୍ ସଂଗ୍ରହ କରି ଅଗ୍ରଣୀ ଅଛନ୍ତି। ପୂର୍ବ ୩ ମ୍ୟାଚ୍‌ରେ ସେ ଯଥାକ୍ରମେ ୧୯ ବଲ୍‌ରୁ ୪୮ ରନ୍, ୩୪ ବଲ୍‌ରୁ ୪୫ ରନ୍, ୩୧ ବଲ୍‌ରୁ ୮୬ ରନ୍ କରିଥିଲେ। ଚଳିତ ବର୍ଷ ଆଇପିଏଲ୍‌ରେ ବୈଭବ ୩୫ ବଲ୍‌ରୁ ଶତକ ପୂର୍ଣ୍ଣ କରିବା ପରଠାରୁ ଚର୍ଚ୍ଚାରେ ରହିଛନ୍ତି। ଯାହାକି ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଦ୍ରୁତତମ। ଶନିବାର ବିହନ ମାଲହୋତ୍ରା (୧୨୯ ରନ୍, ୧୨୧ ବଲ୍, ୧୫ ଚୌକା, ୩ ଛକା)ଙ୍କ ସହ ମିଶି ବୈଭବ ଦ୍ୱିତୀୟ ୱିକେଟ୍ ପାଇଁ ୨୧୯ ରନ୍ ଭାଗୀଦାରି କରିବାରୁ ଭାରତୀୟ ଦଳ ୩୬୩ ରନ୍ ସଂଗ୍ରହ କରିବା ସହ ୩-୧ରେ ଶୃଙ୍ଖଳା ଜିତିଛି। ଭାରତ ପାଳିକୁ ପିଛାକରି ଇଂଲଣ୍ଡ ରକି ଫ୍ଲିଣ୍ଟଫ୍ (୧୦୭)ଙ୍କ ଶତକ ସତ୍ତ୍ୱେ ୩୦୮ ରନ୍ କରିଥିଲା।

### ଓସିଏ ଆପେକ୍ସ ପରିଷଦ ବୈଠକ

## ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ନେଇ ଘୋଷଣା



କଟକ (ଭାସ୍କର ନ୍ୟୁଜ୍) : ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ବୈଠକ ଗତ ମାସ ୪ ତାରିଖରେ ଓସିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ୍) ଟୁର୍ଣ୍ଣାମେଣ୍ଟ ନେଇ ଘୋଷଣା କରାଯାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ଛଅଟି ଦଳ ଏଥିରେ ଅଂଶ ଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟରେ ଉଦୀୟମାନ ପ୍ରତିଭାଙ୍କୁ ଚୟନ କରାଯିବ। ଖେଳାଳିମାନଙ୍କୁ ଉଚ୍ଚ-ତୀବ୍ରତା ପ୍ରତିଯୋଗିତା, ବିସ୍ତୃତ ଏକ୍ସପୋଜର ଏବଂ ଖେଳର କିଛି ଶ୍ରେଷ୍ଠ ଖେଳାଳିଙ୍କ ସହିତ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରିବ। ଉନ୍ମୋଚନ ଅବସରରେ ଓସିଏର ସଚିବ ସଞ୍ଜୟ ବେହେରା କହିଛନ୍ତି, ଆମ ରାଜ୍ୟରେ କ୍ରିକେଟ୍ ଯାତ୍ରାରେ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଉଚ୍ଚସ୍ତରୀୟ ପ୍ରତିଭା, ବୃତ୍ତିଗତ କାର୍ଯ୍ୟକାରିତା ସହିତ। ଆମେ ନିଶ୍ଚିତ ଯେ ଏହି ଲିଗ୍ ଭାରତୀୟ ଘରୋଇ କ୍ରିକେଟରେ ଏକ ପ୍ରମୁଖ ଶକ୍ତି ପାଲଟିବ। ଏକ ରାଜ୍ୟ ଭାବରେ ଓଡ଼ିଶା ବହୁବିଧ କ୍ରୀଡ଼ା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇ ଆସୁଛି ଏବଂ ଏବେ କ୍ରିକେଟ୍ ପାଇଁ ସମୟ ଆସିଛି। ଯୋଜନା ଏବଂ କାର୍ଯ୍ୟକାରିତାରେ ଉତ୍କର୍ଷତା ସୁନିଶ୍ଚିତ କରିବା ପାଇଁ, ଓପିଟିଏଲ୍ ଲିଗ୍ ପାଇଁ ସ୍ୱତନ୍ତ୍ର ପରିଚାଳନା ଅଂଶୀଦାର ଭାବରେ ଆରିଭା ସ୍ପୋର୍ଟ୍ସ ସହିତ ସହଭାଗୀତା କରିଛି। ଆରିଭା ସ୍ପୋର୍ଟ୍ସ ର ଏକ ପ୍ରମାଣିତ ଟ୍ରାକ୍ ରେକର୍ଡ ଅଛି, ଯାହା ବଙ୍ଗଳା, ବିଦର୍ଭ ଏବଂ ସୌରାଷ୍ଟ୍ରରେ ସମାନ ଲିଗ୍ ସଫଳତାର ସହିତ କାର୍ଯ୍ୟକାରୀ କରିଛି। ଆରିଭା ସ୍ପୋର୍ଟ୍ସ ର ସହ-ପ୍ରତିଷ୍ଠାତା ରଜନୀଶ ଚୋପ୍ରା କହିଛନ୍ତି, ଆମେ ଓସିଏ ସହିତ ଏକ ଲିଗ୍ ଗଠନ କରିବାରେ ସହଯୋଗ କରିବାକୁ ଉତ୍ସାହିତ ଯାହା କେବଳ ମନୋରଞ୍ଜନ କରେ ନାହିଁ ବରଂ ତୃଣମୂଳ ସ୍ତରରେ ବିକାଶକୁ ମଧ୍ୟ ପ୍ରେରଣା ଦିଏ। ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ରେ ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିବାର ଏବଂ ରାଜ୍ୟର କ୍ରିକେଟ୍ ଭବିଷ୍ୟତରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବାର ସମ୍ଭାବନା ଅଛି। ଲିଗ୍ ଆରମ୍ଭର ଏକ ଅଂଶ ସ୍ୱରୂପ, ଓସିଏ ସଂଗଠନଗୁଡ଼ିକୁ ଫ୍ରାଞ୍ଚାଇଜ୍ ମାଲିକାନା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରୁଛି। ଫ୍ରାଞ୍ଚାଇଜ୍ ଅଧିକାର ସୁରକ୍ଷିତ କରିବା ପାଇଁ ଆଗ୍ରହ ପ୍ରକାଶ (ଇଓଆଇ) ଡକ୍ୟୁମେଣ୍ଟ ୭ ରୁ ୧୩ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଓସିଏର ଅଫିସିଆଲ୍ ୱେବସାଇଟ୍ (www.odishacricket.in) ରୁ ଡାଉନଲୋଡ୍ ପାଇଁ ଉପଲବ୍ଧ ହେବ। ଆଗ୍ରହୀ ଆବେଦନକାରୀମାନଙ୍କୁ ଓସିଏରେ ଉଲ୍ଲେଖିତ ଦାଖଲ ନିର୍ଦ୍ଦେଶାବଳୀ ପାଳନ କରିବାକୁ ପଡିବ। ଫ୍ରାଞ୍ଚାଇଜ୍ ଆବଣ୍ଟନ ଯୋଗ୍ୟତା-ଭିତ୍ତିକ ପ୍ରକ୍ରିୟା ମାଧ୍ୟମରେ କରାଯିବ, ଯାହା ଓଡ଼ିଶାରେ କ୍ରିକେଟ୍ ବିକାଶ ପାଇଁ ଦୀର୍ଘକାଳୀନ ଦୃଷ୍ଟିକୋଣ ଏବଂ ପ୍ରତିବଦ୍ଧତା ଉପରେ ଧ୍ୟାନ ଦେବ। ଟୁର୍ଣ୍ଣାମେଣ୍ଟ ସୂଚୀ, ଦଳ ଗଠନ, ଖେଳାଳି ଡ୍ରାଫ୍ଟ ଏବଂ ବାଣିଜ୍ୟିକ ସହଭାଗୀତା ସମ୍ପର୍କରେ ଅଧିକ ଘୋଷଣା ସମୟ ମଧ୍ୟରେ କରାଯିବ। ଏହି ବୈଠକରେ ପଙ୍କଜ ଲୋଚନ ମହାନ୍ତି – ସଭାପତି, ଓସିଏ, ଜଗମୋହନ ପଟ୍ଟନାୟକ – ଉପାଧ୍ୟକ୍ଷ, ଓସିଏ, ସଂଜୟ ବେହେରା – ସଚିବ, ଓସିଏ, ପ୍ରଭାତ କୁମାର ଭୋଳ – ଯୁଗ୍ମ ସଚିବ, ଓସିଏ, ବିକାଶ ପ୍ରଧାନ – କୋଷାଧ୍ୟକ୍ଷ, ଓସିଏ, ପ୍ରତାପ ଚନ୍ଦ୍ର ପ୍ରଧାନ – ସଦସ୍ୟ, ଆପେକ୍ସ ପରିଷଦ, ରାକେଶ ମହାନ୍ତି – ସଦସ୍ୟ, ଆପେକ୍ସ ପରିଷଦ, ଗୀତା ସାମନ୍ତରାୟ – ସଦସ୍ୟ, ଆପେକ୍ସ କାଉନସିଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

**ଭାରତୀୟ ବାୟୁ ସେନା**
**ଅଗ୍ନିବାହୀବାୟୁ ଭାବରେ ଭାରତୀୟ ବାୟୁସେନାରେ ଯୋଗଦାନ କରନ୍ତୁ**

**ଅଗ୍ନିପଥ ଯୋଜନା ଅଧୀନରେ ୦୨/୨୦୨୬ରେ ଅଗ୍ନିବାହୀବାୟୁ ଗ୍ରହଣ ପାଇଁ ଚୟନ ପରୀକ୍ଷା ପାଇଁ ଭାରତୀୟ ବାୟୁସେନା ଅବିବାହିତା ଭାରତୀୟ ପୁରୁଷ ଏବଂ ମହିଳା ପ୍ରାର୍ଥୀଙ୍କଠାରୁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି**

ଅନ୍‌ଲାଇନ୍ ପଞ୍ଜୀକରଣ ତାରିଖ : ୧୧ ଜୁଲାଇ ୨୦୨୫ ତାରିଖ ୧୧୦୦ ଘଣ୍ଟା ଠାରୁ ୩୧ ଜୁଲାଇ ୨୦୨୫ ତାରିଖ ୨୩୦୦ ଘଣ୍ଟା ପର୍ଯ୍ୟନ୍ତ।
ଅନ୍‌ଲାଇନ୍ ପରୀକ୍ଷା ତାରିଖ : ୨୫ ସେପ୍ଟେମ୍ବର ୨୦୨୫ ପରଠାରୁ।
ପଞ୍ଜୀକରଣ ପାଇଁ ୱେବ୍ ପୋର୍ଟାଲ : https://agnipathvayu.cdac.in
ଜନ୍ମ ବ୍ଲକ ତାରିଖ : ୦୨ ଜୁଲାଇ ୨୦୦୫ରୁ ୦୨ ଜାନୁଆରୀ ୨୦୦୯ ମଧ୍ୟରେ ଜନ୍ମ (ଉଭୟ ତାରିଖ ଅନ୍ତର୍ଭୁକ୍ତ)
ଶିକ୍ଷାଗତ ଯୋଗ୍ୟତା:

**୧. ବିଜ୍ଞାନ ବିଷୟ**

ପ୍ରାର୍ଥୀମାନେ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷା ବୋର୍ଡରୁ ଗଣିତ, ପଦାର୍ଥ ବିଜ୍ଞାନ ଏବଂ ଇଂରାଜୀ ସହିତ **ମଧ୍ୟମା/ ୧୦+୨/ ସମକକ୍ଷ ପରୀକ୍ଷାରେ ସର୍ବନିମ୍ନ ୫୦%** ଏବଂ **ଇଂରାଜୀରେ ୫୦%** ନମ୍ବର ସହିତ ପାସ୍ କରିଥିବା ଉଚିତ।

କିମ୍ବା

କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ଦ୍ୱାରା ସ୍ୱୀକୃତିପ୍ରାପ୍ତ ପଲିଟେକ୍ନିକ୍ ପ୍ରତିଷ୍ଠାନରୁ ଇଞ୍ଜିନିୟରିଂ (ଯାନ୍ତ୍ରିକ/ ବୈଦ୍ୟୁତିକ/ ଇଲେକ୍ଟ୍ରୋନିକ୍ସ/ ଅଟୋମୋବାଇଲ୍/ କମ୍ପ୍ୟୁଟର ବିଜ୍ଞାନ/ ଯନ୍ତ୍ରପାତି ପ୍ରଯୁକ୍ତିବିଦ୍ୟା/ ସୂଚନା ପ୍ରଯୁକ୍ତିବିଦ୍ୟା)ରେ **ତିନି ବର୍ଷର ଡିପ୍ଲୋମା କୋର୍ସ** (ଯାନ୍ତ୍ରିକ/ ବୈଦ୍ୟୁତିକ/ ଇଲେକ୍ଟ୍ରୋନିକ୍ସ/ ଅଟୋମୋବାଇଲ୍/ କମ୍ପ୍ୟୁଟର ବିଜ୍ଞାନ/ ଯନ୍ତ୍ରପାତି ପ୍ରଯୁକ୍ତିବିଦ୍ୟା/ ସୂଚନା ପ୍ରଯୁକ୍ତିବିଦ୍ୟା)ରେ **ମୋଟ ୫୦%** ଏବଂ **ଡିପ୍ଲୋମା କୋର୍ସରେ ଇଂରାଜୀରେ ୫୦%** ନମ୍ବର ସହିତ ପାସ୍ କରିଥିବା (କିମ୍ବା ଡିପ୍ଲୋମା କୋର୍ସରେ ଇଂରାଜୀ ବିଷୟ ନୁହେଁ ତେବେ ମଧ୍ୟମା/ ମାଟ୍ରିକଲ୍) ଆବଶ୍ୟକ।

କିମ୍ବା

କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷା ବୋର୍ଡରୁ ଅଣ-ବୃତ୍ତିଗତ ବିଷୟ ଯଥା **ପଦାର୍ଥ ବିଜ୍ଞାନ ଏବଂ ଗଣିତ ସହିତ ଦୁଇ ବର୍ଷର ବୃତ୍ତିଗତ ପାଠ୍ୟକ୍ରମରେ ମୋଟ ୫୦%** ଏବଂ ଧନ୍ଦାମୂଳକ ପାଠ୍ୟକ୍ରମରେ ଇଂରାଜୀରେ ୫୦% ନମ୍ବର ସହିତ ପାସ୍ କରିଥିବା (କିମ୍ବା ମଧ୍ୟମା/ ମାଟ୍ରିକ) ଆବଶ୍ୟକ।

**୨. ବିଜ୍ଞାନ ବିଷୟ ବ୍ୟତୀତ**

କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷା ବୋର୍ଡରୁ ଯେକୌଣସି ଷ୍ଟ୍ରିମ୍ / ବିଷୟ ପାଇଁ ମଧ୍ୟମା / ୧୦ + ୨ / ସମକକ୍ଷ ପରୀକ୍ଷାରେ ସର୍ବନିମ୍ନ ୫୦% ନମ୍ବର ଏବଂ **ଇଂରାଜୀରେ ୫୦%** ନମ୍ବର ସହିତ ପାସ୍ କରିଥିବା ଆବଶ୍ୟକ।

କିମ୍ବା

କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷା ବୋର୍ଡରୁ ଦୁଇ ବର୍ଷର ବୃତ୍ତିଗତ ପାଠ୍ୟକ୍ରମରେ **ସର୍ବନିମ୍ନ ୫୦%** ନମ୍ବର ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ଇଂରାଜୀରେ **୫୦% ନମ୍ବର** ସହିତ ପାସ୍ କରିଥିବା (କିମ୍ବା ଯଦି **ଇଂରାଜୀ ବୃତ୍ତିଗତ ପାଠ୍ୟକ୍ରମରେ ଏକ ବିଷୟ ନୁହେଁ** ତେବେ ମଧ୍ୟମା / ମାଟ୍ରିକ୍) ଆବଶ୍ୟକ।

**ଟିପ୍ପଣୀ:** ବିଜ୍ଞାନ ବିଷୟ ପରୀକ୍ଷା ପାଇଁ ଯୋଗ୍ୟ ପ୍ରାର୍ଥୀମାନେ (ମଧ୍ୟମା / ୧୦ + ୨/ ଇଞ୍ଜିନିୟରିଂରେ ତିନି ବର୍ଷର ଡିପ୍ଲୋମା ପାଠ୍ୟକ୍ରମ କିମ୍ବା ପଦାର୍ଥ ବିଜ୍ଞାନ ଏବଂ ଗଣିତର ଅଣ-ବୃତ୍ତିଗତ ବିଷୟ ସହିତ ଦୁଇ ବର୍ଷର ବୃତ୍ତିଗତ ପାଠ୍ୟକ୍ରମ ସମେତ) ମଧ୍ୟ ବିଜ୍ଞାନ ବିଷୟ ବ୍ୟତୀତ ଅନ୍ୟ ପାଇଁ ଯୋଗ୍ୟ ଏବଂ ଅନଲାଇନ୍ ପଞ୍ଜିକରଣ ଫର୍ମ ପୂରଣ କରିବା ସମୟରେ ସେମାନଙ୍କୁ ବିଜ୍ଞାନ ବିଷୟ ଏବଂ ବିଜ୍ଞାନ ବିଷୟ ବ୍ୟତୀତ ଅନ୍ୟ ପରୀକ୍ଷାରେ ଏକା ସିଟିଂରେ ବସିବାର ବିକଳ୍ପ ଦିଆଯିବ।

**ପଞ୍ଜିକରଣ ଏବଂ ପରୀକ୍ଷା ଫି: ଜିଏସ୍‌ଟି ସହିତ ୫୫୦/- ଟଙ୍କା।**

**ପ୍ରବେଶ ସ୍ତର ଯୋଗ୍ୟତା, ଚିକିତ୍ସା ମାନଦଣ୍ଡ, ନିୟମ ଏବଂ ସର୍ତ୍ତାବଳୀ, ଅନଲାଇନ୍ ଆବେଦନ ପୂରଣ ଏବଂ ଅଗ୍ନିବୀରବାୟୁ ଗ୍ରହଣ ୦୨/ ୨୦୨୬ ପାଇଁ ପଞ୍ଜିକରଣ ପାଇଁ ନିର୍ଦ୍ଦେଶାବଳୀ ବିଷୟରେ ବିସ୍ତୃତ ସୂଚନା ପାଇଁ https://agnipathvayu.cdac.in ରେ ଲଗ୍ ଅନ୍ କରନ୍ତୁ।**

**ସୂଚନା ଏବଂ ଆବେଦନ ପଞ୍ଜିକରଣ ପାଇଁ କ୍ୟୁଆର୍ କୋଡ୍ ସ୍କାନ କରନ୍ତୁ।** **CBC 10803/11/0006/2526**



ଯଦି ଶରୀରରେ ୟୁରିକ ଏସିଡ୍ ବୃଦ୍ଧି ପାଏ, ତେବେ ବ୍ୟକ୍ତିକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ । ପ୍ରକୃତରେ, ୟୁରିକ ଏସିଡ୍ ଏକ ଅପଚୟ ଉତ୍ପାଦ, ଯାହାକୁ କିଡନୀ ଛାଣି ବାହାର କରିଦିଏ । କିନ୍ତୁ ଯଦି ୟୁରିକ ଏସିଡ୍ ବୃଦ୍ଧି ପାଏ, ତେବେ ଗଣ୍ଠି ଯନ୍ତ୍ରଣା, ଫୁଲା, କିଡନୀ ଷ୍ଟୋନ ଭଳି ସମସ୍ୟା ଦେଖାଯାଇପାରେ । ତେଣୁ, ଯଦି ୟୁରିକ ଏସିଡ୍ ବୃଦ୍ଧିର ଲକ୍ଷଣ ଦେଖାଯାଏ, ତେବେ ଏହାକୁ ନିୟନ୍ତ୍ରଣ କରିବା ଉଚିତ । ଏଥି ପାଇଁ ଚେରି ଜୁସ୍ ବହୁତ ସହାୟକ ହୋଇପାରେ । ପ୍ରକୃତରେ ଚେରି ଜୁସରେ ଏପରି ଅନେକ ଗୁଣ ରହିଛି, ଯାହା ୟୁରିକ ଏସିଡ୍ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଚେରି ଜୁସ୍ କିପରି ୟୁରିକ୍ ଏସିଡ୍ ହ୍ରାସ କରେ- ଚେରି, ବିଶେଷକରି ଟାର୍ଟ ଚେରିରେ ଆଣ୍ଟି-ଇନଫ୍ଲାମେଟୋରୀ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଥାଏ ଯାହା ୟୁରିକ୍ ଏସିଡ୍ ସ୍ତରକୁ ହ୍ରାସ କରିବାରେ ସାହାଯ୍ୟ କରେ । ଏଥିରେ ଥିବା ଆନ୍ଥୋସାୟାନିନ୍ ନାମକ ଉପାଦାନ ଶରୀରରେ ୟୁରିକ୍ ଏସିଡ୍ ଉତ୍ପାଦନକୁ ବାଧା ଦିଏ ଏବଂ କିଡନୀରୁ ଏହାର ନିର୍ଗମନକୁ ବୃଦ୍ଧି କରେ । ତେଣୁ, ପ୍ରତିଦିନ ଚେରି ରସ ପିଇବା ଦ୍ୱାରା ୟୁରିକ୍ ଏସିଡ୍ ସ୍ତର ପ୍ରାୟ ୧୫-୨୦% ହ୍ରାସ ପାଇପାରେ । ଏହା ସହିତ, ଏହା ଗଣ୍ଠିବାତ ଆକ୍ରମଣର ଆଶଙ୍କା କମ କରିବାରେ ସାହାଯ୍ୟ କରେ । ତେଣୁ ପ୍ରତିଦିନ ଗୋଟିଏ ଗ୍ଲାସ୍ ଚେରି ରସ ପିଇବା ଲାଭଦାୟକ ପ୍ରମାଣିତ ହୋଇପାରେ ।

# ବର୍ଷାଋତୁରେ ଶିଶୁରୋଗ ଓ ତାର ପ୍ରତିକାର





***ଚାଲିଛି ବର୍ଷା ଋତୁ । ଶିଶୁମାନଙ୍କ ପାଇଁ ଏହା ସ୍ୱାସ୍ଥ୍ୟପ୍ରଦ ଋତୁ ହୋଇନଥାଏ । ଏହିଦିନରେ ଶିଶୁମାନଙ୍କ ଠାରେ ବିଭିନ୍ନ ସଂକ୍ରମଣ ହୋଇଥାଏ । ତେବେ ବର୍ଷାଦିନରେ ଶିଶୁମାନଙ୍କ ଠାରେ କେଉଁ ରୋଗ ଦେଖାଯାଏ ଓ ତାହାର କିପରି ପ୍ରତିକାର କରିବା ଆସନ୍ତୁ ଜାଣିବା...***

ବର୍ଷା ଋତୁର ଶିଶୁମାନଙ୍କ ପ୍ରଧାନ ରୋଗ ମାନଙ୍କ ମଧ୍ୟରୁ ଥଣ୍ଡା ବା ସର୍ଦ୍ଦି ରୋଗ ପ୍ରଧାନ । ଏହାପ୍ରାୟ ଦୁଇଶହ ପ୍ରକାରର ଭୂତାଣୁ ହେତୁ ହୋଇଥାଏ । ସେମାନଙ୍କ ମଧ୍ୟରୁ ରାଇନୋଭାଇରସ୍ ପ୍ରଧାନ । ଇନ୍‌ଫ୍ଲୁଏଞ୍ଜା ଭାଇରସ୍ ମଧ ଏହି ସମୟରେ ଦେଖାଯାଇଥାଏ । ଏହି ଭୂତାଣୁ ନିଶ୍ୱାସ ପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ । ଗେହ୍ଲା କରିବା ଫଳରେ, ଏକା ରୁମାଲରେ ମୁହଁ ପୋଛିବା ଫଳରେ, ଗୋଟିଏ କୋଠରିରେ ରହିବା ଫଳରେ ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଡେଇଁଥାଏ । ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନଥିବାରୁ ଶିଶୁମାନଙ୍କୁ ରୋଗ ଅଧିକ ଦିନ ରହିବା ସହିତ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ । ଥଣ୍ଡା ପରେ ଶ୍ୱାସ, କାନପଚା, ନିଉମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ । ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣିବାହାରେ, କାଶ, ତଣ୍ଟିଘା, ଦେହ ହାତ ବ୍ୟଥା ଓ ଭୋକ ହୋଇନଥାଏ ଜ୍ୱର ମଧ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ ।

ରୋଗ ସଂକ୍ରମଣର ୧୬ଘଣ୍ଟା ପରେ ଦେହ ହାତ ବିନ୍ଧା ହୋଇଥାଏ । ଦୁଇଦିନ ପରେ ନାକରୁ ପାଣି ବାହାରି ଛିଙ୍କ କାଶ ହୋଇଥାଏ । ସାତରୁ ଦଶ ଦିନ ମଧ୍ୟରେ ମନକୁ ମନ ରୋଗ ଭଲ ହୋଇଯାଏ । ସମୟ ସମୟରେ କାଶ ୨୧ରୁ ୨୫ ଦିନ ପର୍ଯ୍ୟନ୍ତ ରହିଥାଏ । ଯେହେତୁ ଥଣ୍ଡା ରୋଗଟି ଭୂତାଣୁ ଜନିତ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ । ଜ୍ୱର, ଦେହ ବ୍ୟଥା ପାଇଁ, ଔଷଧ ଦେବା ଉଚିତ । ଭିଟାମିନ ସିର ବିଶେଷ ଭାବରେ ଉପକାରୀ । ଆଣ୍ଟିବାଓଟିକ୍‌ର ବ୍ୟବହାର ଫଳରେ କୌଣସି ଉପକାର ମିଳିନଥାଏ । ଇନ୍‌ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ । ଯାହାକି ଜୀବନପ୍ରତି ବିପଦ ସୃଷ୍ଟି କରିଥାଏ ।

**ପ୍ରତିଷେଧକ :** ଥଣ୍ଡା ଓ ଇନ୍‌ଫ୍ଲୁଏଞ୍ଜାରୁ ରକ୍ଷା ପାଇବା ପାଇଁ ଶିଶୁକୁ ଥଣ୍ଡା ରୋଗୀ ଠାରୁ ଦୂରେଇ ରଖନ୍ତୁ । ତାର ମୁଖରେ ଚୁମା ଦେବା, ଓ ତାର ମୁଖ, ଗାଲ ଇତ୍ୟାଦି ଛୁଇଁବା ଅନୁଚିତ, ମାଙ୍କୁ ଥଣ୍ଡା ହୋଇଥିଲେ ମା' ମାସ୍କ ବ୍ୟବହାର କରିବା ଉଚିତ । ଅବଶ୍ୟ ମାର କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।

ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରକୋପ ବୃଦ୍ଧି ହୋଇଥାଏ । ଔଷଧ ଛଡ଼ା ମଶାରୀର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ବ୍ୟବହାର ମ୍ୟାଲେରିଆରୁ ରକ୍ଷା କରିଥାଏ । ମଶା ଧୂପ, ଓ ଲିକ୍ୟୁଏଡଟର ମଶାକ୍ରିମ ଓ ତେଲ ମଧ ବ୍ୟବହାର କରାଯାଇପାରେ । ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ । ଏହାଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମୀ ରୋଗ, ଟାଇଫଏଡ୍, ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ ।



**ପ୍ରତିକାର :** ବର୍ଷା ଋତୁରେ ଶିଶୁମାନଙ୍କ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଅତି ଦରକାର । ନିଜର ହାତ, ବାସନକୁସନ, ସାବୁନ ଦ୍ୱାରା ସଫା କରିବା ଉଚିତ । ବର୍ଷାରେ ଓଦା ହେବା ପରେ କିମ୍ବା ବାହାର ନର୍ଦ୍ଦମା ପାଣି ମଧ୍ୟରେ ଓଦା ହୋଇ ଆସିବାପରେ, ସଫା ହୋଇ ଗାଧୋଇବା ସଫାସୁତୁରା ରହିବା ଦରକାର, ଖାଇବାକୁ ଦେବା ପୂର୍ବରୁ ଗରମ ପାଣିରେ ବାସନ ଧୋଇବା ଉଚିତ । ମାଛି ପ୍ରତି ସତର୍କତା ଗ୍ରହଣ କରିବା ଉଚିତ । ମଶାରୀ ବ୍ୟବହାର, ଫୁଟା ପାଣି ବ୍ୟବହାର କରିବା ଜରୁରୀ । ସବୁଜ ପନିପରିବା ଖାଇବା ଓ ଅଧିକ ବିଶୁଦ୍ଧ ଜଳ ପାନ କରିବା ଉଚିତ ।

***ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ***
***ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ***
***ଫକୀରମୋହନ ମେଡ଼ିକାଲ କଲେଜ,***
***ବାଲେଶ୍ୱର, ମୋ-: ୯୪୩୭୧୨୪୦୭୪***

# ଏମାନଙ୍କ ପାଇଁ ହାନିକାରକ ଆଲମଣ୍ଡ



***ଆଲମଣ୍ଡ ଖାଇବା ଦ୍ୱାରା ଶରୀରକୁ ସମ୍ପୂର୍ଣ୍ଣ ଫିଟ୍ ରଖେ । ଏଥିରେ ପ୍ରୋଟିନ୍, ଭିଟାମିନ୍, ଓମେଗା ୩ ଫ୍ୟାଟି ଏସିଡ୍, କ୍ୟାଲସିୟମ୍ ଥାଏ । ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ହୃଦ୍ ରୋଗ ସହିତ ଅନେକ ରୋଗ ଭଲ ହୋଇପାରିବ । କିନ୍ତୁ ଆପଣ ଜାଣନ୍ତି କି କିଛି ଲୋକଙ୍କ ପାଇଁ ଆଲମଣ୍ଡ ବିଷ ପରି । ଆସନ୍ତୁ ଜାଣିବା କେଉଁ ଲୋକମାନେ ଆଲମଣ୍ଡ ଖାଇବାଠୁ ଦୂରେଇ ରହିବେ...***

- ଆଲମଣ୍ଡ ଖାଇବା ଦ୍ୱାରା ଆପଣଙ୍କ ହୃଦୟ ସୁସ୍ଥ ରହିଥାଏ ଏବଂ ଅନେକ ରୋଗ ଦୂରେଇ ହୋଇଯାଏ । କିଛି ଲୋକ ଆଲମଣ୍ଡ ଖାଇବା ଠାରୁ ଦୂରରେ ରହିବା ଉଚିତ୍ । ଯେଉଁମାନଙ୍କର ଷ୍ଟୋନ୍ ସମସ୍ୟା ଅଛି ସେମାନେ ଆଲମଣ୍ଡଠାରୁ ଦୂରରେ ରହିବା ଉଚିତ୍ ।
- ଯଦି ଆପଣ ଆଲମଣ୍ଡ ଅଧିକ ମାତ୍ରାରେ ଖାଆନ୍ତି ତେବେ ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବାରେ ଆପଣ ଅନେକ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ତେଣୁ ଆପଣ ଦିନରେ ମାତ୍ର ୨ଟି ଆଲମଣ୍ଡ ଖାଇବା ଉଚିତ୍ ।
- ସବୁବେଳେ ଗ୍ୟାସରେ ପୀଡିତ ଲୋକମାନେ ମଧ ଏହାର ବ୍ୟବହାରରୁ ଦୂରେଇ ରହିବା ଉଚିତ୍ । ଏହି କାରଣରୁ ଆପଣଙ୍କ ସମସ୍ୟା ଆହୁରି ବଢ଼ିପାରେ ।
- ଏହାର ଅତ୍ୟଧିକ ବ୍ୟବହାର ପେଟରେ ଗ୍ୟାସ ସମସ୍ୟା ଏବଂ ବାନ୍ତି ସହ ଝାଡ଼ା ଭଳି ସମସ୍ୟା ସୃଷ୍ଟି କରିବ । ଯେଉଁମାନଙ୍କର ପେଟ ଖରାପ ରହିଥାଏ ସେମାନେ ଏହାକୁ ଖାଇବା ଉଚିତ୍ ନୁହେଁ ।
- ଯେଉଁମାନଙ୍କର ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହେଉଛି, ସେମାନେ ଏହାକୁ ଖାଇବା ଉଚିତ୍ ନୁହେଁ । ବାଦାମରେ ହାଇଡ୍ରୋସିୟାନିକ୍ ଏସିଡ୍ ଥାଏ ଯାହା ଶ୍ୱାସକ୍ରିୟା ରୋଗୀଙ୍କ ପାଇଁ ବିପଜ୍ଜନକ ।

# ଇନ୍‌ଷ୍ଟାରୁ ଫଟୋ ହଟାଇ ଚର୍ଚ୍ଚାରେ ରଣବୀର

ଚର୍ଚ୍ଚାରେ ବଲିଉଡ୍ ଅଭିନେତା ରଣବୀର ସିଂହ । ନିଜର ଅଜବ ଡ୍ରେସିଂ ଷ୍ଟାଇଲ୍‌ସହ ଅଭିନୟକୁ ନେଇ ଲୋକପ୍ରିୟତା ହାସଲ କରିଥିବା ଏହି ଅଭିନେତା ବଡ଼ ପଦକ୍ଷେପ ନେଇଛନ୍ତି । ସେ ତାଙ୍କ ଇନଷ୍ଟାଗ୍ରାମରୁ ସମସ୍ତ ପୋଷ୍ଟଗୁଡ଼ିକ ହଟାଇ ଦେଇଛନ୍ତି । ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ ତାଙ୍କର ଏଭଳି ନିଷ୍ପତ୍ତି ସମସ୍ତଙ୍କୁ ଚମକାଇଦେଇଛି । ଜୁଲାଇ ୬ ହେଉଛି ରଣବୀରଙ୍କ ଜନ୍ମଦିନ । ସେନିଜର ୪୦ତମ ଜନ୍ମଦିନ ପାଳନକରିବାକୁ ଯାଉଛନ୍ତି । ପ୍ରଶଂସକ ଏଥିଲାଗି ବେଶ ଉତ୍ସାହିତ ଥିବା ବେଳେ ଗୋଟିଏ ଦିନ ପୂର୍ବରୁ ରଣବୀରଙ୍କ ନିଷ୍ପତ୍ତି ଚକିତ କରିଛି । କେବଳ ଏତିକି ନୁହେଁ ରଣବୀର ନିଜର ପ୍ରୋଫାଇଲ ଫଟୋ ହଟାଇ ବ୍ଲାକ୍ କଲର ଅପ୍‌ଡେଟ୍ କରିଦେଇଛନ୍ତି । ସମସ୍ତ ପୋଷ୍ଟ ଡିଲିଟ କରିବା ସହିତ, ରଣବୀର ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ପୋଷ୍ଟ କରିଛନ୍ତି । ସେ ଏକ କ୍ରସ ସୋର୍ଡ ଇମୋଜି ପୋଷ୍ଟ କରିଛନ୍ତି ଏବଂ ତା ସହିତ ୧୨:୧୨ ଲେଖିଛନ୍ତି । ଏବେ ସେ ସମସ୍ତ ପୋଷ୍ଟ କାହିଁକି ଡିଲିଟ କଲେ ଏହି ୧୨:୧୨ ଏବଂ ସୋର୍ଡ ଇମୋଜିର ଅର୍ଥ କ'ଣ ? ଏହା ବିଷୟରେ କେବଳ ରଣବୀର ହିଁ ଭଲ ଭାବରେ କହିପାରିବେ । ତଥାପି, ଏହା ମଧ ବିଶ୍ୱାସ କରାଯାଉଛି ଯେ ଏପରି କରିବା ପଛରେ ତାଙ୍କର ଆଗାମୀ ଫିଲ୍ମ 'ଧୁରନ୍ଧର' ସହ ଜଡିତ ହୋଇପାରେ । ଏବେ ରଣବୀରଙ୍କ ପୋଷ୍ଟ ହଟାଇବାର କାରଣ ଏହି ଫିଲ୍ମ ସହିତ ଜଡିତ କି ନାହିଁ, ତାହା ଆଗାମୀ ସମୟରେ ହିଁ ଜଣାପଡିବ । 'ଧୁରନ୍ଧର'ରେ ରଣବୀର ସିଂହଙ୍କ ସହିତ ସଞ୍ଜୟ ଦତ୍ତ, ଅର୍ଜୁନ ରାମପାଲ, ସଞ୍ଜୟ ଦତ୍ତ ଏବଂ ଆର. ମାଧବନ ମଧ ନଜର ଆସିବେ । ଏହି ଫିଲ୍ମରେ ରଣବୀର ଜଣେ ଭାରତୀୟ ଗୁପ୍ତଚର ଏଜେଣ୍ଟ ଭୂମିକାରେ ନଜର ଆସିବେ ।





# ୫୦ କୋଟିର ମାଲିକାଣୀ ଫିଲ୍ମ 'ରାମାୟଣ'ର ସୀତା

ଏବେ ଉଭୟ ବଲିଉଡ ଓ ସାଉଥ୍ ଷ୍ଟାର ପରସ୍ପର ସହ କାମ କରିବା ଆରମ୍ଭ କରିଛନ୍ତି । ବଲିଉଡ ତାରକାମାନେ ସାଉଥ୍ ଫିଲ୍ମରେ କାମ କରୁଥିବା ବେଳେ ସାଉଥ୍ ଷ୍ଟାରମାନେ ବଲିଉଡରେ ଡେବ୍ୟୁ କରିଛନ୍ତି । ନୟନତାରା, ବିଜୟ ସେଥୁପତି, ରାମଚରଣ, ଜୁନିୟର ଏନଟିଆର, କାଜଲ ଅଗ୍ରଲୱାଲ, ତାପସୀ ପନ୍ନୁ, କିଆରା ଆଡଭାନୀ, ପ୍ରଭାସଙ୍କ ଭଳି କଳାକାର ବଲିଉଡରେ ଡେବ୍ୟୁ କରିସାରିଥିବା ବେଳେ ଏବେ ଆଉ ଜଣେ ଲୋକପ୍ରିୟ ଅଭିନେତ୍ରୀ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି । ପୌ ?ରାଣିକ ଚଳଚ୍ଚିତ୍ର ରାମାୟଣରେ ମାତା ସୀତାଙ୍କ ଭୂମିକାରେ ଅଭିନୟ କରିବା ପାଇଁ ସାଇ ପଲ୍ଲବୀଙ୍କୁ କାଷ୍ଟ କରାଯାଇଥିବା ବେଳେ ଏହି ଫିଲ୍ମ ପାଇଁ ସେ ନିଜ ପାରିଶ୍ରମିକ ଦ୍ୱିଗୁଣ କରିଥିବା ଜଣାପଡ଼ିଛି । ଫିଲ୍ମ ପାଇଁ ସେ ୧୦କୋଟି ନେଇଥିବା ସାମ୍ନାକୁ ଆସିଛି । ବର୍ଦ୍ଧିତ ପାରିଶ୍ରମିକ ସହ ଏବେ ଅଭିନେତ୍ରୀଙ୍କ ମୋଟ ସମ୍ପତ୍ତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସାଇ ପଲ୍ଲବୀଙ୍କ ମୋଟ ସମ୍ପତ୍ତି ପ୍ରାୟ ୫୦କୋଟି ଟଙ୍କା । ସେ ମାଲାୟାଲମ୍, ତେଲୁଗୁ ଏବଂ ତାମିଲ ସିନେମାରେ କାମ କରି ଟଙ୍କା ଆୟ କରନ୍ତି । ଏହା ସହ ସେ କିଛି ବ୍ରାଣ୍ଡ୍ ଏଣ୍ଡୋର୍ସମେଣ୍ଟ ମଧ କରନ୍ତି । ସାଇ ନିକଟରେ ଅନେକ ମେକଅପ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟକୁ ପ୍ରତ୍ୟାଖ୍ୟାନ କରିଥିବାରୁ ଚର୍ଚ୍ଚାରେ ରହିଥିଲେ । ଯଦି ଆମେ ତାଙ୍କ କାର୍ କଲେକ୍ସନ ଦେଖିବା ତେବେ ତାଙ୍କ ପାଖରେ ମିତସୁବିସି ଲାନ୍ସର ଇଭୋ ଏକ୍ସ ଓ ଅଡି କ୍ୟୁ ୩ କାର୍ ରହିଛି ।

## 'କାଣ୍ଟା ଲଗା' ଗୀତକୁ ନେଇ ଭଡ଼କିଲେ ସୋନା



ନିକଟରେ 'କାଣ୍ଟା ଲଗା' ଗର୍ଲ ଶେଫାଲି ଜରିୱାଲାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା । ତାଙ୍କ ନିଧନ ପରେ ଏହି ଗୀତର ନିର୍ମାତା ରାଧିକା ରାଓ ଓ ବିନୟ ସପ୍ରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କହିଲେ, ସେମାନେ 'କାଣ୍ଟା ଲଗା' ଗୀତକୁ ସବୁଦିନ ପାଇଁ ଅବସର ଦେଉଛନ୍ତି । କଦାପି ଏହାର ରିମେକ୍ ହେବ ନାହିଁ । ନିର୍ମାତାଙ୍କର ଏହି ନିଷ୍ପତ୍ତିକୁ ଗାୟିକା ସୋନା ମହାପାତ୍ର ବିରୋଧ କରିଛନ୍ତି । ସେ ନାଁ ନ ନେଇ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏଥିପାଇଁ ଉଭୟଙ୍କୁ ସମାଲୋଚନା କରିଛନ୍ତି । ନିଜ ଇନ୍‌ଷ୍ଟା ଷ୍ଟୋରୀରେ ସୋନା ଲେଖିଛନ୍ତି 'ଗୀତର ୩ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅର୍ଥାତ୍ କମ୍ପୋଜର, ଗୀତିକାର ଓ ଗାୟିକା ହେଉଛନ୍ତି ଆର୍‌ଡି ବର୍ମନ, ମଜରୁହ ସୁଲତାନପୁରୀ ଓ ଲତା ମଙ୍ଗେଶକର । କିନ୍ତୁ ନିଜକୁ ନିର୍ମାତା କହୁଥିବା ଲୋକେ ଏହି ଗୀତକୁ ଅବସର ଦେଇଦେଲେ । ଜଣଙ୍କ ମୃତ୍ୟୁରୁ ଲୋକପ୍ରିୟତା ପାଇବାକୁ ଏହା ଏକ ପ୍ରୟାସ । ଦୁଇଜଣ ବ୍ୟକ୍ତି ଜଣେ ୧୯ ବର୍ଷୀୟା ଝିଅ ସହ ରିମିକ୍ସ କରି ଏକ ବେକାର ଗୀତ ପ୍ରସ୍ତୁତ କଲେ । (ନିଶ୍ଚିତ ଭାବେ ଏହା ପୂର୍ବରୁ ସେମାନେ କିମ୍ବଦନ୍ତୀ ବ୍ୟକ୍ତିବିଶେଷଙ୍କଠୁ ଅନୁମତି ନେଇନଥିବେ ।) ୪୨ ବର୍ଷୀୟା ମହିଳାଙ୍କ ଆତ୍ମାକୁ ଶାନ୍ତି ମିଳୁ, କିନ୍ତୁ ଧରୋହରର କ'ଣ ହେବ ? ଉଲ୍ଲେଖଯୋଗ୍ୟ, ରାଧିକା ରାଓ ଓ ବିନୟ ସପ୍ରୁ ଗତ ୩ ତାରିଖରେ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଶେଫାଳିଙ୍କ ସ୍ମୃତିରେ ଏକ ପୋଷ୍ଟ୍ ସେୟାର କରିଥିଲେ । ଏଥିରେ ସେମାନେ ଲେଖିଥିଲେ 'କାଲି ପ୍ରାର୍ଥନା ସଭା ଥିଲା । ଶେଫାଲି ସର୍ବଦା କହୁଥିଲେ ଯେ ସେ ଏକମାତ୍ର 'କାଣ୍ଟା ଲଗା' ଗର୍ଲ ହେବାକୁ ଚାହାଁନ୍ତି । ସେଥିପାଇଁ ଆମେ କେବେ ବି ଏହାର ସିକ୍ୱେଲ ପ୍ରସ୍ତୁତ କଲୁନାହିଁ କିମ୍ବା କଦାପି କରିବୁ ନାହିଁ । ଆମେ 'କାଣ୍ଟା ଲଗା'କୁ ସବୁଦିନ ପାଇଁ ଅବସର ଦେଉଛୁ । ଏହି ଗୀତ ସର୍ବଦା ଶେଫାଲିଙ୍କର ଥିଲା ଏବଂ ତାଙ୍କର ହିଁ ରହିବ ।'

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
**ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ଗ୍ରାମଣୀ ଜନବିକାଶ ଯୋଜନାରେ ଧରଣୀଧର ବିଶ୍ୱବିଦ୍ୟାଳୟ,ଦକ୍ଷିଣ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ତାଲିମ ଶିବିରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନସିସି କ୍ୟାଡେଟମାନଙ୍କର ରକ୍ତଚାପ, ରକ୍ତଶର୍କରା, ଓଜନ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ପର୍କୀତ ପରୀକ୍ଷା ଅଭିଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଏହି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ରାଷ୍ଟ୍ରୀୟ ଗ୍ରାମଣୀ ଜନବିକାଶ ଯୋଜନାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ କୁମାର ନାୟକ, ରାଜ୍ୟ ପ୍ରକଳ୍ପ ଅପରେସନ ମୁଖ୍ୟ ସିନିଆ ଦିଗାଲ, ଜୋନାଲ ମ୍ୟାନେଜର ମନୋରଞ୍ଜନ ପାତ୍ର, କେନ୍ଦୁଝର ଜିଲ୍ଲା ମୁଖ୍ୟ ରବୀନ୍ଦ୍ରନାଥ ମହାନ୍ତ, ଜିଲ୍ଲା ସଂଯୋଜକ ଧିରଜ କୁମାର ମହାନ୍ତ, ଆଇନ ପରାମର୍ଶଦାତା ରାଜୀବ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିବାବେଳେ ଅଭିଜ୍ଞ ଡାକ୍ତର ଶରତ କୁମାର ନାୟକ, ସହଯୋଗୀ ଗୋପିନାଥ ମହାପାତ୍ର, ଫାର୍ମାସିଷ୍ଟ ମିଥୁନ ଚକ୍ରବର୍ତ୍ତୀ, ତୃଡଙ୍ଗ ନାୟକ, ବ୍ଲକ ସଂଯୋଜକ ବିଦ୍ୟାଧର ହେମ୍ବ୍ରମ, ଷ୍ଟାଫ ନର୍ସ ଅନୀତା ମହାନ୍ତ ଓ ନିହାରିକା ମହାନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏନସିସିର ବରିଷ୍ଠ ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀମାନେ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଅନାହାରରେ ବିହାରୀ ଲାଲ

# ପ୍ରଶାସନ ଶୁଣୁନି ଗୁହାରି

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ରାଜ୍ୟରେ କାହାରିକୁ ଅନାହାରରେ ମରିବାକୁ ଦିଆଯିବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ଏହାର ଏକ ବ୍ୟତିକ୍ରମ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଅନାହାରରେ ଜଣେ ବାବା ଦିନ କାଟୁଥିବାର ଅଭିଯୋଗ ହୋଇଛି। ତାଙ୍କର ଗୁହାରୀ ପ୍ରଶାସନ ଶୁଣୁନଥିବାର ଅଭିଯୋଗ ହୋଇଛି। ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମା ଠାରୁ ମାତ୍ର ଏକ କିମି ଦୂରରେ ବୁହାଲୋ ଗ୍ରାମପଂଚାୟତ ଅବସ୍ଥିତ। ଏହି ବୁହାଲୋ ଗ୍ରାମର ବିହାରୀ ଲାଲ ଶତପଥି (କୁଞ୍ଜ ବାବା) ଜଣେ ଅସହାୟ ବ୍ୟକ୍ତି ଅଟନ୍ତି। ଏହି ବ୍ଲକ ଅଞ୍ଚଳରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଆବାସ ଯୋଜନାରେ ଗୃହ ଓ ରାସନ କାର୍ଡ ହାତେଇଥିବାର ନଜିର ରହିଛି। ମାତ୍ର ବିହାରୀ ଲାଲଙ୍କ ପାଇଁ ସମସ୍ତ ସରକାରୀ ଯୋଜନା ସାତ ସପନ ପାଲଟିଥିବାର ଅଭିଯୋଗ ହୋଇଛି। ବିହାରୀ ଲାଲ ଏବେ ୭୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ବିହାରୀ ଲାଲ ଅବିବାହିତ ଥିବା କାରଣରୁ ତାଙ୍କର ହାନୀ ଲାଭ ବୁଝିବା ନିମନ୍ତେ କୌଣସି ପୋଷଣାହାରୀ ପୁତ୍ର କିମ୍ବା କନ୍ୟା ନାହାନ୍ତି। ତାଙ୍କ ନାମରେ ରହିଥିବା ଜମିକୁ କେତେକ



ପ୍ରଭାବଶାଳୀ ସମ୍ପର୍କୀୟ ଜବରଦଖଲ କରିଥିବା କାରଣରୁ ବିହାରୀ ଲାଲ ଏବେ ଦାଣ୍ଡର ଭିକାରୀ ପାଲଟିଯାଇଛନ୍ତି। ତାଙ୍କର ଶେଷ ଆଶ୍ରୟସ୍ଥଳୀ ସ୍ଥାନୀୟ ମାଗୁଣୀ ବାବା ମଠ ପାଲଟିଛି। ଏହି ମଠରେ ଥିବା ଏକ ଛୋଟିଆ କୁଡିଆ ଘରେ ବିହାରୀ ଲାଲ ମୁଣ୍ଡ ଗୁଞ୍ଜି ଆସୁଥିଲେ। କିନ୍ତୁ ଆର୍ଥୀକ ଅନାଟନ ହେତୁ ଚଳିତ ବର୍ଷ ଏହି କୁଡିଆ ଘରଟି ଛାଉଣୀ ହୋଇପାରିନଥିଲା। ଫଳରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ତାଙ୍କର ଏହି କୁଡିଆ ଘରଟି ସମ୍ପୂର୍ଣ୍ଣ ମାଟିରେ ମିଶି ଯାଇଛି। ମୁଣ୍ଡ ଗୁଞ୍ଜିବା ନିମନ୍ତେ ବିହାରୀ ଲାଲ ଏବେ ବାରଦ୍ୱାର ହେଉଛନ୍ତି। ଏପରିକି ସ୍ଥାନୀୟ ଅଞ୍ଚଳବାସୀ ଓ ବଦାନ୍ୟ ବ୍ୟକ୍ତିମାନେ କେତେବେଳେ କେମିତି ଗଣ୍ଡାଏ ଖାଦ୍ୟ ବିହାରୀ ଲାଲଙ୍କୁ ଦେଇଥାନ୍ତି। ଏହି ଖାଦ୍ୟରେ ଗଣ୍ଡେ ଖାଇ ବିହାରୀ ଲାଲ ଦଣ୍ଡେ ବଞ୍ଚିଛନ୍ତି। ଏପରିକି ବାର୍ଦ୍ଧକ୍ୟରେ ଉପନିତ ହୋଇଥିବା କାରଣରୁ ବିହାରୀ ଲାଲ କୌଣସି ସ୍ଥାନକୁ ଭିକ୍ଷାକରିବା ପାଇଁ ଯାଇଆସି ପାରୁନାହାନ୍ତି। ଏପରିକି ପଥି ଖାଇବା ନିମନ୍ତେ ତାଙ୍କ ପାଖରେ କୌଣସି ଅର୍ଥ ନାହିଁ। ଫଳରେ ରୋଗରେ ଘାଂଟି ହେଉଛନ୍ତି ବିହାରୀ ଲାଲ। ତାଙ୍କୁ ଗୋଟିଏ ଆବାସ ଯୋଜନାରେ ଗୃହ ଯୋଗାଇଦେବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା, ସର୍ବୋପରି ରାସନକାର୍ଡ ଯୋଗାଇ ଦେବା ନିମନ୍ତେ ବିହାରୀ ଲାଲ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଏକାନ୍ତ ଅନୁଗତ ତଥା ସ୍ଥାନୀୟ ଶାସକ ଦଳ କୁଜି ନେତାଙ୍କ ଠାରୁ ଆରମ୍ଭ କରି ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଗୁହାରୀ କରିଆସୁଛନ୍ତି। ମାତ୍ର ତାଙ୍କର ଏହି ଗୁହାରୀ ସର୍ବୋପରି ଆବେଦନ ନିବେଦନ ପ୍ରଶାସନର ନାଲି ଫାଇଲ ତଳେ ଚାପି ହୋଇ ରହିଯାଇଛି। ଏପରିକି ଜଣେ ବରିଷ୍ଠ ନାଗରିକ ହିସାବରେ ବିହାରୀ ଲାଲ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇଥିବାର ଅଭିଯୋଗ ହୋଇଛି। ତାଙ୍କ ନାମରେ ରାସନକାର୍ଡ ନଥିବା କାରଣରୁ ଖାଦ୍ୟ ସାମଗ୍ରୀ ପାଇପାରୁ ନାହାନ୍ତି। ଏପରିକି ବାର୍ଦ୍ଧକ୍ୟ ପାଇବାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ମୁଣ୍ଡ ଗୁଞ୍ଜିବା ନିମନ୍ତେ ମଧ୍ୟ ଆବାସ ଯୋଜନାରେ ଗୃହ ପାଇପାରିନାହାନ୍ତି। ତେବେ ଜଣେ ସ୍ୱାଧିନ ନାଗରିକ ତାର ସମସ୍ତ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେବା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ଦୀର୍ଘ ଦିନ ହେଲା ବିହାରୀ ଲାଲ ଅନାହାରରେ କାଳାତିପାତ କରୁଛନ୍ତି। ତାଙ୍କର ଅନାହାର ଜନିତ ମୃତ୍ୟୁ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ରାଜସ୍ୱ ମନ୍ତ୍ରୀ ସର୍ବୋପରି କଟକ ଜିଲ୍ଲାପାଳ ବିହାରୀ ଲାଲର ପ୍ରକୃତ ଅବସ୍ଥା ହୃଦୟଙ୍ଗମ କରି ତୁରନ୍ତ ସରକାରୀ ସହାୟତା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦୃଢ ଦାବି ହୋଇଛି। ତେବେ ପ୍ରଶାସନ ତରଫରୁ କେବେ ଓ କିପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ତିହିଡ଼ି ସମିତିରେ ଜିଲାସ୍ତରୀୟ ସାଧନା ଶିବିର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଶ୍ରୀ ସତ୍ୟସାଇ ସେବା ସମିତି ପରିସରରେ ଭଦ୍ରକ ଜିଲ୍ଲା-୧ ସ୍ତରୀୟ ସାଧନା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଭଦ୍ରକ-୧ ସାଇଜିଲ୍ଲାର ସଭାପତି ଡା. ରଞ୍ଜିତ୍ ଖଟୁଆ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସନାତନ ଧର୍ମ, ଶ୍ରୀମଦ ଭଗବତ ଗୀତା, ଭଜଗୋବିନ୍ଦମ୍, ବୃକ୍ଷ ହିଁ ଜୀବନ, ସବୁ ଧର୍ମକୁ ଭଲପାଇବା, ମାନବ ସେବା ହିଁ ମାଧବ ସେବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ୧୦୦ ତମ ଜନ୍ମ ବାର୍ଷିକ ଆଗାମୀ ନଭେମ୍ବର ୨୦୨୫ରେ ପାଳନ କରାଯାଉଥିବାରୁ ଶ୍ରୀ ସତ୍ୟସାଇ ବାବାଙ୍କର ଜନକଲ୍ୟାଣ ଉଦ୍ଦେଶ୍ୟରେ ସମସ୍ତ କାର୍ଯ୍ୟ ସଂଗଠନ ତରଫରୁ ଉପରୋକ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଉକ୍ତ ଶିବିରରେ ବିଜୟ କୁମାର ପତି, ପୂର୍ଣ୍ଣଚନ୍ଦ୍ର ସେଠୀ, ବାଦଲ ମହାପାତ୍ର, ସୁବାସ ବେହେରା, ସାଇଶୁଭମ୍ ମିଶ୍ର, ଜୟଚନ୍ଦ୍ର ବେହେରା, ପୁଷ୍ପାଞ୍ଜଳି ମିଶ୍ର,



ଭାନୁମତି ମାଟିଆ, ଲିପିକା ବେହେରା, ସସ୍ମିତା ପଣ୍ଡାଙ୍କ ପ୍ରମୁଖ ଜିଲା ସଂଯୋଜକ ମାନେ ଯୋଗ ଦେଇ ଆଲୋଚନା କରିଥିଲେ। ଶ୍ରୀ ସତ୍ୟସାଇ ବିଦ୍ୟା ବିହାର, ଭଦ୍ରକର ସମ୍ପାଦକ ପାର୍ଥସାରଥି ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ତିହିଡ଼ି ସମିତିର ଆବାହକ ସଂଜୟ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାଧନା ଶିବିରରେ ତିହିଡ଼ି ସେବା ସମିତି, ପୀରହାଟ ଭଜନ ମଣ୍ଡଳୀ, ସାହାପୁର ସେବାଗ୍ରୁପ, ସୟା, ମହରମପୁର, ମଙ୍ଗଳପୁର, ଲକ୍ଷ୍ମୀପ୍ରସାଦ ସେବା ଗ୍ରୁପ୍‌ର ଆବାହକ ଓ ସକ୍ରିୟ କର୍ମୀମାନେ ଅଂଶଗ୍ରହଣ କରିଥିଲେ। ତିହିଡ଼ି ସମିତିର ହିମାଂଶୁ ଭଟ୍ଟାଚାର୍ଯ୍ୟ, ଦେବକିଶୋର ଦାସ, ରମାକାନ୍ତ ନାଥ, ପ୍ରଭାତ ରାଉଳ, ନିରାକାର ପ୍ରଧାନ, ଚିତ୍ତରଂଜନ ବାରିକ, ରାଜକିଶୋର ଜେନା, ଏଲି ଭଟ୍ଟାଚାର୍ଯ୍ୟ, ମଞ୍ଜୁଳା ବାରିକ, ସନ୍ଧ୍ୟାରାଣୀ ରାଉଳ, ପାର୍ବତୀ ଜେନା, ରବିନ୍ଦ୍ର ଦାସ, ଚଉରଂଜନ ବାରିକ, ବାସନ୍ତୀ ମଲ୍ଲିକ, ଲକ୍ଷ୍ମୀଧର ବଳ, ସୁରେନ୍ଦ୍ର ଡାଙ୍ଗୁଆ, ମାଗୁଣି ନାୟକ, ନାଗାର୍ଜୁନ ମହାଳିକ, ଅନାଦି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୯ରେ ଦେଶବ୍ୟାପୀ ହରତାଳ ପାଇଁ ଏଆଇଟିୟୁସିର ବୈଠକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଶ୍ରମିକ ଶ୍ରେଣୀ, କୃଷକ, ଯୁବ, ଛାତ୍ର ସ୍ୱାର୍ଥ ବିରୋଧୀ ନୀତି ଦେଶର ସଂଖ୍ୟାଗରିଷ୍ଠ ଜନଗଣଙ୍କ ଜୀବନଧାରଣକୁ ଦୁର୍ବିସହ କରାଇଥିବାରୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେଶନ ମାନଙ୍କ ସଂଯୁକ୍ତ ମୋର୍ଚ୍ଚା ଆହ୍ୱାନ କ୍ରମେ ଜୁଲାଇ ୯ ଦେଶବ୍ୟାପୀ ହରତାଳ ଓ ସାଧାରଣ ଧର୍ମଘଟ ସଫଳତା ପାଇଁ ରବିବାର ପୂର୍ବାହ୍ନରେ ଏଆଇଟିୟୁସି ଗଜପତି ଜିଲ୍ଲା କମିଟି ବୈଠକ ଗଜପତି ଜିଲ୍ଲା ମୋଟର କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସସ୍ମିତା ବଡରଯିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ନରସିଂହ ମାଲ ବିଶୋୟୀ ବିବରଣୀ ଉପସ୍ଥାପନ କଲା ପରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଉଦବୋଧନ ଦେଇ ବିଜେପିର ନରେନ୍ଦ୍ର ମୋଦିଙ୍କ ସରକାର ଗତ ୨୦୧୪ରୁ ଏପର୍ଯ୍ୟନ୍ତ ଶାସନ କାଳରେ ଶ୍ରମିକ ଶ୍ରେଣୀକୁ ମଧ୍ୟଯୁଗୀୟ କ୍ରୀତଦାସରେ ପରିଣତ କରେଇବାର ହୀନ ଷଡ଼ଯନ୍ତ୍ର କରିଛନ୍ତ। ଏହି ପରିପ୍ରେକ୍ଷୀରେ ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧୀ ୪ ଶ୍ରମ କୋଡ଼ ରଦ୍ଦ, ଆଶା, ଅଙ୍ଗନୱାଡ଼ି, ପାଚିକା ସହାୟିକା, ଉଦ୍ୟାନ ସାଥୀ, ଗ୍ରାମ ପଞ୍ଚାୟତ କର୍ମଚାରୀ ସମେତ ମିଶନ ଶକ୍ତି ଓ ଜୀବିକା ମିଶନ ଇସି କର୍ମଚାରୀଙ୍କୁ ୱାର୍କର ମାନ୍ୟତା ପ୍ରଦାନ, ତୁରନ୍ତ ଭାରତୀୟ ଶ୍ରମ ସମ୍ମିଳନୀ ଆହ୍ୱାନ କରି ଦେଶର ଶ୍ରମିକ ଶ୍ରେଣୀର ସମସ୍ୟା ସମାଧାନ, ଶ୍ରମିକଙ୍କ ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ପ୍ରଦାନ, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ, ପୁରୁଣା ପେନସନ ସ୍କିମ୍ ପୁନର୍ବାହାଲ, ଇପିଏଫ୍ ସର୍ବନିମ୍ନ ପେନସନ ହାର ମାସିକ ୯ ହଜାର ଟଙ୍କା, ଦରଦାମ ବୃଦ୍ଧି ବନ୍ଦ, ସରକାରଙ୍କ ପ୍ରତିଶ୍ରୁତି ଭିତ୍ତିରେ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ ଇତ୍ୟାଦି ଦାବିରେ ଜୁଲାଇ ୯ ତାରିଖରେ ଏହି ସାଧାରଣ ଧର୍ମଘଟ ଓ ହରତାଳ ସମଗ୍ର ଓଡ଼ିଶାର, ସମସ୍ତ ଶିଳ୍ପ, କଳ କାରଖାନା, ବ୍ୟବସାୟ ଓ ବାଣିଜ୍ୟ ପ୍ରତିଷ୍ଠାନ, ସମସ୍ତ ସହର ବଜାର, ବ୍ଲକ, ତହସିଲ ଠାରୁ ଆରମ୍ଭକରି ଜିଲ୍ଲା ଓ ରାଜ୍ୟ ସଦର ମହକୁମାରେ ହରତାଳ ଓ ସାଧାରଣ ଧର୍ମଘଟ କରାଯିବ ବୋଲି ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଏଆଇଟିୟୁସି ଜିଲ୍ଲା ଆବାହକ ରଞ୍ଜନ ମହାପାତ୍ର, ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର ଇସ୍ରାଏଲ ମାଲୀ, ପ୍ରାଚିସ୍କା ନାଏକ, ନୀରଞ୍ଜନୀ ମାଲୀ, ସର୍ମିଷ୍ଠା ମିଶ୍ର, ଗଜପତି ଜିଲ୍ଲା ମୋଟର କର୍ମଚାରୀ ସଂଘର ଜଗନ୍ନାଥ ରାଓ, ସରୋଜିନୀ ବେହେରା, କୁମୁଦିନୀ ଲିମା, ପନିନା ସ୍ୱର, ହେମାମାଳିନୀ ପରିଛା, ଜ୍ୟୋତ୍ସ୍ନା ପାଇକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଓଡିଶା ସାହିତ୍ୟ ଏକାଡେମୀର ବ୍ଲକସ୍ତରୀୟ ସ୍ୱନକ୍ଷତ୍ର ଦିବସ ପାଳିତ

ରାମନାଗୁଡା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଓଡିଶା ସାହିତ୍ୟ ଏକାଡେମୀର ବ୍ଲକ ସ୍ତରୀୟ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ରାୟଗଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ପ୍ରବନ୍ଧ, କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ, ବକ୍ତୃତା ଓ ଇଂରାଜୀ ସାହିତ୍ୟକୁ ଓଡ଼ିଆରେ ଅନୁବାଦ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଷଷ୍ଠ, ସପ୍ତମଶ୍ରେଣୀ ଛାତ୍ରଛାତ୍ରୀଙ୍କୁ କନିଷ୍ଠବର୍ଗ ଓ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ବର୍ଗରେ ଭାଗ କରି ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୪୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏବିଇଓ ଦାମୋଦର ହିମିରିକାଙ୍କ ତତ୍ତ୍ୱାବଧାନରେ ପ୍ରତି-ଯୋଗିତା ହୋଇଥିଲା, ବରିଷ୍ଠ ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ, ରମେଶ ମିଶ୍ର, ତାଉଡୁ ଗୋବିନ୍ଦ, ଜାମି ନାଗରାଜ ଓ ଶରତ ନେମାଲୀପୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ୧୫ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗ ଦେଇ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ପାଇଥିବା ପିଲାଙ୍କୁ ଚୟନ କରିଥିଲେ।

## ଡେଙ୍ଗୁ, ଡାଇରିଆ ଓ ମାଲେରିଆ ନିରାକରଣ ନିମନ୍ତେ ସଚେତନତା ବୈଠକ

ରାୟଗଡ/ କାଶୀପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲାରେ ଡେଙ୍ଗୁ, ଡାଇରିଆ ଓ ମେଲେରିଆ ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲ୍ଲାରେ ବ୍ୟାପିବା ଆଶଙ୍କା କରି ଏହାର ନିରକ୍ଷକରଣ ନିମନ୍ତେ ପ୍ରସ୍ତୁତି ରହିବାକୁ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ରାୟଗଡ଼ ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ କାଶୀପୁର ବ୍ଲକର ସମ୍ମିଳନୀ କକ୍ଷରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। କାଶୀପୁର ବ୍ଲକରେ ଝାଡାବାନ୍ତି, ଡେଙ୍ଗୁ ଓ ମେଲେରିଆର ପ୍ରାଦୁର୍ଭାବ ଯେମିତି ନହେବ ଏହି ବୈଠକରେ ବ୍ୟାପକ ଭାବରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ମମତା ଚୌଧୁରୀ, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ଶିକାନ୍ତ ପାଣିଗ୍ରାହୀ, କାଶୀପୁର ସମିତି ଅଧ୍ୟକ୍ଷ କଣ୍ଠ ମାଝୀ, ଅତିରିକ୍ତ ତହସିଲଦାର ବିଗ୍ନରାଜ କହଁର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, କାଶୀପୁର, ଶିଶୁବିକାଶ ଅଧିକାରୀ, କାଶୀପୁର ଆଦି ଯୋଗ ଦେଇଥିଲେ। ଚଳିତ ବର୍ଷକ୍ଷରେ ନାଳନର୍ଦ୍ଦମା ଗୁଡିକ ଯୋଗୁଁ ଏଥି ସେଠି ପାଣି ଜମା ହେବାଦ୍ୱାରା ଜଳ ଉତ୍ସ ଧୂଷିତ ହେବା ଯୋଗୁଁ ଡାଇରିଆ, ଡେଙ୍ଗୁ ଓ ମେଲେରିଆ ବ୍ୟାଇବା ଆଶଙ୍କା ବହୁତ ଥିବାରୁ ଶତପ୍ରତିଶତ ବିଷଧନ ଓ ସଫା ସୁତୁରା ରଖିବାକୁ ସମ୍ପୃକ୍ତ ସମସ୍ତ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ କାଶୀପୁର ବିଡ଼ିଓଙ୍କୁ କହିଥିଲେ। ପ୍ରତ୍ୟେକ ଏଏନ୍‌ଏମ୍ ଓ ଅଙ୍ଗନବାଡି



କେନ୍ଦ୍ରରେ, ଆଶାମାନଙ୍କ ପାଖରେ ଯଥେଷ୍ଟ ପରିମାଣ ଓଆରଏସ ଓ ଔଷଧ ମହଜୁଦ ରଖିବା, ଜଳ ଉତ୍ସ ଗୁଡ଼ିକରୁ ନମୂନା ସଂଗ୍ରହ କରି ତାହାର ପରୀକ୍ଷା କରି ବିଷଧନ କରିବାକୁ ଉପ-ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗାଁ' କଲ୍ୟାଣ ପାଣ୍ଠି ବିନିଯୋଗରେ ଗାଁ'କୁ ସଫା ସୁତୁରା କରିବାକୁ କହିଥିଲେ। ଔଷଧଯୁକ୍ତ ମଶାରୀ ୧୦୦%ବ୍ୟବହାର ଘରକୁ ଘର ଯାଇ ଲୋକଙ୍କୁ ସଚେତନତା କରିବକ୍ଷ ପାଇଁ ଆଶା ଅଙ୍ଗନବାଡି କର୍ମୀ ମାନେ ସଚେତନତା କରିବାକୁ କହିଥିଲେ। ସେହିପରି ବିଦ୍ୟାଳୟ ଅନ୍ତେବାସୀ ମାନେ ମଶାରୀ ସମସ୍ତେ ବ୍ୟବହାର କରିବେ ସେଥିପାଇଁ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀମାନେ ସୁନିଶ୍ଚିତ କରିବେ। ହଷ୍ଟେଲରେ ରହୁଥିବା ଛୁଆ ଯେପରି ଆକ୍ରାନ୍ତ ନ ହୁଅନ୍ତି ସେଥିପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସତର୍କ ରହିବାକୁ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଗାଁ କଲ୍ୟାଣ ସମିତି ପାଣ୍ଠି ବ୍ୟବହାର କରି ସଚେତନତା କରିବେ। ଏହାପରେ ଉପଜିଲ୍ଲାପାଳ ବ୍ଲକର ଚନ୍ଦ୍ରଗିରି ଓ ଗୋରଖପୁର ପଞ୍ଚାୟତ ବୁଲି ଆନୁଧ୍ୟାନ କରିଥିଲେ। ଏହି ବୈଠକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ, ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ, ସାମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଜର, ଆଶାକର୍ମୀ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ପଞ୍ଚକ୍ଷୟତରାଜ ଜନପ୍ରତିନିଧି, ଏଏନ୍‌ଏମ୍ ଓ ବ୍ଲକ କାର୍ଯ୍ୟାଳୟର କର୍ମଚାରି ଯୋଗ ଦେଥିଲେ।

## ବରିଷ୍ଠ ସମାଜସେବୀ ମୃତ୍ୟୁଞ୍ଜୟ ରାଉଳଙ୍କ ଦେହାନ୍ତ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ଅଞ୍ଚଳର ଜଣାଶୁଣା ବ୍ୟକ୍ତିତ୍ୱ ତଥା ବରିଷ୍ଠ ସମାଜସେବୀ ମୃତ୍ୟୁଞ୍ଜୟ ରାଉଳଙ୍କ ୮୪ବର୍ଷ ବୟସରେ ରବିବାର ସନ୍ଧ୍ୟା ୫ ଟା ୪୫ ମିନିଟ ସମୟରେ ଦେହାନ୍ତ ରାୟାଁ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ବାଘମାରୀ ସ୍ଥିତ ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି। ସୂଚନା ଅନୁସାରେ ସେ ଦୀର୍ଘଦିନ ଧରି ମଧୁମେହ ରୋଗରେ ଆକ୍ରାନ୍ତ ହୋଇ କିଡିନି ଜନିତ ରୋଗ ପାଇଁ ଗତ ଜୁନ ୨୦ତାରିଖରେ



ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ଘରକୁ ଘେନି ଆସିଥିଲେ ଓ ଆଜି ସକାଳ ୫ ଟା ସମୟରେ ଘରେ ପହଞ୍ଚିଥିଲେ। ସେ ଜଣେ ଆଳାପି, ମିଷ୍ଟଭାଷୀ, ପରୋପକାରୀ ଓ ଗ୍ରାମର ଜଣେ ମୁଖିଆ ହିସାବରେ ପରିଚିତ ଥିଲେ। ଜଳେଶ୍ୱରର ସଂଗ୍ରାମୀ ନେତା ସ୍ୱର୍ଗତ ଗୌରଗୋପାଳ ଦାସଙ୍କ ନିକଟର ବ୍ୟକ୍ତି ଥାଇ ଜଳେଶ୍ୱର ଜମାଳପୁର ରାସ୍ତା ନିର୍ମାଣରେ ପ୍ରମୁଖ ଭୂମିକା ତାଙ୍କର ଥିଲା। ତାଙ୍କର ୬ ଜଣ ପୁତ୍ର ଓ ୪ ଝିଅ ଅଛନ୍ତି। ମୃତ୍ୟୁ ସମୟରେ ପୁତ୍ର ସରୋଜ, ମନୋଜ, ସଞ୍ଜୟ, ଅଜୟ, ବିଜୟ ଓ ସୁଜୟ, ଝିଅଜ୍ୱାଇଁ ତଥା ସମସ୍ତ ପରିବାର ବର୍ଗ, ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଫୋନ ଯୋଗେ ଶୋକବାର୍ତ୍ତା ଜଣାଇ ଆମର ଆତ୍ମାର ସଦଗତି କାମନା କରିଥିଲେ ଏବଂ ଜଳେଶ୍ୱର ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ରାୟାଁରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ତଥା ସମାଜସେବୀ ପ୍ରବୀର କୁମାର ଦାସ,ଖଗେନ୍ଦ୍ର ନାଥ ସାହୁ, ମଧୁସୂଦନ ସେନାପତି, ସପନ କୁମାର ଦାସ, ସୁରେନ୍ଦ୍ର ନାଥ ପାଳ, ସଞ୍ଜୟ କୁମାର ଶାସମଲ, ଅଧୀର କୁମାର ପ୍ରମାଣିକ, ସଂଗ୍ରାମ ପଟ୍ଟନାୟକ, ଯଜ୍ଞେଶ୍ୱର ରାଉଳ, ମନୋରଞ୍ଜନ ରାଉଳ ପ୍ରମୁଖ ତାଙ୍କ ମର ଶରୀର ନିକଟରେ ଉପସ୍ଥିତ ହୋଇ ପୁଷ୍ପ ଦେଇ ତାଙ୍କର ଆତ୍ମାର ସଦଗତି କାମନା କରିବା ସହିତ ପାରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କର ମର ଶରୀର ବାଘମାରୀ ଗ୍ରାମ ସନ୍ନିକଟ ସୁବର୍ଣ୍ଣରେଖା ନଦୀକୂଳରେ ଦାହ କରା ଯାଇଥିବା ବେଳେ ବଡ଼ପୁତ୍ର ସରୋଜ ମୁଖାଗ୍ନି ଦେଇଥିଲେ।

## ଭାରତୀୟ ବିଦ୍ୟା ନିକେତନ ପରିସରରେ ବନ ମହୋତ୍ସବ

ବେଗୁନିଆ, (ଭାସ୍କର ନ୍ୟୁଜ୍): :ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମ ସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ୭୬ ତମ ବନମହୋତ୍ସବ ଅବସରରେ ଚାରା ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ନାୟକଙ୍କ ଆବାହକତ୍ୱରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବୃକ୍ଷ ରୋପଣ କରିବା ସହ ଜନ ସାଧାରଣଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇ ଥିଲେ। ଗୁରୁମା ଜ୍ୟୋସ୍ନାମୟୀ ଜେନା ଜନ୍ମଦିନରେ ଗଛଟିଏ ଲଗାଇବା, ଅନ୍ୟମାନଙ୍କୁ ଗଛଟିଏ ଉପହାର ଦେବା ଓ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଗଛଟିଏ ଲଗାଇବା ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଗୁରୁମା ଗୀତାଞ୍ଜଳି ପ୍ରଧାନ, ବିଷ୍ଣୁପ୍ରିୟା ତ୍ରିପାଠୀ, ଭାରତୀ ପ୍ରହରାଜ, ସୁଜାତା ମହାନ୍ତି, ସୁଜାତା ପାଣିଗ୍ରାହୀ, ରୂପଶ୍ରୀ ବେହେରା ଓ ପୁରାତନ ଛାତ୍ର ରୁଦ୍ର ନାରାୟଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ମୋନାଲିସା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରାଦ୍ଧବାର୍ଷିକୀରେ ଅଙ୍ଗଦାତା ବୀରେନ୍ଦ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ରଘୁନାଥପୁର, (ଭାସ୍କର ନ୍ୟୁଜ୍):ରଘୁନାଥପୁର ବ୍ଲକ ରେଡ୍ରୁଆ ଅଞ୍ଚଳର ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରାପ୍ତ ବିଶିଷ୍ଟ ଅଙ୍ଗଦାତା ସ୍ୱର୍ଗତ ବୀରେନ୍ଦ୍ର ପ୍ରସାଦ ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମାନ୍ୟବର ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବିରେନ୍ଦ୍ରଙ୍କ ସାମାଜିକ ଚେତନା ଓ କର୍ମତତ୍ପରତାକୁ ପ୍ରଶଂସା କରିବା ସହ ସେ ଅଞ୍ଚଳବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ: ରମାକାନ୍ତ ଭୋଇ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସତ୍ୟ ଜେନା, ରଘୁନାଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଓ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ରେଡ୍ରୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଏବଂ ରେଡ୍ରୁଆ ସମିତି ସଭ୍ୟ ବିଶ୍ୱଜିତ ଦାଶ, ଶିକ୍ଷାବିତ ଗୀତା ରଥ, ରଘୁନାଥପୁର ମଣ୍ଡଳ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ସ୍ୱର୍ଗତ ବୀରେନ୍ଦ୍ର ପ୍ରସାଦ ସ୍ୱାଇଁଙ୍କ ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ସ୍ମୃତି ସଜଳ ବିରେନ୍ଦ୍ର ପୁସ୍ତିକା ଉନ୍ମୋଚନ କରାଯାଇ ଥିଲା। ସଭା ପୂର୍ବରୁ ଅତିଥିମାନଙ୍କ ଦ୍ୱାରା ରେଡ୍ରୁଆ ବଜାର ନିକଟରେ ସ୍ୱର୍ଗତ ସ୍ୱାଇଁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଅଞ୍ଚଳର ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା, ଶୁଭ୍ରାଂଶୁ ଆଚାର୍ଯ୍ୟ, ଶାନ୍ତିଲତା ଦ୍ୱିବେଦୀ, ବନମାଳୀ ମହାରଣା, ବିଜୟାନନ୍ଦ ସ୍ୱାଇଁ, ବିଜନ ମହାପାତ୍ର, ରବୀନ୍ଦ୍ରନାଥ ବିଶ୍ୱାଳ, ସ୍ନେହାଂସୁ ଜେନା, ଦେବିପ୍ରସାଦ ମହାରଣା ପ୍ରମୁଖଙ୍କ ସହ ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଶେଷରେ ବ୍ରଜକିଶୋର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ମା ପାଇଁ ଗଛଟିଏ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଏବେ ବର୍ଷାର ତାଳେ ତାଳେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ନିମନ୍ତେ ବିଭିନ୍ନ ବିଭାଗଗୁଡିକ ଗଛ ଲଗା କାର୍ଯ୍ୟକ୍ରମ ମାନ ଆୟୋଜନ କରି ବିଭିନ୍ନ ନେତା, ମନ୍ତ୍ରୀଙ୍କ ଦ୍ୱାରା ଉଦଘାଟନ କରୁଛନ୍ତି। କରଞ୍ଜିଆ ସହର ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କଚେରି ଛକ ଠାରୁ କଲେଜ ଆଡ଼କୁ ଯାଇଥିବା ବିଜ୍ଞାପିତ ଅଞ୍ଚଳ ପରିଷଦର କଲ୍ୟାଣ ମଣ୍ଡପ ନିକଟରେ ରାସ୍ତା ମଝିରେ ଗଛ ଲଗାଯାଇ ଉଦାହରଣ ସୃଷ୍ଟି କରାଯାଇଛି। ଉକ୍ତ ରାସ୍ତାରେ ଏବେ କଲେଜ ପିଲାମାନଙ୍କ ନିମନ୍ତେ ନାମ ଲେଖା ଏବଂ ଅନ୍ୟାନ୍ୟ କାମ ପାଇଁ ଅନେକ ଗାଡ଼ି ମୋଟର ଯିବା ଆସିବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥିପ୍ରତି ନା ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଅଛି ନା ବିଜ୍ଞାପିତ ଅଞ୍ଚଳର ଦୃଷ୍ଟି ଅଛି। ରାସ୍ତା ମଝିରେ ଜନସ୍ୱାସ୍ଥ୍ୟ ବିଭାଗର ଜଳ ଯୋଗାଣ ପାଇପ ସବୁ ଆଗରୁ ବିଛା ଯାଇଥିବା ଦ୍ୱାରା ଏବେ ଜଳ ଯୋଗାଣ ନିମନ୍ତେ ଲୋକ ମାନେ ଉକ୍ତ ରାସ୍ତାକୁ ଖୋଳି ପାଇପ ସଂଯୋଗ କରାଉ ଥିବାରୁ ଏ ପ୍ରକାର ଗର୍ତ୍ତ ସୃଷ୍ଟି ହେଇ ସମସ୍ୟା ଉପୁଜିଛି। ରାସ୍ତା ମରାମତି ନିମନ୍ତେ ଲୋକେ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଟଙ୍କା ଜମା କରୁଥିଲେ ମଧ୍ୟ ଖାମ ଖିଆଲି ମନୋଭାବ ଯୋଗୁଁ ଲୋକେ ନାନା ପ୍ରକାର ହଇରାଣ ହରକତ ହେଉଛନ୍ତି। ଏ ଦିଗରେ ବିଭାଗ ଗୁଡିକ ପକ୍ଷରୁ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦାବି କରାଯାଇଛି।

## ରଥଯାତ୍ରାରେ ଆହତଙ୍କୁ ଆର୍ଥିକ ସହାୟତା ପାଇଁ ଦାବି

ଜଗତସିଂହପୁର, (ଭାସ୍କର ନ୍ୟୁଜ): ରଥଯାତ୍ରା ସମୟରେ ଘଟିଥିବା ଦଳାଚକଟାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ପଚିଶିଲକ୍ଷ ଟଙ୍କା ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ହେଲେ ଦୁର୍ଘଟଣାରେ ସାଂଘାତିକ ଆହତ ହୋଇ, ମୃତ୍ୟୁ ସହିତ ସଂଗ୍ରାମ କରି ବିଭିନ୍ନ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଲୋକଙ୍କ କଥା ସରକାର ବିଚାରକୁ ନେଇନାହାନ୍ତି। ଏହା ନିଶ୍ଚିତ ଭାବରେ ଚିନ୍ତାଜନକ। ଆହତ ବ୍ୟକ୍ତିମାନେ ପ୍ରଥମେ ପୁରୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ହୋଇ, ରେଫର ହୋଇ ବିଭିନ୍ନ ବେସରକାରୀ ଡାକ୍ତରଖାନାରେ ପଡି ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ସରକାରଙ୍କ ପାଖରେ ତାହାର ତଥ୍ୟ ଅଛି। ସରକାର ଚାହିଁଲେ ସେମାଙ୍କୁ ଚିହ୍ନଟ କରି ଆର୍ଥିକ ସହାୟତା ଦେଇପାରିବେ। ସେମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ଇଫକୋ କଲୋନୀର ପ୍ରତିମା ଜେନା ଅଛନ୍ତି। ପ୍ରତିମା ଦଳାଚକଟାରେ ଆହତ ହୋଇ ବେହୋସ ହୋଇ ତଳେ ପଡ଼ିଥିଲେ, ତାଙ୍କ ଛାତିରେ ଏକାଧିକ ପିଞ୍ଜରା ହାଡ ଭାଙ୍ଗିଯାଇଛି। ତାଙ୍କୁ ପ୍ରଥମେ ପୁରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ, ଉନ୍ନତ ଚିକିତ୍ସାପାଇଁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ରେଫର କରାଗଲା। ପ୍ରତିମାଙ୍କ ପରି ଶହଶହ ଆହତ ବ୍ୟକ୍ତି ବିଭିନ୍ନ ବେସରକାରୀ ଡାକ୍ତରଖାନରେ, ପଡିଛନ୍ତି ଓ ଖର୍ଚ୍ଚାନ୍ତ ହେଉଛନ୍ତି। ସରକାର ସେମାନଙ୍କୁ ଆର୍ଥିକ ସହାୟତା ଦେବାପାଇଁ ଆଖିବୁଜି ଦେଇଛନ୍ତି। ଏହା ନିଶ୍ଚିନ୍ତ ଭାବରେ ସରକାରଙ୍କର ଅବିଚାର। ଆହତମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ତରଫରୁ ଡକ୍ଟର ଧୃତିଧର ଦାସ, ଡକ୍ଟର ଅରୁଣ ପାଣି, ଆଡ଼ଭୋକେଟ ସଚ୍ଚିଦାନନ୍ଦ ନାୟକ, ଆଡ଼ଭୋକେଟ, ସୁଶାନ୍ତ କୁମାର ବିହାରୀ, ସାମ୍ବାଦିକ ଜ୍ୟୋତି ରଞ୍ଜନ ପରିଡା, ତପନ କୁମାର ରାଉତରାୟ, ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ନୃସିଂହ ବାରିକ, ଗୌରାଙ୍ଗ ଚରଣ ସ୍ୱାଇଁ ଇମେଲ ଯୋଗେ ସରକାରଙ୍କୁ ନିବେଦନ କରିଛନ୍ତି।

## ଭୁବନରେ ମହାପ୍ରଭୁଙ୍କ ସୁନାବେଶ

ଭୁବନ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଭୁବନର ତୃତୀୟା ଜୀଉଙ୍କ ସୁନାବେଶ ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରଥ ଉପରେ ପ୍ରଭୁଙ୍କର ସମସ୍ତ ନୀତି ସମ୍ପନ୍ନ ହେବାପରେ ସନ୍ଧ୍ୟା ୬ ଘଟିକାରେ ସନ୍ଧ୍ୟାଧୂପ, ଆଳତୀ କରାଯାଇଥିଲା। ପରେ ମୁଖ୍ୟ ପୁରୋଧା ତୁଷାରକାନ୍ତି ମିଶ୍ରଙ୍କ ସମେତ ଅନ୍ୟ ସେବାୟତ ମାନେ ରଥାରୂଢ଼ ବଡ଼ ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସୁନାବେଶରେ ସଜ୍ଜିତ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସେବାୟତ, ମାତୃ ମଣ୍ଡଳୀ, ସଙ୍କୀର୍ତ୍ତନ ମଣ୍ଡଳୀ ଏବଂ ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ଧୀରେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ସୁନାବେଶରେ ସାମିଲ ହୋଇଥିଲେ। ମହାପ୍ରଭୁଙ୍କ ସୁନାବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସୁଅ ଛୁଟିଥିଲା। ମହାପ୍ରଭୁଙ୍କ ସୁନାବେଶ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

## ବନ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ସେକ୍ସନ ପକ୍ଷରୁ କଙ୍କିଳୀ ରାଧାକୃଷ୍ଣ ଜୀଉ ଉଚ୍ଚ ବିଦ୍ୟାପୀଠ ଓ ବସୋଇର ଅଲେଖ ପାଟଣା ଗାଁ ନିକଟରେ ୭୬ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅନୁଗୁଳ ଆରସିଏଫ, ଏସିଏଫ, ଢେଙ୍କାନାଳ ଡିଏଫଓ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ କଙ୍କିଳି ରାଧାକୃଷ୍ଣ ଜୀଉ ଉଚ୍ଚ ବିଦ୍ୟାପୀଠ ପରିସରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଜଣକା ଗୋଟିଏ ଲେଖାଏଁ ଗଛ ଲଗାଇଥିବା ବେଳେ, ବସୋଇ ପଞ୍ଚାୟତର ଅଲେଖ ପାଟଣା ଗାଁ ନିକଟରେ ଥିବା ସରକ୍ଷିତ ଜଙ୍ଗଲ ଜମିରେ ପ୍ରାୟ ୮୦୦୦ ଗଛ ଲଗାଇବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ରଖାଯାଇ ଥିଲା। ଏହା ପରେ ବସୋଇ ପଞ୍ଚାୟତର ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ଗ୍ରାମ ବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଅତିଥି ମାନେ ମଞ୍ଚାସିନ ହୋଇଥିଲେ। ତେବେ



ମଞ୍ଚାସିନ ଅତିଥିଗଣ ମା ପାଇଁ ଗୋଟିଏ ଗଛ ଲଗାଇବା ପାଇଁ ନିଜର ଅବିଭାଷଣରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳବାସୀଙ୍କୁ ଶପଥପାଠ କରାଇଥିଲେ। ପରିଶେଷରେ କଙ୍କିଳି କୋଠାଘରେ ବିଧାୟକଙ୍କ ଦ୍ୱାରା ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ମହରମ ପର୍ବ ଶାନ୍ତିଶୃଙ୍ଖଳା ସହ ରବିବାର ପାଳିତ ହୋଇଯାଇଛି। ମହରମ ମାସକୁ ଇସଲାମିକ ନୂତନ ବର୍ଷ ଭାବେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣା ଯାଇଥିଲା। ଏହି ଅବସର ରେ ଧାମନଗର ଏନ ଏ ସି ଓ ଆଖପାଖ ସାହି ବସ୍ତି ରେ ବାଡି ଖେଳ ହୋଇଥିଲା। ପରମ୍ପରା ଅନୁଯାୟୀ ଧାମନଗର ସ୍ଥିତ କରବଲା ମଇଦାନ ଠାରେ ବିଭିନ୍ନ ସାହି ବସ୍ତିରୁ ୧୭ ଟି ଆଖଡା ଦଳ ମଧ୍ୟରେ ବାଡିଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଧାମନଗର କଚେରି ବଜାର ଠାରେ କଙ୍ଗ୍ରେସ ଯୁଥ କ୍ଲବ ଆନୁକୂଲ୍ୟରେ ଏହି ପର୍ବ ଉପଲକ୍ଷେ ଭାଇଚାରା ବଜାୟ ରଖିବା ପାଇଁ ବିଭିନ୍ନ ରାଜନୈତିକ ଦଳର ନେତା କର୍ମୀ, ସମାଜସେବୀ, ସାମ୍ବାଦିକଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଭାଇଚାରାରେ ବାଡିଖେଳ ଓ ବଜାର ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଖଲିଫା ମସର କାଜି, ମିର ଗୋଲାମ ମୁସ୍ତଫା, ସେକ ମୋସବର କାଜୀ, ସେକ ବାବର ଅଲି, ମିର ରିଜ୍ଜୁ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ତେବେ ଧାମନଗରରେ ଏହି ମହରମ ପର୍ବ ପାଳନ ପାଇଁ ବିଭିନ୍ନ ଛକ ବଜାର ଓ ବସ୍ତି ରେ ପୋଲିସ ପେଟ୍ରୋଲିଂ କରାଯାଇଥିଲା।



## ମନରେଗା ଯୋଜନାରେ ବଡ ଘୋଟାଲା

# କଂକ୍ରିଟ୍ ଉପରେ ମନରେଗାରେ ମାଟି ରାସ୍ତା ନିର୍ମାଣ କରି ଲକ୍ଷାଧିକ ଚଳୁ



ଗୋପ, (ଭାସ୍କର ନ୍ୟୁଜ): ଗୋପ ବ୍ଲକ ନାଗପୁର ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଛି ଲକ୍ଷାଧିକ ଟଙ୍କାର ମିଥ୍ୟା ବିଲ୍। ଦୁଇଦୁଇଟି ଯୋଜନାରେ ହୋଇଛି ଏହି ମିଥ୍ୟା ବିଲ୍। କାର୍ଯ୍ୟ ନକରି ବ୍ଲକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସରପଞ୍ଚ ପର୍ଯ୍ୟନ୍ତ ସମସ୍ତେ ଏହି ଘୋଟାଲାରେ ସାମିଲ ବୋଲି ଅଭିଯୋଗ କରିଛନ୍ତି ଖୋଦ ନାଗପୁର ପଞ୍ଚାୟତର ନାଏବ ସରପଞ୍ଚ ନିରଞ୍ଜନ ରାଉତରାୟ ଓ ପଞ୍ଚାୟତର ଅନେକ ବ୍ୟକ୍ତିବିଶେଷ। ସୂଚନାନୁଯାୟୀ ନାଗପୁର ପଞ୍ଚାୟତର ହରିଜନ ସାହି ଠାରୁ ମଲ୍ଲିକ ସାହି ପର୍ଯ୍ୟନ୍ତ ରାସ୍ତାକୁ ୨୦୨୨ ମସିହାରେ ୯୮୧୨୪ ଟଙ୍କା ଓ ନାଗପୁର ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଉନ୍ନତିକରଣ ବାବଦରେ ୨୦୨୫ ମସିହା ଜୁନ ମାସରେ ହୋଇଛି ୨ଲକ୍ଷ ଦଶହଜାର ୪୮୩ଟଙ୍କାର ମିଥ୍ୟା ବିଲ୍। ଏନେଇ ନାଗପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ନନ୍ଦ କହିଛନ୍ତି ଯେ ଦୁଇ ମାସ ଭିତରେ କୌଣସି ପ୍ରକାର ମାଟି ମୁଠାଏ ବିଦ୍ୟାଳୟ ପରିସରରେ ପଡିନାହିଁ। ଅନ୍ୟପକ୍ଷରେ ନାଗପୁର ପଞ୍ଚାୟତର ସମାଜସେବୀ ସୁକାନ୍ତ କୁମାର ପୃଷ୍ଟି କହିଛନ୍ତି ଯେ ଏହି ଦୁଇଟି ପ୍ରକଳ୍ପ କାର୍ଯ୍ୟରେ ମିଥ୍ୟା ବିଲ୍ କରାଯାଇଛି। ନାଗପୁର ସରପଞ୍ଚ ପଦ୍ମିନୀ ଦଳେଇ ଏହି ମିଥ୍ୟା ବିଲ୍ କରିଛନ୍ତି ତୁରନ୍ତ ତାଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରାଗଲେ ପଞ୍ଚାୟତରେ ହୋଇଥିବା ଅନେକ ମିଥ୍ୟା ବିଲର ପର୍ଦ୍ଦାଫାସ ହୋଇପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ହରିଜନ ସାହିରେ କରାଯାଇଥିବା ଏହି ରାସ୍ତା କାର୍ଯ୍ୟ ପୂର୍ବରୁ ସେହି ରାସ୍ତା ଦଶବର୍ଷ ହେବ କଂକ୍ରିଟ୍ ଢଳେଇ ରାସ୍ତା ରହିଥିଲା ବୋଲି ଗ୍ରାମବାସୀ ମାନେ କହିଛନ୍ତି। ସେବେଠାରୁ ଅଦ୍ୟାବଧି ଢଳେଇ ରାସ୍ତା ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଢଳେଇ କଂକ୍ରିଟ୍ ରାସ୍ତା ଉପରେ କାହିଁକି ଏବଂ କେବେ ମାଟି ପକାଯାଇ ରାସ୍ତା ନିର୍ମାଣ କରାଗଲା ତାହା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ନାଗପୁର ସରପଞ୍ଚଙ୍କ ନାଗପୁର ପଞ୍ଚାୟତ ମିଥ୍ୟା ବିଲରେ ଏବେ ଉବୁଟୁବୁ ହେଉଛି ତୁରନ୍ତ ଏହାର ତଦନ୍ତ ନିମନ୍ତେ ଆମେମାନେ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବୁ ବୋଲି ବିଜେପି କର୍ମୀମାନେ କହିଛନ୍ତି। ଏନେଇ ଗୋପ ବ୍ଲକ ମନରେଗା ଏପିଓ ମୋନାଲିସା ଶତପଥିଙ୍କୁ ପଚାରିବାରେ ସେ ଅତ୍ୟନ୍ତ ଖାମଖିଆଲି ଭାବେ କହିଛନ୍ତି ଯେ ମୁଁ କଣ ବିଲ୍ କରୁଛି ଯେ କେଉଁଠା ହେଲା କେଉଁଠା ମିଥ୍ୟା ବିଲ୍ ହେଲା କହିବି। ଏହି ଅଧିକାରିଣୀ ଜଣକ ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ହେବ ଗୋପ ବ୍ଲକରେ ଗାଦି ମାଡି ବସିଥିବାରୁ ଅନେକ ଦୁର୍ନୀତିର ମାଷ୍ଟରମାଇଣ୍ଡ ସାଜିଛନ୍ତି। ସମସ୍ତ ଦୁର୍ନୀତି ଜାଣିଶୁଣି କରିବେ ଏବଂ ମୋଟାଅଙ୍କର ଅର୍ଥ ନେଇ ଉପରେ ଦୋଷ ଲଦନ୍ତି ବୋଲି ଅଭିଯୋଗ କରିଛନ୍ତି ଗୋପ ବ୍ଲକ ଦୁର୍ନୀତି ନିବାରଣ ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟ। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସ୍ୱାଇଁ ଘଟଣାକୁ ସ୍ୱୀକାର କରିବା ସହିତ ପୂର୍ବ ଯନ୍ତ୍ରୀ କାର୍ଯ୍ୟ କରିଯାଇଥିଲେ ମୁଁ ଏବେ ବିଲ୍ କରୁଛି। ଅନ୍ୟପକ୍ଷରେ ନାଗପୁର ସରପଞ୍ଚଙ୍କ ସହିତ ଫୋନରେ ଯୋଗାଯୋଗ କରାଯାଇ ଥିଲେ ସୁଦ୍ଧା ତାଙ୍କର ଫୋନ୍ ଲାଗି ନଥିଲା।

## ଜମିର ମାର୍ଫତଦାର ଦାବି ନେଇ ଗୋଷ୍ଠୀ ବିବାଦ

ନିଷ୍ଟିକୋଇଲି, (ଭାସ୍କର ନ୍ୟୁଜ): ନିଷ୍ଟିକୋଇଲି ବ୍ଲକ କଟିକଟା ଗ୍ରାମପଞ୍ଚାୟତ ବ୍ରହ୍ମରାଜପାଟଣା ଗ୍ରାମରେ ଜମିର ମାର୍ଫତଦାରଙ୍କୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଛି। ନ୍ୟାୟ ପାଇବା ନିମନ୍ତେ ଏହି ଜମିର ମାର୍ଫତଦାର ଉମାକାନ୍ତ ଗିରି ନିଷ୍ଟିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବ୍ରହ୍ମରାଜପାଟଣା ଗ୍ରାମଦେବତୀ ଠାକୁରାଣୀଙ୍କର ଦାୟିତ୍ୱ ଉମାକାନ୍ତ ଗିରି ଗତ ୧୯୯୫ ମସିହାରୁ ବୁଝି ଆସୁଛନ୍ତି। ଚଳିତ ବର୍ଷ ଜୁନ ୨୫ତାରିଖ ଦିନ ସମସ୍ତ ଦାୟିତ୍ୱ ଉମାକାନ୍ତ ଗ୍ରାମବାସୀଙ୍କୁ ବୁଝାଇ ଦେଇଛନ୍ତି। ଉମାକାନ୍ତ ଖାତା ନଂ ୩୧୨ ଡିସିମିଲ ୩୧୦ ଜମିକୁ ଗତ ୨୦୨୨ ମସିହାରୁ କ୍ରୟ କରି ଠାକୁରାଣୀଙ୍କ ନାମରେ କରିବା ସହ ମାର୍ଫତଦାର ଉମାକାନ୍ତ ଗିରିଙ୍କ ନାମରେ ରହିଅଛି। ପ୍ରତିବର୍ଷ ଏହି ଜମିକୁ ୨ହଜାର ଟଙ୍କାରେ କାଟ ଦିଆଯାଉଥିଲା। ଉମାକାନ୍ତ ଗିରି ଚଳିତ ବର୍ଷ ଏହି ଜମିକୁ ୯ହଜାର ଟଙ୍କାରେ କାଟ ନେଇଛନ୍ତି। ଉମାକାନ୍ତ ଏହି ଜମିକୁ ଚାଷ କରିବାକୁ ଯିବାରୁ ସ୍ଥାନୀୟ ଗ୍ରାମର ଦୀପକ କୁମାର ସାହୁ, ତ୍ରୈଲୋକ୍ୟନାଥ ସାହୁ ପ୍ରମୁଖ ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଉଥିବାର ଉମାକାନ୍ତ ନିଷ୍ଟିକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ସହ ତାଙ୍କର ଧନ ଜୀବନ ପ୍ରତି ବିପଦର ଆଶଙ୍କା ଥିବା କାରଣରୁ ସୁରକ୍ଷା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ତେବେ ଏହି ଜମି ମାର୍ଫତଦାର ଦାବି ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିବାର ଜଣାଯାଇଛି। ପୋଲିସ ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଙ୍ଘର୍ଷ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବ୍ରାହ୍ମଣ ଜାତିକୁ କଡ଼ା ମନ୍ତବ୍ୟ ଦେବା ପ୍ରତିବାଦରେ ଏତଲା

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ପ୍ରତିନିଧିଙ୍କୁ ବ୍ରାହ୍ମଣ ଜାତିକୁ ଆକ୍ଷେପ ଓ କଟୁ ମନ୍ତବ୍ୟ ଦେବା ପ୍ରତିବାଦରେ ଆଜି ମଧ୍ୟାହ୍ନରେ ମୋହନା ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି ସ୍ଥାନୀୟ ବ୍ରାହ୍ମଣ ସମାଜ କର୍ମକର୍ତ୍ତା। ଗଜପତି ଜିଲ୍ଲା ମୋହନାରେ ଚଳିତ ମାସ ୧ ତାରିଖରେ ବିଭିନ୍ନ ସଙ୍ଗଠନ ଓ ମୋର୍ଚ୍ଚା ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହି ଭାରତ ବନ୍ଦ ଡାକରାରେ ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚାର କିଛି କର୍ମୀ ବିଜେପି, ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ଓ ବ୍ରାହ୍ମଣ ସମାଜ (ଜାତି)କୁ ଆକ୍ଷେପ ଓ କଟୁ ମନ୍ତବ୍ୟ ଦେଇ କହିଥିଲେ, ଆମେ ମୂଳ ନିବାସୀ ଓ ବ୍ରାହ୍ମଣମାନେ ବିଦେଶରୁ ଆସିଛନ୍ତି ସେମାନେ ଦଳିତ ଓ ପଛୁଆ ବର୍ଗଙ୍କୁ ତଳି ତଳାନ୍ତ କରୁଛନ୍ତି। ଏମାନେ ଦଙ୍ଗା ସୃଷ୍ଟିକାରୀ ବୋଲି କହିଥିଲେ। ଏହା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୋହନା ବ୍ରାହ୍ମଣ ସମାଜ ଏହାକୁ ତୀବ୍ର ବିରୋଧ କରିବା ସହ ଏଭଳି ମନ୍ତବ୍ୟକୁ ଦୃଢ଼ ପ୍ରତିବାଦ କରି ବ୍ରାହ୍ମଣ ସମାଜ ବିରୋଧରେ ଏଭଳି ବିଭ୍ରାନ୍ତିକର ମନ୍ତବ୍ୟ ଦେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ନେଇ ଦାବି କରିଛନ୍ତି। ଏହା କରା ନଗଲେ ଏହି ଆନ୍ଦୋଳନ ଜିଲ୍ଲା ଓ ସାରା ରାଜ୍ୟକୁ ବ୍ୟାପିବା ସହ ଆନ୍ଦୋଳନ ବ୍ୟାପକ ହେବ ବୋଲି କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ବ୍ରାହ୍ମଣ ସମାଜର ସଭାପତି ବରିଷ୍ଠ ଓକିଲ ସନ୍ତୋଷ କୁମାର ପାଢ଼ୀଙ୍କ ନେତୃତ୍ୱରେ ମୋହନାରେ ବସବାସ କରୁଥିବା ଶତାଧିକ ବ୍ରାହ୍ମଣ ମା'ତାରିଣୀଙ୍କ ମନ୍ଦିରରେ ଏକତ୍ରିତ ହୋଇ ବୈଠକ କରାଯିବା ପରେ ଥାନାକୁ ଆସି ଦୋଷୀ ପ୍ରତି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଓଡ଼ିଶା ବ୍ରାହ୍ମଣ ମହାସଂଘ, ଜିଲ୍ଲା ବ୍ରାହ୍ମଣ ସଂଘଙ୍କୁ ସଂଘ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି।

## ରୋଟାରୀ କ୍ଲବ ପକ୍ଷରୁ ଚାରା ରୋପଣ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସାରା ବିଶ୍ୱରେ ଜଙ୍ଗଲ ଦ୍ରୁତ ଅବକ୍ଷୟ ସହିତ ପରିବେଶ ପ୍ରଦୂଷିତ ହୋଇ ଓଜୋନ ସ୍ତର ରେ ରନ୍ଧ୍ର ଯୋଗୁ ପ୍ରାକୃତିକ ଅସନ୍ତୁଳନ ବୃଦ୍ଧି ପାଉଛି। ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବା ପାଇଁ ଆଜିର ଦିନରେ ବ୍ୟାପକ ବନୀକରଣର ଆବଶ୍ୟକତା ରହିଛି। ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ପକ୍ଷରୁ ରବିବାର ରେ କେନ୍ଦୁଝର ସ୍କୁଲ ଅଫ ଇଞ୍ଜିନିୟରିଂ,ଡିପ୍ଲୋ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ କେନ୍ଦୁଝରଗଡ଼ର ସଭାପତି ହରିହର ମହାନ୍ତ ଏବଂ ସମ୍ପାଦକ ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ଦାଶ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଚାରା ରୋପଣ ସହ ଏହାର ରକ୍ଷଣାବେକ୍ଷଣ ଜରୁରୀ ବୋଲି କହିଥିଲେ। ପୂର୍ବତନ ସଭାପତି ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ରୋଟାରିଆନ ସୁରେଶ ଚନ୍ଦ୍ର ଖଟୋଇ, ଦେବବ୍ରତ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଡ଼ା ସଞ୍ଜୀବ କୁମାର ଓତା, ଅମୀୟ ବେହେରା, ଇନର ହୁଇଲ କ୍ଲବ ସଦସ୍ୟା ରୀତା କପୁର ଉପସ୍ଥିତ ରହି ୧୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଥିଲେ।

# ମଙ୍ଗଳପୁର ଓ ନରେନ୍ଦ୍ରପୁରରେ ବାହୁଡ଼ା ଯାତ୍ରା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ଓ ନରେନ୍ଦ୍ରପୁର ଗ୍ରାମରେ ବାହୁଡ଼ା ଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ମଙ୍ଗଳପୁରରେ ସକାଳେ ଯଥାରୀତି ଶ୍ରୀଜିଉଙ୍କ ପୂଜାର୍ଚ୍ଚନା କରାଯିବା ପରେ ଅପରାହ୍ନରେ ପହଣ୍ଡିବିଜେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ଗ୍ରାମର ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ଦାସ ରାଜା ବେଶରେ ଛେରା ପହଁରା କରିଥିଲେ। ପରେ ଭକ୍ତମାନେ ଘଣ୍ଟଘଣ୍ଟା, ହୁଳହୁଳି ଦେଇ ସଂକୀର୍ତ୍ତନ କରି ରଥ ଟାଣିଥିଲେ। ଏହି ରଥକୁ ଶତାଧିକ ମହିଳା ଓ ପୁରୁଷ ମଙ୍ଗଳାସାହି ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକଙ୍କ ବାସଭବନ ସ୍ଥିତ ମାଉସୀମା ବାଡ଼ିରୁ ଟାଣି ଟାଣି ଆଣି ମଳିକ ସାହିରେ ପହଞ୍ଚିଥିଲେ। ପୂଜକ ଆଲୋକ ରଂଜନ ଆର୍ଯ୍ୟ ପୂଜା କାର୍ଯ୍ୟ ସମେତ ପହଣ୍ଡି କରାଇଥିଲେ। ଜୟ ଜଗନ୍ନାଥ କମିଟି ଉପଦେଷ୍ଟା ଗୀତିକାର ପଞ୍ଚାନନ ନାୟକ, ରମାକାନ୍ତ ମହାଳିକ, ପ୍ରତାପ ଚନ୍ଦ୍ର ନାୟକ, ଅନାଦି ଚରଣ ବେହେରା, ଗଦାଧର ମଳିକ, ଦୁର୍ଗାଚରଣ ନାୟକ, ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ସତ୍ୟାନନ୍ଦ ବାରିକ, କୋଷାଧ୍ୟକ୍ଷ ଚିତ୍ତରଂଜନ ବାରିକଙ୍କ ସମେତ କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ନରେନ୍ଦ୍ରପୁର ଗ୍ରାମରେ ନରେନ୍ଦ୍ରପୁର, ଛତ୍ରପଦା, ପାଟଣା ଗ୍ରାମର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ନୀତିକାନ୍ତି ଅନୁଯାୟୀ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ରଘୁନାଥ ପଣ୍ଡା ପୂଜାକାର୍ଯ୍ୟ ଓ ପହଣ୍ଡି କରାଇଥିଲେ। ଗ୍ରାମର ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଇଂ ଅଭୟ ସୂତାର ରାଜା ବେଶରେ ରଥରେ ଛେରା ପହଁରା କରିଥିଲେ। ପରେ ହଜାର ହଜାର ମହିଳା ଓ ପୁରୁଷ ଭକ୍ତ ଜୟ ଜଗନ୍ନାଥ ଧ୍ୱନି, ହରିବୋଲ ହୁଳହୁଳି ଦେଇ ଘଣ୍ଟଘଣ୍ଟା, ଝାଞ୍ଜ କରତାଳି ତାଳେ ତାଳେ ସଂକୀର୍ତ୍ତନ କରି ରଥ ଟାଣିଥିଲେ। ମା' ପାଟଣ ମଙ୍ଗଳା ପୀଠ ସ୍ଥିତ ମାଉସୀ ମା ମନ୍ଦିରରୁ ଭକ୍ତମାନେ ରଥକୁ ଟାଣି ଟାଣି ଆଣି ଛତ୍ରପଦା ସ୍ଥିତ ମା' ବରାହୀ ଦେବୀଙ୍କ ପୀଠ ପର୍ଯ୍ୟନ୍ତ ଆଣିଥିଲେ। ସେଠାରେ ଶନିବାର ଏକାଦୁଶି ପାଳନ କରାଯିବା ପରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ନରେନ୍ଦ୍ରପୁର ସନାତନ ଗୋସେଇଁଙ୍କ ମଠକୁ ଅଣାଯିବ। ରଥ କମିଟିର ମୁଖ୍ୟ ଶୀତଳ କୁମାର ବେହେରା, ଲକ୍ଷ୍ମୀଧର ମାଝୀ, ସତ୍ୟାନନ୍ଦ ଧଳ, ରାଧାଶ୍ୟାମ ସୂତାର, ସୌଭାଗ୍ୟ ରଂଜନ ନାୟକ, ଅଜୟ କୁମାର ସୂତାର, ଗୌରହରି ମହାକୁଡ଼, ତରୁଣ ସୂତାର, ହରିହର ପଣ୍ଡା, ଭରତ ଚନ୍ଦ୍ର ସୂତାର, ପ୍ରଶାନ୍ତ କୁମାର ପତି, ସରପଞ୍ଚ ଦୀପ୍ତିମୟୀ ନାୟକ, ପୂର୍ବତନ ସରପଞ୍ଚ ସୁଧାଂଶୁ କୁମାର ନାୟକଙ୍କ ସମେତ ସନାତନ ମଠ କମିଓ ରଥ କମିଟିର ସଦସ୍ୟମାନେ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ବାହୁଡ଼ା ଯାତ୍ରାରେ ଆଖପାଖ ଅଞ୍ଚଳର ହଜାରହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ସହାୟତା ଅପେକ୍ଷାରେ ଦୁଇ ନିରୀହ ପରିବାର



ପାପଡାହାଣ୍ଡି, (ଭାସ୍କର ନ୍ୟୁଜ୍): ସପ୍ତାହ ବ୍ୟାପି ଲଗାଣ ବର୍ଷା ଯୋଗୁଁ ଭାଙ୍ଗିଛି ଦୁଇ ପରିବାର ଚାଳ ଛପର ଘର କାନ୍ଥ। ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ପାଣ୍ଡିକୋଟ ପଞ୍ଚାୟତର ଗୁମିଦୋରା ଗ୍ରାମର କୁସୁମା ପାଇକ ସ୍ୱାମୀ ମୃତ ନୀଳାମ୍ବର ପାଇକଙ୍କ ଚାଳଛପର ଘରର ମାଟି କାନ୍ଥଟି ସପ୍ତାହବ୍ୟାପି ଲଗାଣ ବର୍ଷା ଯୋଗୁଁ ଭାଙ୍ଗିଯାଇଛି। ସେହିପରି ସେହି ଗ୍ରାମର ଲିଲି ପାତ୍ର ସ୍ୱାମୀ ଲିଙ୍ଗରାଜ ପାତ୍ରଙ୍କ ଚାଳ ଛପର ଘରର ମାଟିକାନ୍ଥରୁ କିଛିଅଂଶ ଭାଙ୍ଗିଯାଇଛି। ଏହି ଦୁଇ ଜଣଙ୍କ ପରିବାର ବିପିଏଲ ପରିବାର ହୋଇଥିବାରୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଉପଯୁକ୍ତ ସହାୟତା ପ୍ରଦାନ କରିବାକୁ ଗ୍ରାମ ବାସୀ ଦାବିକରିଛନ୍ତି। ଏହି ଦୁଇ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଆବାସ ଯୋଜନାରେ ତୁରନ୍ତ ଗୃହ ଯୋଗାଇବା ପାଇଁ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି। ଏହା ସହିତ ପ୍ରଶାସନକୁ ଅନୁରୋଧ ଗ୍ରାମର ରାସ୍ତା ଗୁଡ଼ିକ ପିଚୁ ବାହାରି କାଦୁଅ ପଚପଚ ହୋଇଯାଇଛି। ଏହା ଦ୍ୱାରା ଅଧିକାଂଶ ସମୟରେ ଏହି ରାସ୍ତାରେ ଛୋଟ ବଡ଼ ଦୃଘଟଣା ମାନ ଘଟୁଛି। ତେଣୁ ଏଥିପ୍ରତି ପ୍ରଶାସନିକ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀଙ୍କ ତରଫରୁ ଦାବି ହେଉଛି।

## କ୍ରୀଡ଼ା ବ୍ୟବସ୍ଥା ଓ ଭିତ୍ତିଭୂମିକୁ ନେଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ନଗର ଭାଜପା ସଭାପତି ରାଜେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ନଗର ଭାଜପା ଦଳ ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, (ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ) ଓଡ଼ିଶାଙ୍କୁ ଜିଲ୍ଲାପାଳଙ୍କୁ ସଂଲଗ୍ନ କରି ଜିଲ୍ଲାର କ୍ରୀଡ଼ା ବ୍ୟବସ୍ଥା ଆଉ ଭିତ୍ତିଭୂମିକୁ ନେଇ ଏକ ଦାବି ଜଣାଇଛନ୍ତି। ଜିଲ୍ଲାପାଳଙ୍କ ଚିଠି ଦ୍ୱାରା ରାୟଗଡ଼ା ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସର ମରାମତି ଓ ପୁନରୁଦ୍ଧାର ନିମନ୍ତେ ଏକ ପ୍ରସ୍ତାବ ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବଙ୍କୁ ପ୍ରଦାନ କରାଯାଇଅଛି। ଯାହା ଉକ୍ତ କାର୍ଯ୍ୟ କରିବା ନିମନ୍ତେ ୨,୩୩,୨୦,୩୩୨.୦୦ ଟଙ୍କାର ଆକଳନ କରାଯାଇଅଛି। ପ୍ରସ୍ତାବକୁ ତୁରନ୍ତ ସ୍ୱୀକୃତି ପ୍ରଦାନ କରାଯାଇ କାର୍ଯ୍ୟ ଆରମ୍ଭ କରିଥିଲେ ଜିଲ୍ଲାର ଅନେକ କ୍ରୀଡ଼ା ପ୍ରେମୀ ଉପକୃତ ହେବେ ବୋଲି ନଗର ସଭାପତି ରାଜେଶ ପାଣିଗ୍ରାହୀ ମନ୍ତ୍ରୀଙ୍କୁ ଜଣାଇଥିଲେ ସେହିଭଳି ଦିର୍ଘ ୨୦ ବର୍ଷ ହେବ ଜିଲ୍ଲାରେ ରାୟଗଡ଼ା ଜିଲ୍ଲା କ୍ରୀଡ଼ା ସଂଘ ଏକ ପ୍ରକାର ଅକାମି ସହିତ ସଂଘ ତତ୍ତ୍ୱାବଧାନରେ କୌଣସି ପ୍ରକାରର ଖେଳ ହେଉନଥିବା ତଥା ଯୁବ ପ୍ରତିଭାଙ୍କ ପ୍ରେରଣା ପ୍ରଦାନ କଲା ଭଳି କାର୍ଯ୍ୟ ହେଉନାହିଁ। ଜିଲ୍ଲାରେ କ୍ରିକେଟ,ବାସ୍କେଟ ବଲ, ହକି ଏବଂ ବ୍ୟାଡ ମିଣ୍ଟନ ଆସୋସିଏସନ ଭଳି ଅନେକ ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ନୂତନ ପ୍ରତିଭା ସୃଷ୍ଟି କରାଯିବା ଦିଗରେ କୌଣସି ପ୍ରକାରର ପ୍ରଚେଷ୍ଟା ହେଉ ନାହିଁ ବୋଲି କହିଥିଲେ। ଦୀର୍ଘ ବର୍ଷ ହେବ ଜିଲ୍ଲା କ୍ରୀଡ଼ା ସଂଘ ଏବଂ ଉପରୋକ୍ତ ସମସ୍ତ ସଂଘର ହିସାବ ସମୀକ୍ଷା ଅବା ତନଖି କାର୍ଯ୍ୟ ନ ହେବା ଜିଲ୍ଲା କ୍ରୀଡ଼ା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ବୋଲି କହିବା ସହ ସମସ୍ତ ସଂଘର ବାଇଲା ଅନୁଯାୟୀ କୌଣସି ଆନୁଷଙ୍ଗିକ ଅବା ପାରିପାର୍ଶିକ କାର୍ଯ୍ୟ ମଧ୍ୟ କୌଣସି ସଂଘ ନ କରିବା ଅଭିଯୋଗ ଆସୁଅଛି ବୋଲି ଜଣାଇଥିଲେ। ସମସ୍ତ ବିଷୟକୁ ଅନୁଧ୍ୟାନ କରି ସମସ୍ତ ସଂଘର ପୁନର୍ଗଠନ କରାଯାଉ ଯାହା ଦ୍ୱାରା ଅନେକ ବିଶୃଙ୍ଖଳାକୁ ବାଦ ଦିଆଯିବା ସହିତ ଜିଲ୍ଲା କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ଆସିପାରିବ ବୋଲି ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ସମସ୍ତ ବିଷୟର ତୁରନ୍ତ ସମାଧାନ କରିବାର ପଦକ୍ଷେପ ଗ୍ରହଣ କଲେ ଆମ ଜିଲ୍ଲାର ଅନେକ କ୍ରୀଡ଼ା ପ୍ରେମୀ ସମେତ ଯୁବ ପ୍ରତିଭା ଉପକୃତ ହେବେ ବୋଲି ଜଣାଇଥିଲେ। ସମସ୍ତ କ୍ରୀଡ଼ା ପ୍ରେମୀ ନଗର ଭାଜପାର ଏଭଳି ପଦକ୍ଷେପକୁ ପ୍ରଂଶସା କରିବା ସହିତ ଯୁବ ପିଢ଼ି କ୍ରୀଡ଼ା କ୍ଷେତ୍ରର ଉନ୍ନତୀ ପାଇଁ ଭାଜପା ଠାରୁ ଅନେକ ଆଶା ରଖିଥିବା କହିଛନ୍ତି। ଦାବି ଜଣାଇବା ବେଳେ ନଗର ଭାଜପାର ରାମକୃଷ୍ଣ ପାଣିଗ୍ରାହୀ, ଅଜୟ ଚୁଲେଟ ସମେତ ଅନ୍ୟ କର୍ମୀ ସାମିଲ୍ ଥିଲେ।

## ଦୁଇଟି ପଞ୍ଚାୟତକୁ ରାସ୍ତା ପାଇଁ ୬ କୋଟି ୨୪ ଲକ୍ଷ ଭେଟି

# ଭିତ୍ତିପ୍ରସ୍ତର ରଖିଲେ ସାଂସଦ ଅପରାଜିତା



ଜଟଣୀ, (ଭାସ୍କର ନ୍ୟୁଜ୍): ଜଟଣୀ ନିର୍ବାଚନମଣ୍ଡଳି ଅନ୍ତର୍ଗତ ୨ଟି ପଞ୍ଚାୟତକୁ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବଡ଼ ଉପହାର। ଜଟଣୀ ନିର୍ବାଚନ ମଣ୍ଡଳିର କଣ୍ଟାବାଡ଼ ପଞ୍ଚାୟତର ଭୋଲା ଗାଁ ଏବଂ ଗଙ୍ଗପଡ଼ା ଗ୍ରାମ ପଂଚାୟତର ୨ଟି ଗାଁକୁ ରାସ୍ତା ପ୍ରକଳ୍ପ ଭେଟି ଦେଇ ସ୍ଥାନୀୟ ଜନସାଧାରଣଙ୍କ ମୁହଁରେ ହସ ଫୁଟାଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। କଣ୍ଟାବାଡ଼ ପଂଚାୟତର ଭୋଲା ଗାଁରୁ ରାଜ୍ୟ ରାଜପଥ ଏବଂ ଜାତୀୟ ରାଜପଥକୁ ପକ୍କା ସଡକରେ ସଂଯୋଗ ବ୍ୟବସ୍ଥା ସେତେ ଭଲ ନଥିଲା। ଏନେଇ ସ୍ଥାନୀୟ ଗ୍ରାମବାସୀ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ବହୁ ବର୍ଷରୁ ଜଣାଇ ଏକ ସ୍ଥାୟୀ, ଭଲ ରାସ୍ତା ପାଇଁ ଦାବି କରି ଆସୁଥିଲେ। ସମସ୍ତ ଉଦ୍ୟମ ସତ୍ତ୍ୱେ ପୂର୍ବ ସରକାର ଅମଳରେ ଏହାର କାମ କିନ୍ତୁ ହୋଇପାରିନଥିଲା। ଓଡ଼ିଶାରେ ଡବଲ ଇଂଜିନ ସରକାର ଆସିବା ପରେ କଣ୍ଟାବାଡ଼ ପଂଚାୟତର ଭୋଲା ଗାଁରୁ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥକୁ ସଂଯୋଗ ପାଇଁ ୩ କିଲୋମିଟର ୫୫୦ ମିଟର ଲମ୍ବ ଏବଂ ୫.୫ ମିଟର ଚଉଡାର ରାସ୍ତା ପାଇଁ ୩ କୋଟି ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମଂଜୁର ହୋଇ ଥିବା ଜଣାଇଛନ୍ତି ଭୁବନେଶ୍ୱର ସାଂସଦ। ପୂର୍ବ ସରକାରଙ୍କୁ ଏହି ରାସ୍ତା ବାବଦରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ବହୁ ବାର ଅନୁରୋଧ କରିବା ପରେ ମଧ, ପୂର୍ବ ସରକାର ଏହା ଶୁଣିନଥିଲେ। ତେବେ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗାଯୋଗ କରିବା ସହ ରାସ୍ତା ତିଆରି ପାଇଁ ବାଟ ଫିଟାଇଛନ୍ତି। ଏହି ୨ଟି ଯାକ ରାସ୍ତା ପ୍ରକଳ୍ପ ପାଇଁ ପଂଚାୟତରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଭୁବନେଶ୍ୱର ସାଂସଦ। କଣ୍ଟାବାଡର ଭୋଲା ଗାଁର ରାସ୍ତା ଏହି ପ୍ରକଳ୍ପ ଜରିଆରେ ଅଧିକ ପ୍ରଶସ୍ତି କରଣ ହୋଇପାରିବ। ସାଧାରଣରେ ଏହି ରାସ୍ତାରେ ବର୍ଷାଦିନରେ ଜରୁରୀକାଳୀନ ସମୟରେ ଯାଆସରେ ସମସ୍ୟା ଭୋଗୁଥିଲେ। ବର୍ତ୍ତମାନ ଏହି ପ୍ରଶସ୍ତିକରଣ ସରିଲେ ଲୋକଙ୍କୁ ଆଉ ବର୍ଷ ବର୍ଷର ସମସ୍ୟା ଭୋଗିବାକୁ ପଡିବ ନାହିଁ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ସେହିପରି ଗଙ୍ଗପଡ଼ା ଗ୍ରାମ ପଂଚାୟତର ଗଙ୍ଗେଶ୍ୱର ମନ୍ଦିର ରାସ୍ତା ନିର୍ମାଣ କାମର ମଧ ଭିତ୍ତି ରଖିଛନ୍ତି ଭୁବନେଶ୍ୱର ସାଂସଦ। ଗଙ୍ଗପଡ଼ା ଗ୍ରାମପଂଚାୟତର ରାସ୍ତା ପାଇଁ ୩ କୋଟି ୨୨ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ସାଂସଦ ମହୋଦୟାଙ୍କୁ ଦୀର୍ଘ ବର୍ଷରୁ ଏହି ରାସ୍ତା ପାଇଁ ଦାବି କରି ଆସୁଥିଲେ ସ୍ଥାନୀୟ ଗ୍ରାମବାସୀ। ପୂର୍ବ ସରକାରଙ୍କୁ ବହୁବାର ଏନେଇ ଜଣାଇଥିଲେ ମଧ କୌଣସି ସହଯୋଗ ମିଳିନଥିଲା। ରାଜ୍ୟରେ ସରକାର ବଦଳିବା ପରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ବିଭାଗ ସହଯୋଗରେ ବର୍ତ୍ତମାନ ଲୋକଙ୍କ ବହୁ ବର୍ଷର ଦାବି ପୂରଣ ହେବାକୁ ଯାଉଛି ବୋଲି ଭିତ୍ତି ପ୍ରସ୍ତର ରଖିବା ସମୟରେ ମତବ୍ୟକ୍ତ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏହି ଦୁଇ ଗୋଟି ରାସ୍ତା ଆସନ୍ତା ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ଶେଷ ହେବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଭିତ୍ତି ପ୍ରସ୍ତର କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱ ରଂଜନ ବଡଜେନା, ଜଟଣୀ ପଂଚାୟତ ସମିତି ଅଧକ୍ଷା ଜୟନ୍ତୀ ଛୋଟରାୟ, ଖୋର୍ଦ୍ଧା ୭ ନଂ ଜିଲ୍ଲା ପରିଷଦ ଜୋନ୍ ସଦସ୍ୟା ମୋହିନୀ ନାୟକ, ଗଙ୍ଗପଡ଼ା ଗ୍ରାମ ପଂଚାୟତ ସରପଞ୍ଚ ସୁଧାଂଶୁ ଶେଖର ମହାରଣା, ଗଙ୍ଗପଡ଼ା ଗ୍ରାମପଂଚାୟତ ସମିତିସଭ୍ୟା ବିଜୟଲକ୍ଷ୍ମୀ ସାମନ୍ତରା, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧକ୍ଷା ନିରୁପମା ସାହୁ, ଖୋର୍ଦ୍ଧା ଜିଲ୍ଲା ପରିଷଦ ଜୋନ୍ ନଂ ୨୮ର ସଦସ୍ୟ ପ୍ରଭାତ ପରିଡା, କଣ୍ଟାବାଡ଼ ଗ୍ରାମପଂଚାୟତ ସରପଞ୍ଚ ଲକ୍ଷ୍ମୀ ସାହୁ, କଣ୍ଟାବାଡ଼ ଗ୍ରାମପଞ୍ଚାୟତ ସମିତିସଭ୍ୟା ସସ୍ମିତା ବେହେରା ଏବଂ ଭୋଲା ୱାର୍ଡ ସଭ୍ୟା ପ୍ରଭାତୀ ଜଟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହିଅବସରରେ ୨ଟି ଗାଁର ବରିଷ୍ଠ ନାଗରିକମାନେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଭୂୟଶୀ ପ୍ରଶଂସା କରିଛନ୍ତି।

# ୪୨ ମୌଜାରେ ବାହୁଡ଼ା ଯାତ୍ରା

ଫୁଲନଖରା, (ଭାସ୍କର ନ୍ୟୁଜ୍): ୪୨ ମୌଜା ଧୂଳିଶ୍ୱର-ବନ୍ତୁଣିଆ ଗ୍ରାମର ମହାପ୍ରଭୁ ପତିତପାବନଜିଉଙ୍କ ବାହୁଡ଼ା ଯାତ୍ରା ସଂପନ୍ନ ହୋଇଛି। ମହାରାଜ ଦୁଃଶାସନ ସ୍ୱାଇଁ ଛେରାପହଁରା କରି ସାରିବା ପରେ ରଥ ଟଣା ଆରଂଭ ହୋଇଥିଲା। ଚତୁର୍ଦ୍ଧା ମୂର୍ତ୍ତି ମାଉସୀ ମା' ମନ୍ଦିରରୁ ଯଥାବିଧି ପୂର୍ବକ ରତ୍ନବେଦୀ ଶ୍ରୀ ଜଗନ୍ନାଥ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ଧୂଳିଶ୍ୱର ଗ୍ରାମର ବୟୋଜ୍ୟେଷ୍ଠ ଶତାୟୁ ମୂରବୀ ଆଧ୍ୟାତ୍ମିକବାଦୀ ବ୍ୟକ୍ତିତ୍ୱ ଧନେଶ୍ୱର ସେନାପତିଙ୍କୁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ କୃପା ପରିଷଦର ଉପଦେଷ୍ଟା ବରିଷ୍ଠ ସମାଜସେବୀ ଇଂ.ଆଶୋକ କୁମାର ବିଶ୍ୱାଳ ସମ୍ବର୍ଦ୍ଧିତ କରିଛନ୍ତି। ଏହି ପବିତ୍ର ଯାତ୍ରାରେ ଜଗନ୍ନାଥ କୃପା ପରିଷଦର ସଭାପତି ବିନୋଦ ବେହେରା, ସମ୍ପାଦକ ହୃଦାନନ୍ଦ ବିଶ୍ୱାଳ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ସେନାପତି,ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ତପନ ସେନାପତି, ଆଲୋକ ନାୟକ, ଦୀପ୍ତି ରଞ୍ଜନ ସାସେନି, ଲକ୍ଷ୍ମୀଧର ବିଶ୍ୱାଳ, ବୈକୁଣ୍ଠନାଥ ବିଶ୍ୱାଳ, ସୁଶାନ୍ତ ବିଶ୍ୱାଳ, ପ୍ରମୋଦ ବେହେରା, ନାରାୟଣ ସେଠୀ, କ୍ଷୀରୋଦ ବେହେରା, ରମେସ ମଲ୍ଲିକ, ଭାଗ୍ୟଧର ନାୟକ ମଧୁସୂଦନ ସେନାପତି, ତ୍ରିଲୋଚନ ସେନାପତି, ଧନେଶ୍ୱର ସେନପତି, ସୁରେନ୍ଦ୍ର ସେନାପତି, ଶିଶିର ସାହୁ, ଘନଶ୍ୟାମ ମଲ୍ଲିକ୍, ଗୋବିନ୍ଦ ସେଠୀ, ବୁଲୁ ବାବା, ସ୍ଥାନୀୟ ବାସିନ୍ଦା ଓ ବହୁ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ଥିଲେ।

# ବିନା ତାର୍ପୋଲିନରେ ଖଣିଜ ପଥର ପରିବହନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଡିଶାର ଉଚ୍ଚି ଶୁଆକାଟି କୁହାଯାଉଥିବା ଅଞ୍ଚଳ ଖଣି ଯୋଗୁଁ ସଂପୂର୍ଣ୍ଣ ପ୍ରଦକ୍ଷିତ ହୋଇଥିବା ବେଳେ ମା' ତାରିଣୀଙ୍କ ପ୍ରିୟ ଶାଳବଣର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏବେ ଲୁହାପଥର ବୋଝେଇ ଟ୍ରକର ଘର୍ଘର ନାଦ ଭିତରେ ଲୋକଙ୍କର ଆର୍ତ୍ତନାଦ ହଜି ଯିବାକୁ ବସିଛି। କେନ୍ଦୁଝର ଜିଲ୍ଲାରେ ଥିବା ଖଣି, କୋଡିଏ ହଜାରରୁ ଅଧିକ ଟ୍ରକ, ତତୋଧିକ ଛୋଟ, ମଧ୍ୟମ, ବୃହତ ଯାନବାହାନ ବାୟୁ ପ୍ରଦୂଷଣ ମୁଖ୍ୟ କାରଣ ବୋଲି ପରିବେଶବିତ ମାନେ ମତବ୍ୟକ୍ତ କରିଛନ୍ତି। ଜାତୀୟ ରାଜପଥରେ ଯାଉଥିବା ଭାରୀଯାନରୁ ନିର୍ଗତ କଳାଧୂଆଁ ବା କାର୍ବନ ମନୋକସାଇଡ ଦ୍ୱାରା ବାୟୁମଣ୍ଡଳ ଅଧିକମାତ୍ରାରେ ପ୍ରଦୂଷିତ ହେବା ସହିତ ମାନବ ଶରୀରରେ ଏହା ପ୍ରତିକୂଳ ପ୍ରଭାବ ପକାଇବା ସହିତ ରକ୍ତଗତ ରୋଗ ଅଧିକ ଭାବରେ କରାଇଥାଏ। ଏତଦ୍ ବ୍ୟତୀତ ରପ୍ତାନୀ ଭିତ୍ତିକ ଲୁହାପଥର ଗୁଣ୍ଡ ପରିବହନ ଦୃଷ୍ଟିରୁ କେନ୍ଦୁଝର ଜିଲ୍ଲାର ଲାଇଫ୍ ଲାଇନ କୁହାଯାଉ ଥିବା ୪୯ ଓ ୨୦ ନଂ ଜାତୀୟ ରାଜପଥରେ ପ୍ରତିଦିନ ୧୦ ହଜାରରୁ ଉଦ୍ଧ୍ୱର୍ ଟ୍ରକ ଚଳାଚଳ ହେଉଥିବା ଯୋଗୁଁ ପ୍ରଦୂଷଣ ଶୀର୍ଷ ସ୍ଥାନରେ ପଡିଛି। ପ୍ରଦୂଷଣର ମାତ୍ରା ୫ଗୁଣ ବୃଦ୍ଧି ପାଇଥିବାରୁ ବାୟୁମଣ୍ଡଳ ଦୂଷିତ ହେବା ସଙ୍ଗେ ସଙ୍ଗେ ଜନସାଧାରଣ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ବିନା ତାର୍ପୋଲିନରେ ଲୁହାପଥର ପରିବହନ ହେଉଥିବାରୁ ରାସ୍ତାରେ ଗୁଣ୍ଡି ଉଡୁଛି। ପ୍ରଶାସନ ପକ୍ଷରୁ ଏନେଇ ଖଣି ମାଲିକ ଏବଂ ଟ୍ରାନ୍ସପୋର୍ଟରଙ୍କୁ ତାଗିଦ୍ ସତ୍ତ୍ୱେ ଏହି ନିୟମ ପାଳନ ହେଉନାହିଁ। ଏପରିକି ଶୁଆକାଟୀସ୍ଥିତ ଓଏମ୍ସି ଗନ୍ଧମାର୍ଦ୍ଦନ ଖଣିରୁ ମଧ ବିନା ତାର୍ପୋଲିନରେ ପରିବହନ ପାଇଁ କିପରି ଅନୁମତି ଦିଆଯାଉଛି ତାହା ତଦନ୍ତ ସାପେକ୍ଷ। ଏହି ଟ୍ରକଗୁଡିକ ପରିବହନ କରୁଥିବାରୁ ଲୁହାପଥର ଗୁଣ୍ଡି ଉଡି ବାୟୁ ପ୍ରଦୂଷଣ କରୁଛି। ଅତ୍ୟଧିକ ଟ୍ରକ ଚଳାଚଳ ଯୋଗୁଁ ଗାଡିରୁ ନିଷ୍କାସିତ ହେଉଥିବା ନାଇଟ୍ରୋଜେନ ଅକ୍ସାଇଡ,ସଲଫର ଡାଇଅକସାଇଡ୍ ଓ କାର୍ବନ ମନୋକସାଇଡ୍ ସମସ୍ତ ପରିବେଶକୁ ବିଷାକ୍ତ କରି ସାରିଲେଣି। ରାସ୍ତାଗୁଡିକରେ ପ୍ରବଳ ଧୂଳି ଝଡ ବହିବା ଦ୍ୱାରା ବାୟୁମଣ୍ଡଳକୁ ପ୍ରଦୂଷଣ କରୁଛି। ବ୍ୟାପକ ଟ୍ରକ ଚଳାଚଳ କେନ୍ଦୁଝରର ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି। କେବଳ ଏତିକି ନୁହେଁ କେନ୍ଦୁଝରରେ ସ୍ଥାପନା କରାଯାଇଥିବା ବିଭିନ୍ନ କଳକାରଖାନାର ଚର୍ତ୍ତୁପାଶ୍ୱର୍ରେ ଆଦୌ ବୃକ୍ଷରୋପଣ କରାଯାଉନଥିବାରୁ ଏହା ପରିବେଶ ଉପରେ ସିଧାସଳଖ କୁପ୍ରଭାବ ପକାଉଛି। ଏହାର ପ୍ରଭାବରୁ ଗାଈଗୋରୁ ଓ ଫସଲ ପ୍ରଭାବିତକୁ ଅସ୍ୱୀକାର କରାଯାଇନପାରେ। ପରିବେଶ ପ୍ରଦୂଷଣ ରୋକିବା ପାଇଁ ବୃକ୍ଷରୋପଣକୁ ପ୍ରାଧାନ୍ୟ ଦିଆଯାଇ ପାରିଲେ ପ୍ରଦୂଷଣ ରୋକା ଯାଇପାରିବ। ଏତଦ୍ ବ୍ୟତୀତ ଖଣିମାଲିକ ଏବଂ ଟ୍ରାନ୍ସପୋର୍ଟରଙ୍କ ବିରୁଦ୍ଧରେ କଡା ପଦକ୍ଷେପ ନେବାକୁ ଦାବି ହୋଇଛି। ଖଣି ବିଭାଗ, ଆଞ୍ଚଳିକ ପରିବହନ ବିଭାଗ, ପୋଲିସ ପକ୍ଷରୁ ନିୟମିତ ଯାଞ୍ଚ କରାଗଲେ ଅନେକାଂଶରେ ଏ ଦିଗରେ ଅଙ୍କୁଶ ଲଗାଯାଇପାରିବ ବୋଲି ସାଧାରଣରେ ମତପୋଷଣ ହେଉଛି।



# ଆମ କଳାହାଣ୍ଡି





# ଦେବାଦେବୀଙ୍କ ଲାଠିଯାତ୍ରାରେ ବାହୁଡ଼ିଲେ ତିନି ଠାକୁର



କଳାହାଣ୍ଡି, (ଭାସ୍କର ନ୍ୟୁଜ୍) : ସରିଲା ଜନ୍ମବେଦୀରେ ଲୀଳାଖେଳା। ନଅ ଦିନପରେ ଭାଇ ଭଉଣୀଙ୍କୁ ଘେନି ଜନ୍ମବେଦୀରୁ ରତ୍ନବେଦୀଙ୍କୁ ଯାତ୍ରା କରିଛନ୍ତି କାଳିଆ ଠାକୁର। ଶନିବାର ବାହୁଡ଼ା ଯାତ୍ରା ପାଇଁ ବଡ଼ ଦାଣ୍ଡରୁ ପୁରପଲ୍ଲୀ ହୋଇ ଉଠିଛି ଉତ୍ସବ ମୁଖର। ଘଣ୍ଟ, ଘଣ୍ଟା, ମୃଦଙ୍ଗ, ସଂକୀର୍ତ୍ତନ, ଭକ୍ତଙ୍କ ଭଜନ ଦ୍ୱାରା ଗହଳି ଲଗାଇ ହଲି ହଲି ରତ୍ନବେଦୀକୁ ଆସିଛନ୍ତି ବଡ ଠାକୁର। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ଗୋତୋମୁଣ୍ଡା ଗ୍ରାମରେ ନିଆଁରା ପରମ୍ପରାରେ ବାହୁଡ଼ା ଯାତ୍ରା ସମାପନ ହୋଇଛି। ଗ୍ରାମବାସୀଙ୍କ କହିବାନୁସାରେ, ଏହି ଅଞ୍ଚଳରେ ରଥଯାତ୍ରା ପାଳନ ହେବା ପଛରେ ଏକ କାହାଣୀ ରହିଛି। ବହୁ ବର୍ଷ ଆଗରୁ ଜଣେ ବୈଷ୍ଣବ ସଂପ୍ରଦାୟର ବ୍ୟକ୍ତି ଜଗନ୍ନାଥ ପ୍ରଭୁଙ୍କ ବିଗ୍ରହକୁ ଧରି ଗୋତୋମୁଣ୍ଡା ଆସିଥିଲେ। ଜଗନ୍ନାଥ ପ୍ରଭୁଙ୍କ ବିଗ୍ରହକୁ ସ୍ଥାପନା କରି ପୂଜା କରିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ସେହି ସମୟରେ ଗୋତୋମୁଣ୍ଡା ଗାଁର ଗୌନ୍ତିଆ ନଥିବାରୁ ଜଗନ୍ନାଥଙ୍କ ବିଗ୍ରହକୁ ରଖିବା ଲାଗି ଗ୍ରାମବାସୀ ମନା କରିଥିଲେ। ଯାହା ପରେ ବୈଷ୍ଣବ ବ୍ୟକ୍ତି ଜଣକ ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ଅନ୍ୟତ୍ର ଚାଲି ଯାଇଥିଲେ। ଗାଁର ଗୌନ୍ତିଆ ଗୋତୋମୁଣ୍ଡା ଫେରିବା ପରେ ଗ୍ରାମବାସୀ ଘଟଣା ସମ୍ପର୍କରେ କହିଥିଲେ। ତା' ପରଦିନ ଗୌନ୍ତିଆ ସଂପୃକ୍ତ ବ୍ୟକ୍ତିଙ୍କୁ ଖୋଜି ଆଣିବା ପାଇଁ ଗ୍ରାମବାସୀଙ୍କୁ କହିଥିଲେ। ବୈଷ୍ଣବ ବ୍ୟକ୍ତି ଜଣକ ଛତିଶଗଡ଼ର ବରିଗାଁରେ ଥିବା ଖବର ପାଇଥିଲେ। ଯାହା ପରେ ଗ୍ରାମବାସୀମାନେ ତାଙ୍କୁ ଭେଟି ଗୋତୋମୁଣ୍ଡା ଆସିବାକୁ ନିମନ୍ତ୍ରଣ କରିଥିଲେ। ପରବର୍ତ୍ତୀ ସମୟରେ ବୈଷ୍ଣବ ବ୍ୟକ୍ତି ଗୋତମୁଣ୍ଡା ପହଞ୍ଚି ଗୌନ୍ତିଆଙ୍କୁ ସାକ୍ଷାତ କରି ବିଗ୍ରହ ସ୍ଥାପନ କରି ପୂଜା କରିବା ପାଇଁ ଅନୁରୋଧ କରିଥିଲେ। ଏହି ସମୟରେ ଜଗନ୍ନାଥଙ୍କ ଘୋଷଯାତ୍ରା ସରି ଯାଇଥିବା ବେଳେ ଆଗକୁ ବାହୁଡ଼ା ଯାତ୍ରା ଥିଲା। ବାହୁଡ଼ା ଯାତ୍ରା ଦିନ ବ୍ୟକ୍ତି ଜଗନ୍ନାଥ ପ୍ରଭୁଙ୍କ ବିଗ୍ରହକୁ ଧରି ଗୋତୋମୁଣ୍ଡା ଗ୍ରାମରେ ପହଞ୍ଚିଥିଲେ। ବାହୁଡ଼ା ଯାତ୍ରା ଦିନ ଗୋତୋମୁଣ୍ଡା ଗ୍ରାମର ଇଷ୍ଟଦେବୀ ମା' ସର୍ବ ମଙ୍ଗଳା ଘାଟି ମୁଣ୍ଡିଆଣି ସମେତ ଅନ୍ୟ ଦେବାଦେବୀଙ୍କ ମଣ୍ଡେଇ ଯାତ୍ରା ରହିଥିଲା। ଗୋତୋମୁଣ୍ଡା ଗୌନ୍ତିଆ ମଣ୍ଡେଇ ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଦେବାଦେବୀଙ୍କ ଲାଠି, କୁର୍ସ, କାଳିଶି ସହ ବାଜା ବଜାଇ ଜଗନ୍ନାଥ ମହାପ୍ରଭୁଙ୍କୁ ସ୍ୱାଗତ କରି ଗାଁକୁ ପାଛୋଟି ନେଇଥିଲେ। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଉକ୍ତ ପରମ୍ପରା ଅନୁସାରେ ଗୋତୋମୁଣ୍ଡା ଗାଁରେ ବାହୁଡ଼ା ଯାତ୍ରା ହୋଇଆସୁଛି। ଏହି ବାହୁଡ଼ାଯାତ୍ରା ଦେଖିବା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ବଡ଼ପୋଡ଼ାଗୁଡ଼ା, ଆମପାଣି, କାଉଡୋଲା, ସିଉନୀ, କେନ୍ଦୁଡଙ୍ଗରୀ, ଲଡୁଗାଁ, କୋକସରା, କାଶୀବାହାଲ, ମୋଟେର, ଛିଲିପାମାଲ, ଡଙ୍ଗରୀଗୁଡା, ତୁନଗାଁ, ଟେମରା ଆଦି ସ୍ଥାନରେ ମଧ ଶାନ୍ତି ଶୃଙ୍ଖଳା ସହିତ ବାହୁଡାଯାତ୍ରା ସମାପନ ହୋଇଛି। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇବା ପାଇଁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ପାଳିତ ବାହୁଡା ଯାତ୍ରାରେ ପୂଜା କମିଟି ଓ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

## ଲୁହା ସାମଗ୍ରୀ ଚୋରି ଅଭିଯୋଗ ୪ ଚୋରଙ୍କ ସହ କବାଡ଼ିଆ ଗିରଫ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସ୍ପିନିଂ ମିଲ୍‌ରୁ ଗୁରୁବାର ମଧ୍ୟାହ୍ନରେ ଅତି ମୂଲ୍ୟବାନ ଲୁହା ଜିନିଷପତ୍ର ଚୋରି ହୋଇଥିଲା। ଏ ନେଇ ସ୍ପିନିଂ ମିଲ୍ କର୍ତ୍ତୃପକ୍ଷ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ୍ ତଦନ୍ତ କରିଥିଲା। ୪ ଜଣ ଚୋର ଓ ଜିନିଷ କିଣିଥିବା କବାଡ଼ିଆଙ୍କୁ ପୋଲିସ ଗିରଫ କରି



ପଚରାଉଚରା କରିଥିଲା। ଚୋରି ସହିତ ଅଭିଯୁକ୍ତଙ୍କ ସମ୍ପୃକ୍ତି ପ୍ରମାଣିତ ହେଲା ପରେ ଶୁକ୍ରବାର ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଭବାନୀପାଟଣାରୁ ଏକ ସନ୍ଧାନୀ କୁକୁର ଦ୍ୱାରା ଅନୁସନ୍ଧାନ କରାଯାଇ ଚୋରଙ୍କୁ ଗିରଫ କରାଯାଇଛି। ଏହି ଚୋରମାନେ କେସିଙ୍ଗା ସହରର ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ଏବଂ ସେମାନଙ୍କଠାରୁ ସ୍ପିନିଂ ମିଲ୍‌ରେ ବ୍ୟବହୃତ ଲୁହା ସାମଗ୍ରୀ ୨୫୦ କିଲୋ ସିଜ୍ କରାଯାଇଛି ବୋଲି ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ କେସ ନଂ ୩୩୧(୩),୩୦୫, (ବ),୬୧(୨) ଦଫାରେ ମାମଲା ରୁଜୁ ହୋଇଛି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ପୁଝାରିଗୁଡ଼ା ଗାଁର ରଘୁମଣି ପାତ୍ରଙ୍କୁ ଶନିବାର ରାତିରେ ଏକ ଭାଲୁ ଆକ୍ରମଣ କରିଥିଲା। ସାଇକେଲରେ ଘରକୁ ଫେରୁଥିବା ବେଳେ ଗାଁ ନିକଟସ୍ଥ ନୂଆପଡ଼ା ରାସ୍ତାରେ ଭାଲୁ ହାବୁଡ଼ର ଶିକାର ହୋଇଥିଲେ। ତେବେ କୌଣସି ପ୍ରକାରେ ଭାଲୁ ହାବୁଡ଼ରୁ ନିଜକୁ ରକ୍ଷା କରି ରଘୁମଣି ସୁରକ୍ଷିତ ଭାବେ ଘରେ ପହଞ୍ଚିଥିଲେ। ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଭାଲୁ ଆକ୍ରମଣରେ ଯୁବକଙ୍କ ଯୌନାଙ୍ଗରେ ଗଭୀର କ୍ଷତ ହୋଇଛି। ଯୁବକଙ୍କ ଚିକିତ୍ସା ଜାରି ରହିଛି। ତେବେ ଖବର ପାଇବା ପରେ ମଧ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ନଥିଲେ। ଯାହା ବନ ବିଭାଗ କର୍ମଚାରୀ ଅବହେଳାକୁ ଦର୍ଶାଉଛି।

## ଗଳାରେ ବଢୁଛି ମାଂସ ପିଣ୍ଡୁଳା: ଚିକିତ୍ସା ପାଇଁ ମିଳୁନି କୂଳକିନାରା

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍): ପନ୍ଦର ବର୍ଷରୁ ଅଧିକ ସମୟ ହେଲା ସେ ଭୋଗୁଛନ୍ତି ଯମ ଯନ୍ତ୍ରଣା। ପୂର୍ବରୁ ମାଂସ ପିଣ୍ଡୁଳା ଛୋଟ ଥିଲା,

**ସାହାରା ଖୋଜୁଛନ୍ତି ପୁନେ ବେହେରା**

ଜଣା ପଡୁନଥିଲା। ଧିରେ ଧିରେ ବଢ଼ିବାକୁ ଲାଗିଲା। ଆଉ ବଢିଲା ଯନ୍ତ୍ରଣା। କୁଲିମଜୁରୀ କରି



ଚଳୁଥିବା ପରିବାର କେମିତି ଚିକିତ୍ସା କରିବେ ବୁଝିପାରିନଥିଲେ। ଖବର ଅନୁସାରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରର ଅନତି ଦୂରରେ ଥିବା ବକଟପୁର ଗାଁର ମହିଳା ପୁନେ ବେହେରାଙ୍କ କଥା। ତାଙ୍କ ଗଳାରେ ଦୀର୍ଘ ପନ୍ଦର ବର୍ଷ ହେଲା ମାଂସ ପିଣ୍ଡୁଳା ବଢୁଛି। ବଢିବା ସହିତ ଯନ୍ତ୍ରଣା ବି ହେଉଛି। ପାଖରେ ଅଛି ପୁରୁଣା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ବର୍ତ୍ତମାନର ଆୟୁଷ୍ମାନ ଭାରତ କାର୍ଡ। ସରକାରୀ ସୁବିଧା ସୁଯୋଗ ଥିଲେ ହେଁ କେଉଁ ହସ୍ପିଟାଲ ଯିବେ, କେମିତି ଯିବେ ଆଉ କେମିତି ଚିକିତ୍ସା କରାଇବେ କୂଳକିନାରା ପାଉନାହାନ୍ତି ପୁନେ। ତେବେ ସଠିକ ପରାମର୍ଶ ଓ ଉପଯୁକ୍ତ ଚିକିତ୍ସାର ଭରସା ପାଇଲେ ସେ ଚିକିତ୍ସିତ ହେବେ ବୋଲି ନେହୁରା ହୋଇଛନ୍ତି। ତେବେ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ନେଲେ ତାଙ୍କ ଦୁଃଖ ଓ ଯନ୍ତ୍ରଣା ଦୂର ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

## ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଚାରାରୋପଣ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜଙ୍ଗଲ ବିଭାଗର ଉତ୍ତର ଓ ଦକ୍ଷିଣ ବନଖଣ୍ଡ ଓ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ପରିସରର ୬ ତାରିଖ ରବିବାର ଦିନ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡା.ନିବେଦିତା ନାଥ, ଭବାନୀପାଟଣା ଆର୍.ସି.ସିଏଫ୍ ସନ୍ତୋଷ ଯୋଷୀ, ଜଙ୍ଗଲ ବିଭାଗର ଦକ୍ଷିଣ ବନଖଣ୍ଡ ଡିଏଫ୍ ଓ. ଆର୍.କଲାଇଭନନ୍, ଉତ୍ତର ବନଖଣ୍ଡ ଡିଏଫ୍‌ଓ ରମେଶ କୁମାର, ଏସିଏଫ୍ ନର୍ଥ ଡିଭିଜନ ଲିଲି ଅମାନତ୍ୟା, ଏସିଏଫ୍ ପ୍ରଭୁଦତ୍ତ ହିମାଂଶୁ ମିଶ୍ର, ସଦର ରେଞ୍ଜ ଅଫିସର ସ୍ମିଗ୍ଧା ସରିତା ବଳିଆର୍ ସିଂ, ସାଉଥ୍ ଡେପୁଟି ରେଞ୍ଜ ଅଫିସର ଦୀପ୍ତିମାନ ପଣ୍ଡା, ମଦନପୁର ରାମପୁର ଏସିଏଫ୍ ତଥା ଇନଚାର୍ଯ୍ୟ ରେଞ୍ଜ ଅଫିସର ଅସିତ୍ କୁମାର ଦାସ, ନର୍ଲା ରେଞ୍ଜ ଅଫିସର ଭାରତବନ୍ଧୁ ଶବର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ବିଭିନ୍ନ ଚାରାରୋପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସାଉଥ୍ ଫରେଷ୍ଟ ଅଧିକାରୀ ଯୋଗେନ୍ଦ୍ର ମାଝି ଓ ସଦର ଫରେଷ୍ଟ ଅଧିକାରୀ ଭବାନୀ ଶଙ୍କର ପରିଛା ଏବଂ ଉଭୟ ଉପଖଣ୍ଡର ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ। ଜିଲ୍ଲା ଜଙ୍ଗଲ ବିଭାଗ ପକ୍ଷରୁ ଗତ ଜୁଲାଇ ଏକ ତାରିଖ ଠାରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଚାରାରୋପଣ କରାଯାଉଛି।

# ପାଣି ଘେରରେ ପିଲାଙ୍କ ଭବିଷ୍ୟତ



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ୮୦ ପ୍ରତିଶତ ବିଦ୍ୟାଳୟରେ ପାଣି ଗଳୁଛି। ଏହା ବ୍ୟତୀତ ବହୁ ସ୍କୁଲରେ ଆବଶ୍ୟକ ଶ୍ରେଣୀଗୃହ ନଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧା ଭୋଗୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଟାଙ୍ଗଣକଣା ପ୍ରାଥମିକ ବିଦ୍ୟାଳୟରେ। ସୂଚନାମତେ ୨୦ ଏପ୍ରିଲ ୨୦୦୭ ମସିହାରେ ଟାଙ୍ଗଣକଣା ବିଦ୍ୟାଳୟ ସ୍ଥାପନ ହୋଇଥିଲା। ବର୍ତ୍ତମାନ ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷା ଦାନ ପାଇଁ ୨ଜଣ ଶିକ୍ଷକ ଅଛନ୍ତି। ୫ ଶ୍ରେଣୀ ପିଲାଙ୍କ ପାଇଁ ମାତ୍ର ୨ଟି କୋଠରି ରହିଥିବା ବେଳେ ଗୋଟିଏ ଛୋଟିଆ ଅଫିସ କୋଠରୀ ରହିଛି। ଛାତ୍ରଛାତ୍ରୀ ପଢୁଥିବା ଏହି ୨ଟି କୋଠରୀ ଓ ଅଫିସ କୋଠରୀରେ ବର୍ଷା ପାଣି ଗଳୁଥିବା ଯୋଗୁଁ ଛାତ୍ରଛାତ୍ରୀମାନେ ଗୋଟିଏ କୋଠରୀର କୋଣରେ ବସି ବହୁ ଅସୁବିଧାର ସମ୍ମୁଖୀନ ହୋଇ ପାଠ ପଢିବା ଦୃଶ୍ୟ ଦେଖିବାକୁ ମିଳିଛି। ଯାହା ଫଳରେ ବିପଦ ସଂକୁଳ ଅବସ୍ଥାରେ ବସାଇ ପିଲାଙ୍କୁ ପାଠ ପଢାଇବା ସମ୍ଭବ ହୋଇ ପାରୁନାହିଁ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଶ୍ୟାମ ମାଝୀ ଓ ଶିକ୍ଷକ ମାନେ ପ୍ରକାଶ କରିଛନ୍ତି। ବର୍ଷ ବର୍ଷ ଧରି ସ୍କୁଲର ସମସ୍ୟା ନେଇ ବ୍ଲକ ଶିକ୍ଷା ବିଭାଗ, ଗ୍ରାମପଞ୍ଚାୟତ ସରପଞ୍ଚ, ବ୍ଲକ ବିଡ଼ିଓଙ୍କ ଆଗରେ ବହୁବାର ଅଭିଯୋଗ କରିବା ପରେ ଗତ ୨୦୨୪ ଜୁନ ମାସରେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର ଉକ୍ତ ସ୍କୁଲକୁ ଆସି ତଦନ୍ତ କରି ସ୍କୁଲର ଅବସ୍ଥା ଦେଖି ଅତିଶୀଘ୍ର ଏହାର ପୁନରୁଦ୍ଧାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜିଯାଏ କୌଣସି ପଦକ୍ଷେପ ନିଆ ଯାଇନାହିଁ। ବ୍ଲକ ଓ ପଞ୍ଚାୟତର ଖାମଖିଆଲି ମନୋଭାବ ଓ ଚରମ ଅବହେଳା ଯୋଗୁଁ ଆଜି ସ୍କୁଲର ଏଭଳି ସମସ୍ୟା ଦେଖା ଦେଇଛି ବୋଲି ସ୍କୁଲ କମିଟି ଓ ଅଭିଭାବକ ମାନେ ପ୍ରକାଶ କରିଛନ୍ତି। ଯାହା ଫଳରେ ଛାତ୍ରଛାତ୍ରୀଙ୍କ ମୁଣ୍ଡ ଉପରେ ବିପଦ ଝୁଲିକି ରହିଥିବା ଯୋଗୁଁ ସ୍କୁଲ ମରାମତି କର ନଚେତ ପିଲାଙ୍କୁ ସ୍କୁଲ ଛାଡିବୁ ନାହିଁ ବୋଲି ଅଭିଭାବକ ମାନେ ଚେତାବନୀ ଦେଇଛନ୍ତି। ସେହିପରି ସ୍କୁଲରେ ରୋଷେଇ ଘରଟିଏ ମଧ ନାହିଁ। ଏଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦିଅନ୍ତୁ ବୋଲି ସ୍କୁଲ ପରିଚାଳନା କମିଟିର ସଭାପତି ଶ୍ରୀ ମାଝୀ ସମେତ ଅଭିଭାବକ ମାନେ ଦାବି କରିଛନ୍ତି। ଏନେଇ ବ୍ଲକ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କୁ ପଚାରିବାରୁ ବିଡ଼ିଓଙ୍କ ସହିତ କଥା ହୋଇ ଅତିଶୀଘ୍ର ବ୍ୟବସ୍ଥା କରିବୁ ବୋଲି ପ୍ରକାଶ କରିଥିଲେ। ଏନେଇ ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ଛତ୍ରପୁର ପଞ୍ଚାୟତ ସରପଞ୍ଚଙ୍କ ସହିତ କଥା ହୋଇ ଅତିଶୀଘ୍ର ସ୍କୁଲର ମରାମତି କରିବା ପାଇଁ ବ୍ୟବସ୍ଥା କରିବୁ ବୋଲି ପ୍ରକାଶ କରିଛନ୍ତି।

## ଲଗାଣ ବର୍ଷାରେ ଭୁଶୁଡିଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



ଜୁନାଗଡ଼ (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁଲିହାରୀ ଗାଁରେ। ଏହି ଗାଁର ଦୁଇଟି ପରିବାରର ବାସଗୃହ ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି। ଯାହାରି ଫଳରେ ଦୁଇଟି ପରିବାରର, ସ୍ୱାମୀ ସ୍ତ୍ରୀ, ଛଅଟି ପିଲାଛୁଆ ସହ, ବାପା, ମାଁ, ଓ ସାନଭାଇ, ଏମାନେ ବହୁମାତ୍ରାରେ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଦୁଃଖ କହିଲେ ନ ସରେ। ପରିବାରର ପୁରୁଷ ମାନେ କାମ କରିବାକୁ ଯାଇଥିଲେ। ଘରେ ଥିଲେ ସ୍ତ୍ରୀ ଓ ପିଲାଛୁଆ। ଘର ଭୁଶୁଡି ପଡ଼ିଥିଲେ ମଧ ସୌଭାଗ୍ୟ ବଶତଃ କାହାର ଶାରୀରିକ କ୍ଷତି ହୋଇ ନାହିଁ। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ କଳେଇ ଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଲିହରି ଗାଁ ଏକ ରାଜସ୍ୱ ସରକଲ ଗ୍ରାମ। ଏହି ଗାଁର ପ୍ରଥମ ବାଟର ଡାହାଣ ପାର୍ଶ୍ୱରେ ଦୁଇ ପରିବାର ସତ୍ୟ ନାରାୟଣ ଓ ସଦାନନ୍ଦ ବାଗ ଦୁଇ ଭାଇ ଦୁଇ ପତ୍ନୀ ପିଲା ଛୁଆଙ୍କୁ ଦୀର୍ଘ ଦିନରୁ ବସବାସ କରନ୍ତି। ଏହି କ୍ରମରେ ଜିଲ୍ଲାରେ ଲଗାଣ ବର୍ଷା ଦାଉ ସାଜିଛି। ଗତକାଲି ଠିକ୍ ୧୦ଟା ସମୟରେ ବର୍ଷା ହେଉଥିବା ବେଳେ ଘର ଛାତରୁ କିଛି ଶବ୍ଦ ଶୁଣି ବାହାରୁକୁ ଚାଲି ଆସିଥିଲେ। ଯାହା ଫଳରେ ପରିବାର ସମସ୍ତଙ୍କ ଜୀବନ ରକ୍ଷା ପାଇଥିଲା। ସଂପୃକ୍ତ ଏହି ଘଟଣାର ଖବର ପାଇ ସ୍ଥାନୀୟ ରାଜସ୍ୱ ସରକଲ ଘରର ସ୍ଥିତି ପରକ୍ଷୀ ତୁରନ୍ତ ପଲିଥିନ ଯୋଗାଇଥିଲେ ଓ ସ୍ଥାନୀୟ ସରପଞ୍ଚ ପରିବାରକୁ ଖାଦ୍ୟ ଯୋଗାଇଥିବା ଜଣାଯାଏ। ବିପନ୍ନ ପରିବାରକୁ ସରକାର ତରଫରୁ ଆବାସ ଯୋଗାଇବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ


କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ସଚେତନ ନାଗରିକ ମଞ୍ଚ, କେସିଙ୍ଗା ପକ୍ଷରୁ ୧୦ଟି ଦାବି ସରକାର ତଥା ପ୍ରଶାସନ ନିକଟରେ ଉପସ୍ଥାପନ କରିଥିଲା। ଏହି ଦାବିଗୁଡିକ ପୂରଣ ନ ହେବାରୁ ଗତ ମାସ ୧୮ ତାରିଖ ଠାରୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଆରମ୍ଭ କରିଥିଲା ବେଳେ ଆଜି ତାହା ୧୮ ଦିନ ପରେ ପ୍ରତ୍ୟାହୃତ ହୋଇଛି। ତେବେ ଆନ୍ଦୋଳନର କିଛି ଦିନ ପରେ ବିଡିଓ ଜନ୍ମେଜୟ ସ୍ୱାଇଁ, ତହସିଲଦାର ପ୍ରଶାନ୍ତି ପ୍ରଧାନ ଓ ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ ପରିଡା ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ ତାହା ବିଫଳ ହୋଇଥିଲା। ଆଜି କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଧାରଣା ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶ୍ରୀ ପ୍ରକାଶ ଆନ୍ଦୋଳନକାରୀଙ୍କୁ କହିଥିଲେ ଯେ ଆପଣମାନଙ୍କ ଦାବିଗୁଡିକ ଉପରେ ଜିଲ୍ଲା ପ୍ରଶାସନ ତରଫରୁ ସରକାରଙ୍କୁ ରିପୋର୍ଟ କରାଯାଇଛି। ତେଣୁ ଆପଣମାନେ ଆନ୍ଦୋଳନ ପ୍ରତ୍ୟାହାର କରନ୍ତୁ ବୋଲି କହିଥିଲେ। ହେଲେ ସମସ୍ତ ଦାବିର ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ସଚେତନ ନାଗରିକ ମଞ୍ଚର ସଭାପତି ଜିଲ୍ଲାପାଳଙ୍କୁ କହିଥିଲେ। ତେବେ ଜିଲ୍ଲାପାଳଙ୍କ ଅନୁରୋଧକୁ ସମ୍ମାନ ଜଣାଇ ଆଜିଠାରୁ ଆନ୍ଦୋଳନ ପ୍ରତ୍ୟାହାର କରାଗଲା ବୋଲି ଜିଲ୍ଲାପାଳଙ୍କ ଉପସ୍ଥିତିରେ ସଚେତନ ନାଗରିକ ମଞ୍ଚର ସଭାପତି ଘୋଷଣା କରିଥିଲେ। ଏହି ଆଲୋଚନା ସମୟରେ କଳାହାଣ୍ଡି ଜିଲ୍ଲାପାଳ, ଭବାନୀପାଟଣା ଉପ ଜିଲ୍ଲାପାଳ, କେସିଙ୍ଗା ବିଡିଓ, ତହସିଲଦାର, ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କେସିଙ୍ଗା ଆଦର୍ଶ ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କ ସହିତ ସଚେତନ ନାଗରିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମନରେଗା ବାଟବଣା: କାମ ନପାଇ ଦାଦନ ସାଜୁଛନ୍ତି ଯୁବଗୋଷ୍ଠୀ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ରାଜ୍ୟର ୩୦ଟି ବ୍ଲକ ଓ କଳାହାଣ୍ଡି ଜିଲ୍ଲାର ୫ଟି ବ୍ଲକକୁ ଅତ୍ୟନ୍ତ ଦାଦନ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରି ସରକାର ବର୍ଷକୁ ୧୦୦ ଦିନ ବଦଳରେ ୩୦୦ ଦିନର କାମ ଯୋଗାଇଦେବାକୁ ଘୋଷଣା କରିଥିଲେ। ସେହିପରି ଦୈନିକ ମଜୁରୀ ୨୭୩ ବଦଳରେ ଏହି ବ୍ଲକଗୁଡିକ ପାଇଁ ୩୫୨ ଟଙ୍କା ଧାର୍ଯ୍ୟ କରିଥିଲେ। ଏହାଦ୍ୱାରା ହାତପାଆନ୍ତାରେ ବର୍ଷକୁ ୩୦୦ ଦିନର କାମ ମିଳିଲେ ଲୋକେ ଆଉ ଦାଦନ ଖଟିବାକୁ ଯିବେନି ବୋଲି କୁହାଯାଇଥିଲା। କିନ୍ତୁ ନୂଆ ସରକାର ଆସିବା ବର୍ଷଟିଏ ବିତିଗଲାଣି, ଦାଦନ ପ୍ରବଣ ବ୍ଲକ ଭାବେ ଘୋଷିତ ଅଞ୍ଚଳରେ ନା ଶ୍ରମ ଦିବସ ବୃଦ୍ଧି ପାଇଲା ନା କାମ କରୁଥିବା ଲୋକଙ୍କ ପାରିଶ୍ରମିକ ବୃଦ୍ଧି ପାଇଲା। ଏବେ ବି କଳାହାଣ୍ଡି ଜିଲ୍ଲାର ଉକ୍ତ ଦାଦନ ପ୍ରବଣ ଭାବେ ଚିହ୍ନିତ ଲାଞ୍ଜିଗଡ଼, ମ. ରାମପୁର, ଗୋଲାମୁଣ୍ଡା, ଭବାନୀପାଟଣା ଓ ଥୁଆମୂଳ ରାମପୁର ବ୍ଲକରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା। ପୂର୍ବ ସରକାର ସମୟରେ ରାଜ୍ୟର ୨୦ ବ୍ଲକକୁ ଚିହ୍ନଟ କରାଯାଇଥିବାବେଳେ ନୂତନ ସରକାର ଆସିବା ପରେ ଏଥିରେ ଆଉ ୧୦ଗୋଟି ବ୍ଲକକୁ ସାମିଲ କରିଥିଲେ। ସେହିପରି ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ହେବା ପରେ ଅନ୍ତତଃ ଶ୍ରମିକମାନେ ହାତକୁ କାମ ପାଇବେ ଓ ଠିକ୍ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ଅଂଶର ପାରିଶ୍ରମିକ ପାଇବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଦୁଃଖ ଓ କ୍ଷୋଭର ବିଷୟ ହେଲା ସରକାର ଗଠନ ହେବାର ବର୍ଷଟିଏ ବିତିଯିବା ପରେ ବି ସରକାର ଦାଦନ ପ୍ରବଣ ବ୍ଲକଗୁଡିକରେ ୩୦୦ ଦିନର କାମ ସୁନିଶ୍ଚିତ କରିପାରିଲେ ନାହିଁ। ସେହିପରି ପାରିଶ୍ରମିକ ବି ବୃଦ୍ଧି କରିବା ଦିଗରେ ତତ୍ପରତା ପ୍ରକାଶ କଲେ ନାହିଁ। ଲୋକେ କାମ କରି ନିଜ ପାଉଣା ପାଇବାରେ ଡେରି ହେଉଥିବାବେଳେ ମାତ୍ର ୧୦୦ ଦିନର କାମରେ ପେଟପାଟଣା ଚଲାଇବା ମୁସ୍କିଲ ହୋଇପଡୁଛି। ଯାହାଫଳରେ ଲାଞ୍ଜିଗଡ଼ ଭଳି ଅତ୍ୟନ୍ତ ଦାଦନ ପ୍ରବଣ ବ୍ଲକ ଅଞ୍ଚଳରେ ଲୋକେ ଦାଦନ ଖଟିଯିବାକୁ ବାଧ ହେଉଥିବାବେଳେ ପ୍ରତି ସପ୍ତାହରେ ଦାଦନ ମୃତ୍ୟୁ ଘଟୁଥିବା ଖବର ସାମ୍ନାକୁ ଆସୁଛି। ଏପରିକି କିଛିଦିନ ତଳେ ଜଣେ ମାଟ୍ରିକ ଟପର ଛାତ୍ର କେରଳରେ ଦାଦନ ଖଟୁଥିବା ଖବର ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏଣୁ ନିଜ ଘୋଷଣା ଓ ନିଜ ପ୍ରତିଶ୍ରୁତି ରକ୍ଷା କରିବା ସହିତ ଲାଞ୍ଜିଗଡ଼ ସମେତ ଦାଦନ ପ୍ରବଣ ବ୍ଲକଗୁଡିକରେ ଲୋକଙ୍କୁ ୩୦୦ ଦିନର ମନରେଗା କାମ ଯୋଗାଇଦେବା ସହିତ ୩୫୨ ଟଙ୍କାର ମଜୁରୀ ସୁନିଶ୍ଚିତ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ରାଶିଫଳ

**ସୋମବାର, ୦୭ ଜୁଲାଇ ୨୦୨୫**



**ମେଷ:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ।




**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।



**ମିଥୁନ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ଆଜି ଭ୍ରମଣ କରନ୍ତୁ ନାହିଁ।




**କର୍କଟ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ।



**ସିଂହ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।




**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରାର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।



**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯